ବର୍ଷ-୫୧ : ସଂଖ୍ୟା-୯ ସେପ୍‌ଟେମ୍ବର, ୨୦୨୦

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ସେପ୍‌ଟେମ୍ବର, ୨୦୨୦


| | | | | |
|---|---|---|---|---|
| ପ୍ରାର୍ଥନା | ··· | ଶ୍ରୀମା | ··· | ୩ |
| ୧୫ ଅଗଷ୍ଟ, ୨୦୨୦ରେ ଆଶ୍ରମରେ ବିତରିତ ବାଣୀ | ··· | ଶ୍ରୀଅରବିନ୍ଦ | ··· | ୪ |
| ୧୫ ଅଗଷ୍ଟ, ୨୦୨୦ରେ ଆଶ୍ରମରେ ବିତରିତ ବାଣୀ | ··· | ଶ୍ରୀମା | ··· | ୫ |
| ମନ୍ତ୍ରମୟୀ ସାବିତ୍ରୀ | ··· | ଶ୍ରୀଅରବିନ୍ଦ | ··· | ୬ |
| ନିଜ ଜୀବନକୁ ସଂଗଠିତ କର | ··· | ଶ୍ରୀମା | ··· | ୭ |
| ଶ୍ରୀଅରବିନ୍ଦ : ମହାଯୋଗୀଙ୍କ ଜୀବନ ଏବଂ ଯୁଗ (ଉପସଂହାର - ୨) ବ୍ରିଟିଶ ପାର୍ଲିଆମେଣ୍ଟରେ ଶ୍ରୀଅରବିନ୍ଦ ପ୍ରସଙ୍ଗ | ··· | ମନୋଜ ଦାସ | ··· | ୮ |
| ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ (ତ୍ରୟୋବିଂଶ ଅଧ୍ୟାୟ) ନିର୍ବାଣ ଓ ସଂସାରରେ କାର୍ଯ୍ୟ | ··· | ଶେଖ ଅବଦୁଲ କାଶମ | ··· | ୧୧ |
| ସମୟ (କବିତା) | ··· | ଝରଣା ଘୋଷାଲ | ··· | ୧୬ |
| ବିରକ୍ତିକର ଚିନ୍ତାରୁ ରକ୍ଷା ପାଇବ କିପରି | ··· | ନଳିନୀକାନ୍ତ ଗୁପ୍ତ | ··· | ୧୭ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୮୮) | ··· | ··· | ··· | ୧୮ |
| ବିଚିତ୍ର ବିଜୟ | ··· | ମନୋଜ ଦାସ | ··· | ୨୧ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୪୩) | ··· | ମହେନ୍ଦ୍ରନାଥ ସ୍ୱାଇଁ | ··· | ୨୪ |
| ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ (୭୧) | ··· | ସାହାନା ଦେବୀ | ··· | ୨୭ |
| ମାତୃକୃପା (କବିତା) | ··· | ଗୋପାଳକୃଷ୍ଣ ପଟ୍ଟନାୟକ | ··· | ୨୮ |
| କବି ନିଶିକାନ୍ତ (୨) | ··· | ··· | ··· | ୨୯ |
| ମାତୃବନ୍ଦନା (କବିତା) | ··· | ବାନାମ୍ବର ମହାରଣା | ··· | ୩୨ |
| ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଅଭିଭାବକ (୪) | ··· | ଗୟାଧର ଦାଶ | ··· | ୩୩ |
| ଆମ ଶରୀର (୨୯) | ··· | ଭୋଳେଶ୍ୱର ଭୂୟାଁ | ··· | ୩୭ |
| ଆଇନ୍‌ଷ୍ଟାଇନ୍‌ଙ୍କ ଚିଠି | ··· | କୁମାର ଚନ୍ଦ୍ର ମିଶ୍ର | ··· | ୪୦ |
| ସୁକ୍ଷ୍ମତାର ପରମ ଗୋପନୀୟତା (୩) | ··· | ସୂର୍ଯ୍ୟକାନ୍ତି ମହାନ୍ତି | ··· | ୪୫ |
| ବିସ୍ମିତ ଭୀମସେନ | ··· | ସବ୍ୟସାଚୀ | ··· | ୪୮ |
| ଜିଜ୍ଞାସୁର ପୃଷ୍ଠା | ··· | ରାମକୃଷ୍ଣ ଦାସ | ··· | ୫୧ |
| ପୌରାଣିକ ସାହିତ୍ୟରେ ରହିଛି କି ଭବିଷ୍ୟତର ସୂଚନା ? | ··· | ମନୋଜ ଦାସ | ··· | ୫୫ |


❖

# ପ୍ରାର୍ଥନା

ହେ ଦିବ୍ୟ ଏବଂ ଆରାଧ୍ୟା ଜନନୀ ! ତୁମ ସହାୟତାରେ ଅସମ୍ଭବ ବୋଲି କ'ଣ ଅଛି ? ସିଦ୍ଧିର ଦିନ ସନ୍ନିକଟ । ତୁମେ ଆମ୍ଭମାନଙ୍କୁ ନିଃସନ୍ଦେହ କରିଛ ଯେ ପରମ ଇଚ୍ଛାଶକ୍ତିର ସର୍ବାଙ୍ଗୀଣ ସାର୍ଥକତା ସାଧନରେ ତୁମର ସହାୟତା ରହିଛି ।

ଏକ ଦିଗରେ ଅଚିନ୍ତ୍ୟ ସଦ୍‌ବସ୍ତୁ, ଅନ୍ୟ ଦିଗରେ ଆପେକ୍ଷିକ ପ୍ରପଞ୍ଚ, ଏହି ଉଭୟ ମଧ୍ୟରେ ତୁମେ ଆମ୍ଭମାନଙ୍କୁ ଉପଯୁକ୍ତ ମଧ୍ୟସ୍ଥ ରୂପେ ଗ୍ରହଣ କରିଛ, ଏବଂ ଆମ୍ଭମାନଙ୍କ ଭିତରେ ତୁମର ନିତ୍ୟ ସାନ୍ନିଧ୍ୟ ହିଁ ତୁମର ସକ୍ରିୟ ସହଯୋଗର ପ୍ରମାଣ ।

ଭଗବାନ୍ ସଂକଳ୍ପ କରିଛନ୍ତି, ତୁମେ ତାହା କାର୍ଯ୍ୟକାରୀ କର :
ପୃଥିବୀ ଉପରେ ଏକ ନୂତନ ଜ୍ୟୋତିଃ ଉଦିତ ହେବ,
ଏକ ନୂତନ ଜଗତ୍ ଜନ୍ମଗ୍ରହଣ କରିବ,
ଯାହାକିଛି ପ୍ରତିଶ୍ରୁତ, ତାହା ନିଶ୍ଚୟହିଁ ପୂର୍ଣ୍ଣ ହେବ ।*

ସେପ୍ଟେମ୍ବର ୨୫, ୧୯୧୪ — ଶ୍ରୀମା

---

* ମାର୍ଚ୍ଚ ୨୯, ୧୯୫୬ ଦିନ ଶ୍ରୀମା ଏହାକୁ ପରିବର୍ତ୍ତନ କରି ଏପରି ଲେଖିଲେ :
ଭଗବାନ୍ ସଂକଳ୍ପ କରିଛନ୍ତି, ମୁଁ ତାହା କାର୍ଯ୍ୟକାରୀ କରୁଛି :
ପୃଥିବୀ ଉପରେ ଏକ ନୂତନ ଜ୍ୟୋତିଃ ଉଦିତ ହୋଇଛି,
ଏକ ନୂତନ ଜଗତ୍ ଜନ୍ମଗ୍ରହଣ କରିଛି,
ଯାହାକିଛି ପ୍ରତିଶ୍ରୁତ, ତାହା ପୂର୍ଣ୍ଣ ହୋଇଛି ।...



# ୧୫ ଅଗଷ୍ଟ, ୨୦୨୦ରେ ଆଶ୍ରମରେ ବିତରିତ ବାଣୀ

The feeling of illness is at first only a suggestion;...
If necessary, make a counter-suggestion,
"No, I shall be well; I am and shall be all right."
And in any case call in the Mother's Force
to throw out the suggestion and the illness it is bringing.

– Sri Aurobindo

ଅସୁସ୍ଥତାର ଅନୁଭୂତି ପ୍ରଥମେ କେବଳ ଏକ ସମ୍ଭାବ୍ୟ-ଧାରଣା....
ପ୍ରୟୋଜନ ହେଲେ ଏକ ବିପରୀତ ସମ୍ଭାବ୍ୟ-ଧାରଣା ପ୍ରସ୍ତୁତ କର,
''ନା, ମୁଁ ସୁସ୍ଥ ହିଁ ରହିବି । ମୁଁ ଠିକ୍ ଅଛି ଏବଂ ରହିଥିବି ।''
ଏବଂ ଯାହା ହେଲେ ବି ସମ୍ଭାବ୍ୟ-ଧାରଣାଟିକୁ ଏବଂ ତାହା ଆଣୁଥିବା
ଅସୁସ୍ଥତାକୁ ଫୋପାଡ଼ି ଦେବା ନିମନ୍ତେ ଶ୍ରୀମାଙ୍କ ଶୌର୍ଯ୍ୟକୁ ଆବାହନ କର ।

– ଶ୍ରୀଅରବିନ୍ଦ



# ୧୫ ଅଗଷ୍ଟ, ୨୦୨୦ରେ ଆଶ୍ରମରେ ବିତରିତ ବାଣୀ

[Fear of illness] is a very common thing; in an epidemic, it is so in the majority of cases. It is through fear that the door is opened and you catch the illness. Those who have no fear can go about freely and generally they catch nothing.

(MCW, Vol. 15 p. 66) – The Mother

[ଅସୁସ୍ଥତାର ଭୟ] ଏକ ଅତି ସାଧାରଣ କଥା; ଗୋଟାଏ ସଂକ୍ରାମକ ପରିସ୍ଥିତିରେ ଏହା ଅଧିକାଂଶ କ୍ଷେତ୍ରରେ ଘଟିଥାଏ । ଭୟ ମାଧ୍ୟମରେ ହିଁ ଦ୍ୱାର ଖୋଲିଯାଏ ଏବଂ ତୁମେ ଅସୁସ୍ଥତାରେ ଆକ୍ରାନ୍ତ ହୁଅ । ଯେଉଁମାନଙ୍କର ଭୟ ନାହିଁ ସେମାନେ ଖୋଲାଖୋଲି ବିଚରଣ କରନ୍ତି ଏବଂ ପ୍ରାୟତଃ ସେମାନେ କିଛିରେ ଆକ୍ରାନ୍ତ ହୁଅନ୍ତି ନାହିଁ ।

— ଶ୍ରୀମା

*

Finally it is Faith that cures.

– The Mother

ଶେଷକଥା ହେଲା ବିଶ୍ୱାସ ହିଁ ଆରୋଗ୍ୟ କରେ ।

— ଶ୍ରୀମା



# ମନ୍ତ୍ରମୟୀ ସାବିତ୍ରୀ

### ଦ୍ୱିତୀୟ ପର୍ବ : ନବମ ସର୍ଗ, ପ୍ରାଣ-ଦେବତାମାନଙ୍କର ସ୍ୱର୍ଗ

### (The Paradise of the Life-Gods)

### (୯୭)

## ଶ୍ରୀଅରବିନ୍ଦ

Immune the unfettered Spirit of Delight
Pastured his gleaming sun-herds and moon-flocks
Along the lyric speed of griefless streams
In fragrance of the unearthly asphodel.

ବିମୁକ୍ତ ବନ୍ଧନହୀନ ଆନନ୍ଦମୟ ଆତ୍ମା ଶୋକହରା ସ୍ରୋତସ୍ୱିନୀର ଗୀତିମୟ ଗତିବେଗ କୂଳେ କୂଳେ ଅପାର୍ଥିବ ନନ୍ଦନସୁମନର ସୁରଭିସ୍ନାତ ହୋଇ ଆପଣାର ଜ୍ୟୋତିର୍ମୟ ସୂର୍ଯ୍ୟ-ଯୂଥ ଏବଂ ଚନ୍ଦ୍ରମା-ଗୋଷ୍ଠଙ୍କୁ ଚରାଉ ଥିଲେ ।

A silence of felicity wrapped the heavens,
A careless radiance smiled upon the heights;
A murmur of inarticulate ravishment
Trembled in the winds and
touched the enchanted soil;
Incessant in the arms of ecstasy
Repeating its sweet involuntary note
A sob of rapture flowed along the hours.

ନିବିଡ଼ ଆନନ୍ଦର ଏକ ନୀରବତା ସ୍ୱର୍ଗସକଳକୁ ସମାବୃତ କରି ରଖିଥିଲା । ବେପରବାୟ ଏକ ପ୍ରଭା ଶିଖରମାଳା ଉପରେ ବିଚ୍ଛୁରିତ କରିଥିଲା ତା'ର ସ୍ମିତହାସ୍ୟ; ରଭସର ଅସ୍ଫୁଟ ଏକ ଗୁଞ୍ଜରଣ ସମୀରଣରେ ବିଧୁନିତ ହେଉଥିଲା ଏବଂ ମୁଗ୍ଧ ମାଟିକୁ ସ୍ପର୍ଶ କରୁଥିଲା; ପୁଲକର ଏକ ଉଚ୍ଛ୍ୱାସ ଆପଣାର ସୁମଧୁର ସ୍ୱତଃସ୍ଫୂର୍ତ୍ତ ଗୀତିରାଗିଣୀକୁ ନିରନ୍ତର ଉଲ୍ଲାସର ବାହୁଯୁଗଳ ଭିତରେ ଦୋହରାଇ ପ୍ରହର ସକଳର ଧାରାରେ ପ୍ରବାହିତ ହେଉଥିଲା ।

Advancing under an arch of glory and peace,
Traveller on plateau and on musing ridge,
As one who sees in the
World-Magician's glass
A miracled imagery of soul-scapes flee
He traversed scenes of an immortal joy
And gazed into abysms of beauty and bliss.

ଗୌରବ ଓ ପ୍ରଶାନ୍ତିର ତୋରଣ ମଧ ଦେଇ ଅଗ୍ରସର ହୋଇ, ଅଧିତ୍ୟକା ଓ ଡୀକ୍ଷ୍ଣାଗ୍ର ସାନୁସକଳ ଉପରେ ପାଦ ଥାପି ଚାଲିଥିବା ପଥଯାତ୍ରୀ ସେ, ବିଶ୍ୱ-ଯାଦୁକରର ମାୟା ମୁକୁରରେ ଭାସି ଯାଉଥିବା ଅନ୍ତରାତ୍ମା-ଦୃଶ୍ୟାବଳୀର ଅପରୂପ ପ୍ରତିବିମ୍ବସବୁକୁ ଜଣେ ଯେପରି ଅବଲୋକନ କରିଥାଏ, ସେହିଭଳି ସେ ଅବିନଶ୍ୱର ଆନନ୍ଦର ଦୃଶ୍ୟରାଜିକୁ ଦେଖି ଦେଖି ପାର ହୋଇଗଲେ ଏବଂ ସୁଷମା ଓ ଆହ୍ଲାଦର ଅତଳ ଅନ୍ତର ଉପରେ ଦୃଷ୍ଟି ନିବଦ୍ଧ କଲେ ।

Around him was a light of conscious suns
And a brooding gladness
of great symbol things;
To meet him crowded plains of brilliant calm,
Mountains and violet valleys of the Blest,
Deep glens of joy and crooning waterfalls
And woods of quivering purple solitude;
Below him lay like gleaming jewelled thoughts
Rapt dreaming cities of Gandharva kings.

ତାଙ୍କ ଚତୁଃପାର୍ଶ୍ୱରେ ଘେରି ରହିଥିଲା ଏକ ସଚେତନ ସୂର୍ଯ୍ୟ-ସମୂହର ଆଲୋକ ଏବଂ ସୁମହତ୍ ପ୍ରତୀକ ବସ୍ତୁସକଳର ଏକ ଚିନ୍ତାମଗ୍ନ ପ୍ରସନ୍ନତା; ତାଙ୍କୁ ଦର୍ଶନ କରିବାକୁ ଗହଳ ଲଗାଇ ଥିଲେ ଭାସ୍ୱର ପ୍ରଶାନ୍ତିର ପ୍ରାନ୍ତରଚୟ, ପୁଣ୍ୟାଲୋକର ଗିରିମାଳା ତଥା ରକ୍ତନୀଳ ଉପତ୍ୟକାରାଜି, ଆନନ୍ଦର ଗଭୀର ଗହ୍ୱର ଶ୍ରେଣୀ ଓ କଳନାଦିନୀ ପ୍ରପାତଧାରା ଏବଂ ସ୍ପନ୍ଦିତ ରକ୍ତିମ ବିଜନତାଭରା ବନରାଜି; ତାଙ୍କ ନିମ୍ନଦେଶରେ ପ୍ରସାରିତ ଥିଲା ଉଜ୍ଜ୍ୱଳ ରତ୍ନଖଚିତ ଭାବନା ସଦୃଶ ଗନ୍ଧର୍ବ-ରାଜାମାନଙ୍କର ଧ୍ୟାନମଗ୍ନ ସ୍ୱପ୍ନ-ବିଭୋର ନଗରନିଚୟ ।

(କ୍ରମଶଃ)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ ❑

# ନିଜ ଜୀବନକୁ ସଂଗଠିତ କର

## ଶ୍ରୀମା

### (୧)

ଜଣେ ନିଜର ବସ୍ତୁଗୁଡ଼ିକୁ ସଜାଡ଼ି ରଖିବା ଉଚିତ – ଏବଂ ତା' ସହିତ ନିଜର ଚିନ୍ତା ଓ ଧାରଣାଗୁଡ଼ିକୁ ମଧ୍ୟ ଏକ ଭାବରେ ସଂଗଠିତ କର – ଯେପରିକି, କେଉଁ ବସ୍ତୁ କେଉଁଠି ରହିଛି ସେସବୁ ନିର୍ଭୁଲଭାବେ ଜାଣିପାରିବ ଏବଂ ସେସବୁ ବସ୍ତୁ ପାଖରେ ସିଧା ପହଞ୍ଚି ପାରିବ, କାରଣ ତୁମର ସଂଗଠନଟି ଯୁକ୍ତିସଂଗତ । ଏହି ଯୁକ୍ତି-ସଂଗତ କରିବାଟା ହେଲା ସଂପୂର୍ଣ୍ଣ ତୁମ ନିଜର ପରିକଳ୍ପନା ଅନୁସାରେ – ଏହା ତୁମ ପଡ଼ୋଶୀଙ୍କର ଯୁକ୍ତିସଂଗତତା ନୁହେଁ, ତୁମର ଆଉ କାହାର ଯୁକ୍ତି ଅନୁସାରେ ପରିଚାଳିତ ହେବା ଆବଶ୍ୟକ ନାହିଁ । ତୁମ ଚିନ୍ତା ବା ସଂଯୋଜନାଟି ସଂପୂର୍ଣ୍ଣ ଭାବେ ନିଜ ଯୁକ୍ତି ଅନୁଯାୟୀ ହେବା ଉଚିତ । ତା'ହେଲେ କ'ଣ ହେବ ନା ତୁମେ ତୁମର କେଉଁ ବସ୍ତୁଟି କେଉଁଠି ଅଛି ଜାଣିପାରିବ ଓ ଯଦି କେଉଁ ଜିନିଷଟି ଠିକଣା ଜାଗାରେ ନଥିବ, ତାହା ତୁମେ ସଙ୍ଗେ ସଙ୍ଗେ ଜାଣିପାରିବ । ଯେଉଁମାନେ ଏକଥା କରିପାରନ୍ତି, ସେମାନେ ତାଙ୍କର ଚିନ୍ତାରେ ମଧ୍ୟ ଶୃଙ୍ଖଳା ଆଣିପାରନ୍ତି, ସେମାନେ ତାଙ୍କର ଚରିତ୍ରକୁ ମଧ୍ୟ ସୁସଙ୍ଗଠିତ କରିପାରନ୍ତି ଏବଂ ଶେଷରେ ସେମାନଙ୍କର ଗତିବୃତ୍ତି, ଚାଲିଚଳନକୁ ମଧ୍ୟ ଭଲ ଭାବେ ନିୟନ୍ତ୍ରଣ କରିପାରନ୍ତି । ଏବଂ ତା'ପରେ, ଯେତେବେଳେ ତୁମେ କିଛି ବାଟ ପର୍ଯ୍ୟନ୍ତ ଅଗ୍ରଗତି କରିବ, ସେତେବେଳେ ତୁମେ ତୁମର ଦେହଗତ ଜୀବନକୁ ମଧ୍ୟ ସୁଶାସନରେ ରଖିପାରିବ : ତୁମର ଦୈହିକ ଗତିବୃତ୍ତି ଉପରେ ମଧ୍ୟ ତୁମର ସଂଯମ ଆସିଯିବ । ଯଦି ତୁମେ ଜୀବନକୁ ସେଇ ବାଟରେ ନେଇଯାଇପାର, ପ୍ରକୃତରେ ଜୀବନ ତୁମର ପ୍ରୀତିପ୍ରଦ ହୋଇପାରିବ । ଯଦି ତୁମେ ସବୁବେଳେ ଗୋଳମାଳିଆ ଅବସ୍ଥାରେ ରହିବ, ଯଦି ତୁମ ଜୀବନ ବିଶୃଙ୍ଖଳାମୟ ହୋଇଯିବ, ଯଦି ତୁମର ବାହ୍ୟ ଓ ଆନ୍ତର ଜୀବନ ବିଭ୍ରାଟମୟ ଓ ଏଣୁତେଣୁ ଗୋଳିଆମିଶା ହୋଇ ରହିଥାଏ, ତେବେ ତୁମେ କେଉଁ ବିଷୟରେ ବି ସଚେତନ ହୋଇପାରିବ ନାହିଁ ଏବଂ ତୁମର ନିଜ ଜୀବନ ଉପରେ ଆଦୌ ପ୍ରଭୁତ୍ୱ ରହିବ ନାହିଁ, ଏଭଳି ବଞ୍ଚିବା ପ୍ରକୃତ ବଞ୍ଚିବା ନୁହେଁ ।

### (୨)

କେହି କେହି ... ନିଜ ଆଲମାରିଟିକୁ ବା ଡ୍ରୟାର୍ ଇତ୍ୟାଦିକୁ ଠିକ୍ ଭାବେ ସଜାଡ଼ି ରଖିପାରନ୍ତି ନାହିଁ । ସେମାନେ ଯେଉଁ କୋଠରିରେ ଥା'ନ୍ତି ତାହା ବାହାରକୁ ଖୁବ୍ ପରିଚ୍ଛନ୍ନ ଓ ଚିକ୍କଣ ଦେଖା ଯାଉଥାଇପାରେ, କିନ୍ତୁ ତା' ଭିତରେ ଥିବା ଆଲମାରି ବା ଡ୍ରୟାର୍‌ଟିକୁ ଖୋଲିବ – ଦେଖିବ ସବୁକିଛି ଗୋଳମାଳ, ସତେ କି ଗୋଟିଏ ଯୁଦ୍ଧକ୍ଷେତ୍ର ! ସବୁ ଜିନିଷ ବିଶୃଙ୍ଖଳ ଭାବେ ପଡ଼ିଛି । ତୁମେ ଦେଖିବ ସବୁ ଜିନିଷ ଅସଜଡ଼ା; କେଉଁ ଜିନିଷ ଠିକ୍ ଜାଗାରେ ନାହିଁ । ଏହି ଧରଣର ଲୋକଙ୍କର ଛୋଟ ମୁଣ୍ଡଟିର ଅବସ୍ଥା ବି ଠିକ୍ ତାଙ୍କର ଜିନିଷପତ୍ର ଭଳି ଅସଜଡ଼ା ଓ ଗୋଳମାଳିଆ । ସେମାନେ ତାଙ୍କର କୌଣସି ଚିନ୍ତା ବା ଧାରଣାକୁ ସଂଗଠିତ କରି ନ ଥା'ନ୍ତି । ସେମାନେ ସେଗୁଡ଼ିକୁ ଶୃଙ୍ଖଳିତ ମଧ୍ୟ କରି ନଥା'ନ୍ତି । ସେମାନେ ସବୁବେଳେ ଏକ ଗଣ୍ଡଗୋଳିଆ ମନ ନେଇ ବଞ୍ଚୁଥା'ନ୍ତି । ଏହା ଏକ ଯଥାର୍ଥ ନିଦର୍ଶନ, ମୁଁ ଏଭଳି ଲୋକଙ୍କ ସମ୍ବନ୍ଧେ ଯାହା କହିଲି, ସେହି ନିୟମର ବ୍ୟତିକ୍ରମ ମୁଁ ଦେଖି ନାହିଁ : ଏ ଲୋକମାନେ ଜାଣି ନଥା'ନ୍ତି ଘରେ କୌଣସି ଜିନିଷପତ୍ର କିପରି ଶୃଙ୍ଖଳିତ କରି ରଖାଯାଏ – ସେମାନଙ୍କ ମସ୍ତିଷ୍କରେ ଚିନ୍ତାଧାରାଗୁଡ଼ିକ ମଧ୍ୟ ସବୁବେଳେ ବିଶୃଙ୍ଖଳ । ସେମାନଙ୍କ ମୁଣ୍ଡ ଭିତରେ ଦୁଇଟି ବିରୋଧାତ୍ମକ ଚିନ୍ତା ସେହି ଏକ ସଙ୍ଗରେ ଖେଳୁଥା'ନ୍ତି, ତହିଁରେ କୌଣସି ଉଚ୍ଚତର ସମନ୍ୱୟ ନଥାଏ, ତୁମେ ଏକଥା ବିଶ୍ୱାସ କରନ୍ତୁ କି : ସେମାନଙ୍କର ଏହି ଧରଣର ବିଶୃଙ୍ଖଳା ଓ ସେମାନଙ୍କର ଚିନ୍ତାକୁ ସଂଗଠିତ ନ କରିପାରିବା ହେଉଛି ଏହାର କାରଣ । ଏପରି ଲୋକଙ୍କ ସହିତ ତୁମର ଦଶ ମିନିଟ ବି କଥା କହିବା ଦରକାର ନାହିଁ ଯଦି ତୁମେ ତାଙ୍କ କୋଠରି ଭିତରକୁ କୌଣସି ପ୍ରକାରେ ଯାଇପାରିବ ଏବଂ ସେମାନଙ୍କର ଟେବୁଲଗୁଡ଼ିକର ଡ୍ରୟାର୍ ଖୋଲି ଓ କାଚ ଆଲମାରି ଖୋଲି ଦେଖିବ ତେବେ ସେ ଲୋକ ସମ୍ବନ୍ଧରେ ତୁମେ ସବୁ ଜାଣିପାରିବ । ସେମାନେ କେଉଁ ସ୍ତରରେ ଅଛନ୍ତି ତୁମକୁ ଜଣାପଡ଼ିବ, ନୁହେଁ କି ?

(The Great Adventure
*A Diary for All Times* ପୁସ୍ତିକାରୁ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ଶ୍ରୀଅରବିନ୍ଦ :
# ମହାଯୋଗୀଙ୍କ ଜୀବନ ଏବଂ ଯୁଗ

### (ଉପସଂହାର - ୨)

## ବ୍ରିଟିଶ ପାର୍ଲିଆମେଣ୍ଟରେ ଶ୍ରୀଅରବିନ୍ଦ ପ୍ରସଙ୍ଗ

**ମନୋଜ ଦାସ**

(ଲଣ୍ଡନସ୍ଥ ବ୍ରିଟିଶ ପାର୍ଲିଆମେଣ୍ଟରେ ଶ୍ରୀଅରବିନ୍ଦଙ୍କ ସମ୍ପର୍କରେ ଐତିହାସିକ ତର୍କବିତର୍କର ପ୍ରଥମାଂଶର ସଂକ୍ଷିପ୍ତ ବିବରଣୀ ଗତ ସଂଖ୍ୟାରେ ପରିବେଷିତ ହୋଇଥିଲା । 'କର୍ମଯୋଗୀନ୍'ରେ ପ୍ରକାଶିତ ଶ୍ରୀଅରବିନ୍ଦଙ୍କ ପ୍ରବନ୍ଧର ଅଂଶ ବିଶେଷ ପାଠକରି ଶ୍ରମିକ ଦଳର ଭାବୀ ପ୍ରଧାନ ମନ୍ତ୍ରୀ, ସାଂସଦ ରାମ୍‌ସେ ମ୍ୟାକ୍‌ଡ଼ୋନାଲ୍‌ଡ଼୍ ଦୃଢ଼ ଭାବରେ ଦର୍ଶାଇଥିଲେ ଯେ ବ୍ରିଟିଶ ବିରୋଧୀ ସନ୍ତ୍ରାସବାଦ ଏବଂ ହିଂସାଚାର କବଳରୁ ଯଦି ଭାରତବର୍ଷକୁ ଜଣେ ବ୍ୟକ୍ତି ରକ୍ଷା କରି ପାରିବେ, ସେ ହେଲେ ଶ୍ରୀଅରବିନ୍ଦ ଘୋଷ । କିନ୍ତୁ ଭାରତର ଇଂରେଜ ସରକାର ସର୍ବଦା ତାଙ୍କ ବିବୃତିର ବିକୃତ ବ୍ୟାଖ୍ୟା କରି ତାଙ୍କୁ କୌଣସି ମତେ ନିରବ କରିବାରେ ପ୍ରବୃତ୍ତ । ସେ ବିତର୍କର ପରବର୍ତ୍ତୀ ଅଂଶର ସଂକ୍ଷିପ୍ତ ବିବରଣୀ ଏହିପରି :)

ମି. ଜେ. କିଙ୍ଗ୍ : ବନ୍ଧୁସୁଲଭ ମନୋଭାବ ନେଇ ମୁଁ (ମ୍ୟାକ୍‌ଡ଼ୋନାଲ୍‌ଡ଼୍‌ଙ୍କୁ) ପ୍ରଶ୍ନ କରୁଛି, ପ୍ରବନ୍ଧଟି ବଙ୍ଗଳାରେ ଲିଖିତ ନୁହେଁ କି ? ଶ୍ରୀଅରବିନ୍ଦ ଘୋଷ ବେଙ୍ଗଲି ନୁହଁନ୍ତି କି ?

ମ୍ୟାକ୍‌ଡ଼ୋନାଲ୍‌ଡ଼୍ : ''ପ୍ରବନ୍ଧଟି ଅତୀବ ଚମତ୍କାର ଇଂରାଜୀ (most excellent English)ରେ ଲିଖିତ । ଗୋଟିଏ ମଧ୍ୟ ବଙ୍ଗଳା ଧାଡ଼ି ନାହିଁ । ଶ୍ରୀଅରବିନ୍ଦ ଘୋଷ ବଙ୍ଗଳାରେ ଲେଖି ପାରନ୍ତେ ନାହିଁ – ଯେମିତି ମୁଁ ପାରିବି ନାହିଁ ।

''ପ୍ରବନ୍ଧଟିରୁ ଆଉ ଗୋଟିଏ ଉଦ୍ଧୃତି ଦେଉଛି । 'ଯେଉଁମାନେ ଆଇନ ଭଙ୍ଗ କରିବେ, ସେହିମାନଙ୍କୁ ଆଇନର ଭୟ । ଆମ ଲକ୍ଷ୍ୟସବୁ ମହତ୍ ଏବଂ ସମ୍ମାନଜନକ, କଳଙ୍କ ବା ସମାଲୋଚନାରୁ ମୁକ୍ତ । ଆମ ପନ୍ଥା ଦୃଢ଼ ହେଲେ ମଧ୍ୟ ଶାନ୍ତିପୂର୍ଣ୍ଣ । ଆମେ ଆଇନ ଭଙ୍ଗ କରିବୁ ନାହିଁ; ତେଣୁ ଆଇନକୁ ଭୟ କରିବୁ ନାହିଁ ।' ''

ଏହାପରେ ମ୍ୟାକ୍‌ଡ଼ୋନାଲ୍‌ଡ଼୍ ପାର୍ଲିଆମେଣ୍ଟ ସକାଶେ ବିଶେଷ ଭାବରେ ସଂକଳିତ Blue Bookରୁ କିଛି ଉଦ୍ଧାର କରି ଦର୍ଶାଇଲେ ଯେ ଭାରତ ସରକାର ସେଥିରେ ଶ୍ରୀଅରବିନ୍ଦ ଘୋଷ ଆବଶ୍ୟକ ସ୍ଥଳେ – ଯଦି ସରକାରୀ ଦମନ ଅମାନୁଷିକ ହୁଏ ଏବଂ ବିଚାର ବିଭାଗରେ ଅନ୍ୟାୟ ପ୍ରବେଶ କରେ, ତେବେ ଦେଶପ୍ରେମୀମାନଙ୍କୁ ତା'ର ସମୁଚିତ ପ୍ରତିକାର କରିବାକୁ ପଡ଼ିବ; ଭୀରୁ ଭାବେ ସେମାନେ ତାହା ସହି ନେବେ ନାହିଁ; ଏହା କହି ହିଂସାଚରଣର ସୂଚନା ଦେଇଛନ୍ତି ବୋଲି ବ୍ୟାଖ୍ୟା କରିଛନ୍ତି । ମ୍ୟାକ୍‌ଡ଼ୋନାଲ୍‌ଡ଼୍ ସେ ବକ୍ତବ୍ୟ ବିଶ୍ଳେଷଣ କରି ଦେଖାଇଲେ ଯେ ତାହା ଏକ ଚେତାବନୀ ମାତ୍ର, ହିଂସା ସକାଶେ ଆହ୍ୱାନ ନୁହେଁ; ସେତେବେଳେ ପ୍ରତିବାଦ ଓ ପ୍ରତିରୋଧର ଅନ୍ୟ ପନ୍ଥା ମଧ୍ୟ ଶ୍ରୀଅରବିନ୍ଦ ଘୋଷ ଗ୍ରହଣ କରି ପାରନ୍ତି । ବିଶୃଙ୍ଖଳ ହିଂସାବାଦୀମାନଙ୍କ ହାତକୁ ସ୍ୱାଧୀନତା ସଂଗ୍ରାମ ଚାଲି ନଯାଉ, ଏହାହିଁ ଥିଲା ତାଙ୍କ ଆଭିମୁଖ୍ୟ ।

ମ୍ୟାକ୍‌ଡ଼ୋନାଲ୍‌ଡ଼୍ ଏହାପରେ ପ୍ୟାରିସରେ ରହି ଭାରତରେ ସନ୍ତ୍ରାସବାଦ ବିସ୍ତାର କରୁଥିବା ଜଣେ ବ୍ୟକ୍ତିଙ୍କର ଉଲ୍ଲେଖ କଲେ – ତାଙ୍କ ନାମ ନ ନେଇ । ସେ ନେତାଙ୍କ ମତବାଦ ଭୟଙ୍କର ।[୧] ଭାରତର ଇଂରେଜ ସରକାର ଯଦି ଶ୍ରୀଅରବିନ୍ଦଙ୍କ ପ୍ରାଜ୍ଞ ନେତୃତ୍ୱରେ ସଂଗଠିତ ଜାତୀୟତାବୋଧର ତାତ୍ପର୍ଯ୍ୟ ନ ବୁଝି ସେ ଯଥାର୍ଥ ଆନ୍ଦୋଳନ ଦମନ କରନ୍ତି, ଯାହା ପ୍ରକୃତରେ ସରକାରଙ୍କର ଅବିବେକୀ ନୀତି, ତେବେ ପରିସ୍ଥିତି ବିଷମୟ ହେବ ବୋଲି ସେ ଉଦ୍‌ବେଗ ପ୍ରକାଶ କଲେ ।

ମ୍ୟାକ୍‌ଡ଼ୋନାଲ୍‌ଡ଼୍ ପ୍ରାଞ୍ଜଳ ଭାବରେ ଭାରତରେ ଇଂରେଜ ସରକାରଙ୍କ ମାରାତ୍ମକ ଭୁଲ୍ ସମୂହର ଦୃଷ୍ଟାନ୍ତ ବର୍ଣ୍ଣନା କଲେ । ଏହାପରେ ଭାଷଣ ଦେଲେ କିର୍ ହାର୍ଡ଼ି ।

କିର୍ ହାର୍ଡ଼ି : ''ମୋର ମାନ୍ୟବର ବନ୍ଧୁ ବିଶଦ ଭାବରେ ଶ୍ରୀଅରବିନ୍ଦ ଘୋଷଙ୍କ ସଂପର୍କରେ କହିଛନ୍ତି; ତେଣୁ ଆଉ ଅଧିକ କହିବାର ପ୍ରୟୋଜନ ନାହିଁ । କିନ୍ତୁ ଗୃହ ମନେ ରଖିବା ଆବଶ୍ୟକ ଯେ ଶ୍ରୀଅରବିନ୍ଦ ଘୋଷ ଗୋଟାଏ କ୍ଲାନ୍ତିକର ମକଦ୍ଦମାର ଶିକାର

ହୋଇସାରିଛନ୍ତି । ତାହା ଶେଷ ହେଲା ଗତବର୍ଷ ମେ ଛଅ ତାରିଖରେ । ବିଚାରକ ଶ୍ରୀ ସି. ପି. ବିଚ୍‌କ୍ରୋଫ୍ଟ୍ ଏକ ଦୀର୍ଘ ରାୟ ଦେଇଛନ୍ତି । ଅସୁବିଧା ହେଲା, ଭାରତରେ ଯାହାସବୁ ଘଟୁଛି, ସେ ସମ୍ପର୍କରେ ଏ ଦେଶର ଜନସଧାରଣ ବିଶେଷ କିଛି ଜାଣିବାର ସୁଯୋଗ ପାଆନ୍ତି ନାହିଁ । ଭାରତୀୟମାନଙ୍କ ବିରୋଧରେ ଯିବା ଭଳି ଘଟଣାମାନ ଏ ଦେଶରେ ଉଚ୍ଚକଣ୍ଠରେ ଘୋଷିତ ହୁଏ, କିନ୍ତୁ ସେମାନଙ୍କ ସପକ୍ଷରେ ଯାଉଥିବା ଘଟଣାମାନ ନୁହେଁ । ଶ୍ରୀ ବିଚ୍‌କ୍ରୋଫ୍ଟ୍ ସୁଦୀର୍ଘ ବିଚାର ଅନ୍ତେ ଏହି ସିଦ୍ଧାନ୍ତରେ ଉପନୀତ ହେଲେ ଯେ ଶ୍ରୀଅରବିନ୍ଦ ଘୋଷ ଆଇନ ବିରୋଧୀ କୌଣସି କର୍ମ କରି ନାହାନ୍ତି । ବିଚାରକଙ୍କ ମତରେ 'ଶ୍ରୀଅରବିନ୍ଦ ତାଙ୍କ ଦେଶବାସୀଙ୍କର ଅସାଧାରଣ ଶ୍ରଦ୍ଧାର ପାତ୍ର' । ବିଚାରକ ଆହୁରି ମଧ୍ୟ କହିଲେ ଯେ 'ଶ୍ରୀଅରବିନ୍ଦ ଘୋଷ ତାଙ୍କ ଦେଶର ସ୍ୱାଧୀନତା ଚାହାନ୍ତି ସତ୍ୟ, କିନ୍ତୁ ତାଙ୍କ ପନ୍ଥା ହେଲା ପରୋକ୍ଷ ପ୍ରତିରୋଧ ଏବଂ ଜନସାଧାରଣଙ୍କୁ ଆତ୍ମନିର୍ଭରଶୀଳ ହେବା ଦିଗରେ ଶିକ୍ଷା ପ୍ରଦାନ । ଏଭଳି ଆଦର୍ଶ ପୋଷଣ କରିବା ଯେ ଭୁଲ୍ ନୁହେଁ, ଏକଥା ସରକାରୀ ଓକିଲ ମଧ୍ୟ ସ୍ୱୀକାର କରିଛନ୍ତି ।'...

ବିଚାରକ ଏହା ମଧ୍ୟ କହିଲେ, 'ଶ୍ରୀଅରବିନ୍ଦ ଘୋଷ ଲେଖିଥିବା ପ୍ରବନ୍ଧ ବା ଦେଇଥିବା ଭାଷଣରୁ ଗୋଟାଏ ମଧ୍ୟ ହିଂସାତ୍ମକ ନୁହେଁ ।'

ଶ୍ରୀ କିର୍ ହାର୍ଡ଼ି ମଧ୍ୟ ଶ୍ରୀଅରବିନ୍ଦଙ୍କ ପ୍ରବନ୍ଧରୁ ବେଶ୍ ଦୀର୍ଘ ଅଂଶଟିଏ ପାଠ କରି ଶ୍ରୀ ଘୋଷ ଯେ ସମ୍ପୂର୍ଣ୍ଣ ସ୍ୱାଭାବିକ ଏବଂ ଶାନ୍ତିପୂର୍ଣ୍ଣ ସଂଗଠନ ମାଧ୍ୟମରେ ଦେଶର ସ୍ୱାଧୀନତା କାମନା କରୁଛନ୍ତି, ଏହା ଯୌକ୍ତିକ ବିଶ୍ଲେଷଣ ଯୋଗେ ବୁଝାଇଲେ । ସେ ଅଭିଯୋଗ କଲେ ଯେ ଭାରତର ଇଂରେଜ ସରକାର ଶ୍ରୀଅରବିନ୍ଦ ଘୋଷଙ୍କ ଭଳି ମହତ୍ ନେତାଙ୍କ ଉପରେ ବାରଂବାର ଉପଦ୍ରବ କରି ଭାରତର ଯୁବସମାଜକୁ ଉତ୍ତେଜିତ କରୁଛି ଏବଂ ଫଳରେ ସେମାନେ ଭୟାବହ ହିଂସାବାଦୀମାନଙ୍କ ଦ୍ୱାରା ପ୍ରଭାବିତ ହେବା ନିଶ୍ଚିତ ।

କିର୍ ହାର୍ଡ଼ି ଏହି ଆଶା ପୋଷଣ କଲେ ଯେ ଶ୍ରୀଅରବିନ୍ଦ ଘୋଷ କିଂବା ତାଙ୍କ ଆଦର୍ଶ-ଚାଳିତ ସଂଗଠନ ଉପରେ ଭାରତ-ସରକାର କଟକଣା ଜାରି କରିବେ ନାହିଁ ।

ଏହାପରେ କିର୍ ହାର୍ଡ଼ି ମର୍ମସ୍ପର୍ଶୀ ଭାଷାରେ ଶ୍ରୀ ଏ. ବି. କୋହଲାଟ୍‌କାରଙ୍କ ଉପରେ ପୁଲିସ ଏବଂ କାରାଗାର କର୍ତ୍ତୃପକ୍ଷଙ୍କ ଅମାନୁଷିକ ବ୍ୟବହାର ସମ୍ପର୍କରେ ବିଶଦ ବିବରଣୀ ଦେଲେ । ମାଡ୍ରାସ ବିଶ୍ୱବିଦ୍ୟାଳୟରୁ ଶିକ୍ଷା ପ୍ରାପ୍ତ ଏବଂ ଗୋଟିଏ ସମ୍ବାଦପତ୍ରର ସମ୍ପାଦକ କୋହଲାଟ୍‌କାରଙ୍କର ଅପରାଧ ହେଲା – ସେ ଶ୍ରୀଅରବିନ୍ଦଙ୍କର ଭାଷଣସବୁର ଏକ ସଂକଳନ ପ୍ରକାଶ କରିଥିଲେ । ସେସବୁ ଭାଷଣ ବିଚାରକ ଶ୍ରୀ ବିଚ୍‌କ୍ରୋଫ୍ଟ୍‌ଙ୍କ ଦ୍ୱାରା ସମ୍ପୂର୍ଣ୍ଣ ନିର୍ଦୋଷ ବୋଲି ଘୋଷିତ ହେବା ସତ୍ତ୍ୱେ କୋହଲାଟ୍‌କାରଙ୍କ ହାତ ଗୋଡ଼ରେ ଶୃଙ୍ଖଳ ଦେଇ ତାଙ୍କୁ ନାଗପୁର କାରାଗାରର ଗୋଟିଏ ନିଃସଙ୍ଗ କୋଠରିରେ ବନ୍ଦୀ କରାଗଲା । ଆଇନ ଅନୁସାରେ ଜଣକୁ ସାତଦିନରୁ ଅଧିକ କାଳ ନିଃସଙ୍ଗ କକ୍ଷରେ ରଖାଯିବା କଥା ନୁହେଁ । କିନ୍ତୁ ସରକାର ଆଇନ ଭଙ୍ଗ କରିବା ଫଳରେ ତାଙ୍କ ଓଜନ ପନ୍ଦର ମାସ ଭିତରେ ୧୩୫ ପାଉଣ୍ଡରୁ ୧୦୩ ପାଉଣ୍ଡକୁ ଖସି ଆସିଲା । ସେ ଏଡ଼େ ଦୁର୍ବଳ ହୋଇଯାଇଥିଲେ ଯେ ଗୋଟାଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ନିଆହେବା ବେଳେ ପ୍ରତି ପଦକ୍ଷେପରେ ତଳକୁ ନଇଁ ପଡ଼ି ତାଙ୍କୁ ଶୃଙ୍ଖଳର ଜଞ୍ଜିର ଉଠାଇବାକୁ ପଡୁଥିଲା ।

ଶ୍ରୀ କିର୍ ହାର୍ଡ଼ି ପ୍ରଶ୍ନ ଉଠାଇଲେ, ଖାସ୍ ଇଂଲଣ୍ଡରେ କୌଣସି ରାଜନୈତିକ ବନ୍ଦୀ ପ୍ରତି ଏଭଳି ଆଚରଣ କରାଯାଇ ପାରିବ କି ? କେଉଁ ଅଧିକାର ବଳରେ ଭାରତରେ ଇଂରେଜ ସରକାର ଏଭଳି ନିର୍ମମ ଅନ୍ୟାୟ କରି ପାରୁଛି ?

କିର୍ ହାର୍ଡ଼ି ନିରପରାଧୀମାନେ ଦଣ୍ଡିତ ହେଉଥିବାର ଆହୁରି କେତୋଟି ଦୃଷ୍ଟାନ୍ତ ମଧ୍ୟ ଦେଲେ ।

ଏହାପରେ ଉତ୍ତର ଦେଲେ ଭାରତ-ଶାସନ ବିଭାଗ ତରଫରୁ ଶ୍ରୀ ମଣ୍ଟାଗୁ :

''ଏହାହିଁ ପ୍ରଥମଥର ସକାଶେ ଆମ ପାର୍ଲିଆମେଣ୍ଟ ତା'ର ଏକ ଅତୀବ ଗୁରୁତ୍ୱପୂର୍ଣ୍ଣ କର୍ତ୍ତବ୍ୟ ପାଳନ କରୁଛି; ତାହା ହେଲା ଭାରତ ବ୍ୟାପାର ସମ୍ପର୍କରେ ଆଲୋଚନା ।''

(ଏଠାରେ ଉଲ୍ଲେଖଯୋଗ୍ୟ ଯେ ସେତେବେଳେ ଲିବରାଲ୍ ପାର୍ଟି କ୍ଷମତାରେ ଥିଲେ ଶ୍ରମିକ ଦଳ ସମର୍ଥନରେ । ପ୍ରମୁଖ ଦଳ କଂଜରଭେଟିଭ ପାର୍ଟି ବା ରକ୍ଷଣଶୀଳ ଦଳ ହେଲେ ବିରୋଧୀଦଳ । ତେଣୁ ଶ୍ରୀ ମଣ୍ଟାଗୁଙ୍କ ପରବର୍ତ୍ତୀ ମନ୍ତବ୍ୟ ତାତ୍ପର୍ଯ୍ୟପୂର୍ଣ୍ଣ । ସେ କହିଲେ :)

''ମୁଁ ଦେଖୁଛି, ଏହି ଗୋଟିଏ ପକ୍ଷରୁ ହିଁ ଉଭୟ ସମାଲୋଚନା ଓ ସମର୍ଥନର ସ୍ୱର ଉଠୁଛି । ଏହି ଗୋଟିଏ ପକ୍ଷ ହିଁ ସେମାନଙ୍କ କର୍ତ୍ତବ୍ୟ ପାଳନ ନିମନ୍ତେ ଉଦ୍‌ଗ୍ରୀବ । ଯେତେବେଳେ ମୁଁ ମୋ ବିପରୀତ ଦିଗରେ ବସିଥିବା ବେଶ୍ ଉଦ୍‌ଗ୍ରୀବ ତଥା ଏ ବିଷୟରେ ଆଗ୍ରହୀ ବଦନ ସମୂହ ଦେଖୁଛି,

ସେତେବେଳେ ରକ୍ଷଣଶୀଳ ଦଳର ସାମ୍ରାଜ୍ୟବାଦୀ ଆଭିମୁଖ୍ୟଟି କ'ଣ ତାହା ବୁଝିପାରୁ ନାହିଁ...''

କହିବାବାହୁଲ୍ୟ ଭାରତର ଆଶା, ଅଭୀପ୍ସା ପ୍ରତି ରକ୍ଷଣଶୀଳ ଦଳର କୌଣସି ସହାନୁଭୂତି ନ ଥିଲା ।

ଶ୍ରୀ ମଣ୍ଟାଗୁ ଅବଶ୍ୟ ଏ ଆଲୋଚନା ସ୍ୱାଗତଯୋଗ୍ୟ ବୋଲି ତାଙ୍କ ଦୀର୍ଘ ଭାଷଣରେ ସ୍ୱୀକାର କଲେ । କିନ୍ତୁ ସେ ବଙ୍ଗ ଓ ଭାରତ ସରକାରଙ୍କ କାର୍ଯ୍ୟକଳାପର ମୋଟାମୋଟି ସମର୍ଥନ ହିଁ କଲେ । ଶ୍ରୀଅରବିନ୍ଦଙ୍କ ବିରୋଧରେ ଗିରଫ ପରୁଆନା ବାହାର କରିବାର ଯୌକ୍ତିକତା ଉପରେ ଆମେ ପୂର୍ବରୁ ଆଇନଜ୍ଞ ଏବଂ ଉଚ୍ଚପଦସ୍ଥ ଶାସକମାନଙ୍କର ଯେଉଁ ଚିଠିପତ୍ର ଓ ଟେଲିଗ୍ରାମର ଆଦାନପ୍ରଦାନ ପରିବେଷଣ କରିଛୁ, ସେହି ତାଲିକାର ଦ୍ୱାହି ଦେଲେ । ସେ ଜଣାଇଲେ, ଶ୍ରୀ ଘୋଷ ଦୋଷୀ ସାବ୍ୟସ୍ତ ହେଲେ ମଧ୍ୟ ତାଙ୍କ ସକାଶେ ଉଚ୍ଚ ନ୍ୟାୟାଳୟର ଦ୍ୱାର ଉନ୍ମୁକ୍ତ । ବିଷୟଟି ଉପରେ ସେ ଭାରତୀୟ ପିଙ୍ଗଳ କୋର୍ଡର ଦଫା ମଧ୍ୟ ପଢ଼ି ଶୁଣାଇଲେ । ତାଙ୍କ ସହ ମ୍ୟାକ୍‌ଡ଼ୋନାଲ୍‌ଡ଼୍‌ଙ୍କର ବେଶ୍ କିଛି ଯୁକ୍ତି ମଧ୍ୟ ହେଲା ।

ଶ୍ରୀଅରବିନ୍ଦ ସାଂସାରିକ ଓ ରାଜନୈତିକ କାର୍ଯ୍ୟକଳାପରୁ ଅବସର ନେଇଛନ୍ତି ବୋଲି ଧାରଣା ଉପରେ ମନ୍ତବ୍ୟ ଦେଇ ପୂର୍ବୋକ୍ତ କ୍ରୋଧୀ ମାନ୍ୟବର ସାଂସଦ ରିସ୍ ତାଙ୍କ ବିପୁଳ ଇତିହାସ ଜ୍ଞାନର ପରିଚୟ ଦେଇ କହିଲେ କି ପୂର୍ବରୁ ମଧ୍ୟ ଶିବାଜୀ ନାମକ ଭାରତୀୟ ସେମିତି ଅଭିନୟ କରି ଭାରତବର୍ଷର ଜାତୀୟତା-ବୋଧ ସଙ୍ଗଠନ କରିଥିଲେ ! ଶ୍ରୀଅରବିନ୍ଦ ତାହା ହିଁ କରୁଛନ୍ତି !

ଏ ସମ୍ପର୍କରେ ଶେଷ ପ୍ରଶ୍ନୋତ୍ତର ହୋଇଥିଲା ୧୯୧୧ ମସିହା ଫେବ୍ରୁଆରୀ ୨୧ ତାରିଖରେ । ମାନ୍ୟବର ସାଂସଦ ଶ୍ରୀ ଓ' ଗ୍ରାଡ଼ି ପ୍ରଶ୍ନ କଲେ, 'କର୍ମଯୋଗୀନ୍'ର ପ୍ରକାଶକ ଶ୍ରୀଅରବିନ୍ଦ ଘୋଷଙ୍କର ଏକ ପ୍ରବନ୍ଧ ପ୍ରକାଶ କରିଥିବା ବାବଦରେ ଗିରଫ ହୋଇଥିଲେ କି ? ସେ ପ୍ରବନ୍ଧ ପାଇଁ ଶ୍ରୀଅରବିନ୍ଦ ଘୋଷଙ୍କ ବିରୋଧରେ ଗିରଫ ପରୁଆନା ବାହାରି ଥିଲା କି ? ବିଚାରରେ ପ୍ରବନ୍ଧଟି ରାଜଦ୍ରୋହମୂଳକ ନୁହେଁ ବୋଲି ପ୍ରତିପାଦିତ ହୁଅନ୍ତେ ପ୍ରକାଶକ କାରାମୁକ୍ତ ହେଲେ କି ? ସେ ପ୍ରବନ୍ଧ ପାଇଁ ବାହାରିଥିବା ଗିରଫ ପରୁଆନା ସରକାର ପ୍ରତ୍ୟାହାର କରି ନେଇଛନ୍ତି କି ?

ଉତ୍ତରରେ ଶ୍ରୀ ମଣ୍ଟାଗୁ କହିଲେ : ''ମାନ୍ୟବର ବନ୍ଧୁଙ୍କ ପ୍ରଥମ ପ୍ରଶ୍ନର ଉତ୍ତର – ହଁ; ଦ୍ୱିତୀୟ ପ୍ରଶ୍ନର ଉତ୍ତର – ହଁ; ତୃତୀୟ ପ୍ରଶ୍ନର ଉତ୍ତର – ହଁ !''

(କ୍ରମଶଃ) ❑

## ତଥ୍ୟ ନିର୍ଦ୍ଦେଶିକା

୧. ବକ୍ତା ସମ୍ଭବତଃ ଶ୍ରୀ ଶ୍ୟାମ୍‌ଜି କୃଷ୍ଣ ବର୍ମାଙ୍କୁ ବୁଝାଉଥିଲେ ।

... ଆମର ଆଧ୍ୟାତ୍ମିକତାକୁ ଆହୁରି ବୃହତ୍ତର, ଉଦାରତର କରି ଜୀବନ କ୍ଷେତ୍ରରେ ପ୍ରୟୋଗ କରିବାକୁ ହେବ, ଆମର ପୂର୍ବପୁରୁଷଙ୍କ ଅପେକ୍ଷା କମ୍ ନୁହେଁ, ଯଦି ସମ୍ଭବ ହୁଏ ତେବେ ଆମକୁ ବେଶୀ ଆଧ୍ୟାତ୍ମିକ ହେବାକୁ ହେବ । ପାଶ୍ଚାତ୍ୟର ବିଜ୍ଞାନ, ଯୁକ୍ତି, ପ୍ରଗତିଶୀଳତା ଓ ଆଧୁନିକ ଯୁଗର ମୂଳସତ୍ୟକୁ ଆମେ ଗ୍ରହଣ କରିବା, କିନ୍ତୁ ଆମର ନିଜସ୍ୱ ଜୀବନ ଧାରା ଉପରେ ଛିଡ଼ାହୋଇ, ତାହାକୁ ଆମର ଅଧ୍ୟାତ୍ମ ଆଦର୍ଶ ଓ ଲକ୍ଷ୍ୟ ସହ ମିଳାଇ ଧରି । ଆମର ଚତୁର୍ଦ୍ଦିଗରେ ଯେଉଁ ଜୀବନ ପ୍ରବାହ ବିପୁଳ ସ୍ପନ୍ଦନ ନେଇ ଛୁଟି ଚାଲିଛି, ଆଧୁନିକ ପ୍ରାଣରେ ଯେତେ ଐହିକ ପ୍ରେରଣା, ଆଧିଭୌତିକ କର୍ମୈଷଣାର ଆଲୋଡ଼ନ ଦେଖା ଦେଇଛି, ତା' ଭିତରେ ଆମେ ଝାମ୍ପ ଦେଇପାରୁ କିନ୍ତୁ ସେଥିପାଇଁ ଈଶ୍ୱରଙ୍କ ସମ୍ବନ୍ଧରେ, ମନୁଷ୍ୟ ସମ୍ବନ୍ଧରେ, ପ୍ରକୃତି ସମ୍ବନ୍ଧରେ ଆମର ଯେଉଁ ମୂଳ ଉପଲବ୍ଧି ତାକୁ ପରିତ୍ୟାଗ କରିବାକୁ ହେବ କାହିଁକି ? ଦୁଇଟି ଭିତରେ ତ କୌଣସି ବାଦ-ବିସମ୍ବାଦ ନାହିଁ, ବରଂ ସେମାନେ ନିଜ ନିଜର ତାତ୍ପର୍ଯ୍ୟ ଓ ଭାବ ବ୍ୟଞ୍ଜନାର ପରିପ୍ରକାଶ ପାଇଁ ନିଜ ନିଜର ପରିପୂର୍ଣ୍ଣ ଅଭିବ୍ୟକ୍ତି ଓ ଋଦ୍ଧିମନ୍ତ ଜାଗୃତି ପାଇଁ ପରସ୍ପରର ପରିପୂରକ ।

– ଶ୍ରୀଅରବିନ୍ଦ

# ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ

## (ତ୍ରୟୋବିଂଶ ଅଧ୍ୟାୟ)

## ନିର୍ବାଣ ଓ ସଂସାରରେ କାର୍ଯ୍ୟ

## ଶେଖ ଅବଦୁଲ କାଶମ

ନିର୍ବାଣ କହିଲେ ସାଧାରଣତଃ ସତ୍ତା ବା ବ୍ୟକ୍ତିତ୍ୱର ଏକ ବିଲୋପ ବା ବିଲୟକୁ ବୁଝାଏ । ଯଦି ଏହାହିଁ ଜୀବନର ଲକ୍ଷ୍ୟ ହୁଏ ତାହାହେଲେ କର୍ମର ଆଉ କେଉଁ ପ୍ରୟୋଜନୀୟତା ରହିଛି ଏପରି ଏକ ପ୍ରଶ୍ନ ଉଠିବା ସ୍ୱାଭାବିକ । ଆଲୋଚ୍ୟ ଅଧ୍ୟାୟରେ ଶ୍ରୀଅରବିନ୍ଦ ଏହି ପ୍ରଶ୍ନ ଉପରେ ବିସ୍ତୃତଭାବେ ଆଲୋଚନା କରିବା ସହ କର୍ମ ଓ ଭକ୍ତିର ଗୁରୁତ୍ୱକୁ ପ୍ରକାଶ କରିଛନ୍ତି ।

ଗୀତା ଅନୁଯାୟୀ ପୁରୁଷୋତ୍ତମଙ୍କ ସଙ୍ଗେ ଜୀବର ପୂର୍ଣ୍ଣ ମିଳନ ପାଇଁ ସମଗ୍ର ସତ୍ତାକୁ ନେଇ ଯୋଗ ସାଧନା କରିବା ଆବଶ୍ୟକ । ଏଥିପାଇଁ ଜ୍ଞାନ ଓ କର୍ମର ସମନ୍ୱୟ ଯେମିତି ଆବଶ୍ୟକ, ଜ୍ଞାନ ଓ କର୍ମ ସହିତ ପ୍ରେମ ଓ ଭକ୍ତିର ସମନ୍ୱୟ ମଧ୍ୟ ସେମିତି ଆବଶ୍ୟକ । କିନ୍ତୁ କେବଳ ଜ୍ଞାନମାର୍ଗକୁ ଅନୁସରଣ କରୁଥିବା ସାଧକମାନେ ଅକ୍ଷର ପୁରୁଷଙ୍କ ସଙ୍ଗେ ମିଳନକୁ ଶେଷ ଲକ୍ଷ୍ୟ ରୂପେ ଗ୍ରହଣ କରିଥା'ନ୍ତି । ସେମାନେ କର୍ମ ଓ ଭକ୍ତିର ମହତ୍ତ୍ୱକୁ ବୁଝନ୍ତି ନାହିଁ । ପ୍ରକୃତରେ ଆମେ ଯଦି ଅକ୍ଷର ପୁରୁଷଙ୍କ ସହ ମିଳନକୁ ଶ୍ରେଷ୍ଠତମ ରହସ୍ୟ ବା ଶ୍ରେଷ୍ଠତମ ମାର୍ଗ ରୂପେ ଗ୍ରହଣ କରିବା ତାହାହେଲେ କର୍ମ ଓ ଭକ୍ତିର ଆଉ ଆବଶ୍ୟକତା ରହିବ ନାହିଁ । କ୍ଷର ଭାବର ସମ୍ପୂର୍ଣ୍ଣ ବିଲୋପ ଘଟିବ । ଅର୍ଥାତ୍ ପାର୍ଥିବ ଜୀବନର ଆଉ କୌଣସି ତାତ୍ପର୍ଯ୍ୟ ବା ଉଦ୍ଦେଶ୍ୟ ରହିବ ନାହିଁ । କେବଳ ଅଜ୍ଞାନାବସ୍ଥାର କର୍ମ ନୁହେଁ ଜ୍ଞାନାବସ୍ଥାର କର୍ମ ପାଇଁ ମଧ୍ୟ କୌଣସି ଔଚିତ୍ୟ ରହିବ ନାହିଁ । ଏହା ଫଳରେ କ୍ଷର ଭିତରେ ଭାଗବତ ସତ୍ୟର ପ୍ରତିଷ୍ଠା ଲାଗି କୌଣସି ଭିତ୍ତି ବା ସୁଯୋଗ ପ୍ରାପ୍ତ ହୋଇପାରିବ ନାହିଁ ।

ଅନ୍ୟ ପକ୍ଷରେ ଜ୍ଞାନ, କର୍ମ ଓ ଭକ୍ତିର ଏକ ସମନ୍ୱିତ ଯୋଗ ଦ୍ୱାରା ପୁରୁଷୋତ୍ତମଙ୍କ ସହିତ ଯେଉଁ ମିଳନ ସମ୍ଭବ ହୁଏ, ତାହା ଫଳରେ ବ୍ୟକ୍ତି ପୁରୁଷୋତ୍ତମଙ୍କ ସହିତ ନିଜର ଅଭେଦ ଏକତ୍ୱକୁ ଉପଲବ୍ଧି କରିବା ସହିତ ତା'ର କ୍ରିୟାଶୀଳ ସତ୍ତାରେ ଏକ ବିଶେଷ ପ୍ରକାରର ଭେଦତ୍ୱ ଉପଲବ୍ଧି କରିଥାଏ । ଦିବ୍ୟ ପ୍ରକୃତି ଦ୍ୱାରା ପରିଚାଳିତ ହୋଇ ଦିବ୍ୟ କର୍ମ କରିବା ସମୟରେ ସେ ଏହି ବିଶେଷ ପ୍ରକାରର ଭେଦତ୍ୱକୁ ଆସ୍ୱାଦନ କରେ ଯାହା ଭିତରେ ପ୍ରକୃତରେ ମିଳନର ଆନନ୍ଦ ହିଁ ସଂକେନ୍ଦ୍ରିତ ହୋଇ ରହିଥାଏ । ଏହି ଧାରାରେ ମୁକ୍ତିଲାଭ କରିଥିବା ବ୍ୟକ୍ତି ସକଳ ଅବସ୍ଥାରେ କର୍ମ ଓ ଭକ୍ତିର ମହତ୍ତ୍ୱକୁ ଉପଲବ୍ଧି କରି ଜଗତରେ ଭଗବାନଙ୍କ ଲୀଳାକୁ ଉପଲବ୍ଧି କରେ ତଥା ସେଥିରେ ସହଭାଗୀ ହୁଏ ।

କିନ୍ତୁ ଗୀତା ଜୋର୍ ଦେଇ କହିଛି ଯେ ସାଧନା ପଥରେ ଅକ୍ଷର ଆତ୍ମାର ଉପଲବ୍ଧି ହେଉଛି ପ୍ରଥମ ସୋପାନ । ଏହାପରେ ହିଁ କର୍ମ ଓ ଭକ୍ତି ପୂର୍ଣ୍ଣ ଦିବ୍ୟ-ସାର୍ଥକତା ଲାଭ କରିପାରିବ ।

ଗୀତାରେ ବାରଂବାର 'ବ୍ରହ୍ମ ନିର୍ବାଣ' ଶବ୍ଦ ପ୍ରୟୋଗ କରାଯାଇଛି ଯାହାର ଅର୍ଥ ହେଉଛି ବ୍ରହ୍ମରେ ନିର୍ବାଣ (extinction in Brahman) । ବ୍ରହ୍ମ କହିଲେ ଏଠାରେ ଅକ୍ଷର ବ୍ରହ୍ମକୁ ହିଁ ବୁଝାଇବା ପରି ମନେ ହୁଏ । ପ୍ରକୃତିଠାରୁ ପୃଥକ୍ ଓ ପ୍ରତ୍ୟାହୃତ ହୋଇ ରହିଥିବା ଏକ କାଳାତୀତ ଆତ୍ମାକୁ ଅନ୍ତର ଭିତରେ ଉପଲବ୍ଧି କରିବା ହେଉଛି ନିର୍ବାଣର ଅବସ୍ଥା । ଏହା ପରମ ଶାନ୍ତି ପ୍ରଦାୟକ ବୋଲି କୁହାଯାଇଛି ।

ଶ୍ରୀଅରବିନ୍ଦ ବୌଦ୍ଧଧର୍ମର ନିର୍ବାଣ ଓ ବେଦାନ୍ତ ମାର୍ଗର ନିର୍ବାଣ ମଧ୍ୟରେ ପାର୍ଥକ୍ୟ ଦର୍ଶାଇ ଦେଇଛନ୍ତି । ବୌଦ୍ଧଧର୍ମର ନିର୍ବାଣ ହେଉଛି ଏକ ଆନନ୍ଦମୟ ନେତି ଓ ବିଲୋପର ଅବସ୍ଥା । ସେଥିରେ ବ୍ୟକ୍ତିତ୍ୱର କୌଣସି ଅସ୍ତିତ୍ୱ ହିଁ ନ ଥାଏ । ଏହି ନିର୍ବାଣ ଅନୁଭୂତିର ପରବର୍ତ୍ତୀ ଅବସ୍ଥା କ'ଣ ହୁଏ ସେ ବିଷୟରେ ପ୍ରଶ୍ନ କରିବା ନିରର୍ଥକ ହୋଇ ଉଠେ କାରଣ ଅନୁଭୂତିକୁ ବର୍ଣ୍ଣନା କରିବା ଲାଗି ଅନୁଭବକାରୀ ବ୍ୟକ୍ତିତ୍ୱ ହିଁ ନଥାଏ । ଅନ୍ୟ ପକ୍ଷରେ ବେଦାନ୍ତ ମାର୍ଗର ନିର୍ବାଣ ବ୍ୟକ୍ତି-ସତ୍ତାର ଏକ ବିଲୋପ ସାଧନ (abolition ବା extinction) ନୁହେଁ । ଏ କ୍ଷେତ୍ରରେ ବ୍ରହ୍ମଙ୍କର ପୂର୍ଣ୍ଣ ସତ୍ତା ଭିତରେ ଏକ ସୀମିତ ଓ ଆଂଶିକ ବ୍ୟକ୍ତି-ସତ୍ତାର ମିଳନ (merging) ଘଟେ । ବ୍ୟକ୍ତି-ସତ୍ତା ସମ୍ପୂର୍ଣ୍ଣ ବିଲୁପ୍ତ ହୋଇଯାଏ ନାହିଁ, ବରଂ ତାହା ନୂତନ ପ୍ରକୃତି ଓ ନୂତନ ସ୍ୱରୂପ ଲାଭ କରି ଜଗତରେ କ୍ରିୟାଶୀଳ ହୋଇ ରହେ । ଗୀତା

ବେଦାନ୍ତ ମାର୍ଗର ବ୍ରହ୍ମ ନିର୍ବାଣ ତତ୍ତ୍ୱକୁ ଅନୁସରଣ କରିଛି । ମାତ୍ର ପାର୍ଥକ୍ୟ ଏତିକି ଯେ ବେଦାନ୍ତ ମାର୍ଗରେ ବ୍ରହ୍ମ ନିର୍ବାଣ ଉପଲବ୍ଧି ପରେ କର୍ମର ଅବସାନ ଘଟୁଥିବା ବେଳେ ଗୀତା ମାର୍ଗରେ ନିର୍ବାଣ ଅନୁଭୂତି ପରେ ମଧ୍ୟ କର୍ମ ଅବ୍ୟାହତ ହୋଇ ରହେ । ଗୀତାରେ ବ୍ରହ୍ମ ନିର୍ବାଣର ଯେଉଁ ପରମ ଶାନ୍ତି ବିଷୟରେ କୁହାଯାଇଛି ତାହା କର୍ମହୀନ ବିରତିର ଶାନ୍ତି ନୁହେଁ । ଅକ୍ଷର ବ୍ରହ୍ମ ଭିତରେ ଆତ୍ମ ନିର୍ବାଣ ପ୍ରାପ୍ତ ହେଲେ ଯେ ସମସ୍ତ ଜ୍ଞାନ, ଚେତନା ଓ କର୍ମର ସମ୍ପୂର୍ଣ୍ଣ ବର୍ଜନ କରିବାକୁ ହୁଏ ସେମିତି ନୁହେଁ ।

ଗୀତାର ପଞ୍ଚମ ଅଧ୍ୟାୟର ଶ୍ଳୋକ ନଂ ୨୧ ରୁ ୨୯ରେ ନିର୍ବାଣ ସମ୍ପର୍କରେ ବିସ୍ତାରିତ ଭାବରେ ଆଲୋଚନା କରାଯାଇଛି । ଏଥିରେ କୁହାଯାଇଛି ଯେ ଯେତେବେଳେ ମନୁଷ୍ୟ ଆଉ ବାହ୍ୟ ବସ୍ତୁର ସ୍ପର୍ଶରେ ଆସକ୍ତ ନୁହେଁ, ସେତିକିବେଳେ ହିଁ ତା'ର ଆତ୍ମାରେ ଯେଉଁ ସୁଖ ରହିଛି ତାହା ସେ ଲାଭ କରେ । ବ୍ରହ୍ମରେ ଅଭିନ୍ନ ଭାବରେ ସ୍ଥିତ ସେହି ମନୁଷ୍ୟ ଅକ୍ଷୟ ସୁଖ (exceeding bliss) ଅନୁଭବ କରେ (ସ ବ୍ରହ୍ମଯୋଗଯୁକ୍ତାତ୍ମା ସୁଖମକ୍ଷୟମଶ୍ନୁତେ) । ଏହା ମନେ ରଖିବା ଉଚିତ ଯେ ଇନ୍ଦ୍ରିୟ ଓ ବିଷୟସଂଯୋଗ ଜନିତ ଯେଉଁ ଭୋଗ ବା ସୁଖ ରହିଛି ତାହା ଆଦି-ଅନ୍ତଯୁକ୍ତ ଏବଂ ଦୁଃଖର କାରଣ । ତେଣୁ ବିବେକ, ବୁଦ୍ଧି ପ୍ରୟୋଗ ଦ୍ୱାରା ଅନାସକ୍ତି ଭାବ ପୋଷଣ କରି ସେଥିରୁ ନିବୃତ୍ତ ହେବା ଏକାନ୍ତ ଆବଶ୍ୟକ । ଅର୍ଥାତ୍ କାମନା, ବାସନା, କ୍ରୋଧ, ଦ୍ୱେଷ ଆଦିର ଆକ୍ରମଣରୁ ମୁକ୍ତ ହେବାକୁ ହେଲେ ପ୍ରଥମ ଆବଶ୍ୟକତା ହେଉଛି ଅନାସକ୍ତି । ଏହି ଅନାସକ୍ତି ହିଁ ଯଥାର୍ଥ ମୁକ୍ତି ଓ ଯଥାର୍ଥ ସୁଖ ଆଡ଼କୁ ନେଇଯାଏ । ଶରୀର ଅବସାନ ପୂର୍ବରୁ ହିଁ ଯେଉଁ ମନୁଷ୍ୟ ନିଜ ଶରୀରରେ କାମ-କ୍ରୋଧଜନିତ ବେଗକୁ ସହ୍ୟ କରିବାରେ ସମର୍ଥ ହୁଏ ସେ ହିଁ ଯଥାର୍ଥରେ ଯୋଗୀ ଓ ସୁଖୀ ।

'ବ୍ରହ୍ମ ନିର୍ବାଣ' ଉପଲବ୍ଧି କରିଥିବା ବ୍ୟକ୍ତିଙ୍କ ବିଷୟରେ ଗୀତା କହିଛି –

''ଯୋଽନ୍ତଃସୁଖୋଽନ୍ତରାରାମସ୍ତଥାନ୍ତର୍ଜ୍ୟୋତିରେବ ଯଃ ।
ସ ଯୋଗୀ ବ୍ରହ୍ମନିର୍ବାଣଂ ବ୍ରହ୍ମଭୂତୋଽଧିଗଚ୍ଛତି ॥''
(୫/୨୪)

ଅର୍ଥାତ୍, ''ଯିଏ ଆନ୍ତର ସୁଖ (inner happiness), ଅନ୍ତରାରାମ (inner ease and repose) ଓ ଅନ୍ତର୍ଜ୍ୟୋତିଃ (inner light) ଲାଭ କରିଛନ୍ତି ସେହି ଯୋଗୀ ବ୍ରହ୍ମ ହୋଇ ଉଠିଛନ୍ତି ଓ ବ୍ରହ୍ମ ଭିତରେ ଆତ୍ମନିର୍ବାଣ ଲାଭ କରନ୍ତି ।''

ଏଥିରୁ ସ୍ପଷ୍ଟ ହୁଏ ଯେ ନିର୍ବାଣ କହିଲେ ଉଚ୍ଚତର ଆଧ୍ୟାତ୍ମିକ ଓ ଆନ୍ତରସତ୍ତାରେ ଅହଂର ବିଲୋପକୁ ହିଁ ବୁଝାଏ । ସେହି ଆଧ୍ୟାତ୍ମିକ ସତ୍ତା ଚିରଦିନ ଦେଶ ଓ କାଳର ଅତୀତ । କାର୍ଯ୍ୟକାରଣର ଶୃଙ୍ଖଳ ତାକୁ ବାନ୍ଧିପାରେ ନାହିଁ । କ୍ଷର ଜଗତର ପରିବର୍ତ୍ତନସବୁ ତାକୁ ପ୍ରଭାବିତ କରେ ନାହିଁ । ସେ ଆତ୍ମାନନ୍ଦମୟ, ଆତ୍ମଜ୍ୟୋତିରେ ପରିପୂର୍ଣ୍ଣ ଓ ଶାନ୍ତିରେ ସୁପ୍ରତିଷ୍ଠିତ । ନିର୍ବାଣର ଅନୁଭୂତିପ୍ରାପ୍ତ ଯୋଗୀ ମନ ଓ ଶରୀର ଦ୍ୱାରା ସୀମିତ କ୍ଷୁଦ୍ର ବ୍ୟକ୍ତିଟିଏ ହୋଇ ଆଉ ରହେ ନାହିଁ । ସେ ସ୍ୱୟଂ ବ୍ରହ୍ମ ହୋଇ ଉଠେ ।

ଗୀତା ଅନୁସାରେ ନିର୍ବାଣ ଲାଭ ପୂର୍ବରୁ ଜଣେ ବିଶ୍ୱଚେତନାରୁ ନିଜକୁ ପ୍ରତ୍ୟାହାର କରିନେବା ଆବଶ୍ୟକ ନୁହେଁ । ନିର୍ବାଣ ଲାଭ ପରେ ମଧ୍ୟ ସେ ବିଶ୍ୱଚେତନା ସହିତ ନିଜକୁ ସଂଯୁକ୍ତ ଓ ସମ୍ପୃକ୍ତ କରି ରଖିବା ଉଚିତ । ସେଥିପାଇଁ ଗୀତା କହିଛି –

''ଲଭନ୍ତେ ବ୍ରହ୍ମନିର୍ବାଣମୃଷୟଃ କ୍ଷୀଣକଲ୍ମଷାଃ ।
ଛିନ୍ନଦ୍ୱୈଧା ଯତାତ୍ମାନଃ ସର୍ବଭୂତହିତେ ରତାଃ ॥''
(୫/୨୫)

ଅର୍ଥାତ୍, ''ସେହି ଋଷିମାନେ ହିଁ ବ୍ରହ୍ମନିର୍ବାଣ ଲାଭ କରନ୍ତି ଯେଉଁମାନଙ୍କ ଭିତରୁ ପାପର ସମସ୍ତ ଦାଗ ପୋଛି ହୋଇ ଯାଇଛି, ଯେଉଁମାନଙ୍କ ସଂଶୟର ସମସ୍ତ ଗ୍ରନ୍ଥି ଛିନ୍ନ ହୋଇ ଯାଇଛି, ଯେଉଁମାନେ ଆତ୍ମ-କର୍ତ୍ତୃତ୍ୱ ଲାଭ କରିଛନ୍ତି ଓ ସର୍ବଦା ସମସ୍ତ ପ୍ରାଣୀଗଣଙ୍କର କଲ୍ୟାଣରେ ଯେଉଁମାନେ ବ୍ରତୀ ।''

ଯେଉଁମାନେ ଆତ୍ମାର ଜ୍ଞାନ ଲାଭ କରିଥା'ନ୍ତି ଓ ଆତ୍ମାରେ ପ୍ରତିଷ୍ଠିତ ହୋଇଥା'ନ୍ତି ସେମାନେ ନିର୍ବାଣ ପ୍ରାପ୍ତ ହୋଇଛନ୍ତି ବୋଲି କୁହାଯାଏ । ନିର୍ବାଣ ସେମାନଙ୍କ ଚତୁଃପାର୍ଶ୍ୱରେ ରହିଥାଏ, ସେମାନଙ୍କୁ ଘେରି ରହିଥାଏ । ଅର୍ଥାତ୍ ସେମାନେ ନିରନ୍ତର ନିର୍ବାଣରେ ହିଁ ଅବସ୍ଥାନ କରନ୍ତି । ନିର୍ବାଣ ଲାଭର ସର୍ତ୍ତ ଓ ଏହାର ଉପାଦାନଗୁଡ଼ିକ ହେଲା – ଇନ୍ଦ୍ରିୟାସକ୍ତିରୁ ନିବୃତ୍ତି, ସମତ୍ୱଭାବ, କାମ, କ୍ରୋଧ, ଦ୍ୱେଷ ଆଦି ଉପରେ କର୍ତ୍ତୃତ୍ୱ, ପରମାତ୍ମାଙ୍କଠାରେ ଏକାନ୍ତ ନିଷ୍ଠା ଓ ଏକାଗ୍ରତା, ସଂଶୟ ତ୍ୟାଗ, ସମସ୍ତ ପ୍ରାଣୀଙ୍କ ପ୍ରତି ସମଭାବ ଓ ନିଷ୍କପଟ ପ୍ରେମ, ସମସ୍ତ ପ୍ରାଣୀଙ୍କ ନିମିତ୍ତ କଲ୍ୟାଣ କର୍ମ, ଅଜ୍ଞାନର ବିନାଶ ଓ ଆତ୍ମାର ଜ୍ଞାନଲାଭ ।

ନିର୍ବାଣରେ ବାସ କରିଥିଲେ ମଧ୍ୟ ସଂସାର ସହିତ ସାର୍ଥକ ସମ୍ପର୍କ ରଖାଯାଇ ପାରିବ, ସଂସାରର କଲ୍ୟାଣ ନିମିତ୍ତ

କର୍ମ କରାଯାଇ ପାରିବ । ବ୍ରହ୍ମରେ ନିର୍ବାଣର ଅର୍ଥ ହେଉଛି ଅହଂ ଚେତନାର ବିଲୋପ, ସୀମିତ ଓ ପୃଥକାତ୍ମକ ଚେତନାର ବିଲୋପ । ସେହି ଅବସ୍ଥାରେ ମିଥ୍ୟା, ଅଜ୍ଞାନ ଓ ଭେଦଭାବ ଲାଗି କୌଣସି ସ୍ଥାନ ନ ଥାଏ । ନିର୍ବାଣ ଭିତରେ ପ୍ରବେଶ ଅର୍ଥ ସତ୍ୟ ଓ ଐକ୍ୟସାଧନକାରୀ ଚେତନା ମଧ୍ୟରେ ପ୍ରବେଶ । ସେତେବେଳେ ଜଣେ ଅନୁଭବ କରେ ଯେ ଏକ ହିଁ ଆଧ୍ୟାତ୍ମିକ ଚେତନା ସୃଷ୍ଟିର ସବୁକିଛିକୁ ଆଚ୍ଛନ୍ନ କରି ରହିଛି, ସର୍ବତ୍ର ତାହା ପରିବ୍ୟାପ୍ତ, ସମସ୍ତ ବସ୍ତୁର ତାହା ମୂଳ ଆଧାର, ତାହା ହିଁ ଶାଶ୍ୱତ ଓ ପରମ ସତ୍ୟ । ଏହି ଐକ୍ୟବୋଧ ସମସ୍ତ କର୍ମର ମୂଳ ପ୍ରେରଣା ହୋଇଥାଏ ।

ପଞ୍ଚମ ଅଧ୍ୟାୟର ଶ୍ଳୋକ ନଂ ୨୭ ଓ ୨୮ରେ ରାଜଯୋଗର କାୟିକ-ମାନସିକ ସାଧନା ବିଷୟରେ ସୂଚନା ଦିଆଯାଇଛି । ଭ୍ରୂ-ଦ୍ୱୟ ମଧ୍ୟରେ ଏକାଗ୍ରତା, ପ୍ରାଣ ଓ ଅପାନ ବାୟୁକୁ ସମାନ କରିବା, ଚିତ୍ତବୃତ୍ତିକୁ ସଂଯତ କରିବା ଇତ୍ୟାଦି କିପରି ମୋକ୍ଷକାମୀ ମୁନିଙ୍କ ପାଇଁ ଆବଶ୍ୟକ ସେକଥା କୁହା ଯାଇଛି । ତେବେ ଏହାର ଅର୍ଥ ନୁହେଁ ଯେ ଗୀତା ଲୟ ଦ୍ୱାରା ମୋକ୍ଷ ଲାଭ ନିମିତ୍ତ ଏଠାରେ ନିର୍ଦ୍ଦେଶ ଦେଉଛି । ବରଂ ବହିର୍ମୁଖୀ ମନକୁ ଜୟ କରିବା ପାଇଁ ଏଠାରେ ଏକ ଉପାୟ ବତେଇ ଦିଆଯାଇଛି ଯାହା ପରିଶେଷରେ ବିଶ୍ୱାତୀତ ସତ୍ତା ଭିତରକୁ ଉତ୍ତରଣ (an uplifting into the supracosmic existence) ଦିଗରେ ସାହାଯ୍ୟ କରିବ, ଲୟ (dissolution) ପାଇଁ ନୁହେଁ । ଯଦି ଲୟ ହିଁ ଗୀତା-ଶିକ୍ଷାର ଶେଷ ଲକ୍ଷ୍ୟ ହୋଇଥା'ନ୍ତା ତାହାହେଲେ ପରବର୍ତ୍ତୀ ଶ୍ଳୋକ ଅର୍ଥାତ୍ ଏହି ଅଧ୍ୟାୟର ଶେଷ ଶ୍ଳୋକରେ ଯଜ୍ଞ ବିଷୟରେ କୁହାଯାଇ ନ ଥା'ନ୍ତା –

''ଭୋକ୍ତାରଂ ଯଜ୍ଞତପସାଂ ସର୍ବଲୋକମହେଶ୍ୱରମ୍ ।
ସୁହୃଦଂ ସର୍ବଭୂତାନାଂ ଜ୍ଞାତ୍ୱା ମାଂ ଶାନ୍ତିମୃଚ୍ଛତି ॥''
(୫/୨୯)

ଅର୍ଥାତ୍, ''ମନୁଷ୍ୟ ଯେତେବେଳେ ମୋତେ ସମସ୍ତଙ୍କ ଯଜ୍ଞ ଓ ତପସ୍ୟାର ଭୋକ୍ତା, ସମସ୍ତ ଜଗତର ମହାନ୍ ଈଶ୍ୱର ଏବଂ ସମସ୍ତ ଜୀବକୁଳର ସୁହୃଦ୍ ବୋଲି ଜାଣିପାରେ ସେତେବେଳେ ସେ ଶାନ୍ତି ଲାଭ କରେ ।''

ଏଠାରେ କର୍ମଯୋଗର ଶକ୍ତି ଉପରେ ଜୋର୍ ଦିଆଯାଇଛି । ନିର୍ବାଣରେ ଶାନ୍ତି ଲାଭ ପାଇଁ ସକ୍ରିୟ ବ୍ରହ୍ମର ଜ୍ଞାନ ଓ ବିଶ୍ୱପୁରୁଷଙ୍କ ସମ୍ବନ୍ଧରେ ଜ୍ଞାନ ଯେ ଏକାନ୍ତ ଆବଶ୍ୟକ ଏହା ସ୍ପଷ୍ଟ କରି ଦିଆଯାଇଛି ।

ଯେଉଁ ଭଗବାନ୍ କାଳାତୀତ ଅକ୍ଷର ସତ୍ତାରେ ଅଦ୍ୱିତୀୟ ଏକ ଆତ୍ମା ରୂପେ ରହିଛନ୍ତି, ସେ ପୁଣି ଜଗତରେ ସମସ୍ତ ଅସ୍ତିତ୍ୱ ମଧ୍ୟରେ, ସମସ୍ତ ପ୍ରାଣୀଙ୍କ ଭିତରେ, ସକଳ କର୍ମ ଭିତରେ ବିରାଜମାନ କରୁଛନ୍ତି । ସେ ଏକ ସଙ୍ଗେ ନୀରବତା ଓ ଶାନ୍ତିର ଅଧୀଶ୍ୱର, ପୁଣି ଶକ୍ତି ଓ କର୍ମର ମଧ୍ୟ ପ୍ରଭୁ । ସେ ସର୍ବଲୋକ ମହେଶ୍ୱର ହୋଇ ମଧ୍ୟ ଅର୍ଜୁନଙ୍କ ରଥରେ ସାରଥୀ ହୋଇଛନ୍ତି । ତେଣୁ ମୁକ୍ତିକାମୀ ମନୁଷ୍ୟ ତାଙ୍କରି ଉଦ୍ଦେଶ୍ୟରେ ହିଁ ସମସ୍ତ କର୍ମକୁ ଯଜ୍ଞ ଓ ତପସ୍ୟା ରୂପେ ସମ୍ପାଦନ କରିବ । ମୁକ୍ତି ଲାଭ ପରେ ମଧ୍ୟ ସେ ସମସ୍ତ ପ୍ରାଣୀଙ୍କର ମଙ୍ଗଳ ନିମିତ୍ତ ସର୍ବଦା କର୍ମରେ ନିଯୁକ୍ତ ରହିବ । କାରଣ ତା'ର ପ୍ରଭୁ ହେଉଛନ୍ତି ସର୍ବଜୀବର ସୁହୃଦ୍ ।

ଗୀତା କହିଛି ଯେ ମୁକ୍ତି ସକାଶେ ଆନ୍ତର ସନ୍ନ୍ୟାସର ଏକନିଷ୍ଠ ସାଧନା ସହ କର୍ମ କରିବା ଆବଶ୍ୟକ । ମନର ବାସନାମୂଳକ ସଂକଳ୍ପକୁ ତ୍ୟାଗ ନ କରିବା ପର୍ଯ୍ୟନ୍ତ କେହି ଯୋଗୀ ହୋଇ ପାରିବ ନାହିଁ (ନ ହ୍ୟସଂନ୍ୟସ୍ତସଂକଳ୍ପୋ ଯୋଗୀ ଭବତି କଶ୍ଚନ – ୬/୨) । କର୍ମ ହେଉଛି ବ୍ରହ୍ମନିର୍ବାଣର କାରଣ । ଅର୍ଥାତ୍ ଆତ୍ମସିଦ୍ଧି ଓ ବ୍ରହ୍ମନିର୍ବାଣ ଲାଭ ପାଇଁ ଯୋଗସ୍ଥ ହୋଇ ଯଜ୍ଞ ରୂପେ ନିଷ୍କାମ କର୍ମ କରିବା ଅନିବାର୍ଯ୍ୟ ଅଟେ ।

ମନ ସ୍ୱଭାବତଃ ଚଞ୍ଚଳ । ତାକୁ ସର୍ବଦା ଚେତନାର ଉଚ୍ଚ ଶିଖରରେ ଧରି ରଖିବା ସହଜ ନୁହେଁ । ଶୋକ, ଆବେଗ, ବିକ୍ଷୋଭ ଓ ଅସମତାର କବଳରେ ପଡ଼ି ସାଧକ ଯୋଗର ନିଷ୍ଠାପର ସାଧନାରୁ ବିଚ୍ୟୁତ ହୁଏ, ତା'ର ସ୍ଖଳନ ଘଟିପାରେ । ତେଣୁ ଗୀତା ରାଜଯୋଗ ପଦ୍ଧତି ଅନୁଯାୟୀ ମନର ସଂଯମ ଓ ଏକାଗ୍ରତା ଅଭ୍ୟାସ କରିବା ପାଇଁ ଉପଦେଶ ଦେଇଛି । ଏକ ପବିତ୍ର ସ୍ଥାନରେ ଉପଯୁକ୍ତ ଆସନରେ ଉପବେଶନପୂର୍ବକ ମନ ଓ ଇନ୍ଦ୍ରିୟମାନଙ୍କୁ ସଂଯମ କରିବା, ଆତ୍ମଶୁଦ୍ଧି ନିମନ୍ତେ ପ୍ରୟାସ କରିବା, ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ କରିବା ଏବଂ ମନକୁ ପ୍ରଶାନ୍ତ ଓ ଭୟମୁକ୍ତ କରିବା ଏହି ପ୍ରକାର ସାଧନାର ଅନ୍ତର୍ଭୁକ୍ତ ଅଟେ । ଏହା ଦ୍ୱାରା ସାଧକ ଦିନେ ପରମାତ୍ମାଙ୍କ ଭିତରେ ନିର୍ବାଣର ପରମ ଶାନ୍ତି ଲାଭ କରେ (ଶାନ୍ତିଂ ନିର୍ବାଣପରମାଂ ମତ୍ସଂସ୍ଥାମଧିଗଚ୍ଛତି – ୬/୧୫) ।

କାମନା-ବାସନାରୁ ମୁକ୍ତ ହୋଇ ମନ ଯେତେବେଳେ ନୀରବ, ନିଶ୍ଚଳ ହୋଇଯାଏ ସେତେବେଳେ ଆତ୍ମାରେ ହିଁ ଆତ୍ମାକୁ ଦର୍ଶନ କରି ହୁଏ । ଏହି ଅନୁଭୂତି ଏପରି ନିର୍ମଳ ଓ ନିବିଡ଼ ଆନନ୍ଦ ଦେଇଥାଏ ଯେ କୌଣସି ଗୁରୁତର ଦୁଃଖ ମଧ୍ୟ

ବ୍ୟକ୍ତିକୁ ବିଚଳିତ କରିପାରେ ନାହିଁ (ଯସ୍ମିନ୍ ସ୍ଥିତୋ ନ ଦୁଃଖେନ ଗୁରୁଣାପି ବିଚାଲ୍ୟତେ – ୬/୨୨)। ଦୁଃଖ ସହିତ ସମସ୍ତ ସଂଯୋଗ ଦୂର ହୋଇଯାଏ। ଯେଉଁଥିରେ ଦୁଃଖ ସଂଯୋଗର ବିୟୋଗ ହୁଏ ତାହାକୁ 'ଯୋଗ' ବୋଲି କୁହାଯାଏ (ତଂ ବିଦ୍ୟାଦ୍ ଦୁଃଖ-ସଂଯୋଗବିୟୋଗଂ ଯୋଗସଂଜ୍ଞିତମ୍ – ୬/୨୩)।

ପରମାତ୍ମାଙ୍କ ସଙ୍ଗେ ଦିବ୍ୟ ମିଳନ ଦ୍ୱାରା ଯେଉଁ ଚିରସ୍ଥାୟୀ ଆଧ୍ୟାତ୍ମିକ ଆନନ୍ଦ ପ୍ରାପ୍ତ ହୁଏ ତାହା ତୁଳନାରେ ଅନ୍ୟ ସମସ୍ତ ସୁଖ ବା ସମ୍ପଦ ତୁଚ୍ଛ ଅଟେ। ନିର୍ବାଣର ଏହି ଅପାର ଆନନ୍ଦ ଲାଭ ପାଇଁ ଧୈର୍ଯ୍ୟଚ୍ୟୁତ ନ ହୋଇ ଦୃଢ଼ ସଙ୍କଳ୍ପ ସହ ଯୋଗାଭ୍ୟାସ କରିବାକୁ ହୁଏ (ସ ନିଶ୍ଚୟେନ ଯୋକ୍ତବ୍ୟୋ ଯୋଗୋଽନିର୍ବିଣ୍ଣଚେତସା – ୬/୨୩)। ବାଧାବିଘ୍ନ ଓ ବିଫଳତା ଯୋଗୁଁ ନିରାଶ ଓ ବିଷଣ୍ଣ ହେଲେ ଶେଷ ପର୍ଯ୍ୟନ୍ତ ଯୋଗସାଧନା ସମ୍ଭବ ହେବ ନାହିଁ।

ଏହି ସାଧନା ଏକ ନିରବଚ୍ଛିନ୍ନ ପ୍ରୟାସସାଧ୍ୟ ପ୍ରକ୍ରିୟା। ପ୍ରଥମେ ସଂକଳ୍ପଜନିତ ସମସ୍ତ କାମନାକୁ ସମ୍ପୂର୍ଣ୍ଣରୂପେ ପରିତ୍ୟାଗ କରିବାକୁ ହୁଏ (ସଂକଳ୍ପପ୍ରଭବାନ୍ କାମାଂସ୍ତ୍ୟକ୍ତ୍ୱା ସର୍ବାନଶେଷତଃ – ୬/୨୪)। ମନ ସାହାଯ୍ୟରେହିଁ ଇନ୍ଦ୍ରିୟଗଣଙ୍କୁ ସବୁଦିଗରୁ ନିବୃତ୍ତ କରି ଆଣିବାକୁ ହୁଏ (ମନସୈବେନ୍ଦ୍ରିୟଗ୍ରାମଂ ବିନିୟମ୍ୟ ସମନ୍ତତଃ)। ଇନ୍ଦ୍ରିୟଗୁଡ଼ିକ ଅଭ୍ୟାସବଶତଃ ଚତୁର୍ଦ୍ଦିଗକୁ ଧାବମାନ ହେଉଥା'ନ୍ତି। ସେଗୁଡ଼ିକୁ ସ୍ଥିରବୁଦ୍ଧିଦ୍ୱାରା ସଂଯତ କରି ଅନ୍ତର୍ମୁଖୀ କରିବାକୁ ହେବ। ମନର ଚଞ୍ଚଳତାକୁ ବନ୍ଦ କରି ଊର୍ଦ୍ଧ୍ୱତର ଆତ୍ମାରେ ମନକୁ ସମ୍ୟକ୍ ଭାବରେ ସ୍ଥାପନ କରିବାକୁ ହେବ (ଆତ୍ମସଂସ୍ଥଂ ମନଃ କୃତ୍ୱା) ଏବଂ କିଛି ବି ଚିନ୍ତା କରିବାକୁ ହେବ ନାହିଁ (ନ କିଞ୍ଚିଦପି ଚିନ୍ତୟେତ୍)। ଏହି ନିବୃତ୍ତି ପ୍ରକ୍ରିୟାଟି ଧୀରେ ଧୀରେ ସଂଘଟିତ ହୁଏ (ଶନୈଃ ଶନୈରୁପରମେତ୍) ଏବଂ ଏଥିପାଇଁ ଧୈର୍ଯ୍ୟଯୁକ୍ତ ବୁଦ୍ଧିର ପ୍ରୟୋଗ ଆବଶ୍ୟକ (ବୁଦ୍ଧ୍ୟା ଧୃତିଗୃହୀତୟା)। ଅସ୍ଥିର ଓ ଚଞ୍ଚଳ ମନଟି ଯେଉଁ ଯେଉଁ ଦିଗରେ ପ୍ରଧାବିତ ହେଉଥିବ ସେହି ସେହି ଦିଗରୁ ସଙ୍ଗେ ସଙ୍ଗେ ତାକୁ ନିବୃତ୍ତ କରି ଆଣି ଆତ୍ମା ବା ପରମାତ୍ମାଙ୍କଠାରେ ନିବେଶ କରିବାକୁ ହେବ (ଯତୋ ଯତୋ ନିଶ୍ଚରତି ମନଶ୍ଚଞ୍ଚଳମସ୍ଥିରମ୍। ତତସ୍ତତୋ ନିୟମ୍ୟୈତଦାତ୍ମନ୍ୟେବ ବଶଂ ନୟେତ୍ ॥ – ୬/୨୬)। ଏପରି ନିରନ୍ତର ଅଭ୍ୟାସ ଦ୍ୱାରା ମନ ଯେତେବେଳେ ସମ୍ପୂର୍ଣ୍ଣ ଶାନ୍ତ ଓ ନୀରବ ହୋଇଯିବ ସେତେବେଳେ ସାଧକକୁ ନିଷ୍କଳଙ୍କ ବିକ୍ଷୋଭହୀନ ଆନନ୍ଦ ପ୍ରାପ୍ତ ହେବ। ଏହି ଉଚ୍ଚତମ ଆନନ୍ଦକୁ ଗୀତା ''ସୁଖମୁତ୍ତମମ୍'' ବୋଲି ଅଭିହିତ କରିଛି। ବ୍ରହ୍ମ-ସଂସ୍ପର୍ଶଜନିତ ଏହି ଆନନ୍ଦ ଅତ୍ୟନ୍ତ ପ୍ରଗାଢ଼ ଓ ଅନିର୍ବଚନୀୟ (ବ୍ରହ୍ମସଂସ୍ପର୍ଶମତ୍ୟନ୍ତଂ ସୁଖମଶ୍ନୁତେ)।

ଏହି ଏକାନ୍ତ ଯୋଗ ସାଧନା ସମୟରେ କର୍ମ ପରିତ୍ୟାଗ କରିବା ଆବଶ୍ୟକ ହୁଏ ନାହିଁ। ଗୀତା କହିଛି ଯେ ଯେଉଁ ବ୍ୟକ୍ତି ଆହାର-ବିହାର, ନିଦ୍ରା ଓ କର୍ମ ଆଦିକୁ ସମ୍ପୂର୍ଣ୍ଣରୂପେ ପରିତ୍ୟାଗ କରିଛି, ତା' ପାଇଁ ଏ ଯୋଗ ଉଦ୍ଦିଷ୍ଟ ନୁହେଁ। ନିଦ୍ରା, ଜାଗରଣ, ଆହାର-ବିହାର, କର୍ମ, ପ୍ରଚେଷ୍ଟା ଆଦି ସବୁକିଛିରେ ଓ ସକଳ ସମୟରେ ଭଗବାନଙ୍କ ସହିତ ଯୁକ୍ତ ହୋଇ ରହିବାକୁ ହେବ କାରଣ ଭଗବାନ୍ ହିଁ ଜଗତର ସବୁକିଛିକୁ, ଜୀବନ ଓ କର୍ମକୁ ଧାରଣ କରି ରହିଛନ୍ତି। ତେବେ ଅହଂର ପ୍ରେରଣାରେ ନୁହେଁ, ଭାଗବତ ଚେତନାର ପ୍ରେରଣା ଓ ନିର୍ଦ୍ଦେଶରେ ହିଁ ସମସ୍ତ କର୍ମ କରିବା ଆବଶ୍ୟକ। ଯୋଗୀ ନିଜର ନିମ୍ନ ପ୍ରକୃତିରୁ ଅହଂ ଓ ବାସନାକୁ ନିର୍ମୂଳ କରିଦେଇ ସ୍ୱୟଂ ବ୍ରହ୍ମ ହୋଇ ଉଠନ୍ତି; ସେତେବେଳେ ବ୍ୟକ୍ତିଗତ କର୍ମ ବୋଲି ଆଉ କିଛି ରହେ ନାହିଁ, ତାଙ୍କର ସମସ୍ତ କର୍ମ ଦିବ୍ୟକର୍ମରେ ପରିଣତ ହୁଏ।

ଏହି ଆତ୍ମୋପଲବ୍ଧିରେ ବିଶ୍ୱମୟ ଚେତନାର ଉପଲବ୍ଧିକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି। ଗୀତା କହିଛି –

''ସର୍ବଭୂତସ୍ଥମାତ୍ମାନଂ ସର୍ବଭୂତାନି ଚାତ୍ମନି।
ଈକ୍ଷତେ ଯୋଗଯୁକ୍ତାତ୍ମା ସର୍ବତ୍ର ସମଦର୍ଶନଃ ॥''
(୬/୨୯)

ଅର୍ଥାତ୍, ''ଯେଉଁ ବ୍ୟକ୍ତିର ଆତ୍ମା ଯୋଗଯୁକ୍ତ, ସେ ସର୍ବଭୂତରେ ଆତ୍ମାକୁ ହିଁ ଦେଖେ ଏବଂ ଆତ୍ମା ଭିତରେ ସର୍ବଭୂତଙ୍କୁ ଦେଖେ, ସେ ସମସ୍ତ କିଛିକୁ ଏକ ସମଦୃଷ୍ଟି ନେଇ ହିଁ ଦେଖେ।''

ଆତ୍ମଜ୍ଞାନ ଓ ନିର୍ବାଣ ଲାଭ ପରେ ଯଦି ଜଣେ କ୍ଷରର ପରିବର୍ତ୍ତନଶୀଳତା ଭିତରେ ବାସ କରେ ତେବେ ସେ ଯୋଗଲବ୍ଧ ଫଳକୁ ତଥା ଆତ୍ମା ଓ ଭଗବାନଙ୍କୁ ହରାଇ ବସିବ କି ? ଏ ସଂଶୟ ବିଷୟରେ ଭଗବାନ୍ ଶ୍ରୀକୃଷ୍ଣଙ୍କ ନିଶ୍ଚୟାତ୍ମକ ଆଶ୍ୱାସନା ବାଣୀ ହେଉଛି –

''ଯୋ ମାଂ ପଶ୍ୟତି ସର୍ବତ୍ର ସର୍ବଂ ଚ ମୟି ପଶ୍ୟତି।
ତସ୍ୟାହଂ ନ ପ୍ରଣଶ୍ୟାମି ସ ଚ ମେ ନ ପ୍ରଣଶ୍ୟତି ॥''
(୬/୩୦)

ଅର୍ଥାତ୍, ''ଯେଉଁ ବ୍ୟକ୍ତି ସର୍ବତ୍ର ମୋତେ ଦେଖେ ଏବଂ ସବୁକିଛି ମୋ ଭିତରେ ଦେଖେ, ମୁଁ ତାହାକୁ ହରାଏ ନାହିଁ ବା ସେ ମଧ୍ୟ ମୋତେ ହରାଏ ନାହିଁ।''

ଯଦିଓ ନିର୍ବାଣର ପ୍ରଶାନ୍ତି ହେଉଛି ଅକ୍ଷରବ୍ରହ୍ମର ଅନୁଭୂତି ତଥାପି ତାହା ପୁରୁଷୋତ୍ତମଙ୍କ ସତ୍ତାରେ ହିଁ ପ୍ରତିଷ୍ଠିତ ହୋଇଥାଏ । ସେହି ବ୍ରହ୍ମ କେବଳ ଜଗତର ଅତୀତ ହୋଇ ରହି ନାହାନ୍ତି ସେ ଜଗତ୍ ଭିତରେ ମଧ୍ୟ ପରିବ୍ୟାପ୍ତ ହୋଇଛନ୍ତି । ସୁତରାଂ ଭଗବାନଙ୍କ ଏହି ସର୍ବବିଦ୍ୟମାନତାକୁ ଜାଣି ସେହି ଅନୁସାରେ କର୍ମ କଲେ ଯୋଗର ପୂର୍ଣ୍ଣତମ ଫଳ ପ୍ରାପ୍ତ ହୋଇପାରିବ ।

କ୍ଷର ଜଗତରେ କର୍ମର ପ୍ରାଧାନ୍ୟ ରହିଥାଏ । ଅକ୍ଷର ବ୍ରହ୍ମଙ୍କ ସ୍ତରରେ ଜ୍ଞାନର ପ୍ରାଧାନ୍ୟ ରହିଥାଏ । ଏଠାରେ ନଶ୍ୱର ଓ ସନାତନ ବସ୍ତୁ ବିଷୟରେ ତଥା ବ୍ୟକ୍ତିକ ନୈର୍ବ୍ୟକ୍ତିକ ତତ୍ତ୍ୱ ବିଷୟରେ ଜ୍ଞାନଲାଭ କରାଯାଏ । କିନ୍ତୁ ଯେତେବେଳେ ପୁରୁଷୋତ୍ତମଙ୍କ ସହିତ ସଂଯୋଗ ସ୍ଥାପିତ ହୁଏ ସେତେବେଳେ ଭକ୍ତି ପ୍ରାଧାନ୍ୟ ଲାଭ କରେ । ଏହି ଭକ୍ତି ଦ୍ୱାରା ସମଗ୍ର ଜୀବନ ପରିଚାଳିତ ଓ ଶାସିତ ହୁଏ । ଅକ୍ଷର ବ୍ରହ୍ମ ସ୍ତରରେ ନିର୍ବାଣ ଲାଭ ପରେ ଯେତେବେଳେ ଜଣେ ପୁରୁଷୋତ୍ତମଙ୍କ ଆଡ଼କୁ ଉନ୍ମୋଚିତ ହୋଇଯାଏ, ସେତେବେଳେ ତା' ପକ୍ଷରେ ପ୍ରେମ ଓ ଭକ୍ତି ଅନିବାର୍ଯ୍ୟ ହୋଇଉଠେ । ଏହି ପ୍ରେମ ଓ ଭକ୍ତିହିଁ ସର୍ବକଲ୍ୟାଣକାରୀ କର୍ମ କରିବା ପାଇଁ ମୁକ୍ତ ଯୋଗୀକୁ ପ୍ରେରିତ କରିଥାଏ ।

ତେଣୁ ମୁକ୍ତଯୋଗୀ ଯେ ଆନ୍ତର ସମାଧିରେ ବୁଡ଼ି ରହି ଜଗତର କ୍ରିୟାକଳାପ ଓ ଘଟଣାବଳୀଠାରୁ ନିଜକୁ ବିଚ୍ଛିନ୍ନ କରି ରଖିବ ଓ କେବଳ ସାକ୍ଷୀ ହୋଇ ରହିବ ଏପରି କଥା ନୁହେଁ । ଜଣେ ମୁକ୍ତଯୋଗୀ ପକ୍ଷରେ ସର୍ବଶ୍ରେଷ୍ଠ ବିଧି ବା ଧର୍ମ ହେଉଛି ଭଗବାନଙ୍କ ମଧ୍ୟରେ ବାସ କରିବା, ଭଗବାନଙ୍କୁ ଭଲ ପାଇବା ଏବଂ ସର୍ବଭୂତ ସହ ଏକତ୍ୱ ଉପଲବ୍ଧି କରିବା । ଭଗବାନଙ୍କ ଭିତରେ ସମ୍ପୂର୍ଣ୍ଣ ଭାବରେ ବାସ କରି ସେ ଯେଉଁ କର୍ମ ବି କରିବ ତାହା ଆଦୌ ଦୋଷଯୁକ୍ତ ବା ବନ୍ଧନର କାରଣ ହେବ ନାହିଁ । ସେ ନିରନ୍ତର ଯୋଗଯୁକ୍ତ ହୋଇଥିବା ଯୋଗୁଁ ତା' ପାଇଁ କୌଣସି ସ୍ୱତନ୍ତ୍ର ଯୋଗ-ପଦ୍ଧତି ଅନୁସରଣ କରିବା ଆବଶ୍ୟକ ହୁଏ ନାହିଁ । ଜଗତ୍ ମଧ୍ୟରେ ଭଗବାନଙ୍କୁ ପ୍ରତ୍ୟକ୍ଷରୂପେ ଅନୁଭବ କରୁଥିବାରୁ ସେ ଆଉ କାହା ପ୍ରତି ଘୃଣା ବା ଦ୍ୱେଷ ପୋଷଣ କରେ ନାହିଁ । କୌଣସି ବସ୍ତୁ, ବ୍ୟକ୍ତି ବା ବିଷୟ ପ୍ରତି ତା'ର ଆଉ ଭୟ ରହେ ନାହିଁ । ସେ ଭଗବାନଙ୍କ ବିଶ୍ୱମୟ ସତ୍ତା ଭିତରେ ସକଳ ପ୍ରାଣୀଙ୍କୁ ପ୍ରେମପୂର୍ଣ୍ଣ ଭାବରେ ଆଲିଙ୍ଗନ କରିନିଏ ।

ସେ ହେଉଛି ଶ୍ରେଷ୍ଠ ଯୋଗୀ ଯିଏ ଆତ୍ମାର ଭାବ ନେଇ ସୁଖଦୁଃଖ ଆଦି ସକଳ ଦ୍ୱନ୍ଦ୍ୱକୁ ସମଦୃଷ୍ଟିରେ ଦେଖେ । ଆତ୍ମାନୁଭୂତି ପ୍ରାପ୍ତ ଯୋଗୀ ଅଧ୍ୟାତ୍ମ ଆନନ୍ଦରୁ କେବେ ବି ବିଚ୍ୟୁତ ହୁଏ ନାହିଁ । ସେ ଅନ୍ୟମାନଙ୍କ ମଧ୍ୟରେ ତ୍ରିଗୁଣାତ୍ମକ ଦ୍ୱନ୍ଦ୍ୱ ଦେଖିଲେ ମଧ୍ୟ ବିଚଳିତ ହୁଏ ନାହିଁ । କାରଣ ସେ ସମସ୍ତଙ୍କ ଭିତରେ ଭଗବାନଙ୍କୁ ହିଁ ଦର୍ଶନ କରିପାରେ । ସେ ସଂସାର ବା ସମାଜ ଭିତରେ ବାସ କରି ସର୍ବଭୂତର କଲ୍ୟାଣ-ସାଧନରେ ବ୍ରତୀ ହୁଏ, ଅନ୍ୟମାନଙ୍କୁ ଆଧ୍ୟାତ୍ମିକ ଅଗ୍ରଗତି ଦିଗରେ ବାଟ କଢ଼ାଇ ନେବା ପାଇଁ ସତତ ଚେଷ୍ଟା କରେ । ଏପରି ଭଗବତ୍ ପ୍ରେମୀ ବ୍ୟକ୍ତିଙ୍କ ବିଷୟରେ ଶ୍ରୀଅରବିନ୍ଦ କହନ୍ତି –

''...free in the largeness of the God-vision, sweet and great and luminous in the strength of the God-nature, may well be declared to be the supreme Yogin. He indeed has conquered the creation, *jitaḥ sargaḥ.*''

(Essays on the Gita, P. 246)

ଅର୍ଥାତ୍, ''ଭଗବତ୍ ଦର୍ଶନର ବିଶାଳତାରେ ମୁକ୍ତ, ଭଗବତ୍ ପ୍ରକୃତିର ସାମର୍ଥ୍ୟରେ ମଧୁର, ମହାନ୍ ଓ ଜ୍ୟୋତିର୍ମୟ ସେହି ବ୍ୟକ୍ତିଙ୍କୁ ଶ୍ରେଷ୍ଠତମ ଯୋଗୀ ବୋଲି କୁହାଯାଇପାରେ । ସେହି ବ୍ୟକ୍ତିହିଁ ପ୍ରକୃତରେ ସୃଷ୍ଟିକୁ ଜୟ କରିଛନ୍ତି, ଜିତଃ ସର୍ଗଃ ।''

(ଗୀତା-ନିବନ୍ଧମାଳା, ପୃ. ୩୦୦)

ଗୀତାରେ ଭକ୍ତିକୁ ହିଁ ଯୋଗର ଚରମ ପରାକାଷ୍ଠା (climax of the yoga) ବୋଲି କୁହାଯାଇଛି –

''ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ॥''

(୬/୩୧)

ଅର୍ଥାତ୍, ''ଯେଉଁ ଯୋଗୀ ଏକତ୍ୱରେ ପ୍ରତିଷ୍ଠିତ ହୋଇଥାଏ ଏବଂ ସର୍ବଭୂତରେ ମୋତେ ହିଁ ଭଜପାଏ, ସେ ଯେଉଁଠି ରହି ଥାଉ ନା କାହିଁକି, ଯେଉଁ କର୍ମ କରୁ ନା କାହିଁକି, ସେ ମୋରି ମଧ୍ୟରେ ହିଁ ବାସ କରେ ଓ କର୍ମ କରେ ।'' ଏହାକୁ ହିଁ ଗୀତା-ଶିକ୍ଷାର ଶେଷ ଓ ସାରକଥା ବୋଲି କୁହାଯାଇ ପାରେ ।

ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଯୋଗୀ ହେବା ପାଇଁ ଉପଦେଶ ଦେଇଛନ୍ତି –

''ତପସ୍ୱିଭ୍ୟୋଽଧିକୋ ଯୋଗୀ ଜ୍ଞାନିଭ୍ୟୋଽପି ମତୋଽଧିକଃ ।
କର୍ମିଭ୍ୟଶ୍ଚାଧିକୋ ଯୋଗୀ ତସ୍ମାଦ୍ ଯୋଗୀ ଭବାର୍ଜୁନ ॥''

(୬/୪୬)

ଅର୍ଥାତ୍, ''ଯୋଗୀ ତପସ୍ୱୀମାନଙ୍କଠାରୁ ଶ୍ରେଷ୍ଠ, ଜ୍ଞାନୀମାନଙ୍କଠାରୁ ଶ୍ରେଷ୍ଠ, କର୍ମୀମାନଙ୍କଠାରୁ ମଧ୍ୟ ଶ୍ରେଷ୍ଠ । ତେଣୁ ହେ ଅର୍ଜୁନ ! ତୁମେ ଯୋଗୀ ହୁଅ ।''

ଏହାର ଠିକ୍ ପରବର୍ତ୍ତୀ ଶ୍ଳୋକରେ ଅର୍ଥାତ୍ ଷଷ୍ଠ ଅଧ୍ୟାୟର ଶେଷ ଶ୍ଳୋକରେ ଗୀତା ଘୋଷଣା କରିଛି ଯେ ଯୋଗୀମାନଙ୍କ ମଧ୍ୟରେ ଭକ୍ତ ହିଁ ଶ୍ରେଷ୍ଠତମ –

''ଯୋଗିନାମପି ସର୍ବେଷାଂ ମଦ୍‌ଗତେନାନ୍ତରାତ୍ମନା ।
ଶ୍ରଦ୍ଧାବାନ୍ ଭଜତେ ଯୋ ମାଂ ସ ମେ ଯୁକ୍ତତମୋ ମତଃ ॥''
(୬/୪୭)

ଅର୍ଥାତ୍, ''ଯୋଗୀମାନଙ୍କ ଭିତରେ ଯେଉଁ ବ୍ୟକ୍ତି ତାହାର ସମଗ୍ର ଅନ୍ତରାତ୍ମାକୁ ମୋତେ ସମର୍ପଣ କରିଦେଇଛି ଓ ମୋତେ ଶ୍ରଦ୍ଧା ଓ ପ୍ରେମର ସହିତ ଭଜନ କରୁଛି, 'ଶ୍ରଦ୍ଧାବାନ୍ ଭଜତେ', ମୋ ମତରେ ସେହି ବ୍ୟକ୍ତି ହିଁ ମୋ ସହିତ ଯୋଗରେ ସର୍ବାପେକ୍ଷା ଅଧିକ ଯୁକ୍ତ ।''

ଏହି ବାଣୀ ଉପରେ ଗୀତାର ଅବଶିଷ୍ଟ ବକ୍ତବ୍ୟ ପ୍ରତିଷ୍ଠିତ ହୋଇଛି । ଯଦିଓ ଗୀତାର ସମ୍ପୂର୍ଣ୍ଣ ରହସ୍ୟ ଖୋଜି ପାଇବା ଆମ ପକ୍ଷରେ କଷ୍ଟକର, ତଥାପି ଏହି ବାଣୀ ଗୀତାର ଗୂଢ଼ ରହସ୍ୟ ଆଡ଼କୁ ଅଗ୍ରସର ହେବା ପାଇଁ ଆମକୁ ଆଲୋକ ଦେଖାଇବ ।

(କ୍ରମଶଃ) ❑

# ସମୟ

## ଝରଣା ଘୋଷାଲ



ଅଭିଶପ୍ତ ସମୟରେ ଦୁର୍ଭାଗ୍ୟର ବୋଝ ବୋହି ବୋହି
ବିଷାକ୍ତ ଖରାରେ ଧୂସର ପଡ଼ିଥିବା କର୍ତ୍ତବ୍ୟ ଆଉ ଦାୟିତ୍ୱ
ବଞ୍ଚିବାର ବ୍ୟାକୁଳ ପ୍ରଲୋଭନ ଅଲକ୍ଷ୍ୟରେ ଧାଉଁଥାଏ
ଜୀବନର ପ୍ରତିଟି ମୁହୂର୍ତ୍ତ ଶେଷ ସୀମା ଯାଏ
ଯେତେଥର ହସିବାର ପ୍ରୟାସ କରେ
ଲୁହରେ ବତୁରି ଯାଏ ଭାଗ୍ୟ ।

ଆତ୍ମ-ସମର୍ପଣ କରିବିନି ନିଷ୍ଠୁର ନିୟତିର ପାଦତଳେ
ବର୍ଣ୍ଣାଢ଼୍ୟ ଉଦାସ ସକାଳେ ସମୟକୁ ପରାସ୍ତ କରି
ବାସନ୍ତୀ ରଙ୍ଗର ଶାଢ଼ୀ ପିନ୍ଧି ଶୁଣାଇବି ବିଜୟ ସଙ୍ଗୀତ
ଛଡ଼େଇ ଆଣିବି ଆମ ସୁଖ ସୌଭାଗ୍ୟ,
ପାଞ୍ଚଜନ୍ୟର ଶଙ୍ଖନାଦ ନିଃଶେଷ କରିଦେବ ଅନ୍ଧାରକୁ ।

ଗଙ୍ଗୋତ୍ରୀରୁ ପ୍ରବାହିତ ପୂତ ସଲିଳା ମନ୍ଦାକିନୀ
ଧୋଇଦେବ ଧରିତ୍ରୀର ପୁଞ୍ଜିଭୂତ ଦୀର୍ଘଶ୍ୱାସ
ଏ ମହା ସଂକଟେ ଜୀବନରେ ମାତୃ ଆଶିଷ ହିଁ ବ୍ରହ୍ମାସ୍ତ୍ର
ଆଉ ମୋ ଜୀବନ ରଥର ସାରଥି ହେବାକୁ
ଆବାହନ କରୁଛି ମୁଁ ସୃଷ୍ଟି ନିୟନ୍ତାଙ୍କୁ । ❑

# ବିରକ୍ତିକର ଚିନ୍ତାରୁ ରକ୍ଷା ପାଇବ କିପରି

## ନଳିନୀକାନ୍ତ ଗୁପ୍ତ

ପଥ ଅନେକ ରହିଛି ଏବଂ ଏସବୁ ବହୁ ଭାବରେ ନିର୍ଭର କରେ ପରିବେଶ ଓ ଚିନ୍ତାର ଧରଣ ଉପରେ । ପ୍ରଥମ ଏବଂ ଅତି ସୁବିଧାଜନକ ପଥଟି ହେଲା ସେଇ ସମୟରେ ଅନ୍ୟ କିଛି ଚିନ୍ତା କରି ବସିବା । ତୁମର ମନୋଯୋଗକୁ ଅନ୍ୟ ଏକ ବସ୍ତୁ ଉପରେ କେନ୍ଦ୍ରୀଭୂତ କରାଅ ଯାହାର ଏସବୁ ଚିନ୍ତା ସହିତ ଏକେବାରେ ସମ୍ବନ୍ଧ ନାହିଁ । ତୁମେ କିଛି ପଢ଼ାପଢ଼ି କରିପାର, କିଂବା କିଛି କାମ କରିପାର ଯାହା ସାଧାରଣତଃ ଯତ୍ନ ଓ ଅତି ମନୋଯୋଗିତା ଆବଶ୍ୟକ କରେ । କିଛି ନୂତନ ଧରଣର ସୃଷ୍ଟିମୂଳକ କର୍ମ ଆହୁରି ବେଶୀ ଫଳପ୍ରଦ । ଉଦାହରଣସ୍ୱରୂପ ଧର ଲେଖକ ଓ ଚିତ୍ରକରମାନଙ୍କ କଥା । ଯେତେବେଳେ ସେମାନେ ଆପଣାର କର୍ମରେ ରତ ଥାଆନ୍ତି, ସେସମୟରେ ସେମାନେ ଅନ୍ୟସବୁ ଭୁଲି ଯାଇଥା'ନ୍ତି – ସେମାନଙ୍କର ସଂପୂର୍ଣ୍ଣ ଚେତନାଟି ତାହାରି ମଧ୍ୟରେ ବୁଡି ରହିଥାଏ । କିନ୍ତୁ ଥରେ କାମଟି କରି ସାରିଲେ ଜଣେ ଯଦି ଠିକ୍ ସେତିକିବେଳେ କିପରି ପୁଣି ଚିନ୍ତାସକଳକୁ ନିୟନ୍ତ୍ରଣ କରାଯିବ ଜାଣି ନ ଥାଏ, ତେବେ ପୂର୍ବ ଅସୁବିଧାଗୁଡ଼ିକ ଆଉ ଥରେ ଘୂରି ଯାଇ ତୁମ ସମ୍ମୁଖକୁ ଫେରି ଆସିବାକୁ ଲାଗିବ ।

ତେଣୁ ଦ୍ୱିତୀୟ ଏକ ପଥ ଅଛି ଯାହା ଆପାତତଃ ବେଶୀ କଷ୍ଟସାଧ । ଏଥିପାଇଁ ତୁମକୁ କିପରି ପ୍ରତ୍ୟାଖ୍ୟାନ କରିବାକୁ ହୁଏ ତାହା ଓ ତାହାର ଗତିବିଧିମାନ ଆୟତ୍ତ କରିବାକୁ ହେବ । ତୁମେ ଯେପରି ସତରେ ବସ୍ତୁଟିଏ ଫୋପାଡ଼ି ଦିଅ କିଂବା ପ୍ରତ୍ୟାଖ୍ୟାନ କର ସେଇପରି ତୁମେ ଖରାପ ଚିନ୍ତାଗୁଡ଼ିକୁ ନିଜଠାରୁ ଦୂରେଇ ଦେବ, ପ୍ରତ୍ୟାଖ୍ୟାନ କରିବ । ଏହା ବେଶୀ କଷ୍ଟସାଧ, କିନ୍ତୁ ତୁମେ ଯଦି ଥରେ ସଫଳ ହୁଅ ତେବେ ସୁନ୍ଦର ଫଳ ପାଇପାରିବ । ଅବଶ୍ୟ ତୁମକୁ ଏଥିପାଇଁ ଅଭ୍ୟାସ କରିବାକୁ ହେବ ଏବଂ ନିଷ୍ଠାର ସହ ଅଧ୍ୟବସାୟ କରି ଚାଲିବାକୁ ପଡ଼ିବ । ଯଦି ତୁମେ ତୁମ ପ୍ରଚେଷ୍ଟାରେ ସର୍ବତୋଭାବେ ତୀବ୍ର ଓ ଐକାନ୍ତିକ ରୁହ, ତା'ହେଲେ ଏପରି କୌଣସି କାରଣ ନାହିଁ ଯେ କାହିଁକି ତୁମେ ସଫଳ ନ ହେବ ।

ଏକ ତୃତୀୟ ମାର୍ଗ ରହିଛି । ଏହା ହେଲା ଉର୍ଦ୍ଧ୍ୱରୁ ଏକ ବୃହତ୍ତମ ଆଲୋକକୁ ଅବତରଣ କରାଇ ଆଣିବା, ଯିଏ ଆପଣାର ଆଦି-ପ୍ରକୃତିରେ ମାନବଜାତି ସଂପୃକ୍ତ ସମସ୍ତ ଚିନ୍ତାରାଜିଠାରୁ ସଂପୂର୍ଣ୍ଣ ବିପରୀତ – ବିପରୀତ ଏକ ମୌଳିକ ଓ ଗଭୀରତମ ଦୃଷ୍ଟିକୋଣରୁ । ତେଣୁ ଯେଉଁ ଚିନ୍ତାସକଳ ତୁମକୁ ଅସୁବିଧାରେ ପକାଏ, ସେସବୁ ଯଦି ଦୁର୍ବୋଧ ଓ ଅଜ୍ଞ ହୋଇଥାଏ, ବିଶେଷ ଭାବରେ ସେମାନେ ଯଦି ପ୍ରକୃତି ଆବେଗାନୁଭବଜନିତ ଅଧିଚେତନ କିଂବା ଅବଚେତନ ମଧ୍ୟରୁ ଜନ୍ମ ନେଇଥା'ନ୍ତି, ତେବେ ଉର୍ଦ୍ଧ୍ୱରୁ ସେହି ଆଲୋକକୁ ଆହ୍ୱାନ କରି ତାହାକୁ ଆପଣାର ବିକ୍ଷୁବ୍ଧ ଚିନ୍ତାରାଜି ଉପରେ ସଂଚାରିତ କରେଇ ନେଲେ ତୁମେ ସହଜରେ ସେସବୁକୁ ବିଲୀନ ହେବାକୁ ଦେଇ ପାରିବ ଅଥବା ସଂପୂର୍ଣ୍ଣ ପରିବର୍ତ୍ତନ ଘଟାଇ ପାରିବ – ଅବଶ୍ୟ ଯେଉଁଠି ଯେପରି ଆବଶ୍ୟକ । ଏହା ହେଲା ଚରମ ଉପାୟ । କିନ୍ତୁ ସମ୍ଭବତଃ ସମସ୍ତଙ୍କ ନିମନ୍ତେ ଏହା ସହଜ ନୁହେଁ । ତେବେ ଥରେ ଏଥିରେ କୃତକାର୍ଯ୍ୟ ହେଲା ପରେ ପୁଣି ଯେ ସେମାନେ ଆଉ ଫେରି ଆସିବେ ନାହିଁ, ତାହା ନୁହେଁ, ସେମାନଙ୍କର ମୂଳ ଉତ୍ସ ଘୁଞ୍ଚାଇ ଦେଇ ଅପସରି ଯିବା ପର୍ଯ୍ୟନ୍ତ ସେମାନେ ଆସୁଥିବେ ।

ତା'ହେଲେ ପ୍ରଥମ ପଥଟି ହେଲା – ପଛକୁ ହଟି ଛିଡ଼ାହେବା । ଦ୍ୱିତୀୟଟି ହେଲା – ସମ୍ମୁଖୀନ ହେବା ଓ ସଂଗ୍ରାମ କରିବା । ତୃତୀୟଟି ହେଲା – ତାହାର ଉର୍ଦ୍ଧ୍ୱକୁ ଉଠିଯିବା ଓ ସେଗୁଡ଼ିକର ପରିବର୍ତ୍ତନ ଘଟେଇବା । ତୃତୀୟ ଓ ଚରମ ପଥରେ ତୁମେ ଖାଲି ଚିନ୍ତାମୁକ୍ତ ହେବ ନାହିଁ, ତୁମେ ଦ୍ରୁତ ଅଗ୍ରଗତି କରିପାରିବ – ଯଥାର୍ଥରେ ଲକ୍ଷ୍ୟାଭିମୁଖରେ ଏହା ଏକ ନିଶ୍ଚିତ ଅଗ୍ରଗତି ।

(Collected works of Nolini Kanta Gupta, Vol. III ପୁସ୍ତକର 'How to Get Rid of Troublesome Thoughts' ବିଷୟର ଓଡ଼ିଆ ଅନୁବାଦ) ❑

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

(୮୮)

### ଶ୍ରୀଅରବିନ୍ଦ ଆଶ୍ରମର ପ୍ରସ୍ତୁତି-ପର୍ବ :

''୧୯୦୪ ମସିହାରେ ମୁଁ ଯୋଗ ଆରମ୍ଭ କରିଥିଲି । କିନ୍ତୁ ଏହା ବରାବର ବ୍ୟକ୍ତିଗତ ଓ ସ୍ୱତନ୍ତ୍ର ଥିଲା । ମୋ ଚତୁଃପାର୍ଶ୍ୱରେ ଥିବା ଲୋକମାନେ ଜାଣୁଥିଲେ ଯେ ମୁଁ ଜଣେ ସାଧକ । ଏତତ୍ ବ୍ୟତୀତ ସେମାନେ ଅଧିକ କିଛି ଜାଣି ନଥିଲେ । କାରଣ ମୋ ଭିତରେ ଘଟୁଥିବା ସବୁକିଛିକୁ ମୁଁ ନିଜ ଭିତରେ ଗୋପନ ରଖୁଥିଲି । (୧୯୦୯ରେ) ଜେଲରୁ ଖଲାସ ହେବା ପରେ କେବଳ ଉତ୍ତରପଡ଼ାରେ ହିଁ ପ୍ରଥମ ଥର ପାଇଁ ମୁଁ ମୋର ଆଧ୍ୟାତ୍ମିକ ଅନୁଭୂତି ବିଷୟରେ କହିଥିଲି । ପଣ୍ଡିଚେରୀକୁ ଆସିବା ପର୍ଯ୍ୟନ୍ତ ମୁଁ କୌଣସି ଶିଷ୍ୟ ଗ୍ରହଣ କରି ନଥିଲି । ଯେଉଁମାନେ ପଣ୍ଡିଚେରୀ ପର୍ଯ୍ୟନ୍ତ ଆସିଥିଲେ ଓ ମୋ ସହିତ ବାସ କରିଥିଲେ, ସେମାନଙ୍କ ସହିତ ମୋର ପ୍ରଥମେ ଗୁରୁ-ଶିଷ୍ୟ ସମ୍ପର୍କ ଅପେକ୍ଷା ବନ୍ଧୁ ଓ ସହଚରର ସମ୍ପର୍କ ଅଧିକ ଥିଲା । ସେମାନଙ୍କ ସହିତ ମୋର ପରିଚୟ ହୋଇଥିଲା ରାଜନୈତିକ ଭିତ୍ତିରେ, ଆଧ୍ୟାତ୍ମିକ ଭିତ୍ତିରେ ନୁହେଁ । ପରବର୍ତ୍ତୀ ସମୟରେ ସେମାନଙ୍କ ସହିତ ଆଧ୍ୟାତ୍ମିକ ସମ୍ପର୍କ କ୍ରମେ ବିକାଶ ଲାଭ କରିଥିଲା ଏବଂ ପରେ (୧୯୨୦ରେ) ମା ଜାପାନରୁ ଫେରିବା ପରେ ୧୯୨୬ରେ ଆଶ୍ରମ ପ୍ରତିଷ୍ଠା କରାଯାଇଥିଲା ଅଥବା ଏପରି କହିଲେ ଠିକ୍ ହେବ ଯେ ତାହା ସ୍ୱୟଂ ପ୍ରତିଷ୍ଠିତ ହୋଇଥିଲା ।''

— ଶ୍ରୀଅରବିନ୍ଦ

('ନିଜ ସମ୍ବନ୍ଧେ ଓ ମା'ଙ୍କ ସମ୍ବନ୍ଧେ ଶ୍ରୀଅରବିନ୍ଦ', ପୃଷ୍ଠା ୮୧-୮୨)

ପୁନଶ୍ଚ ଶ୍ରୀଅରବିନ୍ଦ ଅନ୍ୟତ୍ର ଉଲ୍ଲେଖ କରିଛନ୍ତି : ''ପ୍ରଥମେ ଏଠାରେ (ପଣ୍ଡିଚେରୀରେ) କୌଣସି ଆଶ୍ରମ ନଥିଲା; କେବଳ କେତେକ ବ୍ୟକ୍ତି ଯୋଗାଭ୍ୟାସ କରିବା ପାଇଁ ମୋ ନିକଟରେ ବାସ କରିବାକୁ ଆସିଲେ । ମା'ଙ୍କର ଶେଷ ଆଗମନର କିଛି ମାସ ପରେ ହିଁ ଏହା ଆଶ୍ରମର ରୂପ ନେଲା । ଏହା ମା'ଙ୍କର ବା ଶ୍ରୀଅରବିନ୍ଦଙ୍କର କୌଣସି ସଂକଳ୍ପ ବା ଯୋଜନା ଅପେକ୍ଷା ବରଂ ସାଧକମାନଙ୍କ ଇଚ୍ଛା ଯୋଗୁ ହିଁ ହୋଇଥିଲା, ଯେଉଁମାନେ କି ମା'ଙ୍କ ଉପରେ ନିଜ ନିଜର ଆନ୍ତର ଓ ବାହ୍ୟ ଜୀବନ ସମର୍ପଣ କରବାକୁ ଚାହିଁଥିଲେ ।...

''ମା ଜାପାନରୁ ଫେରିବା ପରେ ଶିଷ୍ୟମାନଙ୍କର ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଇବାର ଲକ୍ଷଣମାନ ଦେଖାଦେଲା । ଯେତେବେଳେ ଆଶ୍ରମର ବିକାଶ ହେବାକୁ ଆରମ୍ଭ ହେଲା, ସେତେବେଳେ 'ସଂଗଠନ'ର ସମସ୍ତ ଦାୟିତ୍ୱ ମା'ଙ୍କ ଉପରେ ପଡ଼ିଲା । ମୁଁ ଶୀଘ୍ର ଏକାନ୍ତ ବାସରେ ରହିଲି ଏବଂ ଏହି ଆଶ୍ରମର ସମସ୍ତ ଭୌତିକ ଓ ଆଧ୍ୟାତ୍ମିକ କାର୍ଯ୍ୟର ଭାର ମା'ଙ୍କ ଉପରେ ହିଁ ପଡ଼ିଲା ।... ...

''ମୋର ଯେତେଦୂର ମନେହୁଏ ମା ଆଶ୍ରମର ଦାୟିତ୍ୱ ୧୫ ଅଗଷ୍ଟ (୧୯୨୬)ର ଅଳ୍ପ ଦିନ ପରେ ହିଁ ନେବାକୁ ଆରମ୍ଭ କରି ଦେଇଥିଲେ । ମୋର ଏକାନ୍ତବାସର ପରଠାରୁ ହିଁ ସଂପୂର୍ଣ୍ଣ ଭାବରେ କାର୍ଯ୍ୟଭାର ଗ୍ରହଣ କରିଥିଲେ ।''

(ତତ୍ରୈବ, ପୃଷ୍ଠା ୨୮୪ - ୮୫)

ମା ତାଙ୍କର 'ପ୍ରଶ୍ନୋତ୍ତର କ୍ଲାସ'ରେ କଥାଛଳରେ କହିଥିଲେ : ''... ସେତେବେଳେ ମୋ ବୟସ ଅତ୍ୟନ୍ତ ଅଳ୍ପ ଥିଲା; ଏବଂ ମୁଁ ସର୍ବଦା ମନକୁ ମନ କହୁଥିଲି, ଯଦି ମୁଁ କେବେ ବି ଏପରି କରିବାକୁ ସମର୍ଥ ହେବି, ତେବେ ଗୋଟିଏ ଛୋଟ ସଂସାରଟିଏ ଗଢ଼ିତୋଳିବା ପାଇଁ ଚେଷ୍ଟା କରିବି — ଖୁବ୍ ଛୋଟ ସଂସାରଟିଏ, ତଥାପି... ଏପରି ଛୋଟ ସଂସାର ତିଆରି କରିବି, ଯେଉଁଠାରେ କି ଲୋକମାନେ ଖାଦ୍ୟ, ବାସଗୃହ ଏବଂ ବସ୍ତ୍ର ଆଦି ବିଷୟରେ ଗୁଡ଼ାଏ ଚିନ୍ତା କରିବାକୁ ବାଧ୍ୟ ନହୋଇ ବାସ କରିପାରିବେ, ଯେଉଁଠି ସେମାନଙ୍କୁ ଜୀବନର ଅତ୍ୟାବଶ୍ୟକ ବସ୍ତୁମାନ ସହଜରେ ମିଳିଯାଉଥିବ । ତା'ପରେ ଦେଖିବି, ଏକ ନିର୍ଣ୍ଣିତ ପାର୍ଥିବ ସଂସ୍ଥାନର ପ୍ରତିଶ୍ରୁତି ଫଳରେ ସେମାନଙ୍କର ଯେଉଁ ଶକ୍ତିଗୁଡ଼ିକ ମୁକ୍ତିଲାଭ କରିବ, ସେଗୁଡ଼ିକ କିପରି ଭାବରେ ସ୍ୱତଃପ୍ରେରିତ ହୋଇ ଦିବ୍ୟ-ଜୀବନ ଏବଂ ଆନ୍ତର ଉପଲବ୍ଧି ଦିଗରେ ନିଜକୁ ଅନୁଧାବିତ କରି ପାରିବ ।...''

(୩୦ ମେ ୧୯୫୬)

ପୁନଶ୍ଚ ଅନ୍ୟତ୍ର ମା ଉଲ୍ଲେଖ କରିଛନ୍ତି : ''... ପ୍ରକୃତ

କଥା କହିବାକୁ ଗଲେ ମୁଁ ଶ୍ରୀଅରବିନ୍ଦଙ୍କୁ ପ୍ରଥମ ସାକ୍ଷାତ୍ କରିବା ସମୟରେ ଏହି ପ୍ରଶ୍ନଟି ସର୍ବପ୍ରଥମ ଆସି ଉପସ୍ଥିତ ହୋଇଥିଲା ।... ଜଣେ ବ୍ୟକ୍ତି କ'ଣ ସ୍ୱୟଂ ସାଧନା କରି ପ୍ରଥମେ ନିଜର ଲକ୍ଷ୍ୟଟିକୁ ପ୍ରାପ୍ତ କରିବ, ଏବଂ ତା'ପରେ ଯାଇ ଅନ୍ୟମାନଙ୍କ ସହିତ କାର୍ଯ୍ୟ କରିବ, ଅଥବା ସିଏ ସଙ୍ଗେ ସଙ୍ଗେ ସମାନ ଅଭୀପ୍ସା ରହିଥିବା ସମସ୍ତଙ୍କୁ ନିଜ ପାଖକୁ ଆସିବାକୁ ଅନୁମତି ଦେବ ଏବଂ ସମସ୍ତଙ୍କ ସହିତ ଏକତ୍ର ଲକ୍ଷ୍ୟ ଆଡ଼କୁ ଅଗ୍ରସର ହେବ ?

''ମୁଁ ପୂର୍ବରୁ ଯେଉଁ କାର୍ଯ୍ୟ ଓ ପ୍ରୟାସ (ଫ୍ରାନ୍ସରେ) କରିଥିଲି, ତାହାରି ପରିପ୍ରେକ୍ଷୀରେ ଅତ୍ୟନ୍ତ ସ୍ପଷ୍ଟଭାବରେ ସୂତ୍ରବଦ୍ଧ ହୋଇଥିବା ଏହି ପ୍ରଶ୍ନଟିକୁ ନେଇ ଶ୍ରୀଅରବିନ୍ଦଙ୍କ ପାଖକୁ ଆସିଥିଲି । କାରଣ, ସେହି କ୍ଷେତ୍ରରେ ଦୁଇଟିଯାକ ସମ୍ଭାବନା ଥିଲା : ନିଜକୁ ସଂସାରରୁ ପ୍ରତ୍ୟାହୃତ କରିନେଇ ଏକ ପ୍ରଗାଢ଼ ବ୍ୟକ୍ତିଗତ ସାଧନା କରିବା, ଅର୍ଥାତ୍, ଅନ୍ୟମାନଙ୍କ ସହିତ ଆଦୌ କୌଣସି ସମ୍ପର୍କ ନରଖି ଏହି ସାଧନା କରିବା,– ଅଥବା ସ୍ୱାଭାବିକ ଏବଂ ସ୍ୱତଃସ୍ଫୂର୍ତ୍ତ ଭାବରେ ଗୋଷ୍ଠୀଟିଏ ଗଠିତ ହୋଇ ଆସିବାକୁ ବାଟ ଛାଡ଼ିଦେବା, ସେଇଟି ଗଠିତ ହେବାର ବାଟରେ ଆଦୌ କୌଣସି ପ୍ରତିବନ୍ଧକ ସୃଷ୍ଟି ନ କରିବା, ସେହି ଗୋଷ୍ଠୀଟି ଗଠିତ ହେବାକୁ ଛାଡ଼ିଦେବା ଏବଂ ତା'ପରେ ମାର୍ଗଟି ଉପରେ ଏକତ୍ର ଅଗ୍ରସର ହେବା ।

''ଏହି ନିଷ୍ପତ୍ତିଟି ଆଦୌ ମନଃସ୍ତରରେ ହେବାକୁ ଯାଉଥିବା ଏକ ନିଷ୍ପତ୍ତି ହୋଇ ରହି ନଥିଲା; ଏହା ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ଉପଲବ୍ଧ ହୋଇଥିଲା । କିନ୍ତୁ ଏଠାରେ (ପଣ୍ଡିଚେରୀରେ) ପରିସ୍ଥିତିମାନ ଏପରି ହୋଇ ରହିଥିଲେ ଯେ ଆଉ ଅନ୍ୟ କୌଣସି ନିଷ୍ପତ୍ତି ନେବାର ଅବକାଶ ହିଁ ନଥିଲା; ଅର୍ଥାତ୍, ଅତ୍ୟନ୍ତ ସ୍ୱଭାବପ୍ରେରିତ ଓ ସ୍ୱତଃସ୍ଫୂର୍ତ୍ତ ଭାବରେ ଗୋଷ୍ଠୀଟିଏ ଏପରି ଭାବରେ ଗଢ଼ି ଉଠିଥିଲା ଯେ ତାହା ଏକ ଅପରିହାର୍ଯ୍ୟ ଆବଶ୍ୟକତାରେ ପରିଣତ ହୋଇଥିଲା । ଏବଂ, ତେଣୁ ଆମେ ଥରେ ଏହିପରି ଆରମ୍ଭ କରିଦେବା ପରେ ତାହାକୁ ହିଁ ଚୂଡ଼ାନ୍ତ ବୋଲି କହିବାକୁ ହେବ, ଆମକୁ ଶେଷ ପର୍ଯ୍ୟନ୍ତ ସେହିପରି ହିଁ ଯିବାକୁ ହେବ ।

''ପ୍ରଥମେ କେବଳ ପାଞ୍ଚ ଦଶ ଜଣ ଥିଲେ, ସେଥିରୁ ଆଦୌ ଅଧିକ ନ ଥିଲେ । ଅନେକ ଦିନ ପର୍ଯ୍ୟନ୍ତ କେବଳ ପାଞ୍ଚ, ଛଅ ଜଣ ହିଁ ଥିଲେ । ତା'ପରେ ଦଶ ଜଣ ହେଲେ, ବାର ଜଣ ହେଲେ, ପ୍ରାୟ କୋଡ଼ିଏ ଜଣ ହେଲେ; ତା'ପରେ ତିରିଶ ଜଣ ଓ ତା'ପରେ ପଇଁତିରିଶ ଜଣ ହେଲେ । ଏହି ସଂଖ୍ୟାଟି ବେଶ୍ ଅନେକ ଦିନ ପର୍ଯ୍ୟନ୍ତ ରହିଥିଲା । ଏବଂ ତା'ପରେ ହଠାତ୍ ସଂଖ୍ୟାବୃଦ୍ଧି ଆରମ୍ଭ ହେଲା ଏବଂ ଅନେକେ ଏହି ମାର୍ଗରେ ଆସି ଯୋଗ ଦେଲେ ! ସର୍ବଶେଷ ସଂଖ୍ୟା ଏବେ ଏଗାର ଶହରୁ ଅଧିକରେ ଆସି ପହଞ୍ଚିଛି । ଏବଂ ଆମର ଗୋଷ୍ଠୀଟି ବୃଦ୍ଧି ପାଇବାରେ ଲାଗିଛି ।...''

(୨୧ ଡିସେମ୍ବର ୧୯୫୫)

ପୁନଶ୍ଚ ମା'ଙ୍କ ଉକ୍ତିରୁ : ''ମୁଁ ନିର୍ଦ୍ଦିଷ୍ଟ ଭାବରେ ତୁମକୁ ବିଭିନ୍ନ କଥା ମଧ୍ୟରୁ ଅନ୍ୟତମ ଏକ କଥା କହିବାକୁ ଚାହୁଁଛି । ଶିକ୍ଷା ବିଷୟଟି ହେଉଛି ଏକ ଯାଜକୀୟ(sacerdocy) ବ୍ୟାପାର, ଶିକ୍ଷାଦାନ କରିବା ହେଉଛି ଏକ ଯାଜକୀୟ ବ୍ୟାପାର, କୌଣସି ରାଷ୍ଟ୍ରର ସର୍ବୋଚ୍ଚ ଅଧିକାର ସ୍ଥାନରେ ରହିବା ମଧ୍ୟ ଗୋଟିଏ ଯାଜକୀୟ ବ୍ୟାପାର । ତେଣୁ ଏହି ଭୂମିକାଟିକୁ ସମ୍ପନ୍ନ କରୁଥିବା ବ୍ୟକ୍ତି ଯଦି ସେଇଟିକୁ ସର୍ବୋଚ୍ଚ ଓ ସତ୍ୟତମ ଭାବରେ ସମ୍ପନ୍ନ କରିବାର ଆକାଙ୍କ୍ଷା ରଖିପାରେ, ତେବେ ଆମ ପୃଥିବୀର ସାଧାରଣ ସ୍ଥିତିଟି ତଦ୍ଦ୍ୱାରା ଅନେକ ଭଲ ହୋଇଯାଇ ପାରିବ । ଭାରି ଦୁର୍ଭାଗ୍ୟର କଥା ଯେ ଅଧିକାଂଶ ଲୋକ ଏ ବିଷୟରେ ଆଦୌ କିଛି ହେଲେ ଚିନ୍ତା କରନ୍ତି ନାହିଁ, ସେମାନେ ଯେକୌଣସି ପ୍ରକାରେ ନିଜର ଭୂମିକାଟିକୁ ପୂରଣ କରି ଦେବାରେ ଲାଗିଥା'ନ୍ତି; ଏବଂ ଯେଉଁ ଅଗଣିତ ନରନାରୀ କେବଳ ଅର୍ଥୋପାର୍ଜନ କରିବାକୁ ହିଁ କାର୍ଯ୍ୟ କରନ୍ତି, ସେମାନଙ୍କ ବିଷୟରେ ବା କ'ଣ କୁହାଯିବ ? ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହି କ୍ଷେତ୍ରରେ ସେମାନଙ୍କର ଯାବତୀୟ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବରେ ନିକୃଷ୍ଟ ଓ ଅପ୍ରୀତିକର (altogether rotten) ହୋଇ ରହିଥାଏ । ଆଶ୍ରମକୁ ଗଠନ କରିବାରେ ପ୍ରଥମ ଭିତ୍ତିସ୍ୱରୂପ ଗ୍ରହଣ କରିଥିଲି ଯେ ଏଠାରେ ଯେତେ ଯାହା କାର୍ଯ୍ୟ ହେବ, ସେସବୁ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ଏକ ଅର୍ଘ୍ୟ ପରି ହୋଇ ରହିବ, ମୁଁ ଏହା ହିଁ ଇଚ୍ଛା କରିଥିଲି ।

''ନିଜ ପ୍ରକୃତିର, ପ୍ରତି ମୁହୂର୍ତ୍ତକୁ ତୁମକୁ ଅଧିକାର କରି ନେଉଥିବା ନିଜ ଇଚ୍ଛାର ସ୍ରୋତ ମଧ୍ୟରେ ନିଜକୁ ଭସାଇ ନ ଦେଇ ତୁମକୁ ମନରେ ସତତ ଏହିପରି ଏକ ଅନୁଭବକୁ ସଂରକ୍ଷିତ କରି ରଖିବାକୁ ହେବ ଯେ ତୁମେ ହେଉଛ ସର୍ବୋଚ୍ଚ ପରମ ଜ୍ଞାନର ହିଁ ଏକ ପ୍ରତିନିଧି, ସେଇ ସର୍ବୋଚ୍ଚ ପରମ ସତ୍ୟ ଏବଂ ପରମ ବିଧାନର ହିଁ ଜଣେ ପ୍ରତିନିଧି, ଏବଂ ଏଇଟିକୁ ତୁମକୁ ଯଥାସମ୍ଭବ ଅଧିକ ସାଧୁତା ଏବଂ ନିଷ୍ଠାର ସହିତ

ପ୍ରୟୋଗ କରିବାକୁ ପଡ଼ିବ । ତେବେ ଯାଇ ତୁମେ ନିଜେ ଅଗ୍ରଗତି କରିପାରିବ ଏବଂ ଅନ୍ୟମାନଙ୍କର ଅଗ୍ରଗତିରେ ମଧ୍ୟ ସହାୟକ ହୋଇ ପାରିବ ।...''*

(୧୦ ଫେବ୍ରୁଆରୀ ୧୯୫୧)

ନୀରଦବରଣଙ୍କ ଉକ୍ତିରେ : ''କ୍ରମାଗତ ଆଶ୍ରମିକଙ୍କ ସଂଖ୍ୟା ବର୍ଦ୍ଧିତ ହେବା ଫଳରେ ମା'ଙ୍କର କାର୍ଯ୍ୟକ୍ରମ ବି ପ୍ରଚୁର ଭାବେ ବଢ଼ିଗଲା, କେବଳ ଯେ ଏପରି ବର୍ଦ୍ଧିଷ୍ଣୁ ଶିଷ୍ୟଙ୍କର ସାଧନାର ନିର୍ଦ୍ଦେଶ ଓ ପଥପ୍ରଦର୍ଶନ କ୍ଷେତ୍ରରେ ଘଟୁଥିଲା ତାହା ନୁହେଁ, ଆଶ୍ରମର ବ୍ୟାବହାରିକ ଜୀବନର ସାଙ୍ଗଠନିକ ପରିଚାଳନା ବି ତାଙ୍କୁ ଦେଖିବାକୁ ହେଉଥିଲା । ଅଧିକ ବସାଘର ଭଡ଼ା ନେବାକୁ ପଡ଼ିଲା, ସୁବିଧା-ସୁଯୋଗ ସମ୍ପ୍ରସାରିତ କରିବାକୁ ଯାଇ ନାନାବିଧ ସେବାବୃତ୍ତି ବି ବଢ଼ାଇ ଦିଆଗଲା, ଯଥା : ବାସସ୍ଥାନର ରକ୍ଷଣାବେକ୍ଷଣ, ବିଦ୍ୟୁତ୍ ସରବରାହ, ଗୃହସ୍ଥଳୀର ଯାବତୀୟ କର୍ମଜନିତ ସେବା, ତା' ସହିତ ପରିଧେୟ ବସ୍ତ୍ରାଦିର ପରିଶୋଧନ, ଇସ୍ତ୍ରୀଆଦିର ବ୍ୟବସ୍ଥା,– ହୁଏତ ଏହିସବୁ ବିଭାଗରୁ କେଉଁଟି ନୂଆ କରି ଆରମ୍ଭ କରାଗଲା ଅଥବା କେତେକର ଯାହା ବ୍ୟବସ୍ଥା ଥିଲା, ତା'ର ପରିସର ବଢ଼ାଇ ଦିଆଗଲା ।...

''ପ୍ରତ୍ୟେକ ସାଧକଙ୍କୁ ଯେଉଁ କାର୍ଯ୍ୟ-ସମ୍ପାଦନର ଭାର ଦିଆଗଲା, ତାହା ତା'ର ସାଧନାର ଅଙ୍ଗଭାବେ ତାକୁ ଗ୍ରହଣ କରିବାକୁ ହେଲା – ତା' ସକାଶେ ଏହା ଏକ କର୍ମଯୋଗ ଏବଂ ଏଥିରେ ଉପୁଜୁଥିବା ସମସ୍ୟା ତଥା ସୁବିଧା ଅସୁବିଧା ସାଧକ ନିଜେ ମା'ଙ୍କୁ ଜଣାଇବ – ଏ ବିଷୟରେ ତାକୁ ଉତ୍ସାହିତ କରା ଯାଉଥିଲା ।

''ଏତତ୍ ବ୍ୟତୀତ ବିଭାଗୀୟ ପରିଚାଳନାର ଦାୟିତ୍ୱ ଯେଉଁମାନଙ୍କ ଉପରେ ଥିଲା, ସେମାନଙ୍କୁ ପ୍ରତି ମାସରେ ସେମାନଙ୍କର ସେବାବୃତ୍ତିର ମାସିକ ବିବରଣୀ ଶ୍ରୀମା-ଶ୍ରୀଅରବିନ୍ଦଙ୍କ ନିକଟରେ ଉପସ୍ଥାପନ କରିବାକୁ ପଡୁଥିଲା – ସେମାନଙ୍କର ଅବଗତି ନିମନ୍ତେ ।

''ଆଶ୍ରମର ବିକାଶ ହେବା ସଙ୍ଗେ ସଙ୍ଗେ ପରିଦର୍ଶକ-ମାନଙ୍କର ସଂଖ୍ୟା ତଦନୁପାତରେ ବଢ଼ିବାକୁ ଲାଗିଲା ଏବଂ ଆଶ୍ରମର ପ୍ରତ୍ୟେକଟି କାର୍ଯ୍ୟ କିପରି ଶାନ୍ତିପୂର୍ଣ୍ଣ ଓ ନିପୁଣ ଭାବେ ପରିଚାଳିତ ହେଉଥିଲା ଏବଂ ଏହାର ଯାବତୀୟ କର୍ମକ୍ଷେତ୍ର କେମିତି ସମବାୟ ଭାବେ ପରସ୍ପରର ସୁଷ୍ଠୁ ସହଯୋଗିତାରେ ସମ୍ପନ୍ନ ହେଉଥିଲା, ଏହା ଦେଖି ସେମାନେ ଅଭିଭୂତ ହେଉଥିଲେ । ଆଶ୍ରମ ତା'ର ଜନ୍ମଲଗ୍ନର ଅୟମାରମ୍ଭରୁ ହିଁ ଶ୍ରୀମାଙ୍କର ସାଙ୍ଗଠନିକ ପ୍ରତିଭାର ସାକ୍ଷ୍ୟ ବହନ କରି ଆସୁଛି ।''

(Sri Aurobindo for All Ages, p.192)

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା

❑❑❑

---

* ''ପ୍ରକୃତ କଥା କହିବାକୁ ଗଲେ କୌଣସି ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟଟି ଅପେକ୍ଷା ସେହି କାର୍ଯ୍ୟଟିକୁ ତୁମେ କିପରି ଭାବରେ କରୁଛ, ଏହା ହିଁ ତା'ରି ଉପରେ ଅଧିକ ମାତ୍ରାରେ ନିର୍ଭର କରେ ।...

''ହଁ, ଆଉ ଏପରି ଗୋଟିଏ ପ୍ରକାରର କାର୍ଯ୍ୟ ବି ରହିଛି, ଯାହାକୁ କେବଳ ଅର୍ଥୋପାର୍ଜନ ଲାଗି ଅଥବା ସେହିପରି କୌଣସି ବ୍ୟକ୍ତିଗତ ନାନା କାରଣରୁ ଯେଉଁ କର୍ମଟିକୁ କରାଯାଇଥାଏ, ସେହି କାର୍ଯ୍ୟଟି ଯାହା ହୋଇଥାଉ ପଛକେ, ଜୀବିକା ନିର୍ବାହ ନିମିତ୍ତ ଯାହାକିଛି କରାଯାଇ ଥାଏ, ସେହିସବୁ କର୍ମ ସମ୍ପାଦନର ଦୃଷ୍ଟିକୋଣଟିକୁ ଶ୍ରୀଅରବିନ୍ଦ ଓଦା ଓଜନିଆ ବଡ଼ ବଡ଼ କାଠଗଡ଼ ସହିତ ତୁଳନା କରିଛନ୍ତି । ସେଗୁଡ଼ିକୁ ଏପରି ବହଳ ଭାବରେ ଗୋଟିକ ପରେ ଗୋଟିଏ ଗଦା କରି ଦିଆ ଯାଇଥାଏ ଯେ ତା' ଭିତରୁ ନିଆଁ ଉଠିପାରିବା ମଧ୍ୟ କଷ୍ଟକର ହୋଇଉଠେ । ସେହି କାର୍ଯ୍ୟଟି ମଧ୍ୟରେ ଅତ୍ୟନ୍ତ ତମସାଚ୍ଛନ୍ନ ଏବଂ ନୀରସ ଏକ ଉପାଦାନ ନିହିତ ହୋଇ ରହିଥାଏ ।... ''

(୩୦ ମେ ୧୯୫୬) – ଶ୍ରୀମା

କାହାଣୀ :

# ବିଚିତ୍ର ବିଜୟ

## ମନୋଜ ଦାସ

ପ୍ରାୟ ତିନିହଜାର ବର୍ଷ ତଳର କଥା । ବାରାଣସୀ ନଗରୀର ଅଦୂରରେ ଥାଏ ଗୋଟିଏ ଅରଣ୍ୟ । ସେ ଅରଣ୍ୟ ପାଖରେ ରହୁଥା'ନ୍ତି କେତେଜଣ କାଠୁରିଆ । ସେମାନେ କାଠ କାଟି ସେଥିରେ ନାନାଦି ଦ୍ରବ୍ୟ ପ୍ରସ୍ତୁତ କରି ବିକ୍ରି କରୁଥା'ନ୍ତି । ତାହାହିଁ ଥିଲା ସେମାନଙ୍କ ଜୀବିକା ।

ଦିନେ ଗୋଟିଏ ସୁନ୍ଦର ହାତୀ ଆସି ସେମାନଙ୍କ ଆଗରେ ଶୋଇପଡ଼ି ନିଜର ଗୋଟାଏ ପାଦ ଦେଖାଇଲା । ସେଥିରେ କଣ୍ଟାଟିଏ ଗଳି ଯାଇଥାଏ । କାଠୁରିଆମାନେ କଣ୍ଟା ବାହାର କରିଦେଇ କ୍ଷତ ସ୍ଥାନରେ ଔଷଧ ଲଗାଇ ଦେଲେ ଏବଂ ହାତୀକୁ ଖାଦ୍ୟ ଓ ପିଇବା ସକାଶେ ପାଣି ଯୋଗାଇ ଦେଲେ । ସପ୍ତାହେ ଭିତରେ ହାତୀ ପୂରା ସୁସ୍ଥ ହୋଇଗଲା । କିନ୍ତୁ ସେ ପ୍ରତିଦିନ ସେହି କାଠୁରିଆମାନଙ୍କ ପାଖକୁ ଆସୁଥାଏ; ବଡ଼ ବଡ଼ ଗଛ ଉତ୍ପାଟନ କରି ସେମାନଙ୍କ ପାଖକୁ ନେଇ ଆସୁଥାଏ । ହାତୀକୁ ସେମାନେ ଅତ୍ୟନ୍ତ ଶ୍ରଦ୍ଧା କରୁଥା'ନ୍ତି ।

ଥରେ କିଛିଦିନ ପାଇଁ ହାତୀର ଦେଖା ମିଳିଲା ନାହିଁ । ତା'ପରେ ସେ ଆସି ପହଞ୍ଚିଲା ଏହା ଭିତରେ ସେ ଜନ୍ମ ଦେଇଥିବା ଶାବକକୁ ଧରି । ସେ ଶିଶୁ ହାତୀ ଦେଖିବାକୁ ଅତ୍ୟନ୍ତ ସୁନ୍ଦର । ଅପୂର୍ବ ଉଜ୍ଜ୍ୱଳ ତା' ଦେହର ବର୍ଣ୍ଣ ।

କାଠୁରିଆମାନଙ୍କର ଆନନ୍ଦର ସୀମା ରହିଲା ନାହିଁ । ସେମାନେ ସେ ଧଳାହାତୀକୁ ନିଜ ସନ୍ତାନ ଭଳି ସ୍ନେହ କଲେ । ଧଳାହାତୀ ମଧ୍ୟ ସେମାନଙ୍କ ସେବା କରୁଥାଏ; ସେମାନଙ୍କୁ ଛାଡ଼ି କୁଆଡ଼େ ଯାଉ ନଥାଏ ।

ଦିନେ ମାଆ ହାତୀ ତା' ସନ୍ତାନକୁ ଛାଡ଼ି ଚାଲିଗଲା । ମରିବା ବେଳ ହେଲେ ବନସ୍ତର ହାତୀମାନେ ଏକ ନିର୍ଜନ ସ୍ଥାନକୁ ଯାଇ ଶୋଇରହି ଶେଷ ମୁହୂର୍ତ୍ତକୁ ଅପେକ୍ଷା କରନ୍ତି ବୋଲି ବିଶ୍ୱାସ । ହାତୀର ବିଦାୟ ନେବା ଭଙ୍ଗୀରୁ ଅଭିଜ୍ଞ କାଠୁରିଆମାନେ ସେକଥା ବୁଝିପାରିଲେ ।

ଦିନ ବିତିଗଲା । ଧଳାହାତୀର ଖ୍ୟାତି ରାଜ୍ୟଯାକ ବ୍ୟାପୀ ଯାଇଥାଏ । ଦିନେ ବାରାଣସୀର ରାଜା ଆସି ସେଠାରେ ପହଞ୍ଚିଲେ । କାଠୁରିଆମାନେ ତାଙ୍କୁ ସମ୍ମାନ ଦେଖାଇ ତାଙ୍କ ଆଗମନର କାରଣ ପଚାରନ୍ତେ ସେ କହିଲେ କି ସେମାନଙ୍କଠାରୁ ଏକ ଭିକ୍ଷା ପାଇବା ଆଶାରେ ସେ ଆସିଛନ୍ତି ।

''ମହାରାଜ ! ଏ ରାଜ୍ୟ, ଏ ବନସ୍ତ, ସବୁ ଆପଣଙ୍କର । ଆମେ ଆପଣଙ୍କୁ କ'ଣ ଦେଇପାରିବୁ ?'' ପଚାରିଲେ କାଠୁରିଆମାନେ ।

''ମୋତେ ତୁମର ଏ ହାତୀଟିକୁ ଦିଅ ।'' ରାଜା କହିଲେ ।

''ମହାରାଜ ! ଆପଣ ଯେତେବେଳେ ଏ ହାତୀକୁ ପସନ୍ଦ କରିଛନ୍ତି, ଆମେ ନିଶ୍ଚିତ ଯେ ଆପଣଙ୍କ ପାଖରେ ସେ ବହୁତ ସୁଖରେ ରହିବ । ଆପଣ ନେଇଯାଆନ୍ତୁ ।'' କହିଲେ କାଠୁରିଆମାନେ ।

କିନ୍ତୁ ରାଜାଙ୍କ ଦେହରକ୍ଷୀମାନେ ହାତୀକୁ ଯେତେ ଟାଣିଲେ ବା ଠେଲିଲେ ମଧ୍ୟ ସେ ଟଳିଲା ନାହିଁ ।

''ମହାରାଜ ! ହାତୀ ଚାହେଁ ତା'ର ଅଭିଭାବକମାନେ ଆନନ୍ଦରେ ତାକୁ ଅର୍ପଣ କରନ୍ତୁ । ତେଣୁ ଆପଣ ସେମାନଙ୍କୁ କିଛି କ୍ଷତିପୂରଣ ଦିଅନ୍ତୁ ।'' ମହାମନ୍ତ୍ରୀ କହିଲେ ।

ରାଜା କାଳବିଳମ୍ବ ନ କରି କଟୁଆଳ ପଠାଇ ତାଙ୍କ କୋଷାଗାରରୁ ଥଳିଟିଏ ସ୍ୱର୍ଣ୍ଣମୁଦ୍ରା ଅଣାଇଲେ ଏବଂ ପ୍ରତି କାଠୁରିଆକୁ କିଛି କିଛି ଦେଲେ । ହାତୀ ତା'ପରେ ପ୍ରତି କାଠୁରିଆକୁ ତା' ଶୁଣ୍ଢ ଯୋଗେ ଥରେ ଥରେ ଛୁଇଁଦେଇ ରାଜାଙ୍କୁ ଅନୁସରଣ କଲା । ନଅର ଭିତରେ ହେଲା ତା' ପାଇଁ ସ୍ଥାନ ।

ରାଜା ହାତୀର ପ୍ରଗାଢ଼ ଯତ୍ନ ନେଲେ । ତା' ପାଇଁ ସ୍ୱତନ୍ତ୍ର ପରିଚାରକ ନିଯୁକ୍ତ ହେଲେ । ସପ୍ତାହରେ ଥରେ ତାକୁ ସଜ୍ଜିତ କରି ତା' ଉପରେ ବସି ରାଜା ଶିବ ମନ୍ଦିରକୁ ଯାଆନ୍ତି । ସେତେବେଳେ ସେ ଦୃଶ୍ୟ ଦେଖିବା ନିମନ୍ତେ ରାଜପଥରେ ଲୋକେ ଧାଡ଼ି ବାନ୍ଧି ଠିଆ ହୋଇ ରହୁଥା'ନ୍ତି ।

ଥରେ ଥରେ ରାଜା ଏକୁଟିଆ ହାତୀ ସହ କଥା ହେବାର ଦେଖାଯାଉଥାଏ । ସତେ ଯେପରି ହାତୀ ସବୁ ବୁଝୁଛି ।

କେତେ ବର୍ଷ ବିତିଗଲା । ଦିନେ ଆକସ୍ମିକ ଭାବରେ ରାଜାଙ୍କର ପରଲୋକ ହୋଇଗଲା । ନଅରରେ ତଥା ରାଜ୍ୟରେ ଶୋକର ଲହରୀ ଖେଳିଗଲା । ହାତୀକୁ କେହି କିଛି ନ କହିଲେ

ମଧ୍ୟ ସେ ଅଶ୍ରୁପାତ କରିବାର ଦେଖାଗଲା । ରାଣୀଙ୍କ ନିର୍ଦ୍ଦେଶରେ ହାତୀର ସେବାରେ କେହି ତ୍ରୁଟି କଲେ ନାହିଁ ।

ଦିନେ କୋଶଳର ରାଜା ତାଙ୍କ ସୈନ୍ୟବାହିନୀ ଧରି ବାରାଣସୀ ଉପକଣ୍ଠରେ ପହଞ୍ଚିଲେ । ସେ ଜାଣିଥିଲେ ସେ ନଗରୀର ରାଜା ଆଉ ନାହାନ୍ତି । ତେଣୁ ସହଜରେ ସେ ତାହା ଦଖଲ କରିନେବେ ।

ସେତେବେଳେ ରାଣୀ ଅନ୍ତଃସତ୍ତ୍ୱା ଥିଲେ । ତାଙ୍କୁ ପରିଚର୍ଯ୍ୟା କରୁଥିବା ସେବିକା ଓ ତାଙ୍କ ନିଜର ଧାଈ ଜାଣିଥିଲେ ଯେ ଦିନ କେତୋଟିରେ ସେ ସନ୍ତାନ ଜନ୍ମ ଦେବେ । କୋଶଳର ରାଜା ପରାକ୍ରମୀ; ତାଙ୍କ ସୈନ୍ୟଦଳ ବିଶାଳ । ସେଭଳି ଶତ୍ରୁ ସହ ଯୁଦ୍ଧ କରି ଜିତିବା ସହଜ ନୁହେଁ । ମହାମନ୍ତ୍ରୀ ପ୍ରାସାଦର ଛାତ ଉପରକୁ ଉଠିଯାଇ କୋଶଳ ରାଜାଙ୍କ ଉଦ୍ଦେଶ୍ୟରେ ପାଟି କରି କହିଲେ, ''ହେ ଆଗନ୍ତୁକ ରାଜା ! ଆପଣଙ୍କୁ ଆମେ ସତ କହୁଛୁଁ । ଦିନ କେତୋଟି ଭିତରେ ଆମ ରାଣୀ ହେବେ ମାଆ । ଯଦି ସେ କନ୍ୟା ଜନ୍ମ ଦେବେ ତେବେ ସେ ତାକୁ ଧରି ନିଜ ପିତ୍ରାଳୟକୁ ଚାଲିଯିବେ । ବିନା ଯୁଦ୍ଧରେ ବାରାଣସୀ ଆପଣଙ୍କର ହେବ । କିନ୍ତୁ ଯଦି ସେ ହେବେ ପୁତ୍ର ସନ୍ତାନର ଜନନୀ ତେବେ ଆମର ଶେଷ ରକ୍ତବିନ୍ଦୁ ଦେଇ ଆମେ ତାଙ୍କ ରାଜ୍ୟ ରକ୍ଷା କରିବାକୁ ଲଢ଼େଇ କରିବୁ । କ'ଣ ଆପଣଙ୍କ ସିଦ୍ଧାନ୍ତ ?''

କୋଶଳ ରାଜାଙ୍କୁ ପ୍ରସ୍ତାବଟି ଭଲ ଲାଗିଲା । ବିନା ସୈନ୍ୟ କ୍ଷୟରେ ନଗରୀ ମିଳିଯିବାର ସମ୍ଭାବନାକୁ ତାଙ୍କ ମନ୍ତ୍ରୀମାନେ ମଧ୍ୟ ସ୍ୱାଗତ କଲେ । ସେ ଅପେକ୍ଷା କରିବାକୁ ପ୍ରସ୍ତୁତ ବୋଲି ଜଣାଇଲେ ।

ନଗରୀ ବାହାରେ ଶତ୍ରୁ ରାଜାଙ୍କ ଶିବିର । ସେ ଉତ୍କଣ୍ଠା ଭରେ ଅପେକ୍ଷା କରିଥା'ନ୍ତି । ଦଶଦିନ ଉତ୍ତାରୁ ରାଣୀ ଜନ୍ମ ଦେଲେ ଏକ ପୁତ୍ର ସନ୍ତାନ । ବାରାଣସୀର ମହାମନ୍ତ୍ରୀ ରାଣୀଙ୍କ ସହ ପରାମର୍ଶ କରି ସେନାପତିଙ୍କୁ ନଗରୀ ରକ୍ଷା ନିମନ୍ତେ ଯୁଦ୍ଧ କରିବାକୁ ନିର୍ଦ୍ଦେଶ ଦେଲେ । କୋଶଳ ଶିବିରକୁ ସେହି ଅନୁସାରେ ସମ୍ବାଦ ଦିଆଗଲା ।

ଘମାଘୋଟ ଯୁଦ୍ଧ ଲାଗିଗଲା । ବାରାଣସୀର ସୈନ୍ୟ-ବାହିନୀ ପ୍ରବଳ ପରାକ୍ରମ ସହକାରେ ନଗରୀ ରକ୍ଷା ପାଇଁ ଲଢ଼ିଲେ । କିନ୍ତୁ କୋଶଳର ସୈନ୍ୟବଳ ପ୍ରଚଣ୍ଡ । କ୍ରମେ ଜଣାଗଲା, ନଗରୀର ପତନ ରୋକି ହେବ ନାହିଁ । ଯେକୌଣସି ମୁହୂର୍ତ୍ତରେ ଦୁର୍ଗର ପ୍ରାଚୀର ଧୂଳିସାତ୍ କରି ପଶିଆସିବ ଶତ୍ରୁପକ୍ଷ ।

ରାଣୀ ନିଜର ନବଜାତ ସନ୍ତାନକୁ କୋଳରେ ଧରି ଯାଇ ପହଞ୍ଚିଲେ ଧଳାହାତୀ ପାଖରେ । ଅଶ୍ରୁପାତ କରି କହିଲେ, ''ତୁମେ ଥିଲ ମୋ ସ୍ୱାମୀଙ୍କର ବନ୍ଧୁ । ସେ ନିଜ ସୁଖ ଅପେକ୍ଷା ତୁମ ସୁଖ ପ୍ରତି ଅଧିକ ଧ୍ୟାନ ଦେଉଥିଲେ । ଶତ୍ରୁପକ୍ଷ ତୁମ ପ୍ରତି କିଭଳି ଆଚରଣ କରିବ ଜାଣେନା । ମୋର ପ୍ରବଳ ଆକାଂକ୍ଷା ହେଲା ଥରେ ତୁମ ଆଗରେ ଏ ରାଜପୁତ୍ରକୁ ଆଣି ଥୋଇବି । ତୁମେ ପାରିଲେ ଏହାକୁ ବଞ୍ଚାଅ ।''

ହାତୀ ସ୍ଥିର ଭାବରେ ଶୁଣୁଥାଏ । ସେ ଥରେ ନିଜ ଶୁଣ୍ଢ ଯୋଗେ ଶିଶୁକୁ ଉଠାଇ ପୁଣି ରାଣୀଙ୍କ କୋଳରେ ଥୋଇଦେଲା । ତା'ପରେ ହଠାତ୍ ଗୋଟାଏ ଭୀଷଣ ରଡ଼ି ଛାଡ଼ି ଦୁର୍ଗ ଦ୍ୱାର ଅଭିମୁଖେ ଦୌଡ଼ିଲା । ରାଣୀଙ୍କ ଆଦେଶରେ ଦ୍ୱାର ଖୋଲି ଦିଆଗଲା । ହାତୀ ପ୍ରବଳ ବେଗରେ ଧାଇଁଲା କୋଶଳ ରାଜାଙ୍କ ଶିବିର ଆଡ଼େ ।

ସେତେବେଳକୁ କୋଶଳ ରାଜା ଧରି ନେଲେଣି ଯେ ବାରାଣସୀ ତାଙ୍କର । ସେ ମନ୍ତ୍ରୀମାନଙ୍କୁ ବସାଇ ବାରାଣସୀର ମହାମନ୍ତ୍ରୀଙ୍କ ପାଖକୁ ତାଙ୍କ ପକ୍ଷର ଆତ୍ମସମର୍ପଣ ସକାଶେ ଦାବି କରି ଚିଠି ଲେଖୁଥିଲେ । ଅଚାନକେ ହାତୀ ଯାଇ ତାଙ୍କୁ ଶୁଣ୍ଢ ଯୋଗେ ଟେକି ନେଲା । କେହି କିଛି ବୁଝିପାରିବା ପୂର୍ବରୁ ରାଜାଙ୍କ ଜୀବନ ହେଲା ବିପନ୍ନ । ତାଙ୍କ ସୈନ୍ୟସାମନ୍ତ ହତବାକ୍ ହୋଇ ବଲବଲ କରି ଅନାଇଥା'ନ୍ତି । ହାତୀକୁ ଆକ୍ରମଣ କଲେ ସେ ରାଜାଙ୍କୁ ଛେଚି ମାରିଦେବ । ସମସ୍ତେ ନିରୂପାୟ ।

ହାତୀ ଦୁର୍ଗ ଭିତରକୁ ଲେଉଟି ଆସି ବନ୍ଦୀ ରାଜାଙ୍କୁ ରାଣୀଙ୍କ କୋଳରେ ଥିବା ଶିଶୁ ରାଜପୁତ୍ର ଆଗରେ ଥୋଇ ଦେଲା । ତତ୍‌କ୍ଷଣାତ୍ ପ୍ରାସାଦରକ୍ଷୀମାନେ ତାଙ୍କୁ ବନ୍ଦୀ କଲେ ।

ଶତ୍ରୁ ରାଜା ବନ୍ଦୀ ହେବା ମାତ୍ରେ ବାରାଣସୀର ସୈନ୍ୟଦଳ ପ୍ରବଳ ଉତ୍ସାହରେ କୋଶଳ ସୈନ୍ୟବାହିନୀ ଉପରେ କଲେ ଭୀଷଣ ଆକ୍ରମଣ । ନିଜ ରାଜାଙ୍କ ଦୁରବସ୍ଥା ବୁଝି ହତବାକ୍ କୋଶଳ ବାହିନୀ ଛତ୍ରଭଙ୍ଗ ଦେଲେ ।

ବନ୍ଦୀ କୋଶଳରାଜ ବାରାଣସୀର ରାଣୀ ଓ ମହାମନ୍ତ୍ରୀଙ୍କ ପାଖରେ କ୍ଷମା ଭିକ୍ଷା କଲେ । ଜୀବନରେ ଆଉ କେବେହେଲେ ଶତ୍ରୁତା କରିବେ ନାହିଁ ବୋଲି ଶପଥ ନେଲେ ଏବଂ ତା'ପରେ ମୁକ୍ତି ପାଇଲେ ।

ବିଚିତ୍ର ଭାବରେ ହେଲା ବାରାଣସୀର ବିଜୟ । ଶିଶୁ ରାଜପୁତ୍ର ବଡ଼ ହୋଇ ସିଂହାସନ ଆରୋହଣ କରିବା ଯାଏ

ଧଳାହାତୀ ବଞ୍ଚୁଥାଏ । ରାଜପୁତ୍ର ତାକୁ ଅତ୍ୟନ୍ତ ସମ୍ମାନ ଦେଖାଉଥା'ନ୍ତି । ଥରେ ଥରେ ହାତୀ ତାଙ୍କୁ ପିଠିରେ ବସାଇ ନଗରୀ ବୁଲି ଆସୁଥାଏ । ଅବଶେଷରେ ଦିନେ ଅଶ୍ରୁପାତ କରି, ରାଜପୁତ୍ରଙ୍କୁ ଆଶୀର୍ବାଦ କରି ହାତୀ ବଣଆଡ଼େ ଅଗ୍ରସର ହେଲା । ସମସ୍ତେ ବୁଝିଲେ, ତା'ର ଅନ୍ତିମ ସମୟ ଉପସ୍ଥିତ । ସେ ଆଉ ଫେରିଲା ନାହିଁ ।

ସେ ରାଜପୁତ୍ର ଥିଲେ ବୋଧିସତ୍ତ୍ୱ । ଅର୍ଥାତ୍ କପିଳବାସ୍ତୁର ରାଜପୁତ୍ର ରୂପେ ଜନ୍ମଗ୍ରହଣ କରି ସେ ବୁଦ୍ଧଦେବ ହେବା ପୂର୍ବରୁ ଅନେକ ଥର ବିଭିନ୍ନ ଚରିତ୍ର ରୂପେ ଜନ୍ମଗ୍ରହଣ କରିଥିଲେ । ସେହିଥିରୁ ଗୋଟିଏ ଜନ୍ମରେ ସେ ବାରାଣସୀର ସେହି ରାଜପୁତ୍ର ତଥା ରାଜା ଥିଲେ ।

(ପୁନଃକଥିତ ଜାତକ କାହାଣୀ) ❑

## ସୁଯୋଗ

ବହୁବର୍ଷ ପୂର୍ବର କଥା । ପଥର ମୂର୍ତ୍ତିଟିଏ ଥିଲା ଗ୍ରୀସ୍ ସହରରେ । ମୂର୍ତ୍ତିଟି ଠିଆହୋଇଥିଲା ଏକ ଛୋଟ ବେଦି ଉପରେ । ସେଥିରେ କିଛି ଲେଖା ବହୁଦିନ ପର୍ଯ୍ୟନ୍ତ ଥିଲା; ଯଦିଓ ମୂର୍ତ୍ତିଟିରୁ ଛୋଟ ଛୋଟ ପଥର ଖଣ୍ଡ ଝଡ଼ି ଝଡ଼ି ତା'ର ଆଉ ଅସ୍ତିତ୍ୱ ନଥିଲା । ଯେଉଁ ଛୋଟ ଲେଖା କେତେ ଧାଡ଼ି ଥିଲା, ସେଗୁଡ଼ିକ ହେଉଛି, ମୂର୍ତ୍ତିଟି ପଥିକମାନଙ୍କ ସହିତ କଥାବାର୍ତ୍ତା ଛଳରେ ନିଜ ବିଷୟରେ ଯାହା କହୁଛି ।

ପଥିକ : ହେ ମୂର୍ତ୍ତି, ତୁମର ନାମ କ'ଣ ?

ମୂର୍ତ୍ତି : ମୋର ନାମ 'ସୁଯୋଗ' ।

ପଥିକ : ତୁମକୁ କିଏ ତିଆରି କରିଛି ?

ମୂର୍ତ୍ତି : ମୂର୍ତ୍ତି ନିର୍ମାଣକାରୀ ଲିସିପସ୍ ।

ପଥିକ : ତୁମେ ତୁମ ଆଙ୍ଗୁଠିମାନଙ୍କ ଉପରେ କାହିଁକି ଠିଆହୋଇଛ ?

ମୂର୍ତ୍ତି : ତୁମମାନଙ୍କୁ ବୁଝାଇଦେବାକୁ ଯେ ମୁଁ କେବଳ ମୁହୂର୍ତ୍ତକ ପାଇଁ ରହିଥାଏ ।

ପଥିକ : ତୁମ ପାଦରେ ପକ୍ଷୀ ଲାଗିଛି କାହିଁକି ?

ମୂର୍ତ୍ତି : ଦେଖାଇଦେବାକୁ ଯେ ମୁଁ ବହୁତ ଶୀଘ୍ର ପଳାଇଯାଏ – ଏଇ ଆସିଲି, ଏଇ ଗଲି ।

ପଥିକ : ତୁମ କପାଳରେ ଏତେ ଲମ୍ବା କେଶରାଶି କାହିଁକି ଅଛି ?

ମୂର୍ତ୍ତି : କାରଣ ମଣିଷମାନେ ମୋତେ ଦେଖିବାମାତ୍ରେ ସହଜରେ ଧରି ରଖିପାରିବେ ।

ପଥିକ : କିନ୍ତୁ ତୁମ ମଥାର ପଛପଟରେ ଗୋଟିଏ ହେଲେ କେଶ ନାହିଁ – ପୂରା ଲଣ୍ଡା । ଏହାର ତାତ୍ପର୍ଯ୍ୟ କ'ଣ ?

ମୂର୍ତ୍ତି : ଏହି କଥା ମନେପକାଇ ଦେବାକୁ ଯେ ମୁଁ ଥରେ ହାତରୁ ଖସିଗଲେ ମୋତେ ଆଉ ପାଇବ ନାହିଁ ।

ତା'ପରେ 'ସୁଯୋଗ' ମୂର୍ତ୍ତି ନିଜ ବିଷୟରେ କହୁଥିଲେ : ''ଯେଉଁମାନେ କହନ୍ତି ଥରେ ଛାଡ଼ିଲେ ମୁଁ ଆଉ କେବେହେଲେ ଆସିବି ନାହିଁ ବୋଲି, ସେମାନେ ମୋ ପ୍ରତି ମିଥ୍ୟାଚାରର ଆଘାତ ଦିଅନ୍ତି । ଥରେ ଯଦି ମୁଁ ତୁମ ଦ୍ୱାରରେ କରାଘାତ କରିଛି ଏବଂ ତୁମକୁ ଭିତରେ ଦେଖି ନ ପାରିଛି, ସେତେବେଳେ ତୁମେ ଭାବ ଯେ ମୁଁ ଚାଲିଗଲି । କିନ୍ତୁ ଦିନ ପରେ ଦିନ, ପ୍ରତ୍ୟେକ ଦିନ ମୁଁ ତୁମ ଦ୍ୱାରର ବାହାର ପଟେ ଛିଡ଼ାହୋଇଛି ଏବଂ ସେଇଠି ଥାଇ ତୁମକୁ କହିଚାଲିଛି – ''ଜାଗ୍ରତ୍ ହୁଅ, ଉତ୍ଥିତ ହୁଅ ଏବଂ ତା'ପରେ ସଂଗ୍ରାମ କର ଓ ବିଜୟୀ ହୁଅ ।''

(ଉପସ୍ଥାପନା : ଫାଲ୍‌ଗୁନୀ) ❑

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୪୩)

## ମହେନ୍ଦ୍ରନାଥ ସ୍ୱାଇଁ

**ପ୍ରଭୁଙ୍କ ଅପେକ୍ଷାରେ :**

ଶ୍ରୀମାଶ୍ରୀଅରବିନ୍ଦଙ୍କ ଅଗଣିତ ଭକ୍ତ, ସାଧକ-ସାଧିକା ଏବଂ ପୂର୍ଣ୍ଣଯୋଗକୁ ଅଭ୍ୟାସ କରିବା ନିମନ୍ତେ ଅଭୀପ୍ସା ରଖୁଥିବା ମାତୃସନ୍ତାନମାନେ ପ୍ରତ୍ୟେକେ ଅନୁଭବ କରନ୍ତି ଯେ ସେମାନେ ପରିଶ୍ରମ ତଥା ସାଧନା କରି ଯୋଗପଥରେ ଯେତିକି ଅଗ୍ରସର ହେଉଥା'ନ୍ତି, ବିରୋଧୀ ଶକ୍ତିମାନେ ସେମାନଙ୍କର ସମସ୍ତ ଶକ୍ତି ପ୍ରୟୋଗ କରି ସେମାନଙ୍କୁ ସେତିକି ପଛକୁ ଟାଣୁଥା'ନ୍ତି । ସାଧକଟିଏ ଅନ୍ତରସ୍ଥ ଦିବ୍ୟାନନ୍ଦ ଭିତରେ ବୁଡି ଯାଉଥିବା ବେଳେ ବିରୋଧୀ ଶକ୍ତିମାନେ ତାଙ୍କୁ ଟାଣି ଉପରକୁ ଉଠାଇ ଆଣନ୍ତି, ଭୟ ଦେଖାଉଥା'ନ୍ତି ଏବଂ ପ୍ରଲୋଭନ ମଧ୍ୟ ଦେଖାଉଥା'ନ୍ତି । ଏହି ପ୍ରକାର ଅବସ୍ଥାରୁ ଉଦ୍ଧାର ପାଇବା ପାଇଁ ଦିବ୍ୟଜନନୀ ଶ୍ରୀମାଙ୍କର ଶକ୍ତି, ଅନୁକମ୍ପା ଓ କୃପାର ଆବଶ୍ୟକତା ରହିଛି । ଏହି ପରିପ୍ରେକ୍ଷୀରେ ଆଶ୍ରମର ଜଣୈକା ବରିଷ୍ଠ ସାଧିକାଙ୍କ ଅନୁଭୂତିକୁ ଏଠାରେ ପ୍ରକାଶ କଲେ ଅତ୍ୟୁକ୍ତି ହେବ ନାହିଁ । ତାହା ହେଲା –

ସେ କହନ୍ତି, ''ମୋର ପଡ଼ୋଶୀ ଦୟାପରବଶ ହୋଇ ଦୁଇଟି ବୁଲାକୁକୁରଙ୍କୁ ଖାଇବାକୁ ଦେଉଥା'ନ୍ତି ଏବଂ ସେମାନେ ମୋ ଶୋଇବା ଘରର ଝରକା ତଳେ ଥିବା ରାସ୍ତାକଡ଼ରେ ରାତିରେ ଶୋଇ ରହନ୍ତି ଏବଂ ଅଧାରାତି ପର୍ଯ୍ୟନ୍ତ ମଝିରେ ମଝିରେ ଉଚ୍ଚସ୍ୱରରେ ଭୁକୁଥା'ନ୍ତି । ଫଳରେ ମୋତେ ଟିକିଏ ନିଦ ଲାଗିଗଲେ ମଧ୍ୟ ପରକ୍ଷଣରେ ତା' ଭାଙ୍ଗି ଯାଉଥାଏ । ଏହିପରି ଛଅ ବର୍ଷ ଚାଲିଲା । ଏହି ଅବସ୍ଥାରେ ମୋର ଅସୁବିଧାଟି ହେଲା – ହଠାତ୍ ନିଦ ଭାଙ୍ଗିଗଲେ ମୁଁ ମୋ ଛାତି ଭିତରେ ତୀବ୍ର ଯନ୍ତ୍ରଣା ଅନୁଭବ କରେ । ଡାକ୍ତରଙ୍କୁ ପରାମର୍ଶ କଲି । ସେମାନେ ବହୁ ପରୀକ୍ଷା-ନିରୀକ୍ଷା ପରେ କହିଲେ ଯେ ମୋର ହୃତ୍‌ପିଣ୍ଡ ଓ ରକ୍ତ ସଂଚାଳନ ପ୍ରକ୍ରିୟାରେ କୌଣସି ଅସୁବିଧା ନାହିଁ । କିନ୍ତୁ ମୋର ଯନ୍ତ୍ରଣା ଦିନକୁ ଦିନ ବଢ଼ି ଚାଲିଥାଏ । ମା'ଙ୍କୁ ପ୍ରାର୍ଥନା କରୁଥାଏ; ଦିନେ ପ୍ରାର୍ଥନା ସମୟରେ ମା କୃପାକରି ତାଙ୍କରି ଲେଖାର ଏକ ଅନୁଚ୍ଛେଦ ଆଡ଼କୁ ମୋ ଦୃଷ୍ଟି ଟାଣି ନେଲେ, ଯେଉଁଠାରେ ସେ ମୋର ଏହି ଅସୁବିଧା ସମ୍ପର୍କରେ ବୁଝାଇଥିଲେ । ତାହା ହେଲା, 'When the being goes out of body at night and some sudden disturbance makes it rush into the body, it experiences great pain.'

ଅର୍ଥାତ୍, 'ରାତିରେ ଶୋଇଥିବା ବେଳେ ଆନ୍ତର ସତ୍ତା ବା ଅନ୍ତଃପୁରୁଷ ଶରୀରରୁ ବାହାରି ବାହାରକୁ ଯାଇଥା'ନ୍ତି, ଯଦି ହଠାତ୍ କିଛି ବ୍ୟାଘାତ ସୃଷ୍ଟି ହେଲା ତେବେ ସେ କ୍ଷିପ୍ର ଗତିରେ ପୁନଶ୍ଚ ଶରୀର ଭିତରକୁ ଫେରି ଆସନ୍ତି, ଏତତ୍ ଦ୍ୱାରା ବ୍ୟକ୍ତିକୁ ବହୁତ ଯନ୍ତ୍ରଣା ଅନୁଭୂତ ହୋଇଥାଏ ।'

''ଏହାକୁ ଅନୁଧ୍ୟାନ କଲାପରେ ମୁଁ ମୋର ଯନ୍ତ୍ରଣା ସମ୍ପର୍କରେ ସଚେତନ ହୋଇଗଲି । ତା'ପରେ ପରେ ହଠାତ୍ ମୋର ଛାତି ଭିତରର ଯନ୍ତ୍ରଣା କୁଆଡ଼େ ଉଭେଇଗଲା ଏବଂ ତତ୍ ସଙ୍ଗେ ସଙ୍ଗେ କୁକୁରମାନଙ୍କର ଭୁକିବା ଶବ୍ଦ ମଧ୍ୟ ।''

ଏକଥା ସତ୍ୟ ଯେ ଯେତେବେଳେ ଆମେ ଯୋଗପଥରେ ଅଗ୍ରସର ହେଉଥାଉ ସେତେବେଳେ ଆମ ସମ୍ମୁଖରେ ଏପରି ଘଟଣାମାନ ମୁଣ୍ଡ ଟେକନ୍ତି ଯାହାର ସମାଧାନ ଆମ ହାତରେ ନଥାଏ, ଆମେ ମଧ୍ୟ ସେହି ଘଟଣାମାନଙ୍କର କାରଣ ହୋଇ ନଥାଉ, କିନ୍ତୁ ତାହା ଘଟିବା ଅନିବାର୍ଯ୍ୟ ହୋଇଥାଏ । ଆମେ ସେସବୁକୁ ଧୀରସ୍ଥିର ଭାବରେ, ବିଚଳିତ ନ ହୋଇ ଗ୍ରହଣ କରି ମା'ଙ୍କ ସାନ୍ନିଧ୍ୟକୁ ନେଇଯିବା ବ୍ୟତୀତ ଅନ୍ୟ ଉପାୟ ନଥାଏ । ଏହି ପରିପେକ୍ଷୀରେ ଆସନ୍ତୁ ଦିବ୍ୟ-ଜନନୀଙ୍କ ଅଗଷ୍ଟ ୨, ୧୯୧୩ ପ୍ରାର୍ଥନାଟିକୁ ପାଠ କରିବା ଏବଂ ତା'ର ଅନ୍ତଃସ୍ରୋତ ସହିତ ଧ୍ୟାନସ୍ଥ ହୋଇ ନିରୀକ୍ଷଣ କରିବା । ମା'ଙ୍କ ଅମୃତ ଲେଖନୀରୁ ଝରିପଡ଼େ :

''This morning, as I was glancing over the month that is beginning and wondering how I could serve Thee better, I heard the small voice within like a murmur in the silence, and this is what it said to me: 'See how very

little all outer circumstances matter. Why strive and strain so to realise thy own conception of Truth ? Be more supple, more trusting. The only duty is not to let oneself be troubled by anything. To torment oneself about doing the right thing causes as much harm as a bad will. Only in a calm as of deep waters can be found the possibility of True Service.'

''ଆଜି ସକାଳେ ଯେତେବେଳେ ମୁଁ ଆରମ୍ଭ ହେବାକୁ ଯାଉଥିବା ମାସଟି ଉପରେ ଆଖି ବୁଲାଇ ନେଉଥିଲି ଏବଂ ଭାବୁଥିଲି କିପରି ଆପଣଙ୍କ ସେବା ଅଧିକ ଭଲଭାବରେ କରିପାରିବି ଠିକ୍ ସେତିକିବେଳେ ଗଭୀର ନୀରବତା ଭିତରେ ଗୁଞ୍ଜରିତ ହେଉଥିବା ଏକ ଅନୁଚ୍ଚ ଏବଂ କ୍ଷୀଣ ସ୍ୱର ଶ୍ରବଣ କରିପାରିଲି, ଏବଂ ସେହି ସ୍ୱରଟି ମୋତେ କହୁଥିଲା : 'ଦେଖ ବାହ୍ୟ ପରିସ୍ଥିତିରେ ଘଟୁଥିବା ଘଟଣାମାନ କେତେ କ୍ଷୁଦ୍ର । ତୁମ ନିଜ ଧାରଣା ବା ବୁଝିବାର ସାମର୍ଥ୍ୟକୁ ଉପଯୋଗ କରି ପରମ ସତ୍ୟକୁ ଅନୁଭବ କରିବା ପାଇଁ କାହିଁକି ପ୍ରଚେଷ୍ଟା କରୁଛ ଏବଂ କଷ୍ଟ ଉଠାଉଛ ? ଅଧିକରୁ ଅଧିକ ନମନୀୟ ହୁଅ, ଆସ୍ଥା ରଖ । କୌଣସି କଥାରେ ନିଜକୁ କଷ୍ଟ ଦେବାକୁ ଆଗଭର ନହେବା ହିଁ ଏକମାତ୍ର କର୍ତ୍ତବ୍ୟ ଅଟେ । ଉତ୍ତମ ରୂପେ କାର୍ଯ୍ୟଟି କରିବା ନିମନ୍ତେ ବ୍ୟସ୍ତ ବିବ୍ରତ ହୋଇ ଉଠିବା ହିଁ ଅସତ୍ ଇଚ୍ଛା ଭଳି କୁପରିଣାମକୁ ଡାକି ଆଣିଥାଏ । କେବଳ ଏକ ସ୍ଥିର ଗଭୀର ଜଳଧାରା ସଦୃଶ ପ୍ରଶାନ୍ତି ମଧ୍ୟରେ ହିଁ ନିହିତ ହୋଇ ରହିଛି ଯଥାର୍ଥ ସେବାର ସମ୍ଭାବନା ।' ''

ଗୋଟିଏ ମାସ ଚାଲିଯାଉଛି, ଆଗାମୀ ମାସରେ ଆମେ କ'ଣ କ'ଣ କରିବା ଯାହା ଫଳରେ ଭଲଭାବରେ ଶ୍ରୀମା-ଶ୍ରୀଅରବିନ୍ଦଙ୍କ କାମ କରିପାରିବା, ସେଥିପାଇଁ ଆମେ କର୍ମସୂଚୀ ବା ଆଗକୁ ଅଗ୍ରସର ହେବାପାଇଁ ରୋଡ୍‌ମ୍ୟାପ (Road Map) ପ୍ରସ୍ତୁତ କରୁଛେ । ଆମ ଇନ୍ଦ୍ରିୟମାନଙ୍କର ସାମର୍ଥ୍ୟ ଅନୁସାରେ ଠିକ୍ କାମ କରିବା ପାଇଁ ନିଜକୁ କଷ୍ଟ ଦେଉଛେ, ପ୍ରଚେଷ୍ଟାରେ ଲାଗି ପଡୁଛେ । କିନ୍ତୁ ଦିବ୍ୟଜନନୀ ଗଭୀର ନୀରବତା ଭିତରେ ଏକ ଅସ୍ପଷ୍ଟ କ୍ଷୀଣ ସ୍ୱର ଶୁଣି ପାରୁଛନ୍ତି । ସେହି ସ୍ୱରରେ ଗୁଞ୍ଜରିତ ହେଉଛି, ''ତୁମେ ଯଦି ନିଜ ଚେଷ୍ଟାରେ, ନିଜକୁ କଷ୍ଟ ଦେଇ ପରମ ସତ୍ୟଙ୍କୁ ଜାଣିବା ପାଇଁ, ଅନୁଭବ କରିବା ପାଇଁ ଚେଷ୍ଟା କରୁଛ ତାହାହେଲେ ସେଥିରେ ସଫଳ ହେବ ନାହିଁ । ପରମସତ୍ୟଙ୍କୁ ଜାଣିବାର ଉପାୟ ହେଲା ଦୁଇଟି – "Be more supple, more trusting" ''ନମନୀୟତା'' ଓ ''ଆସ୍ଥା'' । ଯାହାକିଛି ଘଟଣା ଘଟୁ ନା କାହିଁକି, ଭଲ ହେଉ ବା ମନ୍ଦ ହେଉ ଆମକୁ ଧରିନେବାକୁ ହେବ, ''Even this is Divine Grace''– ଏହି ଘଟଣାଟି ପ୍ରଭୁଙ୍କ ଇଚ୍ଛା । ଶ୍ରୀମାଶ୍ରୀଅରବିନ୍ଦଙ୍କ ଉପରେ ଆସ୍ଥା ଥିଲେ କିଛିଦିନ ପରେ ସେହି ଘଟଣାର ରହସ୍ୟ ଉପରୁ ପରଦା ହଟିଯାଏ ଏବଂ ଆମେ ପ୍ରକୃତ ବିଷୟଟି ଜାଣିପାରୁ, ସେତେବେଳେ ଯାଇ କହୁ ''ଯାହା ଘଟିଥିଲା ଠିକ୍ ଘଟିଥିଲା ।''

ଉକ୍ତ ପ୍ରାର୍ଥନାଟିର ଦ୍ୱିତୀୟ ଅନୁଚ୍ଛେଦରେ ମା କୁହନ୍ତି – ''And this reply was so luminous and pure, it carried within itself such a striking reality, that the state it described was communicated without any difficulty. It seemed to me I was floating in the calm of deep waters; I understood; I saw clearly what the best attitude would be; and now I have only to ask Thee, O Sublime Master, my Supreme Teacher, to give me the strength and clear-sightedness I need to remain constantly in this state.''

''ଏବଂ ଏହି ଉତ୍ତର ଏତେ ଜ୍ୟୋତିର୍ଦୀପ୍ତ ଏବଂ ବିଶୁଦ୍ଧ ଥିଲା ଯେ ଏହା ନିଜ ଭିତରେ ସ୍ୱୟଂ ଏପରି ଏକ ହୃଦୟସ୍ପର୍ଶୀ ବାସ୍ତବତାକୁ ଧାରଣ କରିଥିଲା, ଏହା ଯେଉଁ ଅବସ୍ଥାଟିକୁ ବର୍ଣ୍ଣନା କରିଥିଲା ତାହା ମୋ ମଧ୍ୟରେ ସଂଚାରିତ ହେବାରେ କୌଣସି ପ୍ରତିବନ୍ଧକ ନଥିଲା । ମୋର ମନେ ହେଉଥିଲା ଯେପରି ମୁଁ ସ୍ଥିର ଗଭୀର ଜଳରାଶିର ଉପରିଭାଗରେ ଭାସମାନ ଅବସ୍ଥାରେ ରହିଛି; ମୁଁ ବୁଝିପାରିଲି; ମୁଁ ପରିଷ୍କାର ଦେଖିପାରିଲି ଯେ ସର୍ବୋତ୍କୃଷ୍ଟ ମନୋଭାବଟି କିପରି ହେବା ଉଚିତ; ଏବଂ ବର୍ତ୍ତମାନ ମୋର ଗୋଟିଏ ମାତ୍ର କଥା ଆପଣଙ୍କୁ ନିବେଦନ କରିବାର ଅଛି, ହେ ମହିମମୟ ପ୍ରଭୁ, ମୋର ସର୍ବୋତ୍ତମ ଦିବ୍ୟଗୁରୁ, ମୋତେ ଶକ୍ତି ଓ ସ୍ୱଚ୍ଛ ବିଶୁଦ୍ଧ ଦୃଷ୍ଟି ପ୍ରଦାନ କରନ୍ତୁ । ମୁଁ ନିରବଚ୍ଛିନ୍ନ ଭାବରେ ଏହି ଅବସ୍ଥା ଭିତରେ ବୁଡ଼ି ରହିବାର ଆବଶ୍ୟକତା ଅନୁଭବ କରୁଅଛି ।''

ଦିବ୍ୟଜନନୀ ସଦାସର୍ବଦା ପ୍ରଭୁଙ୍କ କାର୍ଯ୍ୟରେ ନିଜକୁ ସମର୍ପିତ କରି ଦେଇଛନ୍ତି, କିନ୍ତୁ ସେହି କାର୍ଯ୍ୟରେ ଆଉ ଟିକିଏ

ଅଧିକ ଉତ୍କର୍ଷତା ଆଣିବା ନିମନ୍ତେ ଚିନ୍ତା କରିବା ମାତ୍ରକେ ଭିତରୁ ଏକ କ୍ଷୀଣ ସ୍ୱର ଶୁଣିପାରୁଛନ୍ତି, ତାହା ହେଲା 'ଭଲକର୍ମ' ବା 'ଦିବ୍ୟକର୍ମ' କରିବା ନିମନ୍ତେ ନିଜକୁ କଷ୍ଟ ଦେବା, ବ୍ୟସ୍ତ ହୋଇ ପଡ଼ିବା, କୌଣସି ପରିସ୍ଥିତିରେ ଘର୍ମାକ୍ତ ହେବା ଉଚିତ ନୁହେଁ । ଏହା ଦ୍ୱାରା ପ୍ରଭୂତ କ୍ଷତି ସାଧିତ ହୁଏ, କାର୍ଯ୍ୟ ସମାପ୍ତ ହୁଏ ନାହିଁ ବରଂ ଅନ୍ୟପକ୍ଷରେ ଏକ ଅମଙ୍ଗଳକର ଇଚ୍ଛାକୁ ଡାକି ଆଣେ । ''Only in a calm as of deep waters can be found the possibility of True Service.'' କେବଳ ଗଭୀର ଜଳ ସଦୃଶ ନିଶ୍ଚଳତା ମଧ୍ୟରେହିଁ ପ୍ରକୃତ ସେବାର ସମ୍ଭାବନା ଦୃଷ୍ଟିଗୋଚର ହୋଇଥାଏ ।''

ଦିବ୍ୟଜନନୀଙ୍କର ଉକ୍ତ ଅଗଷ୍ଟ ୨, ୧୯୧୩ ପ୍ରାର୍ଥନାଟି ଆମ ସମସ୍ତଙ୍କର ପ୍ରାର୍ଥନା ହେଉ ଏବଂ ଏକଥା ନିଶ୍ଚିତ ଯେ ଏହି ପ୍ରାର୍ଥନାର ଉତ୍ତର ଆମକୁ ଅବଶ୍ୟ ପ୍ରାପ୍ତ ହେବ – ଆମ ମଧୁମୟୀ ମା'ଙ୍କ ପାଖରୁ । ତାହା ହେଲା :

''Do not torment thyself, child. Silence, peace, peace...''

''ହେ ମୋର ସନ୍ତାନ, ନିଜକୁ ବ୍ୟସ୍ତ ବିବ୍ରତ କର ନାହିଁ । ନୀରବତା, ଶାନ୍ତି, ଶାନ୍ତି...''

(କ୍ରମଶଃ)

❑❑❑

---

**ତଥ୍ୟ ନିର୍ଦ୍ଦେଶିକା**

(୧) Prayers & Meditations - The Mother.

(୨) Musing on the Mother's Prayers and Meditations - Shyam Kumari.

**At last a pimple / acne treatment that *REALLY* works *!!***

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Contact
**63800 00534 / 94422 49355**
Online Store : www.ayurlabsindia.com

Mfr: **Ayurlabs India,** Pondicherry 605001.Ph: 0413-2224935,2339477 Email: ayurlabs@gmail.com

# ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ

## (୭୧)

## ସାହାନା ଦେବୀ

*(ପୂର୍ବ ପ୍ରକାଶିତ ଉତ୍ତାରୁ...)*

**ଶ୍ରୀଅରବିନ୍ଦଙ୍କ ପତ୍ର :** ତୁମର ଅବସ୍ଥା ସମ୍ବନ୍ଧରେ ଯାହା ତୁମେ ଲେଖିଛ ମୋର ମନେ ହୁଏ ତାହା ପ୍ରାୟ ସତ୍ୟ । ସେଥିରେ ନିଶ୍ଚିତ ରୂପେ ଏକ ବୃହତ୍ତର ଆନ୍ତର ପ୍ରଶାନ୍ତି, ଆନ୍ତର ସ୍ଥିରତା (calm) ଏବଂ ଆନ୍ତର ସତ୍ତାର ସ୍ୱାଧୀନତା ରହିଛି ଯାହା ଏକଦା ନ ଥିଲା । ଏହାହିଁ ତୁମକୁ ସାମ୍ୟତା ଦେଉଛି ଯାହା ତୁମେ ସେଠାରେ ଅନୁଭବ କରୁଛ ଏବଂ ତାହା ଆହୁରି ଅଧିକ କ୍ଷମତା ଦେଉଛି ଗୁରୁତର ସଂକଟରୁ ନିଷ୍କୃତି ପାଇବା ନିମନ୍ତେ । ଯେତେବେଳେ ଆନ୍ତର ପ୍ରଶାନ୍ତିର ଭିତ୍ତି ପ୍ରତିଷ୍ଠିତ ହୁଏ ସେତେବେଳେ ବିଚଳିତ ନ ହୋଇ ତଥା ବିନା ଅବସାଦରେ ବାହାରର ବାଧାବିଘ୍ନ ଓ ତ୍ରୁଟିପୂର୍ଣ୍ଣ ଅବସ୍ଥା ମଧ୍ୟରେ ସବୁ ପ୍ରକାରର କାର୍ଯ୍ୟକଳାପ କରାଯାଇପାରେ । ଏଇ କାରଣରୁହିଁ କୌଣସି ବାଧାର ହସ୍ତକ୍ଷେପ ବ୍ୟତିରେକେ ଅନ୍ୟ ସବୁକିଛି ମଧ୍ୟରେ ଅଗ୍ରଗତିର କ୍ଷମତା ଆସିଥାଏ ।

ଦ୍ୱିତୀୟ ପ୍ରଶ୍ନ ବିଷୟରେ ଏହା କୁହାଯାଇପାରେ ଯେ ତା'ର କୌଣସି ସାଧାରଣ ନିୟମ ନାହିଁ, କିନ୍ତୁ ତୁମର ଯେଉଁ ମୂଳଭାବ ରହିଛି ତାହା ହେଉଛି ତୁମ ପାଇଁ ଠିକ୍ – କାରଣ ତୁମର ଆବଶ୍ୟକ ନାହିଁ କୌଣସି ବିଶେଷ କ୍ଷମତାର ବିକାଶ ନିମନ୍ତେ ଯାହାର ପଶ୍ଚାତରେ ରହିଛି ଆହୁରି ଅଧିକ ସମଗ୍ର ଏବଂ ଗଭୀର ଦୃଷ୍ଟିସମ୍ପନ୍ନ ଏବଂ ବ୍ୟାପକ ପ୍ରକୃତିର ଏକ ଐକାନ୍ତିକ ମନୋଭାବ (Sincere attitude) । ଅନ୍ୟମାନେ, ଯେଉଁମାନେ କୌଣସି ବିଶେଷ କ୍ଷମତାର ଉନ୍ନତି ସାଧନ କରିବା ପାଇଁ ଆବଶ୍ୟକ ମନେ କରନ୍ତି ଏବଂ ବାସ୍ତବିକ ତାହା କରିବା ପାଇଁ ସାହାଯ୍ୟ ଚାହାନ୍ତି, ସେମାନେ ତାହା ପାଇଥାଆନ୍ତି ।

(୦୯.୦୬.୩୬)

**ଶ୍ରୀଅରବିନ୍ଦଙ୍କ ପତ୍ର :** ଏହାର ମୂଳସୂତ୍ର ହେଉଛି ସେଇ ଏକହିଁ ବାକ୍‌ସଂଯମର ପ୍ରଶ୍ନ,– ଆନ୍ତର ସମାଲୋଚନା ଏବଂ ଆନ୍ତର ସଂଯମ ବିନା ମନକୁ ବା ପ୍ରାଣକୁ କିଛି କରିବାକୁ, କହିବାକୁ କିଂବା ଗ୍ରହଣ କରି ନେବାକୁ ଦେବ ନାହିଁ । ଥରେ ଯଦି ଏଇ ସମସ୍ତ ଘଟଣା ଉପରେ ଚୈତ୍ୟିକ ସଂଯମ ଏବଂ ଚୈତ୍ୟିକ ଦୃଷ୍ଟି ରଖିବାର ଅଭ୍ୟାସ ପ୍ରତିଷ୍ଠିତ ହୋଇଯାଏ, ତା'ହେଲେ ଆଉ କୌଣସି ବାଧା ରହିବ ନାହିଁ ।

(୨୧.୦୬.୩୬)

**ଶ୍ରୀଅରବିନ୍ଦଙ୍କ ପତ୍ର :** ହତାଶ ହେବାର କୌଣସି କାରଣ ନାହିଁ; ଯେତେବେଳେ ତୁମେ ଯେଉଁ ପର୍ଯ୍ୟନ୍ତ ଉନ୍ନତି କରିଛ, ଏବଂ ତାହା ଏତେ ଦୂର ଯେ, ଯାହାର ଫଳସ୍ୱରୂପ ଲାଭ ହୋଇଛି ଏଇ ଭାବେ ସ୍ଥିରତା ଅନୁଭବ କରିବା ଏବଂ ଏତେଟା ଚୈତ୍ୟିକ ବିଚାର ଏବଂ ଅନୁଭୂତି ରକ୍ଷା କରିବା । ତେଣୁ ତା'ର ଆଧ୍ୟାତ୍ମିକ ଭବିଷ୍ୟତ୍ ସମ୍ବନ୍ଧରେ ହତାଶ ହେବାର କୌଣସି ଅଧିକାର ନାହିଁ । ତୁମର ଏଇ ବିଚାର ଶକ୍ତିକୁ ସମ୍ପୂର୍ଣ୍ଣ ଚୈତ୍ୟିକ ପରିବର୍ତ୍ତନ ମଧ୍ୟକୁ ଆଣିବାକୁ ବର୍ତ୍ତମାନ ସୁଦ୍ଧା ତୁମେ ସକ୍ଷମ ହୋଇ ନାହଁ, କାରଣ ବାସ୍ତବ ବହିଃଶ୍ଚେତନାର ଏକ ବଡ଼ ଅଂଶ ବର୍ତ୍ତମାନ ସୁଦ୍ଧା ବେଶ୍ କିଛି ଆନନ୍ଦ ଲାଭ କରେ ଏଇସବୁ ପୁରାତନ ଗତିବୃତ୍ତିଗୁଡ଼ିକରେ ଏବଂ ସେଥିପାଇଁ ତା'ର ମୂଳ ଜୀବିତ ରହିଯାଇଛି ଅବଚେତନା ମଧ୍ୟରେ । ତୁମେ ଯେତେବେଳେ ଯଥେଷ୍ଟ ସତର୍କ ନଥାଅ ଠିକ୍ ସେଇ ସମୟରେ ସମସ୍ତ ଜିନିଷଟି ଉପରକୁ ଉଠି ଆସେ ଏବଂ ସେତେବେଳେ ଗୋଟିଏ ସାମୟିକ ପ୍ରବଳ ବିଚ୍ୟୁତି ପ୍ରାୟ ଘଟିଥାଏ । କିନ୍ତୁ ତା' ବୋଲି ଏହାର ଅର୍ଥ ଏହା ନୁହେଁ ଯେ ପ୍ରକୃତି ଅପରିବର୍ତ୍ତନୀୟ । କେବଳ ଆନ୍ତର ଚେତନାର ଶାନ୍ତ, ଭାରସାମ୍ୟ, ଚୈତ୍ୟିକ ବିଚାର ଏବଂ ସର୍ବୋପରି ପରିବର୍ତ୍ତନ ନିମନ୍ତେ ଅଧିକ ଏକ ସ୍ଥାୟୀ ସଂକଳ୍ପ ପୂର୍ବଠାରୁ ଆହୁରି ଅଧିକ ଶକ୍ତିଶାଳୀ ଭାବେ ପ୍ରତିଷ୍ଠିତ କରିବାକୁ ହେବ ଯେପରି କୌଣସି ପ୍ରକାରର କିଛି ବସ୍ତୁର ନିମ୍ନସ୍ତରରୁ ଉଠି ଆସିବା ବା ଆଂଶିକ ରୂପେ ମଧ୍ୟ ଆକ୍ରମଣ ଏବଂ ବିଚାରକୁ ଆଚ୍ଛନ୍ନ କରିବାକୁ କିଂବା ସଂକଳ୍ପକୁ ସ୍ଥଗିତ ରଖିବାକୁ ସକ୍ଷମ ହେବ ନାହିଁ । ତୁମେ ସତ୍ୟକୁ ଉପଲବ୍ଧି କରିଥିଲ, କିନ୍ତୁ ତୁମର ଏଇ ଅଂଶଟି ଯାହାକି ଠେଲି ହୋଇ ଉପରକୁ ଉଠି ଆସିଥିଲା, ସେ ତା'ର ସତ୍ୟତାକୁ ସ୍ୱୀକାର କରିବାକୁ ଚାହେଁ ନାହିଁ – ସେ ତା'ର ଖେଳ ଏବଂ ତାହାର

ଚାପକୁ ଲଦି ଦେବାକୁ ଚାହିଁଥିଲା ତୁମ ଉପରେ । ଏଥର ତୁମେ ସମସ୍ତ ସତ୍ତାର ସମଗ୍ର ସତ୍ୟନିଷ୍ଠତା ଉପରେ କ୍ରମାଗତ ଦୃଢ଼ତାର ସହ ଜୋର୍ ଦେଇ ଚାଲିବ ଯାହାକୁ ସେ ଅସ୍ୱୀକାର ନ କରି ଚୈତ୍ୟିକ ବିଚାର ଯାହା ଦେଖେ ତାକୁ ଗ୍ରହଣ କରିବ । ଯେଉଁଥିରେ ଚୈତ୍ୟର ଅନୁମୋଦନ ନାହିଁ ତାକୁ ସତ୍ୟ ବୋଲି ସମର୍ଥନ କରିବାକୁ ବା ସେଥିରେ ମତାମତ ଦେବାକୁ ଅସ୍ୱୀକାର କରିବାକୁ ହେବ । ଆଧ୍ୟାତ୍ମିକ ନମ୍ରତା ଆବଶ୍ୟକ; ଏବଂ ଅପସାରଣ କରିବାକୁ ହେବ ସମସ୍ତ ଆତ୍ମନିରପେକ୍ଷତା ଓ ଆତ୍ମପକ୍ଷ ସମର୍ଥନ, ନିଜକୁ ଜାହିର କରିବାର ଇଚ୍ଛା ଏବଂ ଅନ୍ୟମାନଙ୍କର ବିଚାର କରିବାର ପ୍ରବୃତ୍ତି ଇତ୍ୟାଦି । ଏଇ ସବୁ ଦୋଷ ତୁମ ମଧ୍ୟରେ ଯେ ଅଛି ତାହା ତୁମେ ଜାଣ, ତାକୁ ବହିଷ୍କୃତ କରିବାକୁ ହୁଏତ କିଛି ସମୟ ନେଇପାର, କିନ୍ତୁ ଯଦି ଆନ୍ତରସତ୍ତାର ଆନୁଗତ୍ୟରେ ସଂକଳ୍ପ ସର୍ବଦା ହିଁ ଖୁବ୍ ଦୃଢ଼, ଅଟଳ ଏବଂ ସଜାଗ ଥାଏ ଏବଂ ମାଆଙ୍କ ଶକ୍ତିକୁ ଆହ୍ୱାନ କରେ, ତେବେ ଏହା ଆହୁରି ଶୀଘ୍ର ହେବ, ବର୍ତ୍ତମାନ ଯେତେଟା ଶୀଘ୍ର ସମ୍ଭବ ବୋଲି ମନେ ହେଉଛି ତାହା ଅପେକ୍ଷା ଆହୁରି ଅଧିକ ଦ୍ରୁତତର ହେବ ।

(୨୧.୦୮.୩୬)

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ ❑

# ମାତୃକୃପା

## ଗୋପାଳକୃଷ୍ଣ ପଟ୍ଟନାୟକ

ଶତ ଛିଦ୍ରଯୁକ୍ତ ଶରୀର କଳସୀ
ଜୀବନ ଜଳରେ ଭରା
ସମୟର ସ୍ରୋତ ସଙ୍ଗେ ଝରି ଝରି
ଚାଲେ ସେହି ଜଳ ଧାରା ।

ସେ ଜଳ ଢେଉରେ ଭକ୍ତିର କୁସୁମ
ଭାସୁଥାଏ ଝୁଲି ଝୁଲି,
ସୁମଧୁର ମାତୃକୃପା ମହକରେ
ସେ କୁସୁମ ଥାଏ ଭରି ।

ବିଶ୍ୱାସର ମନ୍ଦ ମଳୟ ବହଇ
ସେ ଜଳଧାରାକୁ ଛୁଇଁ
ଚପଳା ମାନସ-ସୁନ୍ଦରୀ ନାଚଇ
ଆଶାର ନୂପୁର ନାଇ ।।

କଳସୀକୁ ଘେରି ଛପି ରହିଥା'ନ୍ତି
ଅପଶକ୍ତି ମାଳ ମାଳ –
ପ୍ରବେଶିବା ପାଇଁ କଳସୀର ଛିଦ୍ର
ପଥରେ କରି କୌଶଳ ।

କିନ୍ତୁ ମାତୃନାମ ସ୍ଫୁରଣେ ସକଳେ
ପଳାନ୍ତି ସେ ପାଖ ଛାଡ଼ି,
ତାଳି ଶବ୍ଦ ଶୁଣି ଯେହ୍ନେ ବୃକ୍ଷଡାଳୁ
ବିହଗେ ପଳାନ୍ତି ଉଡ଼ି ।

ମାଆ ନାମ ଅଟେ ଅମୂଲ୍ୟ ରତନ
ନାହିଁ ତା'ର ପଟାନ୍ତର,
ସକଳ କଳୁଷ ନିରସ୍ତ କରେ ତା'
ପବିତ୍ର କୃପା କଲ୍ଲୋଳ ।। ❑



# କବି ନିଶିକାନ୍ତ

## (୨)

କବି ନିଶିକାନ୍ତଙ୍କ ସମ୍ପର୍କରେ ଡାଲିୟା ସରକାର ବର୍ଣ୍ଣନା କରିଥିବା ଉକ୍ତିରୁ କିଛିଟା ଉଦ୍ଧୃତି : ''ଉତ୍କର୍ଷ ଓ ସୂକ୍ଷ୍ମ-ରୁଚିସମ୍ପନ୍ନ ଦିଲୀପ କୁମାର ଗୁଣୀମାନଙ୍କର ସଂସ୍ପର୍ଶରେ ଆସିବାକୁ ସଦା ଉନ୍ମୁଖ । ନିଶିକାନ୍ତଙ୍କୁ ଦେଖି ତାଙ୍କର ଜହୁରୀ-ଦୃଷ୍ଟିରେ ତତ୍‌କ୍ଷଣାତ୍ ହୃଦୟଙ୍ଗମ କଲେ ଯେ ଆଦ୍ୟନ୍ତ ଶିକ୍ଷିତ ଶିଳ୍ପୀ ଯିଏକି ତଦାନୀନ୍ତନ ବିଭିନ୍ନ ଶିଳ୍ପ-ସାଧନାର ଶ୍ରେଷ୍ଠ ପୀଠସ୍ଥାନରୁ ଆଗତ, ଏ ହେଉଛନ୍ତି ଏକ ବହୁମୁଖୀ ପ୍ରଦୀପ ସଦୃଶ । ଏହାଙ୍କୁ ଯଥାସ୍ଥାନରେ ପ୍ରତିଷ୍ଠା କରି ପାରିଲେ ତାଙ୍କର ପ୍ରତିଭା-ଆଲୋକରେ ସୃଜନ-ଜଗତର ନୂତନ ନୂତନ ରୂପରଶ୍ମିର ସନ୍ଧାନ ପାଇ ହେବ । ତେଣୁ ସେ ସର୍ବାନ୍ତଃକରଣରେ ନିଶିକାନ୍ତଙ୍କୁ ପ୍ରଥମ ସାକ୍ଷାତ୍‌ରୁ ହିଁ ବନ୍ଧୁ ହିସାବରେ ବରଣ କରିନେଲେ ଏବଂ ସର୍ବତୋଭାବେ ତାଙ୍କୁ ସାହାଯ୍ୟ କରିବାକୁ ସଦା ତତ୍ପର ରହିଲେ ।

''ପ୍ରଥମ ଦିନର ଆଳାପ-ଆଲୋଚନା ପରେ ପରେ ଦିଲୀପ କୁମାର ବ୍ୟସ୍ତ ଓ ବ୍ୟଥିତ ହୋଇପଡ଼ିଲେ; ଯେତେବେଳେ ସେ ଜାଣିଲେ ଯେ ବନ୍ଧୁଜଣକ ବଜାର ଭିତରେ ଏକ ଶସ୍ତା, ଅପରିଷ୍କାର-ଅପରିଚ୍ଛନ୍ନ ହୋଟେଲରେ ରହୁଛନ୍ତି ଏବଂ ସାଥିରେ ଆଣିଥିବା ଛୋଟ ଷ୍ଟୋଭ୍‌ରେ ସିଦ୍ଧଭାତ ବା କେତେବେଳେ ଖିଚୁଡ଼ି ତିଆରି କରି ଖିଆପିଆ କରୁଛନ୍ତି । ସେଇଠୁ ସେ ବନ୍ଧୁଙ୍କୁ ଅନୁରୋଧ କରି କହିଲେ, 'ନିଶିକାନ୍ତ ବାବୁ, ଆଜିଠୁ ଆପଣଙ୍କୁ ହୋଟେଲରେ ନିଜେ ରନ୍ଧାରନ୍ଧି କରି ଖାଇବାକୁ ହେବ ନାହିଁ । ଆପଣ ନିତି ମୋ ଘରକୁ ଆସି ମୋ ସହିତ ଏକାସାଥିରେ ବସି ଖିଆପିଆ କରିବେ । ଆପଣ ଦୟାକରି ଏଥିରେ ଆପତ୍ତି କରିବେ ନାହିଁ ।'

''ନିଶିକାନ୍ତ ଯୋଡ଼ହସ୍ତରେ ସବିନୟରେ ଏ ପ୍ରସ୍ତାବକୁ ଏଡ଼ାଇ ଦେଇ କହିଲେ, 'ନା ଦିଲୀପ ବାବୁ, କସ୍ମିନ୍‌କାଳେ ମୁଁ ଏମିତି କରିପାରିବି ନାହିଁ । ନାନା ପରିବେଶରେ ଖାପଖୁଆଇ ନିଜକୁ ଚଳାଇ ନେବାରେ ମୋର ବେଶ୍ ଅଭ୍ୟାସ ଅଛି । ଏଠାକୁ ଆସି ଶୁଣିବାକୁ ପାଇଛି ଯେ ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କ ବିନାନୁମତିରେ କେହି ଯେପରି ଏଠାକୁ ଆସି ପାରନ୍ତି ନାହିଁ, ସେମିତି ଆଶ୍ରମବାସୀମାନେ ମଧ୍ୟ ସେ ଦୁହିଁଙ୍କୁ ନ ଜଣାଇ କିଛି ବି କରିପାରନ୍ତି ନାହିଁ । ତେଣୁ ଏସବୁ ତୁଚ୍ଛ କଥାରେ ଆପଣ ଆଦୌ ବିଚଳିତ ନ ହୋଇ ମୋତେ ସେ ଦୁହିଁଙ୍କ ସାମନାରେ ଜଣେ ଯଥାର୍ଥ ସାଧକ ଭାବେ ଗଣ୍ୟ ହେବାକୁ ଗଢ଼ିତୋଳନ୍ତୁ ।'

''ସେଇଠୁ ଦିଲୀପ ତାଙ୍କୁ ଆଶ୍ରମ-ସାଧକ ହିସାବରେ ଗୃହୀତ ହେବାକୁ ପଦ୍ଧତିଟି ଏହି ମର୍ମରେ ଜଣାଇ ଦେଲେ – ଅଭୀପ୍ସୁ ବ୍ୟକ୍ତିଙ୍କୁ ଶ୍ରୀଅରବିନ୍ଦ ଓ ଶ୍ରୀମା ନିରୀକ୍ଷଣ କରି ସ୍ଥିର କରନ୍ତି ତାଙ୍କ ଦ୍ୱାରା ଯୋଗ-ଜୀବନ ସମ୍ଭବ କି ନୁହେଁ । ସେଇ ନିରୀକ୍ଷଣ ଓ ନିର୍ବାଚନ କାର୍ଯ୍ୟଟି 'ଦର୍ଶନ' ଅନୁଷ୍ଠାନ ରୂପେ ଚିହ୍ନିତ ବର୍ଷରେ ତିନୋଟି ଦିନରେ ହୁଏ । ଏହି ତିନୋଟି ଦର୍ଶନ ଦିବସରେ ସେଇ ଯୁଗଳମୂର୍ତ୍ତି ଏକ ସଙ୍ଗେ ଉପବେଶନ କରି ଦର୍ଶନାର୍ଥୀଗଣଙ୍କୁ ଦର୍ଶନ ଦିଅନ୍ତି । ସେହିସବୁ ଦିବସରେ ଆଶ୍ରମବାସୀଙ୍କ ସହିତ ବହିରାଗତ ଭକ୍ତମାନେ ହିଁ ସେ ଦୁହିଁଙ୍କର ଦର୍ଶନ ଓ ଆଶୀର୍ବାଦ ଲାଭ କରନ୍ତି । ନୂତନ କୌଣସି ବ୍ୟକ୍ତି ସାଧକ ରୂପେ ଆଶ୍ରମରେ ଅନ୍ତର୍ଭୁକ୍ତ ହେବେ ବୋଲି ପୂର୍ବରୁ ଜଣାଇଥିଲେ ସେହିଦିନ ହିଁ ଶ୍ରୀମାଶ୍ରୀଅରବିନ୍ଦ ତାଙ୍କୁ ଦେଖି ନିଅନ୍ତି ଏବଂ ସେ ଦୁହିଁଙ୍କର ସିଦ୍ଧାନ୍ତ ପରେ ଜଣାଇ ଦିଅନ୍ତି । କିନ୍ତୁ ସେହିଭଳି ଦିବସ ଆସିବାକୁ (୧୫ ଅଗଷ୍ଟ) ଏବେ ବି ବେଶ୍ ଡେରି ଅଛି । (ସେତେବେଳେ ୨୪ ଏପ୍ରିଲ ଦର୍ଶନ ଦିବସ ରୂପେ ଗଣ୍ୟ ହୋଇ ନ ଥିଲା ।) ତେଣୁ ଆପଣଙ୍କୁ ସେହିଦିନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେବ ।

– ମୁଁ ନିଶ୍ଚିତ ରୂପେ ଅପେକ୍ଷା କରିବି ।

– କିନ୍ତୁ ମହାଶୟ, ସମୟ କିପରି କଟାଇବେ ?

– କାହିଁକି ? (ସୋତ୍ସାହର ସହିତ) ପ୍ରାଣଭରି କବିତା ଲେଖିବି, ଛବି ଆଙ୍କିବି ! (ରହି) ଛବି ଆଙ୍କିବାର ରଙ୍ଗ-ତୂଳି ତ ସାଥିରେ ଆଣିନି, ତେଣୁ କବିତା ହିଁ ଲେଖିବି ! କିନ୍ତୁ, ଦିଲୀପ ବାବୁ, ଥରେ ଯେତେବେଳେ ଏଠାକୁ ଆସିଛି, 'ବୃନ୍ଦାବନମ୍ ପରିତ୍ୟଜ୍ୟ ପାଦମେକମ୍ ନ ଗଚ୍ଛାମି !'

''ବନ୍ଧୁଙ୍କ ମୁହଁରୁ ଦିଲୀପ ଏଇ କଥାଟିକୁ ଶୁଣିବା ସକାଶେ ଯେମିତି ନିଜର ଅନ୍ତଃକରଣରେ ଚାହୁଁଥିଲେ । ସେ କହି ଉଠିଲେ, 'ଖୁବ୍ ଭଲ କଥା ! ମୁଁ ବି ଅଳ୍ପ ଅଳ୍ପ କବିତା ଲେଖେ । କିନ୍ତୁ ମୋର ଗୋଟିଏ ଅନୁରୋଧ ଆପଣଙ୍କୁ ମାନିବାକୁ ହେବ – ଆପଣଙ୍କୁ ମୋ ବାସଭବନ (ଏବେକାର 'ଟ୍ରେଜର୍

ନର୍ସିଂ ହୋମ୍')କୁ ନିତି ଆସିବାକୁ ହେବ । ଏକଥା ଏବଂ ଖିଆପିଆ ଇତ୍ୟାଦି ସମସ୍ତ କଥା ଶ୍ରୀମାଶ୍ରୀଅରବିନ୍ଦଙ୍କୁ ଜଣାଇ ତାଙ୍କଠୁ ଅନୁମତି ପ୍ରାପ୍ତ ହେବା ପରେ ଆପଣ ନିଶ୍ଚୟ ମୋ କଥା ରଖିବେ ।'

''ଏକଥା ଶୁଣି ନିଶିକାନ୍ତ ଖୁବ୍ ଜୋର୍‌ରେ ପ୍ରାଣଖୋଲା ହସରେ ବନ୍ଧୁଙ୍କୁ ଆପ୍ୟାୟିତ କଲେ । ଭୋଜନପ୍ରିୟ, କାବ୍ୟରସିକ, ରସିକ ଚୂଡ଼ାମଣି, ଭାବୁକ ନିଶିକାନ୍ତଙ୍କର ମନମୁତାବକ ଅନ୍ତରର କଥାସବୁ ଯେମିତି ଦିଲୀପ ଉପସ୍ଥାପିତ କରିଛନ୍ତି !...

''ସେତେବେଳକାର ଆଶ୍ରମ ଥିଲା ଗୁଣୀଜନଙ୍କର ସମାବେଶ-କ୍ଷେତ୍ର । ଦେଶ-ବିଦେଶରୁ ପ୍ରତିଭାଧର କଥାଶିଳ୍ପୀ, କଣ୍ଠଶିଳ୍ପୀ, ଚିତ୍ରଶିଳ୍ପୀ ଆସି ଶ୍ରୀଅରବିନ୍ଦଙ୍କର ପ୍ରତ୍ୟକ୍ଷ ପ୍ରଭାବରେ ବସବାସ କରି ସେମାନଙ୍କର ସୃଜନଶୀଳ ସତ୍ତାକୁ ଏକ ସାର୍ଥକତର ଓ ମହତ୍ତର ଅବଲମ୍ବନରେ ଗଢ଼ି ତୋଳୁଥିଲେ । ସେତେବେଳେ ଆଶ୍ରମକୁ ନୂତନ କୌଣସି ଶିଳ୍ପୀଙ୍କର ଆଗମନ ହେଲେ ପ୍ରତ୍ୟେକେ ହିଁ ତାଙ୍କ ସମ୍ବନ୍ଧରେ ଜାଣିବାକୁ ଉତ୍ସୁକ ହୋଇ ଉଠୁଥିଲେ । ନିଶିକାନ୍ତଙ୍କ କ୍ଷେତ୍ରରେ ଏହି ଔତ୍ସୁକ୍ୟର ମାତ୍ରା ଟିକିଏ ଅଧିକ ଜାଗିଥିଲା, କାରଣ ସେ ଏ କ୍ଷେତ୍ରରେ ତଦାନୀନ୍ତନ ଦିକ୍‌ପାଳ ରବୀନ୍ଦ୍ରନାଥ, ଅବନୀନ୍ଦ୍ରନାଥ ଓ ନନ୍ଦଲାଲଙ୍କ ସଦୃଶ ଗୁରୁଙ୍କର ନିକଟ ସାନ୍ନିଧ୍ୟ ତଥା ସ୍ନେହ-ଶ୍ରଦ୍ଧା ଲାଭ କରିଛନ୍ତି ବୋଲି । ତେଣୁ ନିଶିକାନ୍ତଙ୍କର ଆଗମନ ପରେ ଭଗୀରଥଙ୍କର ଗଙ୍ଗା ଆନୟନ ସଦୃଶ ଦିଲୀପ-ନିଶିକାନ୍ତଙ୍କର ମିଳିତ ସୃଜନ-ସାଧନାରେ ପ୍ଲାବନ ଘଟି ଆଶ୍ରମର ସମୃଦ୍ଧ ଶୈଳ୍ପିକ ପରିମଣ୍ଡଳଟି ଅପୂର୍ବ ହୋଇ ଉଠିଲା । ସେତେବେଳେ ଦିଲୀପ ଥିଲେ ଆଶ୍ରମର ଏକମାତ୍ର ସାଧକ ଯିଏ ଜୀବନଚର୍ଯ୍ୟାରେ ପୂର୍ଣ୍ଣମାତ୍ରାରେ କେବଳ ଶିଳ୍ପକଳାକୁହିଁ ଅବଲମ୍ବନ କରିଥିଲେ । କର୍ମଯୋଗ କହିଲେ ଯାହା ବୁଝାଏ ସେଥିରେ ତାଙ୍କର ବିଶେଷ ଉତ୍ସାହ-ଉଦ୍ଦୀପନା ନଥିଲା । ଶ୍ରୀଅରବିନ୍ଦ ଓ ଶ୍ରୀମା ମଧ୍ୟ ତାଙ୍କୁ ଏ ବିଷୟରେ କିଛି କହି ଅଯଥା ଭାରାକ୍ରାନ୍ତ କରି ନଥିଲେ । ସେ ତାଙ୍କର ସ୍ୱଧର୍ମ-ସ୍ୱଭାବରେ ମଜ୍ଜି ରହି କାବ୍ୟ-ସଙ୍ଗୀତ ପ୍ରଭୃତି ପରୀକ୍ଷା-ନିରୀକ୍ଷା କରୁଥିଲେ ଏବଂ ମଝିରେ ମଝିରେ ନାନା ସ୍ଥାନକୁ ସଙ୍ଗୀତ ଗାଇବା ସକାଶେ ତଥା ସଙ୍ଗୀତ ଶୁଣିବା ସକାଶେ ଆଶ୍ରମରୁ ଯିବା ପାଇଁ ମଧ୍ୟ ଗୁରୁଦେବଙ୍କର ଅନୁମତି ଲାଭ କରିଥିଲେ ।

''ଦିଲୀପଙ୍କ ସହିତ ନିଶିକାନ୍ତ କାବ୍ୟାନୁଶୀଳନରେ ପ୍ରଚୁର ଆନନ୍ଦ ପାଉଥିଲେ ବି ନିଜ ଭିତରେ ବ୍ୟାକୁଳ ହୋଇ ଉଠୁଥିଲେ – କେବେ ଆସିବ ସେଇଦିନ ଯେଉଁଦିନ ସେ ଆଶ୍ରମ-ଜୀବନର ମୂଳ-ସ୍ରୋତରେ ଏକୀଭୂତ ହୋଇଉଠିବେ । ଦରଦୀ ଦିଲୀପ ମଧ୍ୟ ତାଙ୍କ ବନ୍ଧୁଙ୍କର ଅନ୍ତରର ବ୍ୟାକୁଳତା ସମ୍ବନ୍ଧେ ମର୍ମେ ମର୍ମେ ହୃଦୟଙ୍ଗମ କରୁଥିଲେ । ଦିନେ ସେ ତାଙ୍କ ବନ୍ଧୁଙ୍କର ଗୋଟିଏ ଫଟୋ ଶ୍ରୀଅରବିନ୍ଦଙ୍କ ନିକଟକୁ ପଠାଇଲେ । କହିବାବାହୁଲ୍ୟ ଇତିପୂର୍ବରୁ ସେ ନିଶିକାନ୍ତଙ୍କର ବେଶ୍ କେତୋଟି କବିତା ଶ୍ରୀଅରବିନ୍ଦଙ୍କ ନିକଟକୁ ପଠାଇ ଥିଲେ ଯଦ୍ଦ୍ୱାରା ତାଙ୍କୁ ସାଧକ ହିସାବରେ ନିର୍ବାଚନ-କାର୍ଯ୍ୟ କିଛି ପରିମାଣରେ ଆଗେଇଯିବ ।

''ନିଶିକାନ୍ତଙ୍କ ଫଟୋ ଦେଖି ଶ୍ରୀଅରବିନ୍ଦ ଦିଲୀପଙ୍କୁ ଲେଖିଲେ : 'ନିଶିକାନ୍ତ ନିଶ୍ଚିତ ରୂପେ ସ୍ୱଧର୍ମେ କବି । ତେବେ ଅଧ୍ୟାତ୍ମ-ସାଧନା ତା' ସକାଶେ ହେବ ଭୟଙ୍କର କଠିନ । ଏ ପଥରେ ଅଗ୍ରସର ହେଲେ ତା'ର ଶରୀର ତାକୁ ଅଶେଷ ଦୁଃଖକଷ୍ଟ ଭିତରକୁ ଠେଲିଦେବ । ସେଇଥି ପାଇଁ ତା' ସକାଶେ ଭଲ ହେବ ଏଠାରୁ ଅନ୍ୟତ୍ର ଚାଲିଯିବା । ଯଶଖ୍ୟାତିରେ ତା'ର କୌଣସି ଅଭାବ ହେବ ନାହିଁ ।'

''ସ୍ୱଭାବତଃ ଶ୍ରୀଅରବିନ୍ଦଙ୍କ ପତ୍ର ପାଇ ଦିଲୀପ ବେଶ୍ ଭାଙ୍ଗି ପଡ଼ିଲେ । କିନ୍ତୁ ନିଶିକାନ୍ତଙ୍କ ଅନ୍ତରରେ ଏକ ତୀବ୍ର ସଂକଳ୍ପ ଜାଗିଉଠିଲା । ତାଙ୍କର ପୂର୍ବାନୁଭୂତି ଓ ସାଧୁସଙ୍ଗ ଲାଭ କରି ସେ ଜାଣି ପାରିଥିଲେ ଯେ ତାଙ୍କ ଶରୀର ତାଙ୍କୁ ପୀଡ଼ା ଦେବ ହିଁ ଦେବ ।... ଶରୀର କଥା ଭାବି ମୁଁ ଏହି ଅପୂର୍ବ ସୁଯୋଗର ଦ୍ୱାର ଦେଶରେ ପହଞ୍ଚି ଚାଲିଯିବି ! ସେ ଦିଲୀପଙ୍କୁ କହିଲେ : 'ଦିଲୀପ ବାବୁ, ହାର୍ଟର ଡାକ୍ତର ବି ହାର୍ଟ ଆଟାକ୍‌ରେ ମରିଯାଆନ୍ତି କି ନାହିଁ ? ଆଉ କବି ହିସାବରେ ଯଶଖ୍ୟାତି ? ଯିଏ ସୂର୍ଯ୍ୟକୁ ପାଏ, ସେ କ'ଣ ଗୋଟିଏ ରଶ୍ମିକଣା ପାଇଁ କାନ୍ଦେ ? ଶୁଣନ୍ତୁ ତେବେ – ତତ୍‌କ୍ଷଣାତ୍ ଗୁରୁଙ୍କ ଉଦ୍ଦେଶ୍ୟରେ ଗାଇ ଉଠିଲେ :

'ଏ କବି ତୋମାର କବି-ଯଶୋମାଲା-ପ୍ରାର୍ଥୀ ନୟ,
ତୋମାରି ଛନ୍ଦେ ତୋମାରେଇ ସୁଧୁ ସାଧିୟା ଲୟ ।'

''ନିଶିକାନ୍ତଙ୍କର ସଂକଳ୍ପ ଶୁଣି ଦିଲୀପ ମଧ୍ୟ ଗୁରୁଙ୍କ ଉଦ୍ଦେଶ୍ୟରେ ଗାଇ ଉଠିଲେ :

'ତୁମି ବିମୁଖ ହଲେ ବଲୋ ମୁଖ ଚେୟେ କାର୍ ଥାକବ ?
ତୁମି ଶରଣ ନା ଦିଲେ କାର୍ ଚରଣେ ପ୍ରାଣ୍ ରାଖବ ?'

''ନିଶିକାନ୍ତ ମଧ୍ୟ ତାଙ୍କ ହୃଦୟର ଗଭୀରରେ ଅନୁଭବ କରିଥିଲେ ଯେ ଏଇ ଆପାତ ପ୍ରତ୍ୟାଖ୍ୟାନ ଆଉ କିଛି ବି

ନୁହେଁ, ଏହାର ଅନ୍ତରାଳରେ ଚାଲିଛି ଗ୍ରହଣ କରିନେବାର ପ୍ରସ୍ତୁତି । ସେଇଠୁ ସେ ବିନମ୍ର ଭାବରେ ନିଜ ହୃଦୟର ବେଦନାଭରା ପ୍ରାର୍ଥନା କରିଛନ୍ତି : 'ନିତେ ଚାଓ ବଲେ ଫିରାଓ ଆମାୟ !'

''ଏହାର ଠିକ୍ ପରେ ପରେ ନିଶିକାନ୍ତ ବଙ୍ଗଳାରେ ପ୍ରାର୍ଥନାଟିଏ ଲେଖି ଦିଲୀପଙ୍କ ହାତରେ ଶ୍ରୀଅରବିନ୍ଦଙ୍କ ନିକଟକୁ ପଠାଇଲେ :

'ପ୍ରଭୁ ! ଆମାର୍ ଆକୁଲ୍ ପ୍ରାଣେର୍
ଆପନ୍‌ହାରା ପ୍ରାର୍ଥନା ଯେ
ଭୋରେର୍ ଶିଉଳି ଫୁଲେର୍ ମତ
ଲୁଟାୟ ତୋମାର୍ ପାୟେର୍ କାଛେ ।
ଯଖନ ଶୁରୁ ଫୋଟାର୍ ଖେଲା
ତଖନି ତାର୍ ଝରାର୍ ବେଲା,
ବିକାଶ ଯେ ତାର୍ ଚାୟନା ବିକାଶ,
ସୁଧୁ ତୋମାର୍ ଚରଣ ଯାଚେ ।
ଭୋରେର୍ ଶିଉଳି ଫୁଲେର୍ ମତ
ଲୁଟାୟ ତୋମାର୍ ପାୟେର୍ କାଛେ ।'
('ପ୍ରାର୍ଥନା' : ଦିଗନ୍ତ କାବ୍ୟଗ୍ରନ୍ଥ)''

(ପ୍ରାର୍ଥନାଟିର ଓଡ଼ିଆରେ ମର୍ମାନୁବାଦ ଏହିପରି :
ପ୍ରଭୁ ! ମୋ ଆକୁଳ ପ୍ରାଣ
ଆତ୍ମ-ନିବେଦିତ ଗୁହାରି କରେ
ସକାଳ ଶେଫାଳୀ ଫୁଲଟିଏ ଭଳି
ଲୋଟିଯିବ ତୁମ ଚରଣ ତଳେ ।
ମୁକୁଳିତ ହୁଏ ପାଖୁଡ଼ା ଯେବେ
ଝରିଯାଏ ସିଏ ସେଇ ଲଗନେ
ବିକାଶ ଯେ ତା'ର ଚାହେଁନା ବିକାଶ,
ଯାଚନା ତା' ତବ ପଦ ଯୁଗଳେ ।
ସକାଳ ଶେଫାଳୀ ଫୁଲଟିଏ ପରି
ଲୋଟିଯାଏ ତୁମ ଚରଣ ତଳେ ।)

ଏବେ ନୀରଦବରଣଙ୍କ ଉକ୍ତିରେ : ''ନିଶିକାନ୍ତ ଅବସର ପାଇବା ମାତ୍ରେ ଆଶ୍ରମର ଫୁଟ୍‌ପାଥ୍‌ରେ ବସି ରହୁଥିଲେ । ସେତେବେଳେ ଶ୍ରୀମା ନିତି ସନ୍ଧ୍ୟାରେ ଆଶ୍ରମର ପ୍ରଧାନ କୋଠାର ଛାତରେ ଅଳ୍ପ ସମୟ ସକାଶେ ପଦଚାରଣ କରୁଥିଲେ । ଦିନେ ଶ୍ରୀମା'ଙ୍କ ନଜର ପଡ଼ିଲା ନିଶିକାନ୍ତଙ୍କ ଉପରେ । ରାସ୍ତାରେ ଛିଡ଼ା ହୋଇ ସେ ତାଙ୍କ ଆଡ଼କୁ ନିର୍ନିମେଷ ନୟନରେ ଯୋଡ଼ ହସ୍ତରେ ଅନାଇ ରହିଛନ୍ତି । ନିଶିକାନ୍ତ ଶ୍ରୀମା'ଙ୍କୁ ଦେଖିବା ମାତ୍ରେ ଆନନ୍ଦ ଗଦଗଦ କଣ୍ଠରେ ସ୍ୱଗତଃ କହି ଉଠିଛନ୍ତି, 'ଏଇ ମା'ଙ୍କୁ ମୁଁ ତ ବ୍ରହ୍ମଯୋନି ପର୍ବତର ପାଦଦେଶରେ ଦର୍ଶନ କରିଛି !'

''ଉପରୋକ୍ତ ଘଟଣାର ଠିକ୍ ପରଦିନ ନଳିନୀକାନ୍ତଙ୍କୁ ଶ୍ରୀମା ଏହି ମର୍ମରେ କହିଲେ, 'ତୁମେ ଯାଇ ନିଶିକାନ୍ତକୁ ଭେଟିବ ଏବଂ ତାକୁ ପଚାରିବ ଯେ ଏଠାକୁ ଆସିବା ପୂର୍ବରୁ ସେ କୌଣସି ସନ୍ନ୍ୟାସୀଙ୍କ ସାଥିରେ ବସବାସ କରିଥିଲେ କି ନାହିଁ ।' ଶ୍ରୀମା'ଙ୍କ ନିର୍ଦ୍ଦେଶମତେ ନଳିନୀକାନ୍ତ ଯାଇ ନିଶିକାନ୍ତଙ୍କୁ ଉପରୋକ୍ତ କଥା ପଚାରିଲେ ଏବଂ ଶ୍ରୀମା ଏହା ଜାଣିବାକୁ ଚାହିଁଛନ୍ତି ବୋଲି କହିଲେ ।

''ନିଶିକାନ୍ତ ଅବାକ୍ ! ତାଙ୍କ ଜୀବନର ଗୁପ୍ତ କଥାଟିକୁ ସେ ପ୍ରଥମ କରି ନଳିନୀଙ୍କ ପାଖରେ ବ୍ୟକ୍ତ କଲେ : 'ଚଉଦ ବର୍ଷ ବୟସରେ ସାଧୁସନ୍ଥଙ୍କ ସନ୍ଧାନରେ ଘରୁ ପଳାଇ ଆସିଥିଲି । ବିଭିନ୍ନ ସ୍ଥାନ ବୁଲି ବୁଲି ଶେଷରେ କାଟୋୟା ନିକଟସ୍ଥ ବୈଷ୍ଣବ ଆଶ୍ରମରେ ଜଣେ ସନ୍ନ୍ୟାସୀଙ୍କ ସହ ବେଶ୍ କିଛି ଦିନ ରହିଥିଲି । ଆଶ୍ରମରେ ମୋତେ ସମସ୍ତେ ଖୁବ୍ ସ୍ନେହ-ଶ୍ରଦ୍ଧା କରୁଥିଲେ । ଦିନେ ସନ୍ନ୍ୟାସୀଙ୍କୁ ଗୁରୁ କରି ତାଙ୍କ ପାଖରୁ ଦୀକ୍ଷା ନେବାକୁ ଆଗ୍ରହ ପ୍ରକାଶ କରିବା ମାତ୍ରେ ସନ୍ନ୍ୟାସୀ ଦୃଢ଼ ଭାବରେ ମୋତେ କହିଥିଲେ, ବତ୍ସ ! ମୁଁ ତୁମକୁ ଶିଷ୍ୟ ହିସାବରେ ଗ୍ରହଣ କରି ପାରିବି ନାହିଁ । ମୋର ଏହି କ୍ଷୁଦ୍ର ଆଶ୍ରମ ତୁମ ସକାଶେ ନୁହେଁ । ମୁଁ ସ୍ପଷ୍ଟ ଭାବରେ ତୁମ ପଶ୍ଚାତରେ ଯୁଗ୍ମଗୁରୁଙ୍କୁ ଦେଖି ପାରୁଛି — ଯୁଗପୁରୁଷ ଓ ଶକ୍ତିମୟୀ ମାତୃଦେବୀ । ତୁମେ ସେ ଦୁହିଁଙ୍କର ଶିଷ୍ୟ, ମୋର ନୁହେଁ । ତୁମେ ଯଥା ସମୟରେ ସେ ଦୁହିଁଙ୍କର ଦର୍ଶନ ଲାଭ କରିବ । ବତ୍ସ ! ଏବେ ସନ୍ତୋଷ ମନରେ ଘରକୁ ଫେରିଯାଅ ।'...

''ଅବଶେଷରେ ୧୫ ଅଗଷ୍ଟ, ଦର୍ଶନ ଦିବସ ଉପସ୍ଥିତ । ଶ୍ରୀମାଶ୍ରୀଅରବିନ୍ଦଙ୍କ ଯୁଗଳମୂର୍ତ୍ତି ଦର୍ଶନରେ ନିଶିକାନ୍ତଙ୍କର ଅପୂର୍ବ ଭାବାବେଶ ! ଠିକ୍ ପରେ ପରେ ଶ୍ରୀମା ତାଙ୍କୁ ଜଣାଇ ଦେଲେ ଯେ ଶ୍ରୀଅରବିନ୍ଦ ତାଙ୍କୁ ଆଶ୍ରମବାସୀ ହିସାବରେ ଗ୍ରହଣ କରିଛନ୍ତି । ତେଣୁ ତାଙ୍କୁ ଆଉ ବଜାରର ସେଇ ହୋଟେଲରେ ରହିବାକୁ ହେବ ନାହିଁ ।

''ଖୁବ୍ ଶୀଘ୍ର ଶ୍ରୀମା ଆଶ୍ରମର ନିକଟରେ ଥିବା ଏକ ଦୁଇ ମହଲା କୋଠାର ତଳ ମହଲାର ଏକ କକ୍ଷକୁ ବାସୋପଯୋଗୀ କରିଦେବା ପରେ ତାଙ୍କୁ ସେଠାରେ ଆସି

ରହିବାକୁ ଖବର ଦେଲେ । ଘର ଭିତରକୁ ପ୍ରବେଶ କରି ନିଶିକାନ୍ତ କହି ଉଠିଥିଲେ, 'ଏହା ମୋ ପାଇଁ ରାଜମହଲ !' ଏହି ବାସଭବନଟିର ଫ୍ରେଞ୍ଚ୍ ନାମ ଥିଲା 'ଫନେତ୍ର' ଅର୍ଥାତ୍ 'ଝରକା' । ଏହା ଆଶ୍ରମର 'ସଁତର୍' ('ପରଫ୍ୟୁମ୍ ଡିପାର୍ଟମେଣ୍ଟ୍'ର ପାଖରେ ଥିବା ବାସଗୃହ) ।

''ସେହି ଘରର ଉପର ମହଲାରେ ସେତେବେଳେ ରହୁଥିଲେ ହାରୀନ୍ଦ୍ରନାଥ ଚଟ୍ଟୋପାଧ୍ୟାୟ । ପରେ ଉଦାର-ଜୀ ସପରିବାରରେ ସେଠାରେ ରହିଥିଲେ ।

''ନିଶିକାନ୍ତ ଏହି ବାସଭବନକୁ ଚାଲି ଆସିବା ପରେ ଶ୍ରୀମା ତାଙ୍କୁ ଏକ ସ୍ୱତନ୍ତ୍ର ଦର୍ଶନ ଦେଇ ଏହି ମର୍ମରେ ସତର୍କ କରାଇ ଦେଇଥିଲେ – 'ଯେହେତୁ ତୁମର ସୂକ୍ଷ୍ମଦର୍ଶନ କରିବାର ଅପୂର୍ବ କ୍ଷମତା ରହିଛି, ଏଠାରେ ରହିଲେ ବହୁତ କିଛି ଦର୍ଶନ କରିବ, କିନ୍ତୁ ତୁମକୁ ଅତ୍ୟନ୍ତ ସାବଧାନରେ ରହିବାକୁ ହେବ ।' ଏଇ ମୁହୂର୍ତ୍ତରୁ ହିଁ ନିଶିକାନ୍ତଙ୍କର ଆଶ୍ରମ-ଜୀବନର ଅୟମାରମ୍ଭ ।

''ବାସଭବନଟିର ଉପର ମହଲାରେ ହାରୀନ୍ଦ୍ରନାଥ ତାଙ୍କ ଟାଇପ୍ ରାଇଟର୍‌ରେ ଗୋଟିଏ ପରେ ଗୋଟିଏ ଇଂରାଜୀ କବିତା ଲେଖି ଶ୍ରୀଅରବିନ୍ଦଙ୍କର ଉଚ୍ଚ ପ୍ରଶଂସାର ପାତ୍ର ହୋଇ ଉଠିଥିଲେ । ଏବେ ତଳ ମହଲାରେ ହଠାତ୍ ଆରମ୍ଭ ହେଲା ହସ୍ତଲିପିରେ ବଙ୍ଗଳା ଓ ପରେ ପରେ ଉଭୟ ବଙ୍ଗଳା ଓ ଇଂରାଜୀ କବିତା ସୃଜନର ତୀବ୍ର ପ୍ରବାହ । ଶ୍ରୀଅରବିନ୍ଦଙ୍କ ଉକ୍ତିରେ ତାହା ଥିଲା, 'a sudden Brahmaputra of inspiration' (ଆଶୁ ସୃଜନର ବ୍ରହ୍ମପୁତ୍ର) ।''

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା

❑❑❑

**ତଥ୍ୟ ନିର୍ଦ୍ଦେଶିକା :**

୧. ଡାଲିୟା ସରକାର : କବି ନିଶିକାନ୍ତ (ଏକ ସଞ୍ଚାରୀ ରାଜହଂସ), ୧୯୯୬

୨. ନୀରଦବରଣ : 'କବି ନିଶିକାନ୍ତେର୍ ଜୀବନ-ସଂକଟେ', ରଚନା-ବିଚିତ୍ରା ।

# ମାତୃବନ୍ଦନା

## ବାନାମ୍ବର ମହାରଣା

କଅଁଳ ମୋ ହୃଦ-ପଦୁଅଁରେ ମାଆ
ଥାପି ଦିଅ ତୁମ ପାଦ
ଶୂନ୍ୟ ମନ୍ଦିର ମୋ ପୂର୍ଣ୍ଣ ହୋଇ ଯାଉ
ଦୂର ହେଉ ଅବସାଦ ॥୦॥

ଜନମେ ଜନମେ ମୁଁ ତୁମ ସନ୍ତାନ
ତୁମରି ସେବାରେ ବିତି ଯାଉ ଦିନ
ତୁମ ଶ୍ରୀପୟର ହୃଦେ ଥିଲେ ମୋର
ତୁଚ୍ଛ ଲାଗେ ଇନ୍ଦ୍ରପଦ ॥୧॥



ସକଳ ସତ୍ତାରେ ତୁମ ଅଭିବ୍ୟକ୍ତି
ଅନୁଭବିବାକୁ ଦିଅ ମା ଶକତି
ସଂଦୀପ୍ତ ହେଉ ମୋ ତନୁ-ମନ-ପ୍ରାଣ
ଲଭି ତୁମ ଆଶୀର୍ବାଦ ॥୨॥

କୃପାମୟୀ ତୁମ କରୁଣା-ନିର୍ଝର
ବିଶ୍ୱରୁ ବିଶ୍ୱକୁ ବହେ ନିରନ୍ତର
ସତ୍ୟର ପ୍ରକାଶ ସେ ଦିବ୍ୟ ଝରଣା
ଧୋଇ ଦେଉ ସବୁ କଳୁଷ କାଳିମା ॥୩॥

ତୁମରି ଇଚ୍ଛାରେ ଚଳେ ଏ ସଂସାର
ତୁମେ ଥିଲେ ମାଆ ସବୁ ଅଛି ମୋର
ସ୍ୱର୍ଗରେ ରଖ କି ନରକରେ ରଖ
ନ କରିବି ପ୍ରତିବାଦ ॥୪॥ ❑

# ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଅଭିଭାବକ

## (୪)


## ଗୟାଧର ଦାଶ


### ଯଥାର୍ଥ ମାତୃତ୍ୱ

ପ୍ରକୃତରେ ମାଆ ହେବା ବଡ଼ ଗହନ କଥା । ଖାଲି ଶିଶୁଟିଏ ଜନ୍ମ କରିଦେଲେ ଜଣେ ମାଆ ହୁଏ ନାହିଁ । ମା କହନ୍ତି – ''Maternity is considered as the principal role of woman. But this is true only so long as we understand what is meant by the word maternity. For to bring children into the world as rabbits do their young – instinctively, ignorantly, machine-like, that certainly cannot be called maternity! True maternity begins with the conscious creation of a being, with the willed shaping of a soul coming to develop and utilise a new body. The true domain of women is the spiritual. We forget it but too often.''

(MCW, Vol. 2, P. - 157)

''ମାତୃତ୍ୱକୁ ନାରୀର ପ୍ରଧାନ ଭୂମିକା ଭାବେ ବିଚାର କରାଯାଏ । ମାତ୍ର ଏହା ସେହି ପର୍ଯ୍ୟନ୍ତ ସତ୍ୟ ଯେପର୍ଯ୍ୟନ୍ତ ଆମେ ମାତୃତ୍ୱ ଶବ୍ଦର ଯଥାର୍ଥ ଅର୍ଥ ବୁଝି ନାହୁଁ । କାରଣ ଠେକୁଆ ଛୁଆ ଜନ୍ମ କରିବା ପରି ପ୍ରବୃତ୍ତି ଦ୍ୱାରା ପରିଚାଳିତ ହୋଇ ଅଜ୍ଞତାବଶତଃ ଯନ୍ତ୍ର ଭଳି ସଂସାରରେ ଛୁଆ ଜନ୍ମ କରିବାକୁ ନିଶ୍ଚିତ ଭାବରେ ମାତୃତ୍ୱ ବୋଲି କୁହାଯାଇ ପାରିବ ନାହିଁ । ଯେତେବେଳେ ଜାଗ୍ରତ ଭାବେ ଗୋଟିଏ ସତ୍ତାକୁ ସୃଷ୍ଟି କରାଯାଏ, ଯେତେବେଳେ ଅଭିବୃଦ୍ଧି ସାଧନ ଲାଗି ଏବଂ ଏକ ନୂତନ ଶରୀରର ସଦୁପଯୋଗ ଲାଗି ଆସୁଥିବା ଏକ ଆତ୍ମାକୁ ସ୍ୱେଚ୍ଛାକୃତଭାବେ ଗଠନ କରାଯାଏ ସେତିକିବେଳେ ହିଁ ଯଥାର୍ଥ ମାତୃତ୍ୱର ଆରମ୍ଭ ହୁଏ । ଆଧ୍ୟାତ୍ମିକତା ହିଁ ନାରୀମାନଙ୍କର ପ୍ରକୃତ କ୍ଷେତ୍ର । କିନ୍ତୁ ଏହାକୁ ଆମେ ସର୍ବଦା ଭୁଲିଯାଉ ।''

ପୁନଶ୍ଚ ମା କହନ୍ତି – ''To bear a child and construct his body almost subconsciously is not enough. The work really commences when, by the power of thought and will, we conceive and create a character capable of manifesting an ideal.''

(MCW, Vol. 2, P. -157)

ଅର୍ଥାତ୍, ''ଗୋଟିଏ ଶିଶୁକୁ ଗର୍ଭରେ ଧାରଣ କରିବା ଏବଂ ପ୍ରାୟ ଅର୍ଦ୍ଧଚେତନ ଭାବରେ ତା'ର ଶରୀରକୁ ଗଠନ କରିବା, ତାହା ଆଦୌ ଯଥେଷ୍ଟ ନୁହେଁ । ଯଥାର୍ଥରେ କର୍ମଟି ଆରମ୍ଭ ହୋଇଥାଏ ଯେତେବେଳେ ଚିନ୍ତା ଶକ୍ତି ଓ ସଂକଳ୍ପ ଶକ୍ତି ଦ୍ୱାରା ଆମେ ଏଭଳି ଏକ ଚରିତ୍ରକୁ ଗର୍ଭରେ ଧାରଣ କରିବା ଓ ଗଠନ କରିବା ଯିଏ ଏକ ଆଦର୍ଶକୁ ଅଭିବ୍ୟକ୍ତ କରିବା ଲାଗି ସମର୍ଥ ହେବ ।''

ଏହା ଏକ ଅସମ୍ଭବ କାର୍ଯ୍ୟ ବୋଲି କହିବା ଯୁକ୍ତିଯୁକ୍ତ ନୁହେଁ । ମା କହନ୍ତି ଅଗଣିତ ଉଦାହରଣ ରହିଛି ଯେଉଁଥିରୁ ଆମକୁ ଶିଖିବାକୁ ହେବ । ମାତାପିତା ସଚେତନ ହେଲେ ସେମାନେ ତାଙ୍କର ଅଭୀପ୍ସା ମୁତାବକ ଏକ ଆତ୍ମାକୁ ଆବାହନ କରି ଆଣିବାରେ ସମର୍ଥ ହୋଇ ପାରିବେ । ଏହା ନିଃସନ୍ଦିଗ୍ଧ ଭାବେ ସତ୍ୟ ଯେ ନାରୀ ହିଁ ଅତିମାନବକୁ ଜନ୍ମ ଦେବ । ମାଆ ଓ ଶ୍ରୀଅରବିନ୍ଦ ଯେଉଁ ଦିବ୍ୟମାନବ ଓ ଦିବ୍ୟସମାଜର କଥା କହିଛନ୍ତି, ତାହା ସେତିକିବେଳେ ସମ୍ଭବ ହୋଇପାରିବ ଯେତେବେଳେ ମାତାପିତାମାନେ ସେମାନଙ୍କର ଭୂମିକା ପ୍ରତି ସଚେତନ ହୋଇପାରିବେ, ଜୀବନର କ୍ରମ ବିବର୍ତ୍ତନର ଶିକ୍ଷାକୁ ଅଧ୍ୟୟନ କରିପାରିବେ ଏବଂ ଆତ୍ମ-ଧର୍ମରେ ନିଜକୁ ଦୀକ୍ଷିତ କରିପାରିବେ । ସେଥିପାଇଁ ମାଆ କହନ୍ତି ଯେ ବର୍ତ୍ତମାନ ମଣିଷକୁ ଉନ୍ନତ କରିଦେଇ କିଂବା କ୍ଷମତାଶାଳୀ କରିଦେଇ ଭବିଷ୍ୟତର ଦିବ୍ୟମାନବ ସୃଷ୍ଟି କରିବାର ଧାରଣାକୁ ପ୍ରଶ୍ରୟ ଦେବା ଉଚିତ ନୁହେଁ । ମଣିଷମାନଙ୍କ ମଧ୍ୟରୁ ନାରୀ ହିଁ ପ୍ରଥମେ ଏକ ବୃହତ୍, ସୁମହତ୍ ପରିବର୍ତ୍ତନକୁ ଉପଲବ୍ଧି କରିବା ଆବଶ୍ୟକ, କାରଣ ପୃଥିବୀପୃଷ୍ଠରେ ନୂତନ ମାନବଜାତି ସ୍ଥାପନରେ ପ୍ରଥମ

ନମୁନାମାନଙ୍କୁ ଜନ୍ମଦେବା କାର୍ଯ୍ୟଟି ନାରୀ ଉପରେ ହିଁ ନ୍ୟସ୍ତ କରାଯାଇଛି ।

ବେଦରେ ମାତୃ (ମା) ଶବ୍ଦକୁ କର୍ତ୍ତା, ନିର୍ମାତା, ସ୍ରଷ୍ଟା, ଜ୍ଞାତା ଆଦି ଭିନ୍ନ ଭିନ୍ନ ଅର୍ଥରେ ବର୍ଣ୍ଣନା କରାଯାଇଛି । ବ୍ୟଷ୍ଟିଗତ, ବିଶ୍ୱଗତ ଓ ବିଶ୍ୱାତୀତ ସ୍ତରରେ ଏକ ହିଁ ମା ଭିନ୍ନ ଭିନ୍ନ ରୂପରେ ପ୍ରକଟ ହୁଅନ୍ତି । ସକଳ ସୃଷ୍ଟିର ସେ ମାଆ; ବ୍ୟକ୍ତିର ମାଆ, ପ୍ରକୃତିର ମାଆ, କୋଟି କୋଟି ବ୍ରହ୍ମାଣ୍ଡର ସେ ମାଆ । ସେ ହିଁ ସୃଷ୍ଟି କରନ୍ତି, ପାଳନ କରନ୍ତି ଏବଂ ସଂହାର କରନ୍ତି । ସେହି ପରମା ଜନନୀଙ୍କର ଏକ ପ୍ରକାଶ ହେଉଛି ଆମର ଜନ୍ମଦାତ୍ରୀ ମାଆ । ଅଜ୍ଞାନର ଆବରଣ ଦ୍ୱାରା ଆଚ୍ଛାଦିତ ହୋଇ ନାରୀଟିଏ ତା' ଭିତରେ ପ୍ରଚ୍ଛନ୍ନ ହୋଇ ରହିଥିବା ପ୍ରଚଣ୍ଡ ମାତୃଶକ୍ତି ପ୍ରତି ସଚେତନ ହୋଇ ପାରେନା । ନାରୀ ହୃଦୟର ସେହି ଶକ୍ତି ଥରେ ଜାଗ୍ରତ୍ ହେଲେ ଦୁର୍ବଳତା ଅମୋଘ ସାମର୍ଥ୍ୟରେ ପରିଣତ ହେବା ସଙ୍ଗେ ସଙ୍ଗେ ଅସମ୍ଭବ ବି ସମ୍ଭବ ହୋଇଥାଏ । ସେଥିପାଇଁ ଜନନୀକୁ ସର୍ବୋଚ୍ଚ ଆସନ ଦିଆଯାଇଛି । ମା'ର ଆସ୍ପୃହା ହିଁ ଦିବ୍ୟଶକ୍ତି ଓ ଦିବ୍ୟ-ସତ୍ତାମାନଙ୍କୁ ପୃଥିବୀପୃଷ୍ଠକୁ ଉତ୍ତାରି ଆଣିପାରେ । ତା'ର ମମତା ନିର୍ଝରିଣୀ ସଦୃଶ ଶୁଦ୍ଧ, ପବିତ୍ର ଓ ନିଷ୍କପଟ । ତା'ର ପ୍ରେମର ପଟାନ୍ତର ନାହିଁ । ମାତୃ ହୃଦୟର ପରଶରେ ସକଳ ବେଦନା ପ୍ରଶମିତ ହୁଏ । ସମଗ୍ର ଜଗତକୁ ପ୍ରେମ ଓ ଆନନ୍ଦରେ ରସାପ୍ଲୁତ କରେ । ସେ ହିଁ ପ୍ରେରଣାର ଉତ୍ସ । ତା'ର ପ୍ରେରଣାରେ ଅନ୍ଧ, ମୂକ, ବଧିର, ଅଥର୍ବ ବି ଜୀବନ ପାଏ । ତା'ର ହସ ହସ ମୁହଁ, ନିଃସ୍ୱାର୍ଥପର ସ୍ନେହ ଓ ସେବା, ଛନ୍ଦ ଓ କପଟହୀନ ମଧୁର ବାଣୀ ସମସ୍ତଙ୍କ ପାଇଁ ସ୍ୱର୍ଗୀୟ ଦାନ । ସେହି ମାଆ ଯଦି ତା'ର ଉତ୍ସ ପ୍ରତି ସଚେତନ ହୁଏ ତେବେ ଅସଙ୍ଗତିଭରା ଦୁନିଆଟା ସ୍ୱର୍ଗରେ ପରିଣତ ହୋଇପାରିବ ।

ସମଗ୍ର ସଂସାରଟା ହେଉଛି ମାଆର ଘର । ସେ ହିଁ ପରିବାରର ନେତ୍ରୀ ବା କର୍ତ୍ତ୍ରୀ । ମାଆ ପାଖକୁ ସମସ୍ତେ ଆକର୍ଷିତ ହୋଇ ଆସନ୍ତି । ଅକୁହା କଥା କହନ୍ତି, କାରଣ ମାଆର କୋଳ ହିଁ ଅସଲ ଘର; ସୁରକ୍ଷା ବଳୟ, ଶାନ୍ତି ଓ ଆନନ୍ଦର ପୀଠ । ସେହି ମାଆ ଚାହିଁଲେ ଭଙ୍ଗା ଘରକୁ ଯୋଡ଼ି ଦେଇପାରେ ଏବଂ ଯୋଡ଼ି ହୋଇଥିବା ଘରକୁ ଭାଙ୍ଗି ଦେଇପାରେ । ସେହି ମାଆର ଆତ୍ମଶକ୍ତି ହିଁ ଅନ୍ଧକାର ଭିତରେ ଆଲୋକ ଜଳାଇ ଦିଏ । ଯେଉଁ ମାଆର ହାତରେ ଶିଶୁର ଭବିଷ୍ୟତ୍ ଗଠନ ହୁଏ, ନୂତନ ଯୁଗର ବାର୍ତ୍ତାବହ, ଭବିଷ୍ୟତର ଅତିମାନବକୁ ରୂପ ଦେବାରେ ଯେଉଁ ମାଆଠାରେ ଅମୋଘ ସାମର୍ଥ୍ୟ ରହିଛି ସେହି ମାଆକୁ କିଏ ବା ଭୁଲିପାରେ, କିଏ ବା ଅସମ୍ମାନ କରିପାରେ । ଯେଉଁ ଦେଶ ମାତୃଜାତି ପ୍ରତି ଯେତେ ସମ୍ମାନ ଦିଏ ସେଇ ଦେଶ ସେତେ ଉନ୍ନତ ।

ବର୍ତ୍ତମାନର ପରିସ୍ଥିତିକୁ ଅବଲୋକନ କଲେ ଜଣାଯାଏ ଯେ ଚତୁର୍ଦ୍ଦିଗରେ ହିଂସା, ଘୃଣା, ରକ୍ତପାତ, ମିଥ୍ୟାଚାର, ବ୍ୟଭିଚାର ଆଦି ଘେରି ରହିଛି । ଏପରି ଏକ ବିଷମୟ ପରିସ୍ଥିତିରୁ ଐକ୍ୟ, ସଂହତି, ଶାନ୍ତି ଓ ଆନନ୍ଦ ଚାହିଁବା ବୃଥା ଅଭିଳାଷ ମାତ୍ର । କିନ୍ତୁ କୌଣସି ଏକ ପରିସ୍ଥିତି ସବୁକିଛିକୁ ଓଲଟପାଲଟ କରିଦିଏ; ଆଶାର ଆଲୋକ ଜାଳି ଦିଏ । ଆମେ ଯଦି ନୀରବ ହୋଇ ହୃଦୟର ବାଣୀକୁ କାନ ଦେଇ ଶୁଣିବା ତେବେ ଆମେ ଜାଣିପାରିବା ଯେ ଆମର ଚେତନା ଆଉ କ୍ଷୁଦ୍ର ପରିବାର ବା ସମାଜ ମଧ୍ୟରେ ବାନ୍ଧି ହୋଇ ରହିବାକୁ ଚାହୁଁନି । ତାହା ଧୀରେ ଧୀରେ ପ୍ରସାରିତ ହେବାରେ ଲାଗିଛି । ଏପରି ଏକ ଅନୁଭବ ଜାଗ୍ରତ୍ ହେଲେ ଆମେ ନିଜର ସ୍ୱାର୍ଥ ପାଇଁ ନୁହେଁ ବରଂ ସମାଜ ପାଇଁ ଏବଂ ନୂତନ ସୂର୍ଯ୍ୟୋଦୟର ଆଗମନୀ ସକାଶେ ଚିନ୍ତା କରିବା ଓ କାର୍ଯ୍ୟ କରିବା ସକାଶେ ତତ୍ପରତା ପ୍ରକାଶ କରିପାରିବା । ଦୁନିଆକୁ ପରିବର୍ତ୍ତନ କରିବାକୁ ହେଲେ ପ୍ରଥମେ ନିଜକୁ ପରିବର୍ତ୍ତନ କରିବା ଆବଶ୍ୟକ । ନିଜର ଶୁଦ୍ଧ ଚେତନା, ତ୍ୟାଗ ଓ ପ୍ରେମ ଉପରେ ହିଁ ଭବିଷ୍ୟତ୍ ବଂଶଧରର ଇମାରତଟି ଗଢ଼ିଉଠେ । ଶିଶୁକୁ ଶିକ୍ଷା ଦେବା ପୂର୍ବରୁ ନିଜକୁ ଯୋଗ୍ୟ କରିବାକୁ ହେବ । ନିଜକୁ ନିଜେ ପଚାରିବାକୁ ହେବ ଯେ ନୂତନ ଶିକ୍ଷା, ନୂତନ ଆଲୋକ, ନୂତନ ଜଗତ୍ ପାଇଁ ମୋର କିଛି ଅବଦାନ ଅଛି କି ? କେବଳ ଘୋଷରା ପଥରେ ଘୋଷାରି ହୋଇ ଘୁଷୁରି ପରି ଜୀବନ କଟାଇବାରେ ନୂତନତ୍ୱ କିଛି ନ ଥାଏ । ନିଜର ସ୍ୱଧର୍ମ ଓ ସ୍ୱତନ୍ତ୍ରତାର ପୂର୍ଣ୍ଣ ଅଭିବ୍ୟକ୍ତିରେ ନୂତନ କିଛି ହେବାର ସମ୍ଭାବନା ରହିଛି । ଆମେ ଯଦି ନୂଆ କିଛି ହେବା ପାଇଁ ସଂକଳ୍ପ କରିବା ଏବଂ ନିରନ୍ତର ପ୍ରୟାସ କରୁଥିବା – ତେବେ ଶିଶୁଟି ମଧ୍ୟ ନୂଆ କିଛି ପାଇପାରିବ ଏବଂ ନିଜକୁ ଆବିଷ୍କାର କରିବାର ସୁରାକ ମଧ୍ୟ ଲାଭ କରିପାରିବ । ବର୍ତ୍ତମାନଠାରୁ ଆମକୁ ଆମର ଯଥାର୍ଥ ସ୍ଥିତି ସମ୍ବନ୍ଧରେ ଅବହିତ ହେବାକୁ ପଡ଼ିବ ଏବଂ ଆମର ଉପଯୁକ୍ତ ସ୍ଥାନ ଗ୍ରହଣ କରିବାକୁ ହେବ ଆଧ୍ୟାତ୍ମିକ ଗୁରୁ ଭାବରେ । ମାତାପିତା ହେଉଛନ୍ତି ଆଧ୍ୟାତ୍ମିକ ଗୁରୁ, ଯିଏ ନିଜର ସନ୍ତାନମାନଙ୍କର ଆତ୍ମ-ଶକ୍ତିକୁ ଜାଗ୍ରତ୍ କରାଇ ପାରିବେ । ନିଜର କାର୍ଯ୍ୟ, କଥା, ଚିନ୍ତା ଓ ଚେତନାର ପ୍ରଭାବ

ଦ୍ୱାରା ଶିଶୁକୁ ଯଥାର୍ଥ ଶିକ୍ଷା ଦେବାରେ ଏବଂ ଭବିଷ୍ୟତ୍ ମାର୍ଗ ପ୍ରଦର୍ଶନରେ ପ୍ରେରଣାର ଉତ୍ସ ହୋଇପାରିବେ । ଆଧ୍ୟାତ୍ମିକ ଶକ୍ତିର ପ୍ରୟୋଗ ଦ୍ୱାରା ହିଁ ସକଳ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ । ଏକ ନୂତନ ଆଧ୍ୟାତ୍ମିକ ଅନ୍ତଃପ୍ରବାହ ପ୍ରତ୍ୟେକ ବ୍ୟକ୍ତି ଭିତରେ ପରିବର୍ତ୍ତନର ଧାରାକୁ ସତେଜ ଓ ଜୀବନ୍ତ କରିବା ସହ ବିରାଟ ପ୍ରତିବନ୍ଧକଗୁଡ଼ିକୁ ଅତିକ୍ରମ କରିବାରେ ସମର୍ଥ ହୋଇପାରିବ । ଆଜି ପର୍ଯ୍ୟନ୍ତ ଅଜ୍ଞାତ ଥିବା ଭଗବତ୍ ଶକ୍ତିର ପ୍ରକାଶ ଓ ଆମ ପାଇଁ ନୂତନ ହୋଇ ରହିଥିବା ଏକ ଭାଗବତ ସଂକଳ୍ପ ପୃଥିବୀପୃଷ୍ଠରେ ଅବତରଣ କରି ଏଠାରେ ଏକ ନୂତନ ରୂପ ଦେବା ପାଇଁ କ୍ରିୟା କରୁଛି । ସେହି ଆଲୋକ ଓ ଶକ୍ତିକୁ ଧାରଣ କରି ଶିଶୁମାନେ ଜନ୍ମଗ୍ରହଣ କରୁଛନ୍ତି । ସେମାନଙ୍କ ଭିତରେ ପୃଥିବୀର ବର୍ତ୍ତମାନ ଅବସ୍ଥାକୁ ପରିବର୍ତ୍ତନ କରିବାର ସାମର୍ଥ୍ୟ ରହିଛି । ସେହି ନବଦ୍ୟୋତକ, ଯୁଗାନ୍ତକାରୀ ଶାନ୍ତି ଦୂତମାନଙ୍କୁ ନାରୀ ବିନା କିଏ ବା ଜନ୍ମ ଦେଇପାରିବ ?

ମା କହନ୍ତି, – ''ପୃଥିବୀର ଏପରି ସଂକଟପୂର୍ଣ୍ଣ ସମୟରେ ଆମର ସବୁଠାରୁ ଉଚ୍ଚତମ ବ୍ୟକ୍ତିଗତ ଆଦର୍ଶକୁ ପ୍ରକାଶିତ କରୁଥିବା ଏକ ସତ୍ତାକୁ ଜନ୍ମଦେବା ଏଣିକି ଆଉ ଯଥେଷ୍ଟ ନୁହେଁ; ଭବିଷ୍ୟତରେ ପ୍ରକୃତି କି ପ୍ରକାର ରୂପ ଦେବା ପାଇଁ ଯୋଜନା କରୁଅଛି ତାହା ଜାଣିବା ସକାଶେ ଆମ୍ଭମାନଙ୍କୁ ଉଦ୍ୟମ କରିବାକୁ ହେବ । ଆମ୍ଭେମାନେ ଶୁଣିଥିବା କିଂବା ଜାଣିଥିବା ସବୁଠାରୁ ମହାନ୍ ବ୍ୟକ୍ତି ସଦୃଶ କିଂବା ତାଙ୍କଠାରୁ ଅଧିକ ମହାନ୍, ଅଧିକ ଯୋଗ୍ୟ ଓ ପ୍ରତିଭାଶାଳୀ ବ୍ୟକ୍ତି ସୃଷ୍ଟି କରିବା ଏଣିକି ଯଥେଷ୍ଟ ନୁହେଁ; ଆମ୍ଭମାନଙ୍କର ଚିନ୍ତାଶକ୍ତି ଓ ଇଚ୍ଛାଶକ୍ତିର ନିରନ୍ତର ଆସ୍ପୃହା ଦ୍ୱାରା ସର୍ବୋତ୍ତମ ସମ୍ଭାବନାର ସଂସ୍ପର୍ଶରେ, ମାନସିକ ସ୍ତରରେ ଆସିବା ପାଇଁ ଉଦ୍ୟମ କରିବାକୁ ହେବ ଯଦ୍ଦ୍ୱାରା ସମସ୍ତ ମାନବିକ ମାପକାଠି ଏବଂ ଗଠନ ଠାରୁ ଅଧିକ ହୋଇ ଅତିମାନବ ଜନ୍ମଗ୍ରହଣ କରିବ ।

''କିଛି ସମ୍ପୂର୍ଣ୍ଣ ନୂତନ ଓ ଅପ୍ରତ୍ୟାଶିତ ସୃଷ୍ଟି କରିବା ପାଇଁ ପ୍ରକୃତି ପୁଣି ଥରେ ଏପ୍ରକାର ଆବେଗ ଅନୁଭବ କରୁଅଛି । ଆମକୁ ଏହି ଆବେଗର ନିଶ୍ଚୟ ଉତ୍ତର ଦେବାକୁ ଓ ଏହାକୁ ସ୍ୱୀକାର କରିବାକୁ ପଡ଼ିବ ।

''ପ୍ରକୃତିର ଏହି ଆବେଗ ଆମକୁ କେଉଁ ଦିଗକୁ ନେଉଅଛି, ଚାଲ ପ୍ରଥମେ ତାହା ଆବିଷ୍କାର କରିବା । ଏଥିପାଇଁ ଅତୀତ ଆମକୁ ଯେଉଁ ଶିକ୍ଷା ଦେଇ ଅଛି ତାହାକୁ ଫେରି ଚାହିଁବା ହେଉଛି ସର୍ବୋତ୍କୃଷ୍ଟ ପନ୍ଥା ।

''ଆମେ ଦେଖିବାକୁ ପାଉ ଯେ ପ୍ରକୃତିର ପ୍ରତ୍ୟେକଟି ପ୍ରଗତି ଏବଂ ପୃଥିବୀ ଉପରେ ପ୍ରକାଶ ପାଉଥିବା ନୂତନ ଦକ୍ଷତା ଓ ନୂତନ ନୀତି ଏକ ନୂତନ ଜାତିର ଆବିର୍ଭାବ ଦ୍ୱାରା ଚିହ୍ନିତ ହୋଇଥାଏ । ସେହିପରି ଜାତି, ଜନସାଧାରଣ ଓ ବ୍ୟକ୍ତିମାନଙ୍କ ଜୀବନର ପ୍ରଗତିଶୀଳ ରୂପ ମାନବ ଯୁଗଚକ୍ର ମାଧ୍ୟମରେ ନିରନ୍ତର ଉଦ୍‌ବୁଦ୍ଧ ଓ ଫଳବତୀ ହୋଇ ଏବଂ ମାନବଜାତିର ପଥପ୍ରଦର୍ଶକମାନଙ୍କର ଉଦ୍ୟମ ଦ୍ୱାରା ନୂତନତ୍ୱ ପ୍ରାପ୍ତ ହୋଇ ପରସ୍ପରକୁ ଅନୁସରଣ କରନ୍ତି ଏବଂ ଏହିସବୁ ରୂପ ପ୍ରକୃତିର ଦୁର୍ବୋଧ ଓ ଗୌରବାନ୍ୱିତ ଲକ୍ଷ୍ୟସ୍ଥଳ ଆଡ଼କୁ ଅଗ୍ରସର ହୁଅନ୍ତି... ।

''ପ୍ରତ୍ୟେକ ଜାତି, ପ୍ରତ୍ୟେକ ସଭ୍ୟତା, ପ୍ରତ୍ୟେକ ମାନବସମାଜ, ପ୍ରତ୍ୟେକ ଧର୍ମ ପ୍ରକୃତିର ନୂତନ ଉଦ୍ୟମର ପ୍ରତିନିଧିତ୍ୱ କରନ୍ତି; ପ୍ରକୃତି ଅସୀମ ସମୟ ମଧ୍ୟରେ ବହୁକାଳବ୍ୟାପୀ କରି ଆସୁଥିବା ପର୍ଯ୍ୟାୟ ମଧ୍ୟରୁ ଏହା ଅନ୍ୟ ଏକ ପଦକ୍ଷେପ ।

''ବର୍ତ୍ତମାନ ପଶୁମାନଙ୍କ ଭଳି ରୂପ ମଧ୍ୟରେ ଏପରି ଏକ ରୂପ ଥିଲା ଯେଉଁଥିରୁ କି ମଣିଷ ଜନ୍ମଲାଭ କଲା । ସେହିପରି ସାମାଜିକ ଏବଂ ଧାର୍ମିକ ଶ୍ରେଣୀ ମଧ୍ୟରେ ଦିନେ ଏପରି ଜଣେ ନିଶ୍ଚୟ ଜନ୍ମଗ୍ରହଣ କରିବ ଯେଉଁଥିରୁ କି ଅତିମାନବ ବାହାରିବ । କାରଣ ଜୀବନର ପ୍ରଥମ ଅଙ୍କୁରୋଦ୍‌ଗମଠାରୁ ମଣିଷ ସୃଷ୍ଟି ହେବା ପର୍ଯ୍ୟନ୍ତ ଓ ତା'ଠାରୁ ଜନ୍ମଗ୍ରହଣ କରିବାକୁ ଥିବା ଭଗବାନଙ୍କ ଆବିର୍ଭାବ ପର୍ଯ୍ୟନ୍ତ ତା'ର ଧାରାବାହିକ ଉଦ୍ୟମ ମଧ୍ୟରେ ପ୍ରକୃତି ଏହା ହିଁ ଖୋଜି ଚାଲିଛି ।

''ବହୁସଂଖ୍ୟକ ମନୁଷ୍ୟ ମଧ୍ୟରେ ପ୍ରକୃତି ଅତିମାନବର ସମ୍ଭାବନାକୁ ଖୋଜି ଚାଲିଛି ଏବଂ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କ ଭିତରେ ସେ ଭଗବାନଙ୍କୁ ଉପଲବ୍ଧି କରିବାକୁ ଲକ୍ଷ୍ୟ ରଖିଛି । ପ୍ରକୃତିର ଏହି ଆହ୍ୱାନର ଉତ୍ତର ଆମ୍ଭମାନଙ୍କୁ ଦେବାକୁ ପଡ଼ିବ ଏବଂ ଏହି ବିଶାଳ ଓ ଚମତ୍କାର କାର୍ଯ୍ୟ ନିମନ୍ତେ ଆମ୍ଭମାନଙ୍କ ଜୀବନକୁ ନିଶ୍ଚିତ ରୂପେ ଉତ୍ସର୍ଗ କରିବାକୁ ପଡ଼ିବ... ।

''ଯଦି ମଣିଷ ଆଧ୍ୟାତ୍ମିକ ହେବା ପାଇଁ ଥରେ ସ୍ୱୀକାର କରେ, ତାହାହେଲେ ସବୁ ପରିବର୍ତ୍ତନ ହୋଇଯିବ ଏବଂ ସବୁ ସହଜ ହୋଇଯିବ । ନିଜର ଅନୁଭୂତିସମ୍ପନ୍ନ ସତ୍ତାର ସତ୍ୟ ନିକଟରେ ଆଧ୍ୟାତ୍ମିକ ମଣିଷର ଏକ ସ୍ୱତଃସ୍ଫୂର୍ତ୍ତବଶ୍ୟତା ଦ୍ୱାରା ଯେତେବେଳେ ସେ ନିଜେ ଆପଣାର ହୋଇପାରିବ ଏବଂ ନିଜର ବାସ୍ତବ ପ୍ରକୃତିକୁ ଚିହ୍ନି ପାରିବ ସେତେବେଳେ ଯାଇ ଆଧ୍ୟାତ୍ମିକ ଜୀବନର ଉଚ୍ଚତର ପରିପୂର୍ଣ୍ଣତା ଆସିବ... ।

''ଅତଏବ ନୂତନ ଯୁଗରେ ଯେଉଁ ବ୍ୟକ୍ତିମାନେ ମାନବସମାଜର ଭବିଷ୍ୟତକୁ ସବୁଠାରୁ ଅଧିକ ସାହାଯ୍ୟ କରିବେ ସେମାନେ ହେଲେ ଯେଉଁମାନେ ଆଧ୍ୟାତ୍ମିକ ବିବର୍ତ୍ତନକୁ ଲକ୍ଷ୍ୟ ହିସାବରେ ଗ୍ରହଣ କରିଥିବେ ଏବଂ ସେଥିରେ ମଣିଷର ଆବଶ୍ୟକତା ରହିଛି ବୋଲି ଉପଲବ୍ଧି କରିଥିବେ । ଯେପରି ପଶୁଜାତୀୟ ମଣିଷ ଅତିଶୟ ବୁଦ୍ଧିମାନ୍ ମଣିଷରେ ପରିଣତ ହୋଇଛି, ସେହିପରି ବର୍ତ୍ତମାନର ମାନବଜାତି ଏକ ଆଧ୍ୟାତ୍ମିକ ମାନବଜାତିରେ ପରିଣତ ହେବ ଏବଂ ତା'ର କ୍ରମବିକାଶ ମଧ୍ୟ ହେବ ।

''ଏହି ବ୍ୟକ୍ତିମାନଙ୍କ ମଧ୍ୟରେ ନାରୀ ହିଁ ପ୍ରଥମେ ଏହି ବିରାଟ ପରିବର୍ତ୍ତନକୁ ଉପଲବ୍ଧି କରିବାକୁ ସମର୍ଥ ହେବ, କାରଣ ପୃଥିବୀରେ ଏହି ନୂତନ ଜାତିର ପ୍ରଥମ ନମୁନାମାନଙ୍କୁ ଜନ୍ମଦେବା ହେଉଛି ନାରୀମାନଙ୍କର ବିଶେଷ କାର୍ଯ୍ୟ ।

''ଏହି କାର୍ଯ୍ୟଟିକୁ କରିପାରିବାକୁ ହେଲେ ଏହି ଆଧ୍ୟାତ୍ମିକ ପରିବର୍ତ୍ତନଟିର ଯେ ବାସ୍ତବ କ୍ଷେତ୍ରରେ କେଉଁ ପରିଣାମମାନ ଘଟିବ ସେମାନେ ଅବଶ୍ୟ ଅଳ୍ପ ବହୁତ ପରିମାଣରେ ତାହାର କଳ୍ପନା କରିପାରୁଥିବେ । କାରଣ କେବଳ ବାହାରଗୁଡ଼ିକ ବଦଳି ଗଲେ ହିଁ ଯଦି ତାହା ସମ୍ଭବ ନ ହୋଇ ପାରୁଛି, ତଥାପି ପ୍ରକୃତରେ ଏହିସବୁ ପରିବର୍ତ୍ତନକୁ ନ ଘଟାଇଲେ ମଧ୍ୟ ତାହା କେବେହେଲେ ସମ୍ଭବ ହେବ ନାହିଁ ।''

(MCW, Vol. 2, pp. 157-162)

ଯେତେବେଳେ ଆମେ ନିଜେ ବଦଳିଯିବା ସେତେବେଳେ ଆମ ଚାରିପଟର ଦୁନିଆଟା ମଧ୍ୟ ବଦଳିବାକୁ ଲାଗିବ । ତେଣୁ କିଏ କ'ଣ କଲା, କିଏ କ'ଣ କହିଲା, ଘଟଣାଟି କିପରି ଘଟିବ ବା ଘଟିଲା, ଏମିତି ପରିସ୍ଥିତି ମଧ୍ୟରେ ମୁଁ ଅବା କ'ଣ କରିବି ଆଜିର ଜାଲ ଭିତରେ ପଡ଼ି ଯାଇ ଆମେ କହୁ ଯେ ସମାଜ ସହିତ ତାଳ ଦେଇ ଚାଲିବାକୁ ହେଲେ ମୋତେ ଅନ୍ୟମାନଙ୍କୁ ଅନୁସରଣ କରିବାକୁ ହେବ । ମୋର ପିଲାମାନେ ଯଦି କିଛି ନ କରିବେ ତେବେ ସେମାନେ ବଞ୍ଚିବେ କିପରି ? ସେଥିପାଇଁ ସେମାନେ ନିଜ ଗୋଡ଼ରେ ଛିଡ଼ା ହେବା ପର୍ଯ୍ୟନ୍ତ ମୋତେ ଯେତେ କଷ୍ଟ କରିବାକୁ ପଡ଼ିବ, ଯାହା କିଛି କରିବାକୁ ହେବ, ତାହା ସବୁ କରିବାକୁ ହେବ । ଅନ୍ୟମାନେ ତ କେହି ଆଦର୍ଶ ହେବାର ମୁଁ ଦେଖୁ ନାହିଁ, ତେବେ ମୁଁ କାହିଁକି ମୋ ଜୀବନ ତଥା ମୋ ପିଲାମାନଙ୍କର ଜୀବନକୁ ବାଜି ରଖି ତୁଚ୍ଛା ଆଦର୍ଶଟା ପାଇଁ ଆଗକୁ ଡେଇଁ ପଡ଼ିବି । ଯେତେବେଳେ ଯାହା ହେବ ସେତେବେଳେ ଦେଖାଯିବ । ପିଲାମାନଙ୍କ ପାଇଁ ଯଦି ଧନ ସଞ୍ଚୟ ହୋଇ ରହିବ ତେବେ ସେମାନଙ୍କ ଜୀବନଟା ହୁଏତ ସୁଖରେ କଟିଯିବ । ଏହିପରି ନାନା ଚିନ୍ତା, ଆଶା, ପ୍ରତ୍ୟାଶା, ଆବେଗ, କ୍ରିୟା ଓ ପ୍ରତିକ୍ରିୟା ମଧ୍ୟରେ ଆମେ ବ୍ୟତିବ୍ୟସ୍ତ ହୋଇପଡୁ । ଜୀବନରେ ହସିବା ତ ଦୂରର କଥା ବରଂ କଷ୍ଟ କଲେ କୃଷ୍ଣ ମିଳିବା ନ୍ୟାୟରେ ଏକ ହା-ହୁତାଶମୟ ଜୀବନ ବଞ୍ଚିବାକୁ ପସନ୍ଦ କରୁ । ଏହା ଦ୍ୱାରା ଆମେ କ'ଣ ପାଉ, କ'ଣ ହରାଉ ତାହା ଆମେ ଜାଣି ପାରୁନା । ଆତ୍ମ-ସମୀକ୍ଷା କରିବାକୁ ଆମ ପାଖରେ ସମୟ ନ ଥାଏ । ନିଜକୁ ସର୍ବଦା ଅସୁରକ୍ଷିତ ବୋଲି ମଣିଥାଉ । ଏପ୍ରକାର ଭାବନା ହିଁ ଆମକୁ ଆମର ଚୈତ୍ୟସତ୍ତାଠାରୁ ଦୂରେଇ ରଖେ ଯିଏ ଆମର ସୁରକ୍ଷା ଦାୟିତ୍ୱ ନେଇଛନ୍ତି ଏବଂ ଜୀବନର ସର୍ବୋଚ୍ଚ ସ୍ତରକୁ ଉନ୍ନୀତ ହେବା ପାଇଁ ଆମର ସମ୍ମତିକୁ ଚାହିଁ ବସିଛନ୍ତି ।

ଭାରତ ଏକ ଦେବଭୂମି । ଏହି ଭୂମିରେ ଅନେକ ମହାପୁରୁଷ ଅବତୀର୍ଣ୍ଣ ହୋଇ ଲୀଳା କରିଛନ୍ତି । ଧ୍ରୁବ, ପ୍ରହଲ୍ଲାଦ ପରି ଅନେକ ଶିଶୁ ଚରିତ୍ରଙ୍କ ବିଷୟରେ ଆମେ ପଢ଼ିଛୁ । ଋଷି ସନ୍ତାନମାନଙ୍କର ମାତାମାନେ କେଉଁ ଚେତନାରେ ରହୁଥିଲେ ଏବଂ ସେମାନଙ୍କର କି ପ୍ରକାର ମନୋଭାବ ଥିଲା ସେସବୁକୁ ବିଶ୍ଳେଷଣ କଲେ ଆମେ ଅନେକ କଥା ଜାଣି ପାରିବା । ପିଲାଙ୍କ ଆଗରେ ଦୃଷ୍ଟାନ୍ତ ହେବା ଏବଂ ଚେତନାର ପ୍ରଭାବରେ ହିଁ ପିଲାମାନେ ବିଶେଷ ଭାବରେ ଦିବ୍ୟ-ସ୍ପନ୍ଦନଗୁଡ଼ିକୁ ଧରି ରଖିବାରେ ସମର୍ଥ ହୋଇଥା'ନ୍ତି । ଭଗବାନଙ୍କର ଆଶୀର୍ବାଦ ସ୍ୱରୂପ ମାତାପିତାଙ୍କୁ ସନ୍ତାନ ମିଳିଥା'ନ୍ତି । ସେଥିପାଇଁ ମାତାପିତା ଭଗବାନଙ୍କ ପାଖରେ କୃତଜ୍ଞତା ପ୍ରକାଶ କରିବା ଉଚିତ । ଯଦି ଆମେ ସନ୍ତାନକୁ ନିଜ ସମ୍ପତ୍ତି ବୋଲି ଭାବି ନିଜର ମନ ମୁତାବକ କାର୍ଯ୍ୟ କରିବା ତେବେ ଦୁଃଖ, ବିପଦ, ରୋଗରେ ପଡ଼ିଥିବା ସମୟରେ ଆମେ ସେଥିରୁ ମୁକ୍ତି ପାଇବା ପାଇଁ ଭଗବାନଙ୍କୁ କାହିଁକି ପ୍ରାର୍ଥନା କରୁ ? ଭଗବାନଙ୍କ ସମ୍ପତ୍ତି ଉପରେ ନିଜର ଅଧିକାର ସାବ୍ୟସ୍ତ କରିବା ହେଉଛି ମୋହାନ୍ଧ ମଣିଷର ଦୁର୍ଭାଗ୍ୟ । ସୁତରାଂ ମାତାପିତାମାନେ ନିଜର କର୍ମ ପ୍ରତି ସଚେତନ ହେବା ସଙ୍ଗେ ସଙ୍ଗେ ଆତ୍ମ-ସମୀକ୍ଷା କରିବା ଉଚିତ ଏବଂ ଶିଶୁକୁ ଶିକ୍ଷା ଦେବା ପୂର୍ବରୁ ନିଜେ ଜଣେ ଯୋଗ୍ୟ ଶିକ୍ଷକ ହେବା ପାଇଁ ନିରନ୍ତର ପ୍ରୟାସ କରିବା ଉଚିତ ।

(କ୍ରମଶଃ)

❑❑❑

# ଆମ ଶରୀର

## (୨୯)

## ଭୋଳେଶ୍ୱର ଭୂୟାଁ

### ଶରୀର ରୂପାନ୍ତରର ଉପାୟ

ଶରୀର ରୂପାନ୍ତରର ଉପାୟ ଏବେ ବି କାହାରିକୁ ଜଣା ନାହିଁ । ଏ ପୃଥିବୀପୃଷ୍ଠରେ କେହି କେବେ ବି ଏ କାମ ପାଇଁ ପ୍ରଚେଷ୍ଟା କରି ନାହାନ୍ତି । ପରମ ପ୍ରଭୁ ଶ୍ରୀଅରବିନ୍ଦ ଓ ଜଗଜ୍ଜନନୀ ଶ୍ରୀମା ପୃଥିବୀପୃଷ୍ଠରେ ଅବତରଣ କରି ଶରୀର ରୂପାନ୍ତରର ଏହି ଅଜଣା ପଥରେ ତାଙ୍କ ସନ୍ତାନମାନଙ୍କୁ ନେଇ ଅଗ୍ରସର ହେବାକୁ ଆରମ୍ଭ କଲେ । ଶରୀର ତ୍ୟାଗ ପରେ ମଧ୍ୟ ଏହି କାମରେ ଶ୍ରୀଅରବିନ୍ଦ ସର୍ବଦା ସାହାଯ୍ୟ କରି ଆସିଛନ୍ତି । ଏ ବିଷୟରେ ଶ୍ରୀମା କହୁଛନ୍ତି : ''ମୁଁ ଯେତେବେଳେ ଶ୍ରୀଅରବିନ୍ଦଙ୍କୁ କହିଲି ମୁଁ ଶରୀର ତ୍ୟାଗ କରିବାକୁ ଚାହେଁ (ଆମେ ଦୁଇଜଣ ଜାଣିଥିଲୁ ଆମ ଦୁଇଜଣଙ୍କ ମଧ୍ୟରୁ ଜଣକୁ ଯିବାକୁ ପଡ଼ିବ); ମୁଁ ତତ୍‌କ୍ଷଣାତ୍ ତାଙ୍କୁ କହିଲି 'ମୁଁ ଯିବି' । ଏବଂ ସେ କହିଲେ, 'ନା ତୁମ ଶରୀର ମୋ ଶରୀରଠାରୁ ରୂପାନ୍ତର କାମକୁ ସହ୍ୟ କରିବା ପାଇଁ ବେଶୀ ସକ୍ଷମ ।' — ଶ୍ରୀଅରବିନ୍ଦ ଏହା କହିଲେ ଏବଂ ମୁଁ ଏହାକୁ ମାନି ନେଲି ।''

(Mother's Yoga, Vol. 2, P. 367)

ଏହାପରେ ମା'ଙ୍କ ଶରୀର ରୂପାନ୍ତର କାମ ଆରମ୍ଭ ହେଲା ଏବଂ ଶ୍ରୀଅରବିନ୍ଦ ମା'ଙ୍କୁ ଏ କାମରେ ସର୍ବଦା ସାହାଯ୍ୟ କରୁଥିଲେ । ଏ ବିଷୟରେ ମା କହୁଛନ୍ତି : "Sri Aurobindo has arranged everything so that my work become easy. Sri Aurobindo has the key to open this region of the Inconscience. He turns the key to open the door and illumines my way, and very gently I enter to infuse the Force, the Light, and the Divine Ananda into the body of this inert and obscure matter. When it is touched by this transforming light, the atoms that constitute this matter awake to a New Consciousness." (The Supreme, P. 68)

ଅର୍ଥାତ୍, ''ଶ୍ରୀଅରବିନ୍ଦ ସବୁକିଛିର ବ୍ୟବସ୍ଥା କରିଛନ୍ତି ଯଦ୍ୱାରା ମୋର କାର୍ଯ୍ୟ ସହଜ ହୋଇ ପାରିଛି । ନିଶ୍ଚେତନାର ଏହି ଇଲାକାକୁ ଖୋଲିବାର ଚାବି ଶ୍ରୀଅରବିନ୍ଦଙ୍କ ପାଖରେ ଅଛି । ସେ ଦ୍ୱାର ଖୋଲିବା ସକାଶେ ଚାବିକୁ ଘୂରାଇ ଦିଅନ୍ତି ଏବଂ ମୋର ପଥକୁ ଆଲୋକିତ କରନ୍ତି ଏବଂ ଏହି ନିଷ୍କ୍ରିୟ ଓ ତିମିରାଚ୍ଛନ୍ନ ଜଡ଼ର ସ୍ଥୂଳ ଶରୀରରେ ଶକ୍ତି, ଜ୍ୟୋତି ଓ ଦିବ୍ୟ ଆନନ୍ଦ ଭରିଦେବା ସକାଶେ ମୁଁ ଧୀରେ ଧୀରେ ପ୍ରବେଶ କରେ । ଯେତେବେଳେ ଏହି ରୂପାନ୍ତରକାରୀ ଆଲୋକର ସ୍ପର୍ଶ ଲାଭ କରେ, ସେତେବେଳେ ଏହି ଜଡ଼ ପଦାର୍ଥକୁ ଗଠନ କରୁଥିବା ଅଣୁଗୁଡ଼ିକ ନୂତନ ଚେତନା ପ୍ରତି ସଜାଗ ହୋଇ ଉଠନ୍ତି ।''

ଶରୀର ରୂପାନ୍ତରର ଏହି ଦୂରୂହ ପଥ ସମ୍ପର୍କରେ ମା କହୁଛନ୍ତି : "I have already told you many a time that it is very difficult to find the process of transformation when there is no one to give you any indications;"

(MCW, Vol - 11, p. 154)

ଅର୍ଥାତ୍, ''ମୁଁ ବହୁବାର କହି ସାରିଛି ଶରୀର ରୂପାନ୍ତରର ପଦ୍ଧତି ଜାଣିବା ବହୁତ କଠିନ କାମ, କାରଣ ଏଥିପାଇଁ କେହି ବି ଏହାର ଉପାୟ ବିଷୟରେ ସଙ୍କେତ ଦେଇ ନାହାନ୍ତି;...''

କେବଳ ଶରୀରକୁ କ'ଣ କରିବାକୁ ହେବ ସେ ବିଷୟରେ ସମୟ ସମୟରେ ନିର୍ଦ୍ଦେଶ ମିଳୁଥିଲା — 'ଏପରି କର', 'ସେପରି କର' ଇତ୍ୟାଦି । ଏହି ନିର୍ଦ୍ଦେଶ ସ୍ୱୟଂ ବିଧାତା ମା'ଙ୍କ ଶରୀରକୁ ଦେଉଥିଲେ । କିନ୍ତୁ ବିଧାତା ମଧ୍ୟ ସମ୍ପୂର୍ଣ୍ଣ ଶରୀର ରୂପାନ୍ତରର ରହସ୍ୟ ମା'ଙ୍କୁ ଜଣାଇ ନ ଥିଲେ । ଏ ବିଷୟରେ ମା ତାଙ୍କଠାରୁ ଯେତେବେଳେ ଜାଣିବାକୁ ଚାହିଁଲେ : "It must be this" (*Mother pinches her skin with her fingers*), you understand ? It was: "Let there *be* this incarnation, this manifestation."

(MCW, Vol. - 11, p. 183)

ଅର୍ଥାତ୍ : ''ଏହା (ଶରୀର ରୂପାନ୍ତର) ଏଥିରେ ହେବ

(ମା ନିଜ ଶରୀରର ଚର୍ମକୁ ଚିମୁଟିଲେ) ତୁମେ ବୁଝିଲ ତ ? ଏହାର ଅର୍ଥ 'ଏହା ଏହି ଜନ୍ମରେ, ଏହି ଅଭିବ୍ୟକ୍ତିରେ ଘଟିତ ହେବ କି ।' '' — ଶ୍ରୀମା

ଏହାର ଉତ୍ତରରେ ବିଧାତା କହିଲେ : " 'It is not your business !' And that's all. And then it was finished, I was not busy with it any more. "Not your business" in the sense: this does not concern you; whether it is this or that or that, it is not your business. That is all.' "

(MCW, Vol. - 11, p. 183)

ଅର୍ଥାତ୍, '' 'ଏହା ତୁମର ଜାଣିବା ଦରକାର ନାହିଁ । ତୁମେ ଏଥିପାଇଁ ଚିନ୍ତିତ ହେବା ଦରକାର ନାହିଁ; ଏହା (ଶରୀର ରୂପାନ୍ତର) ଏ ଶରୀରରେ, ବା ଅନ୍ୟ କୌଣସି ଶରୀରରେ ହେଉ, ଏହା ତୁମର ଜାଣିବା ଦରକାର ନାହିଁ । ଏ ବିଷୟରେ ଏତିକି ।' '' — ଶ୍ରୀମା

ଏହା ହିଁ ହେଲା ଭଗବାନଙ୍କ ପ୍ରହେଳିକା । ସ୍ୱୟଂ ବିଧାତା ମଧ୍ୟ ତାଙ୍କ ରହସ୍ୟକୁ ମା'ଙ୍କୁ ଜଣାଇ ନ ଥିଲେ । ମା'ଙ୍କର ଏହି ଶରୀରରେ ଯେ ଶରୀର ରୂପାନ୍ତର ସମ୍ପୂର୍ଣ୍ଣ ହେବ ନାହିଁ — ଏକଥା ମା ମଧ୍ୟ ଜାଣିଥିଲେ ତାଙ୍କ ଦିବ୍ୟ ଚେତନାରେ । ମା'ଙ୍କୁ ଯେତେବେଳେ ପଚରାଗଲା — ଶରୀର ରୂପାନ୍ତରର କାମ ଆପଣ କରୁଛନ୍ତି । ଏହି ଶରୀରରେ ହିଁ ଏହା ପୂର୍ଣ୍ଣ ହେବ । ଠିକ୍ ତ ? ଏହାର ଉତ୍ତରରେ ମା କହିଥିଲେ ''କିନ୍ତୁ ମୁଁ ଦେଖୁଛି...'' । ଏହାର ଅର୍ଥ କ'ଣ । ମା କ'ଣ ଦେଖୁଛନ୍ତି ! ଆମେ କହିପାରୁ ଏହା ଏହି ଶରୀରରେ ହେବାର ନ ଥିଲା । ଏହା ଜାଣି ମଧ୍ୟ ମାଙ୍କ ଶରୀର ରୂପାନ୍ତର କାମରେ ଆଗ୍ରହ ଥମି ନଥିଲା । କାରଣ ଶ୍ରୀଅରବିନ୍ଦ ମା'ଙ୍କୁ ଏହି କାମ ଦେଇଥିଲେ । ଶେଷ ପର୍ଯ୍ୟନ୍ତ ଏହି କାମରେ ସେ ନିରୁତ୍ସାହିତ ହୋଇ ନ ଥିଲେ ।

ଶରୀର ରୂପାନ୍ତରର ଏକ ବିଶେଷ କଥା ହେଲା ଏହା ବ୍ୟକ୍ତିଗତ ନୁହେଁ । ଏହା କରିବାକୁ ପଡ଼ିବ ବିଶ୍ୱ ଚେତନା ପାଇଁ । ଏ ପୃଥିବୀରେ ଗୋଟିଏ ଶରୀରର ରୂପାନ୍ତର ହେଲେ ଏହା ଅନ୍ୟମାନଙ୍କ ଭିତରେ ମଧ୍ୟ ସ୍ୱାଭାବିକ ଭାବରେ ହେବ । ଏ ବିଷୟରେ ଶ୍ରୀମା କହୁଛନ୍ତି : "But once it is done (Sri Aurobindo has said this), once one body has done it, it has the capacity to pass it on to others :..."

(MCW, Vol. - 11, p. 100)

ଅର୍ଥାତ୍, ''ଯଦି ଏହା (ଶରୀର ରୂପାନ୍ତର) ଗୋଟିଏ ଶରୀରରେ ଘଟେ (ଶ୍ରୀଅରବିନ୍ଦ ଏକଥା କହିଛନ୍ତି), ଯଦି ଗୋଟିଏ ଶରୀର ଏହାକୁ କରିପାରେ, ଏହାର ଅନ୍ୟମାନଙ୍କ ଶରୀରରେ ମଧ୍ୟ ପ୍ରସାରିତ ହେବାର କ୍ଷମତା ରହିଥାଏ !''

ପୁନଶ୍ଚ ମା କହୁଛନ୍ତି କିଛି ଲୋକଙ୍କ ଭିତରେ ଶରୀର ରୂପାନ୍ତରର କିଛିଟା ଅନୁଭୂତି ଘଟୁଛି । କିନ୍ତୁ ସମସ୍ତଙ୍କ ଭିତରେ ଭୟ ରହୁଛି । ତେଣୁ ଏହା ସ୍ଥାୟୀ ହୋଇପାରୁ ନାହିଁ — ଏହା ଫେରିଯାଉଛି । କାରଣ ଲୋକେ ଏଥିପାଇଁ ଯଥେଷ୍ଟ ପ୍ରସ୍ତୁତ ହୋଇ ନାହାନ୍ତି । ମା ଯେଉଁ ଶରୀର ରୂପାନ୍ତର କରୁଥିଲେ ତାହା ତାଙ୍କ ନିଜ ପାଇଁ ନୁହେଁ ଏକଥା ସେ ସ୍ପଷ୍ଟ ଭାବରେ କହିଛନ୍ତି : "What I find interesting is what I am doing on myself, not for a particular result, but for the possibility that is opening up for the entire earth... what I have succeeded in doing in me as the forerunner, the first to trace this route towards the Supramental."

(The Supreme, p. 40)

ଅର୍ଥାତ୍, ''ଏହା ବିଶେଷ ଚିତ୍ତାକର୍ଷକ ଯାହା ମୁଁ ଦେଖୁଛି ତାହା ହେଲା ମୋ ଉପରେ ମୁଁ ଏହା (ରୂପାନ୍ତର କାମ) କରୁଛି କୌଣସି ଏକ ବିଶେଷ ଫଳ ପାଇଁ ନୁହେଁ, କିନ୍ତୁ ସମଗ୍ର ପୃଥିବୀ ପାଇଁ ଏକ ସମ୍ଭାବନାର ଦ୍ୱାର ଖୋଲିବା ପାଇଁ, ଏକ ନୂତନ ଉପାୟ ଯାହାକି ଏଠାରୁ ମୋ ଶରୀରକୁ ମୂଳଦୁଆ ଭାବରେ, ମୋ ଶରୀରରୁ, ଯେଉଁମାନେ ଏହି ନୂତନ ଚେତନା ପାଇଁ ନିଜକୁ ଖୋଲିଧରିଛନ୍ତି, ଯେଉଁମାନେ ଶରୀର ରୂପାନ୍ତର ପାଇଁ ଆସ୍ପୃହା କରୁଛନ୍ତି, ସେମାନଙ୍କ ଭିତରକୁ ମଧ୍ୟ ପ୍ରସାରିତ ହେବ ଏବଂ ସେମାନଙ୍କ ଭିତରେ ମୁଁ ତାଙ୍କ ଜଡ଼ତ୍ୱକୁ ଅତିମାନସ ବସ୍ତୁରେ ଭରିଦେଇ ପାରିବି । ସେମାନଙ୍କୁ ଏଥିପାଇଁ ଖୁବ୍ କମ୍ କାମ କରିବାକୁ ହେବ, ମୁଁ ନିଜ ପାଇଁ ଯାହା କରୁଛି ଏହା ଦ୍ୱାରା ସେମାନଙ୍କ ପାଇଁ ବହୁ ବାଧାବିଘ୍ନ ଦୂର ହୋଇପାରିବ । ଅଗ୍ରଦୂତ ଭାବରେ ଯାହା ମୁଁ ନିଜ ଭିତରେ କରୁଛି, ଏବଂ ଅତିମାନସ ଦିଗରେ ଯେଉଁ ପଥ ପ୍ରସ୍ତୁତ କରୁଛି ସେଥିରେ ମୁଁ ସଫଳ ହୋଇପାରିଛି ।''

ଶରୀର ରୂପାନ୍ତରର ପ୍ରଥମ ଓ ପ୍ରଧାନ ବାଧା ହେଲା ମଣିଷର ମନ । ପଶୁରୁ ଯେତେବେଳେ ମଣିଷ ବିବର୍ତ୍ତିତ ହେଲା ତା'ର ପ୍ରାଣକୁ ସେ ଛାଡ଼ି ନଥିଲା । ତେଣୁ ମଣିଷ ଭିତରେ

ପ୍ରାଣ ସହିତ ନୂତନ ଚେତନା ରୂପେ ମନ ମଧ୍ଯ ରହିଲା । କିନ୍ତୁ ମନ ଏକ ଅଜ୍ଞାନ ଓ ଅନ୍ଧକାର ଚେତନା ହୋଇଥିବାରୁ ଏହାର ପ୍ରଭାବ ପ୍ରାଣ ଉପରେ ମଧ୍ଯ ପଡ଼ିଲା । ମନ ଭିତରେ ରହିଛି ଏକ ଶକ୍ତିଶାଳୀ ସାଙ୍ଗଠନିକ ଶକ୍ତି । ଏହି ଶକ୍ତି ଦ୍ୱାରା ସେ ସବୁକିଛିକୁ ପରାଭୂତ କରି ନିଜ ଅଧୀନରେ ରଖିବାକୁ ଚାହେଁ । ଏହିପରି ଭାବରେ ମନ ଆଜି ଏ ସୃଷ୍ଟିରେ ନିଜର ପ୍ରାଧାନ୍ୟ ବିସ୍ତାର କରିପାରିଛି । ଏହା ଦ୍ୱାରା ତା'ର ଅହଂକାର ଚରମରେ ପହଞ୍ଚିଯାଇଛି । ଏହି ଅହଂକାର ହିଁ ତା'ର ଅଧିକ ଅଗ୍ରଗତିକୁ ସ୍ଥଗିତ କରି ରଖିଛି । ମଣିଷ ମନର ଚରମ ବିକାଶ ହୋଇ ସାରିଛି । ଆଜି ମଣିଷ ମନରେ ଥିବା ଅହଂକାର, କୁଟିଳତା, ବିଭେଦତା ଆଦି ଅଜ୍ଞାନ ଶକ୍ତିର ପ୍ରଭାବରୁ ସେ ପଶୁଠାରୁ ମଧ୍ଯ ହୀନ ହୋଇପଡ଼ିଛି । ତେଣୁ ସେ ତା'ର ମନରୂପୀ ମୁଖା ପରିଧାନ କରିଥିବାରୁ ତା' ସମ୍ମୁଖରେ ସ୍ୱୟଂ ସତ୍ୟ ଉପସ୍ଥିତ ହୋଇଥିଲେ ମଧ୍ଯ ସେ ତା'କୁ ଚିହ୍ନି ପାରିଲା ନାହିଁ – ତାକୁ ଗ୍ରହଣ କରିବା ତ ଦୂରର କଥା । ଶ୍ରୀମା ଓ ଶ୍ରୀଅରବିନ୍ଦ କେଉଁ ଶକ୍ତି ନେଇ ପୃଥିବୀପୃଷ୍ଠରେ ଅବତରଣ କରିଥିଲେ ଏ ବିଷୟରେ ମଣିଷ ଜାଣିପାରିଲା ନାହିଁ । ଏ ବିଷୟ ସ୍ୱୟଂ ମା କହିଛନ୍ତି ଯେତେବେଳେ ସେ ପ୍ଲେଗ୍ରାଉଣ୍ଡରେ 'ମା' ବହି ପଢ଼ାଉଥିଲେ । ସେ କହିଥିଲେ ଯେ ଦିବ୍ୟଜନନୀ ମା ତାଙ୍କ ସହିତ ଅନେକ ଶକ୍ତି, ସାମର୍ଥ୍ୟ ଓ ବିଭୂତି ନେଇ ଆସିଥିଲେ ପୃଥିବୀ ଲୋକଙ୍କ ପାଇଁ । କିନ୍ତୁ ସେ ଏ ପୃଥିବୀରେ ଜଣେ ମାତ୍ର ବ୍ୟକ୍ତି ପାଇଲେ ନାହିଁ ଯାହାକୁ ଏସବୁ ବୈଭବକୁ ଅଜାଡ଼ି ଦିଅନ୍ତେ । ତେଣୁ ତାଙ୍କୁ ସେସବୁକୁ ପରମେଶ୍ୱରଙ୍କୁ ଫେରାଇ ଦେବାକୁ ପଡ଼ିଥିଲା । ଏହା ହିଁ ହେଲା ମନଯୁକ୍ତ ମଣିଷର ଦୁରବସ୍ଥା । ଏ ବିଷୟରେ ଶ୍ରୀଅରବିନ୍ଦ କହୁଛନ୍ତି : ''ମନୁଷ୍ୟର ଅର୍ଦ୍ଧାଲୋକିତ ଅନ୍ଧକାରର କାରାଗାରରେ ଆବଦ୍ଧ ଯେଉଁ ମନ, ତାହା ପକ୍ଷରେ ଭଗବତୀ ଶକ୍ତିଙ୍କର ଅବାଧ ବହୁମୁଖୀ ଗତି ଅନୁସରଣ କରିବା ସମ୍ଭବ ନୁହେଁ ।''

('ମା' ବହି, ପୃ. ୬୦)

ପୁଣି ଶ୍ରୀଅରବିନ୍ଦ କହୁଛନ୍ତି : ''ତୁମେ ଯଦି ତୁମର ମନକୁ ଅନୁସରଣ କରିଚାଲ, ତେବେ ମା ତୁମ ସମ୍ମୁଖରେ ଆସି ଆବିର୍ଭୂତ ହେଲେ ବି ତାଙ୍କୁ ତୁମେ ଚିହ୍ନି ପାରିବ ନାହିଁ ।''

('ମା' ବହି, ପୃ. ୬୪)

ଅତଏବ ଅତିମାନସ ଶକ୍ତିକୁ ଗ୍ରହଣ କରିବା ପାଇଁ ମନହିଁ ଆମର ପ୍ରଧାନ ଶତ୍ରୁ । ମନ ହାତରୁ ମୁକ୍ତି ପାଇବାର ଦୁଇଟି ଉପାୟ ରହିଛି – ତାହା ହେଲା ଏହାକୁ ରୂପାନ୍ତରିତ କରିବା ଓ ଅନ୍ୟଟି ହେଲା ମନକୁ ଶରୀରର ବାହାରେ ରଖିବା । ମନକୁ ରୂପାନ୍ତରିତ କରିବା ଅର୍ଥ ଏହାକୁ ଚୈତ୍ୟସତ୍ତାର ପ୍ରଭାବରେ ରଖି ତାକୁ ଚୈତ୍ୟସତ୍ତାର ଗୁଣ ଧର୍ମରେ ପରିବର୍ତ୍ତିତ କରାଯିବ । ମନକୁ ଶାନ୍ତ କରିବା ଅତ୍ୟନ୍ତ କଠିନ କାମ । ତେଣୁ ଶରୀର ରୂପାନ୍ତର ପାଇଁ ମା'ଙ୍କୁ ତାଙ୍କ ମନ ଓ ପ୍ରାଣ ଚେତନାକୁ ଶରୀରର ବାହାରେ ରଖିବାକୁ ପଡ଼ିଥିଲା ଏବଂ ଶରୀରକୁ ପୂର୍ଣ୍ଣରୂପେ ସେ ଭଗବାନଙ୍କ ପ୍ରଭାବରେ ରଖିଥିଲେ ଏବଂ ସ୍ୱୟଂ ଭଗବାନ୍ ହିଁ ମା'ଙ୍କ ଶରୀରକୁ ରୂପାନ୍ତର କରୁଥିଲେ । କିନ୍ତୁ ମା ସାବଧାନ କରିଦେଇ କହିଛନ୍ତି, ଏ କାମ ହଠାତ୍ କରାଯିବ ନାହିଁ, ଏଥିପାଇଁ ସମୟ ଦେବାକୁ ହେବ । ସମୟ ଆସିଲେ ମା ନିଜେ ଆମ ଭିତରେ ଏ କାମ କରିବେ । ମା'ଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ଓ ଭରସା ରଖିଲେ ଏହା ଆମ ଭିତରେ ସ୍ୱାଭାବିକ ଭାବରେ ସଂଘଟିତ ହେବ ।

ମନରୁ ମୁକ୍ତ ହେବାର ସବୁଠାରୁ ସହଜ ଉପାୟ ହେଲା ସର୍ବଦା ମା'ଙ୍କ ନାମ ଜପ କରିବା । କିନ୍ତୁ ମନସ୍ତରରେ ଏହି ନାମ ଜପ ବିଶେଷ ଫଳପ୍ରଦ ହେବ ନାହିଁ । ପ୍ରଥମେ ଅବଶ୍ୟ ମନରୁ ନାମ-ଜପ ଆରମ୍ଭ କରାଯିବ, ପରେ ତୁମର ଶରୀର ଚେତନାର ଜାଗରଣ ହେଲେ ଏ କାମ ଶରୀରକୁ କରିବାକୁ ହେବ ।

ଆମେ ଜାଣିଛୁ ଶରୀର ରୂପାନ୍ତର ବ୍ୟକ୍ତିଗତ ନୁହେଁ । ନିଜ ଶରୀରର ରୂପାନ୍ତର କରିବା ପାଇଁ ଚେଷ୍ଟା କଲେ ତାହା ବ୍ୟର୍ଥତାରେ ପରିଣତ ହେବ । ସମସ୍ତଙ୍କର କିଛିଟା ଅଗ୍ରଗତି ହେଲେ ଗୋଟିଏ ଶରୀରର ରୂପାନ୍ତର ହେବ । ହୁଏତ ଏହି କାରଣରୁ ମା'ଙ୍କୁ ତାଙ୍କ ଶରୀର ତ୍ୟାଗ କରିବାକୁ ପଡ଼ିଲା । ଆମେ ହୁଏତ ତାମସିକ ସମର୍ପଣ କରି ମା'ଙ୍କର ଏହି କାମରେ ସହଯୋଗ କରି ପାରିଲୁ ନାହିଁ । ଏହା ହେଲା ଆମ ମନର ବିଚାର । କିନ୍ତୁ ଭଗବାନ୍ ଯାହା କରନ୍ତି ତାହା ହିଁ ମଙ୍ଗଳକର । ଏହା ଭଗବାନଙ୍କ ଇଚ୍ଛାରେ ହିଁ ଘଟିତ ହୋଇଛି । ଆମ ଅପୂର୍ଣ୍ଣତା ତଥା ଅପାରଗତାକୁ ଦୂରକରି ଆମକୁ ଗ୍ରହଣଶୀଳ କରିବା ପାଇଁ ଶ୍ରୀମା ତାଙ୍କ ରୂପାନ୍ତରିତ ସୂକ୍ଷ୍ମ ଶରୀରକୁ ନେଇ ଆମ ଭିତରେ ଅଭିବ୍ୟକ୍ତ ହେଲେ । ଆମ ଭିତରେ ଅତିମାନସର ବସ୍ତୁତ୍ୱକୁ ବୁଣିଦେଲେ । ଏହାହିଁ ଭବିଷ୍ୟତରେ ଅତିମାନବକୁ ଜନ୍ମ ଦେବ ।

ମା ଅତିମାନସର ଅବତରଣକୁ ନିଜ ଶରୀରରେ ଧାରଣ କଲେ । ୧୯୬୫ ମସିହାର ପ୍ରାରମ୍ଭରେ ଶ୍ରୀମା ଘୋଷଣା କଲେ – "Salute to the advent of Truth."

(MCW, Vo1. - 5, p. 174)

*(ଅବଶିଷ୍ଟାଂଶ ୪୪ ପୃଷ୍ଠାରେ ଦେଖନ୍ତୁ)*

# ଆଇନ୍‌ଷ୍ଟାଇନ୍‌ଙ୍କ ଚିଠି

## କୁମାର ଚନ୍ଦ୍ର ମିଶ୍ର

ଅସାଧାରଣ ଧୀଶକ୍ତିସମ୍ପନ୍ନ ବିଶ୍ୱବିଖ୍ୟାତ ବୈଜ୍ଞାନିକ ଆଇନ୍‌ଷ୍ଟାଇନ୍ ୧୯୨୧ ମସିହାରେ ନୋବେଲ୍ ପୁରସ୍କାର ପାଇଥିଲେ । ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ, ବ୍ୟାପକ ଓ ସୁଦୂର ପ୍ରସାରୀ; ଯାହା ବିଶ୍ୱରେ ଦାର୍ଶନିକ ଚିନ୍ତାଧାରାକୁ ଗଭୀର ଭାବେ ପ୍ରଭାବିତ କରିଥିଲା । ଜଣେ ଚିନ୍ତାଶୀଳ ମନୀଷୀ ରୂପେ ସେ ବିଭିନ୍ନ ଅବସରରେ ବିଭିନ୍ନ ବର୍ଗର ବ୍ୟକ୍ତିମାନଙ୍କ ନିକଟକୁ ଅନେକ ଚିଠି ପ୍ରେରଣ କରିଥିଲେ । ୧୯୮୦ ମସିହାରେ ଆଇନ୍‌ଷ୍ଟାଇନ୍‌ଙ୍କ ଜ୍ୟେଷ୍ଠା-କନ୍ୟା ଲାଇସେରୀ (Lieseri) ନିଜେ ସଂଗ୍ରହ କରିଥିବା ପ୍ରାୟ ୧୪୦୦ଟି ଚିଠି ହିବ୍ରୁ ବିଶ୍ୱବିଦ୍ୟାଳୟକୁ ଦାନ କରିଥିଲେ । ସେଗୁଡ଼ିକ ମଧ୍ୟରୁ ଲାଇସେରୀଙ୍କ ନିକଟକୁ ଲିଖିତ ଚିଠିଟି ଆଇନ୍‌ଷ୍ଟାଇନ୍‌ଙ୍କର ତୀକ୍ଷ୍ଣ ଅନ୍ତର୍ଦୃଷ୍ଟି ଓ ଏକ ଭିନ୍ନ ବ୍ୟକ୍ତିତ୍ୱର ଆଭାସ ଦିଏ । ସେହି ଚିଠିଟିର ଭାଷାନ୍ତର ଏହିପରି :

''ମୁଁ ଯେତେବେଳେ ଆପେକ୍ଷିକ ତତ୍ତ୍ୱ (Theory of Relativity) ଉପସ୍ଥାପନ କଲି, ଖୁବ୍ କ୍ୱଚିତ୍ ବ୍ୟକ୍ତି ତାହାକୁ ବୁଝିଥିଲେ ଓ ଗ୍ରହଣ କରିପାରି ଥିଲେ । ମୁଁ ବର୍ତ୍ତମାନ ଯେଉଁ ବିଷୟମାନ ମାନବସମାଜ ସମ୍ମୁଖରେ ପ୍ରକଟନ କରିବାକୁ ଯାଉଛି ତାହା ମଧ୍ୟ ମଣିଷର ଅନେକ କୁସଂସ୍କାର ଓ ଭୁଲ୍ ବୁଝାବଣାର ସମ୍ମୁଖୀନ ହେବ ।

ତୁମକୁ ଏହି ଚିଠିଗୁଡ଼ିକ ଯେତେଦିନ ପର୍ଯ୍ୟନ୍ତ ସମ୍ଭବ ଓ ଆବଶ୍ୟକ ସେତେଦିନଯାଏ ଅପ୍ରକାଶିତ ଓ ସୁରକ୍ଷିତ କରି ରଖିବାକୁ ହେବ । – ବର୍ଷେ... ଦଶବର୍ଷ... ଯେତେଦିନ ପର୍ଯ୍ୟନ୍ତ ମାନବସମାଜ ଯଥେଷ୍ଟ ଅଗ୍ରଗତି ନକରିଛି ଓ ନିମ୍ନରେ ମୁଁ ଯାହା ବୁଝାଇବାକୁ ଯାଉଛି ସେସବୁକୁ ମାନବସକଳ ଯେପରି ଠିକ୍ ଭାବେ ଗ୍ରହଣ କରିବା ନିମିତ୍ତ ସମର୍ଥ ନ ହୋଇଛି ।

ଏପରି ଏକ ଅତ୍ୟନ୍ତ ଶକ୍ତିଶାଳୀ ବଳ ରହିଛି ଯାହାକୁ ଏଯାଏ ବିଜ୍ଞାନ ଆବିଷ୍କାର କରିପାରି ନାହିଁ – ତାହାକୁ ବୁଝିବା ତ ବହୁ ଦୂରର କଥା । ଏହି ବଳ (Force) ଅନ୍ୟାନ୍ୟ ଯାବତୀୟ ବଳକୁ ଅନ୍ତର୍ଭୁକ୍ତ ବା ଶ୍ରେଣୀଭୁକ୍ତ କରି ରଖିଛି । ଏହା ସବୁ କିଛିକୁ ଶାସନ କରିପାରୁଛି – ଏପରିକି ବିଶ୍ୱରେ କ୍ରିୟାଶୀଳ ପ୍ରତ୍ୟେକ ବିଷୟକୁ ନିୟନ୍ତ୍ରଣ କରି ଚାଲିଛି, ଅଥଚ ତାହାକୁ ଆମ ଦ୍ୱାରା ଏଯାଏ ଠାବ କରାଯାଇ ପାରି ନାହିଁ । ଏହି ବିଶ୍ୱଜନୀନ ବଳଟି ହେଲା – ''ପ୍ରେମ'' ।

ବୈଜ୍ଞାନିକମାନେ ଯେତେବେଳେ ଏକ ସମନ୍ୱିତ କ୍ଷେତ୍ରତତ୍ତ୍ୱ (Unified Field Theory)ର ଅନ୍ୱେଷଣ କରିବାକୁ ଆରମ୍ଭ କଲେ ସେତେବେଳେ ସେମାନେ ଏହି ସବୁଠାରୁ ଶକ୍ତିଶାଳୀ ଅଦୃଶ୍ୟ ଶକ୍ତିଟିକୁ ଭୁଲି ଯାଇଥିଲେ । ପ୍ରେମ ହେଉଛି ଆଲୋକ – ଏହା ସେମାନଙ୍କୁ ଆଲୋକିତ କରିଥାଏ । ଯେଉଁମାନେ ତାହାକୁ ବିତରଣ କରି ପାରିଥା'ନ୍ତି ଓ ଗ୍ରହଣ କରିପାରିଥା'ନ୍ତି । ପ୍ରେମ ହେଉଛି ଏକ ମାଧ୍ୟାକର୍ଷଣ ଶକ୍ତି ଯାହା ଦ୍ୱାରା କେତେକ ବ୍ୟକ୍ତି ଅନ୍ୟମାନଙ୍କ ପ୍ରତି ଆକର୍ଷିତ ହୋଇଥା'ନ୍ତି । ପ୍ରେମ ହେଉଛି ଏକ ଐଶୀ ଶକ୍ତି, କାରଣ ତାହା ଆମର ଯାହା ସର୍ବୋତ୍ତମ ଶକ୍ତି ରହିଛି ତାହାକୁ ବହୁଗୁଣିତ କରିଦିଏ ଓ ମଣିଷ ସମାଜକୁ, ସେମାନଙ୍କର ଅନ୍ଧ ସ୍ୱାର୍ଥପରତାର କାରଣ ଯୋଗୁଁ ବିଲୁପ୍ତ କରିଦିଏ ନାହିଁ । ପ୍ରେମ ଉନ୍ମୀଳିତ କରେ, ବିକଶିତ କରେ । ପ୍ରେମ ନିମିତ୍ତ ଆମେ ଜୀବନ ଧାରଣ କରୁ (For love we live), ପ୍ରେମ ନିମିତ୍ତ ଆମେ ମୃତ୍ୟୁବରଣ କରୁ (For love we die) । ପ୍ରେମ ହେଉଛି ପରମେଶ୍ୱର ଓ ପରମେଶ୍ୱର ହେଉଛନ୍ତି ପ୍ରେମ (Love is God, God is love) ।

ଏହି ଶକ୍ତି ସବୁ କିଛିକୁ ବୋଧଗମ୍ୟ କରାଏ, ବ୍ୟାଖ୍ୟା କରେ ଓ ଜୀବନକୁ ଅର୍ଥପୂର୍ଣ୍ଣ କରେ । ଏହା ହେଉଛି ସେହି ମୌଳିକ ବିଷୟ ଯାହାକୁ ଆମେ ଦୀର୍ଘକାଳ ଅବହେଳା କରି ଆସିଛୁ । ହୁଏତ ଆମେ ପ୍ରେମକୁ ଭୟ କରୁ, କାରଣ ଏହା ବିଶ୍ୱର ଏକମାତ୍ର ଶକ୍ତି ଯାହାକୁ ମଣିଷ ନିଜ ସଂକଳ୍ପ ଦ୍ୱାରା ପରିଚାଳନା କରିବାକୁ ଶିଖି ନାହିଁ ।

ପ୍ରେମର ମର୍ମକୁ ସ୍ପଷ୍ଟ କରିବା ପାଇଁ ମୋର ବିଖ୍ୟାତ ସମୀକରଣ (Equation)ରେ ଏକ ସରଳ ବିକଳ୍ପ ଉପସ୍ଥାପନ କରୁଛି । $E = mc^2$ ବଦଳରେ ଯଦି ପ୍ରେମକୁ (m) ଆଲୋକର ବେଗ(c)ର ବର୍ଗ ଦ୍ୱାରା ଗୁଣି ଦେଉ, ତେବେ ସଂସାରକୁ ନିରାମୟ ଓ ନିରାପଦ କରି ଦେଇ ପାରିବା । ଆମେ ଏହି ଉପସଂହାରରେ ଉପନୀତ ହେବା ଯେ ପ୍ରେମ ହେଉଛି ସବୁଠୁ ଶକ୍ତିଶାଳୀ ବଳ, କାରଣ ସେତେବେଳେ ସେହି ଶକ୍ତିର କୌଣସି ସୀମା ଆଉ ରହିବ ନାହିଁ ।

ବିଶ୍ୱର ଅନ୍ୟାନ୍ୟ ସବୁ ବଳର ସଠିକ୍ ବ୍ୟବହାର ଓ ନିୟନ୍ତ୍ରଣ କରିବାରେ ମଣିଷସମାଜ ବିଫଳ ହେବା ଯୋଗୁଁ ସେସବୁ ଯେତେବେଳେ ଆମ ବିରୁଦ୍ଧରେ ଦଣ୍ଡାୟମାନ ସେତେବେଳେ ଆମେ ଅନ୍ୟପ୍ରକାର ଏକ ବଳ ଦ୍ୱାରା ନିଜକୁ ସୁସଜ୍ଜିତ ବା ପରିପୁଷ୍ଟ କରି ରଖିବା ନିତାନ୍ତ ଜରୁରୀ ।

ଯଦି ଆମେ ଆମ ପ୍ରଜାତି (species)କୁ ବଞ୍ଚାଇ ରଖିବାକୁ ଚାହୁଁ, ଯଦି ଆମ ଜୀବନର ଯଥାର୍ଥତା ବା ଅର୍ଥ ଆବିଷ୍କାର କରିବା ଆବଶ୍ୟକ ମନେକରୁ, ଯଦି ଆମେ ପୃଥିବୀକୁ ଓ ସେଥିରେ ବସବାସ କରୁଥିବା ପ୍ରତ୍ୟେକ ଜୀବନ୍ତ ସତ୍ତାଗୁଡ଼ିକୁ ସୁରକ୍ଷିତ ରଖିବା ଲାଗି ଇଚ୍ଛା କରୁ, ତେବେ ପ୍ରେମ ହିଁ ହେଉଛି ତା'ର ଏକମାତ୍ର ଉତ୍ତର ।

ବୋଧହୁଏ ଆମେ ଏଯାଏ ପ୍ରେମର ବୋମାଟିଏ (Bomb) ତିଆରି କରିବା ଲାଗି ପ୍ରସ୍ତୁତ ହୋଇ ନାହୁଁ, ଯାହା ଗ୍ରହଟିକୁ ସଂକ୍ରମିତ କରି ରଖିଥିବା ଘୃଣା, ସ୍ୱାର୍ଥପରତା ଓ ଲୋଭକୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରିଦେଇ ପାରିବ ।

ତେବେ ପ୍ରତ୍ୟେକ ବ୍ୟକ୍ତି ନିଜ ମଧ୍ୟରେ ଏକ କ୍ଷୁଦ୍ର ଅଥଚ ଶକ୍ତିଶାଳୀ ପ୍ରେମର ଉତ୍ପାଦକ ଯନ୍ତ୍ର (generator)ଟିଏ ବହନ କରି ଚାଲିଛନ୍ତି – ଯାହାର ଶକ୍ତି ମୁକ୍ତିଲାଭ କରିବା ନିମିତ୍ତ ଅପେକ୍ଷାରତ ।

ଆଦରଣୀୟ ଲାଇସେରୀ ! ଯେତେବେଳେ ଆମେ ଏହି ବିଶ୍ୱ ଶକ୍ତିଟିକୁ (ପ୍ରେମକୁ) ଦେଇପାରିବା ଓ ଗ୍ରହଣ କରିପାରିବା ଭଳି ସାମର୍ଥ୍ୟ ଲାଭ କରିବା ତେବେ ଆମେ ଦୃଢ଼ଭାବେ ଘୋଷଣା କରିପାରିବା ଯେ ପ୍ରେମ ସବୁକିଛି ଉପରେ ବିଜୟ ହାସଲ କରିପାରିବ, ସବୁକିଛିକୁ ଅତିକ୍ରମ କରିଯାଇ ପାରିବ, କାରଣ ପ୍ରେମ ହେଉଛି ଜୀବନର ଏକମାତ୍ର ନିର୍ଯାସ ବା ସାରବସ୍ତୁ । ଯାହା ସାରାଜୀବନ ନୀରବରେ ମୋ ହୃଦୟ ମଧ୍ୟରେ ତୁମ ପାଇଁ ସଞ୍ଚିତ ହେଉଥିଲା ତାହାକୁ ବ୍ୟକ୍ତ କରି ନ ପାରି ମୁଁ ଅତ୍ୟନ୍ତ ଦୁଃଖିତ । କ୍ଷମା ମାଗିବା ଲାଗି ହୁଏତ ବହୁତ ଡେରି ହୋଇ ଯାଇଛି । କିନ୍ତୁ ଯେହେତୁ ସମୟ ହେଉଛି ଆପେକ୍ଷିକ ( Time is relative), ତେଣୁ ମୁଁ କହିବାକୁ ଚାହେଁ ଯେ ମୁଁ ତୁମକୁ ଭଲପାଏ ଓ ତୁମକୁ ଅନେକ ଅନେକ ଧନ୍ୟବାଦ । କାରଣ ମୁଁ ଜୀବନର ଚରମ ଉତ୍ତର ପାଇବାରେ ସମର୍ଥ ହୋଇପାରିଛି ।

ଇତି
ତୁମର ପିତା
ଆଲବର୍ଟ ଆଇନ୍‌ଷ୍ଟାଇନ୍ ।''
(ସୌଜନ୍ୟ : ଇଣ୍ଟରନେଟ୍)

ଚିଠିଟିରେ ଉଲ୍ଲେଖ କରାଯାଇଥିବା କେତୋଟି ବିଷୟ ସମ୍ପର୍କରେ ସ୍ପଷ୍ଟୀକରଣ ଦେବା ଲାଗି ପ୍ରୟାସ କରାଯାଉ । ପଞ୍ଚମ ଅନୁଚ୍ଛେଦରେ ଉଲ୍ଲେଖ କରାଯାଇଛି : ''ବୈଜ୍ଞାନିକମାନେ ଯେତେବେଳେ ବିଶ୍ୱରେ ଏକ ସମନ୍ୱିତ କ୍ଷେତ୍ର ତତ୍ତ୍ୱର ଅନ୍ୱେଷଣ କରିବାକୁ ଆରମ୍ଭ କଲେ, ସେତେବେଳେ ଏହି ଅଦୃଶ୍ୟ ଶକ୍ତିଟିକୁ ଭୁଲି ଯାଇଥିଲେ ।'' ପ୍ରଶ୍ନ ହେଲା – ଏହି ସମନ୍ୱିତ କ୍ଷେତ୍ର ତତ୍ତ୍ୱ (Unified Field Theory)ଟି କ'ଣ ?

ପଦାର୍ଥ ବିଜ୍ଞାନ ଅନୁଯାୟୀ ବିଶ୍ୱରେ ଚାରୋଟି ମୁଖ୍ୟବଳ କାର୍ଯ୍ୟରତ । ସେହି ଚାରିଟି ବଳ ହେଲା –

୧. ମାଧ୍ୟାକର୍ଷଣ ବଳ (Gravitational Force)
୨. ଚୁମ୍ବକୀୟ ବଳ (Magnetic Force)
୩. ବିଦ୍ୟୁତ୍ ବଳ (Electric Force)
୪. ନାଭିକୀୟ ବଳ (Nuclear Force)

ଏହି ବଳଗୁଡ଼ିକ ଯେଉଁ ପରିସର ବା ବଳୟ ମଧ୍ୟରେ କାର୍ଯ୍ୟ କରନ୍ତି, ସେହି ପରିସର ବା ବଳୟକୁ ସେମାନଙ୍କର କ୍ଷେତ୍ର (Field) ବୋଲି କୁହାଯାଏ । ଅର୍ଥାତ୍ ଯେଉଁ ପରିସୀମା ମଧ୍ୟରେ ସେମାନଙ୍କର ଉପସ୍ଥିତି ବା ପ୍ରଭାବ ଅନୁଭୂତ ହୁଏ ସେହି ପରିସୀମା ମଧ୍ୟସ୍ଥ ଅଞ୍ଚଳକୁ ସେହି ବଳର କ୍ଷେତ୍ର ବୋଲି କୁହାଯାଏ । ତଦନୁଯାୟୀ ବିଶ୍ୱରେ ଚାରୋଟି କ୍ଷେତ୍ର କ୍ରିୟାଶୀଳ । ସେଗୁଡ଼ିକ ହେଲା –

୧. ମାଧ୍ୟାକର୍ଷଣ କ୍ଷେତ୍ର (Gravitational Field)
୨. ଚୁମ୍ବକୀୟ କ୍ଷେତ୍ର (Magnetic Field)
୩. ବିଦ୍ୟୁତ୍ କ୍ଷେତ୍ର (Electric Field)
୪. ନାଭିକୀୟ କ୍ଷେତ୍ର (Nuclear Field)

ଏହି ଚାରିପ୍ରକାର ବଳ ଓ ସେମାନଙ୍କର କ୍ଷେତ୍ର ପରସ୍ପର ସହ ସମ୍ପର୍କିତ ଓ ସେମାନଙ୍କର ମୂଳଉତ୍ସ ଏକ ବୋଲି ବୈଜ୍ଞାନିକଗଣ ଅନୁମାନ କରନ୍ତି । ଏହା ପ୍ରମାଣ କରିବା ଲାଗି ଗବେଷଣା କରାଯାଉଛି । ବିଦ୍ୟୁତ୍ ବଳ, ଚୁମ୍ବକୀୟ ବଳ ଓ ନାଭିକୀୟ ବଳର ମୂଳଉତ୍ସ ଏକ ଓ ସେଗୁଡ଼ିକ ପରସ୍ପର ସମ୍ପର୍କିତ ବୋଲି ପ୍ରମାଣିତ ହୋଇସାରିଛି । କିନ୍ତୁ ମାଧ୍ୟାକର୍ଷଣ ବଳକୁ ଏହି ସବୁ ବଳ ସହ ସମ୍ପର୍କିତ କରାଯାଇପାରି ନାହିଁ । ଅତି ସ୍ଥୂଳ ଦୃଷ୍ଟିରୁ କ୍ଲୁପ୍ତଭାବେ କହିବାକୁ ଗଲେ ଏହା ହିଁ ସମନ୍ୱିତ-କ୍ଷେତ୍ର-ତତ୍ତ୍ୱର ବିଷୟବସ୍ତୁ ।

କଥାହେଲା ଏହି ବଳ ବା କ୍ଷେତ୍ରସବୁ ଦୃଶ୍ୟ ନୁହନ୍ତି । ଅଥଚ ସେଗୁଡ଼ିକର ପ୍ରଭାବ ଅକାଟ୍ୟ ଓ ଅନୁଭବ ସାପେକ୍ଷ ।

ଯେପରି ପବନକୁ ଆମେ ଦେଖି ନ ପାରିଲେ ବି ତା'ର ପ୍ରଭାବକୁ ଅନୁଭବ କରିପାରୁ । ଠିକ୍ ସେହିପରି ଏହି ସମସ୍ତ ବଳଗୁଡ଼ିକୁ ଦେଖି ନ ପାରିଲେ ବି ସେସବୁର ପ୍ରଭାବ ଅନୁଭବ କରିହୁଏ । ଉଦାହରଣସ୍ୱରୂପ ଆମେ ଯେକୌଣସି ବସ୍ତୁକୁ ଉପରକୁ ନିକ୍ଷେପ କଲେ ତାହା ପୃଥିବୀପୃଷ୍ଠକୁ ଖସି ଆସେ । ଏହା ମାଧ୍ୟାକର୍ଷଣ ବଳର ପ୍ରଭାବ ଅଟେ । ବିଦ୍ୟୁତ୍‌ବଳ ଯୋଗୁଁ ପଙ୍ଖା ଘୂରେ । ବିଜୁଳିବତୀ ଜଳେ, ମଟର ଚାଲେ । ବିଦ୍ୟୁତ୍-ଚୁମ୍ବକୀୟ ବଳ ଯୋଗୁଁ ରେଡ଼ିଓ, ଟି.ଭି. ଓ କମ୍ପ୍ୟୁଟର ପରି ଯନ୍ତ୍ରସବୁ କାର୍ଯ୍ୟକ୍ଷମ ହୁଏ । ବିଦ୍ୟୁତ୍ ଚୁମ୍ବକୀୟ ବଳ ଦ୍ୱାରା କ୍ରେନ୍ (crane) ସାହାଯ୍ୟରେ ଅତି ଓଜନିଆ ବସ୍ତୁକୁ ସ୍ଥାନାନ୍ତରିତ କରା ଯାଇଥାଏ । ଏହିସବୁ ବଳ ବ୍ୟତୀତ ଅନ୍ୟ ଏକ ଅସୀମ ଓ ପ୍ରଚଣ୍ଡ ପ୍ରଭାବଶାଳୀ ବଳ ରହିଛି । ଉପରୋକ୍ତ ବଳସବୁ ପରି ଏହା ମଧ୍ୟ ଅଦୃଶ୍ୟ ହେଲେ ବି ଏହାର ପ୍ରଭାବ ଅକାଟ୍ୟ, ଅମୋଘ ଓ ନିଶ୍ଚିତ ରୂପେ ଅନୁଭବନୀୟ । କିନ୍ତୁ ବୈଜ୍ଞାନିକମାନେ ଆଜିଯାଏ ଏହି ବଳଟିକୁ ଚିହ୍ନିପାରି ନାହାନ୍ତି କିଂବା ଠାବ କରିପାରି ନାହାନ୍ତି । ଚିଠିଟିରେ ଆଇନ୍‌ଷ୍ଟାଇନ୍ କହିଛନ୍ତି ଯେ ଏହି ବଳଟି ହେଲା – ''ପ୍ରେମ'' । ଏହି ବଳ ସର୍ବବ୍ୟାପୀ ଓ ଅଦମ୍ୟ । ଏହି ବଳ ଯୋଗୁଁ ହିଁ ସଂସାର ତିଷ୍ଠି ରହିଛି । ପୃଥିବୀରେ କ୍ରିୟାଶୀଳ ହିଂସା, ଲୋଭ, ସ୍ୱାର୍ଥ, ବିଶୃଙ୍ଖଳାଦିକୁ କ୍ଷୀଣ କରି ସଂସାରକୁ ସୁରକ୍ଷା ପ୍ରଦାନ କରୁଛି । ଏହା ହିଁ ସଂସାରରେ ସୁଖ, ଶାନ୍ତି ଓ ସଙ୍ଗତି ପ୍ରତିଷ୍ଠା କରିପାରିବ । ଏହାଥିଲା ବିଶ୍ୱ-ବିଖ୍ୟାତ ବୈଜ୍ଞାନିକ ଆଇନ୍‌ଷ୍ଟାଇନ୍‌ଙ୍କ ଭବିଷ୍ୟବାଣୀ ।

ଆଇନ୍‌ଷ୍ଟାଇନ୍‌ଙ୍କ ଲିଖିତ ଚିଠିରେ ଦିବ୍ୟଜନନୀ ଶ୍ରୀମାଙ୍କ ପ୍ରଦତ୍ତ ପ୍ରେମ ସମ୍ପର୍କିତ ଅମୂଲ୍ୟ ବାଣୀଟି ପ୍ରତିଧ୍ୱନିତ ହେଲା ପରି ମନେହୁଏ । ଦିବ୍ୟଜନନୀ କହିଛନ୍ତି :

"Love is a supreme force which the Eternal Consciousness sent down from itself into an obscure and darkened world that it might bring back that world and its beings to the Divine."

(MCW, Vol. 3, p.73 - 74)

''ପ୍ରେମ ହେଉଛି ଏକ ପରମ ପ୍ରଚଣ୍ଡ ଶକ୍ତି, ଯାହାକୁ ଶାଶ୍ୱତ ପରମଚେତନା ଆପଣା ମଧ୍ୟରୁ ଏହି ବିଶୃଙ୍ଖଳିତ, ତମସାଚ୍ଛନ୍ନ ପୃଥିବୀ ମଧ୍ୟକୁ ପ୍ରେରଣ କରିଛନ୍ତି, ଯଦ୍ଦ୍ୱାରା ସେହି ପୃଥିବୀ ତାହାର ସକଳ ସତ୍ତା ସହ ଦିବ୍ୟସତ୍ତାଙ୍କ ନିକଟକୁ ଫେରି ଆସିପାରିବ ।''

ପୁନଶ୍ଚ ଡିସେମ୍ବର ୧୬, ୧୯୧୩ର ଧ୍ୟାନ ଓ ପ୍ରାର୍ଥନାରେ ତୃତୀୟ ଅନୁଚ୍ଛେଦରେ ଦିବ୍ୟଜନନୀ ଲେଖନ୍ତି :

"In this love lie peace and joy, the fount of all strength and all realisation. It is the infallible healer, the supreme consoler; it is the victor, the sovereign teacher."

(MCW, Vol. 1, p. 40)

''ଏହି ପ୍ରେମ ଭିତରେ ହିଁ ରହିଛି ଶାନ୍ତି ଓ ଆନନ୍ଦ, ଏଇଠି ହିଁ ସକଳ ଶକ୍ତି, ସକଳ ସିଦ୍ଧିର ଉତ୍ସ । ଏହି ପ୍ରେମ ହିଁ ଅବ୍ୟର୍ଥ ଚିକିତ୍ସକ, ପରମ ସାନ୍ତ୍ୱନାଦାତା; – ଏହି ପ୍ରେମ ହିଁ ସର୍ବଜୟୀ, ସାର୍ବଭୌମ ଶିକ୍ଷାଦାତା ।''

ଆଇନ୍‌ଷ୍ଟାଇନ୍‌ଙ୍କ ଯୁଗାନ୍ତକାରୀ ଆପେକ୍ଷିକତତ୍ତ୍ୱ (Theory of Relativity) ବିଜ୍ଞାନର ଅଗ୍ରଗତିରେ ସହାୟକ ହେବା ସଙ୍ଗେ ସଙ୍ଗେ ତଦାନୀନ୍ତନ ଦାର୍ଶନିକ ଚିନ୍ତାଧାରାକୁ ବହୁଳଭାବେ ପ୍ରଭାବିତ କରିଥିଲା । ତଥାପି ପ୍ରାରମ୍ଭରେ ଅନେକ ପ୍ରଖ୍ୟାତ ବିଦ୍ୱାନ୍ ବ୍ୟକ୍ତି ଏହି ତତ୍ତ୍ୱକୁ ଗ୍ରହଣ କରି ନ ପାରି ତାଚ୍ଛଲ୍ୟ ପ୍ରକାଶ କରିଥିଲେ । ସେଥିପାଇଁ ପ୍ରେମ ଏକ ଅଜେୟ ଶକ୍ତିଶାଳୀ ଅଦୃଶ୍ୟ ବଳ ବୋଲି ପ୍ରତିପାଦନ କଲେ ତାହା ହୁଏତ ଜଡ଼ବାଦୀ ଅନେକ ବ୍ୟକ୍ତିଙ୍କର ତାଚ୍ଛଲ୍ୟ ବା ପରିହାସର ଶରବ୍ୟ ହୋଇପାରେ ବୋଲି ଆଇନ୍‌ଷ୍ଟାଇନ୍ ଆଶଙ୍କା ପ୍ରକାଶ କରିଛନ୍ତି । ମାନବସମାଜ ଏହି ତତ୍ତ୍ୱଟିକୁ ଗ୍ରହଣ କରିପାରିବାର ଅବସ୍ଥା ପ୍ରାପ୍ତ ନ ହେବା ଯାଏ, ଏହାକୁ ପ୍ରକଟ ନ କରିବା ନିମିତ୍ତ ସେ ନିଜ କନ୍ୟାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ଚିଠିଟିର ସପ୍ତମ ଅନୁଚ୍ଛେଦରେ ଲେଖାଯାଇଛି : ''ପ୍ରେମର ମର୍ମକୁ ସ୍ପଷ୍ଟ କରିବା ପାଇଁ ମୋର ବିଖ୍ୟାତ ସମୀକରଣର ଏକ ସରଳ ବିକଳ୍ପ ଉପସ୍ଥାପନ କରୁଛି । $E = mc^2$ ବଦଳରେ ଆମେ ଯଦି ପ୍ରେମକୁ (m) ଆଲୋକର ବେଗର ବର୍ଗ ($c^2$) ଦ୍ୱାରା ଗୁଣି ଦେଉ, ତେବେ ସଂସାରକୁ ନିରାମୟ ତଥା ନିରାପଦ କରିଦେଇ ପାରିବା । ଆମେ ଏହି ଉପସଂହାରରେ ଉପନୀତ ହେବା ଯେ ପ୍ରେମ ହେଉଛି ସବୁଠୁ ଶକ୍ତିଶାଳୀ ବଳ, କାରଣ ସେତେବେଳେ ଶକ୍ତିର କୌଣସି ସୀମା ରହିବ ନାହିଁ ।'' ଆପେକ୍ଷିକ ତତ୍ତ୍ୱରୁ ଯେଉଁ ବିଖ୍ୟାତ ସୂତ୍ରଟି ଉଦ୍ଭବ ତାହା ସଂକେତ ଦ୍ୱାରା ନିମ୍ନମତେ ବ୍ୟକ୍ତ କରାଯାଏ ।

$E = mc^2$

ଏହି ସୂତ୍ରଟିରେ ବ୍ୟବହୃତ ସଙ୍କେତଗୁଡ଼ିକର ଅର୍ଥ ହେଲା :

E = ଶକ୍ତି (Energy),

m = ବସ୍ତୁତ୍ୱ (mass)

c = ଆଲୋକର ବେଗ (Velocity of light)

'c' ହେଉଛି ଏକ ସ୍ଥିରାଙ୍କ (constant) ।

ଆଲୋକ ପ୍ରତି ସେକେଣ୍ଡରେ ୧୮୬,୦୦୦ ମାଇଲ ବା ତିନି ଲକ୍ଷ କିଲୋମିଟର ଦୂରତା ଅତିକ୍ରମ କରେ । ଶକ୍ତି ଓ ବସ୍ତୁତ୍ୱ ମଧ୍ୟରେ ସମ୍ପର୍କ ସ୍ଥାପନ କରୁଥିବା ଏହି ସୂତ୍ରଟି ହିଁ ଆଣବିକ ବୋମା (Atom Bomb) ପ୍ରସ୍ତୁତ କରିବା ନିମିତ୍ତ ମାର୍ଗଦର୍ଶନ କରାଇଥିଲା । ଏହି ଆଣବିକ ବୋମା ପ୍ରଥମ ଥର ଲାଗି ଜାପାନର ନାଗାସାକୀ ଓ ହିରୋସୀମା ସହର ଉପରକୁ ନିକ୍ଷେପ କରାଯାଇ ଅକଳ୍ପନୀୟ ଶକ୍ତି ସୃଷ୍ଟି ହେବା ଦ୍ୱାରା ଅଭୂତପୂର୍ବ ଲୋମହର୍ଷଣକାରୀ ତାଣ୍ଡବଲୀଳା ରଚନା କରାଯାଇଥିଲା । ୬ ଅଗଷ୍ଟ ୧୯୪୫ ମସିହାରେ ଜାପାନର ନାଗାସାକୀ ସହରରେ ଓ ୯ ଅଗଷ୍ଟ ୧୯୪୫ ମସିହାରେ ହିରୋସୀମା ସହରରେ ଏହିପରି ବୋମାର ବିସ୍ଫୋରଣ ଫଳରେ ଉତ୍ତାପ ଓ ଆଲୋକ ରୂପରେ ପର୍ଯ୍ୟାପ୍ତ ନାଭିକୀୟ ଶକ୍ତି ଉତ୍ପନ୍ନ ହୋଇଥିଲା । ଏତତ୍ ଦ୍ୱାରା ୨,୨୬,୦୦୦ ଜଣ ମଣିଷ ମୃତ୍ୟୁବରଣ କରିଥିଲେ । ଏହାର ଅର୍ଦ୍ଧାଧିକ ସାଧାରଣ ଜନତା ତତ୍କ୍ଷଣାତ୍ ମରି ଯାଇଥିଲେ । ଏହି ବିସ୍ଫୋରଣରୁ ନିର୍ଗତ ବିକିରଣ (radiation)ର କୁପ୍ରଭାବ ଯୋଗୁଁ ରୋଗାକ୍ରାନ୍ତ ହୋଇ ଅନେକ ନାଗରିକ କାଳକ୍ରମେ ଇହଲୀଳା ସମ୍ବରଣ କରିଥିଲେ । ଏହି ମର୍ମନ୍ତୁଦ, ସାଂଘାତିକ ଘଟଣା ପରେ ଅବଶ୍ୟ ପୃଥିବୀରେ ଦ୍ୱିତୀୟ ମହାସମରର ଅବସାନ ଘଟିଥିଲା । ତେବେ ଏହି ହୃଦୟ ବିଦାରକ ଦୁଃଖଦ ଘଟଣା ଜନମାନସରୁ ଆଜିଯାଏ ବିଲୁପ୍ତ ହୋଇ ନାହିଁ । ପ୍ରତି ବର୍ଷ ଅଗଷ୍ଟ ୬ ତାରିଖରେ ସମଗ୍ର ବିଶ୍ୱରେ ଏହି ଘଟଣାକୁ ସ୍ମରଣ କରି ହିରୋସୀମା ଦିବସ ପାଳିତ ହୋଇ ଆସୁଛି । ଚଳିତ ବର୍ଷ ଅଗଷ୍ଟ ୬ ତାରିଖରେ ସେହି ଘଟଣାର ପଞ୍ଚସପ୍ତତି ଦିବସ ପାଳିତ ହେବ ।

ଆଇନ୍‌ଷ୍ଟାଇନ୍‌ଙ୍କ ଉପରୋକ୍ତ ସୂତ୍ର ଅନୁସାରେ କେବଳ ମାତ୍ର ଏକ ମିଲିଗ୍ରାମ ୟୁରାନିୟମ୍ କିଂବା ପ୍ଲୁଟୋନିୟମ୍ ପରି ତେଜସ୍କ୍ରିୟ ଧାତବ ପଦାର୍ଥର ଅଣୁକୁ ବିଭାଜିତ କରି ଯେଉଁ ଶକ୍ତି ଉତ୍ପନ୍ନ ହୁଏ ତାହାକୁ ନାଭିକୀୟ ଶକ୍ତି (Nuclear Energy) କହନ୍ତି । ସୂର୍ଯ୍ୟ ଗ୍ରହରେ ଏହିପରି ଆଣବିକ ପ୍ରକ୍ରିୟା ଅବିରତ ସଂଘଟିତ ହେଉଥିବା ଯୋଗୁଁ ଆମେ ନିରନ୍ତର ଆଲୋକ ଓ ଉତ୍ତାପ ଶକ୍ତି ପ୍ରାପ୍ତ କରିଥାଉ । ଏହି ଆଣବିକ ପ୍ରକ୍ରିୟା ମାନବ ସଭ୍ୟତାରେ ବିପ୍ଳବ ସୃଷ୍ଟି କରି ମଣିଷ ପାଇଁ ଅନେକ ସୁଖ, ସୁବିଧା ଓ ଭୋଗ ବିଳାସର ସାମଗ୍ରୀ ଯୋଗାଇ ଦେଇଛି । ଅନ୍ୟପକ୍ଷେ ନାଭିକୀୟ ଅସ୍ତ୍ର (Nuclear Weapons)ର ଭୟାବହତା ମଣିଷକୁ ଆତଙ୍କିତ ଓ ଭୀତତ୍ରସ୍ତ କରି ରଖିଛି ।

ଉପରୋକ୍ତ ବଳଗୁଡ଼ିକର ଉତ୍ପାଦନ, ବିନିଯୋଗ ଓ ନିୟନ୍ତ୍ରଣରେ ପ୍ରଦୂଷଣ, ବିଦ୍ୟୁତ୍ ଆଘାତ, ନିୟମନ ବହିର୍ଭୂତ ବିସ୍ଫୋରଣର ବିପଦସବୁ ରହିଛି । ସେସବୁ ମଣିଷକୁ ଅନାବିଳ ସୁଖ, ଶାନ୍ତି, ଆନନ୍ଦ ଓ ନିରାପତ୍ତା ଦେଇପାରି ନାହାନ୍ତି । ପୃଥିବୀରେ ମଣିଷସମାଜରେ ଐକ୍ୟ ପ୍ରତିଷ୍ଠା କରିବା ଦିଗରେ ସେପରି ବଳସବୁ ସଫଳ ହୋଇପାରି ନାହାନ୍ତି । ତେଣୁ ମଣିଷ ନିଜ ଭବିଷ୍ୟତର ନିରାପତ୍ତା, ଯଥାର୍ଥ ସୁଖ ସମୃଦ୍ଧି ପାଇଁ ଓ ସମାଜରେ ଐକ୍ୟ ପ୍ରତିଷ୍ଠା କରିବା ଲାଗି ଅନ୍ୟ ଏକ ବଳ ଦ୍ୱାରା ନିଜକୁ ସୁସଜ୍ଜିତ ଓ ପରିପୁଷ୍ଟ କରିବା ନିତାନ୍ତ ଆବଶ୍ୟକ । ଏହା ଆଇନ୍‌ଷ୍ଟାଇନ୍‌ଙ୍କର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭବିଷ୍ୟବାଣୀ ।

ଆଲୋଚିତ ମାଧ୍ୟାକର୍ଷଣ ବଳ, ବିଦ୍ୟୁତ୍ ବଳ, ଚୁମ୍ବକୀୟ ବଳ ଓ ନାଭିକୀୟ ବଳ ଭୌତିକ ଜଡ଼ ସ୍ତରର ହୋଇଥିବା ବେଳେ, ପ୍ରେମ ହେଉଛି ଏକ ଦିବ୍ୟବଳ । ଏହାର ମୂଳ ଉତ୍ସ ହେଉଛି ପରମ ଦିବ୍ୟସତ୍ତା – ଯାହା ପ୍ରତ୍ୟେକ ଅଣୁ ପରମାଣୁରେ ବିଦ୍ୟମାନ – ଯାହାକୁ ଆମେ ଭଗବାନ୍, ପରମେଶ୍ୱର, ପରଂବ୍ରହ୍ମ, ପରମାତ୍ମା – ଯାହା ବି କହିପାରୁ ।

ଆଇନ୍‌ଷ୍ଟାଇନ୍ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ପ୍ରତ୍ୟେକ ବ୍ୟକ୍ତି ନିଜ ହୃଦୟକନ୍ଦରରେ ପ୍ରେମ-ଉତ୍ପାଦନ-କ୍ଷମ ଯନ୍ତ୍ରଟିଏ ବହନ କରି ଚାଲିଛି । ଏହି ଯନ୍ତ୍ରଟି କାର୍ଯ୍ୟକ୍ଷମ ହେଲେ ପ୍ରେମ-ଶକ୍ତି ଉତ୍ସାରିତ ହୋଇ ସମଗ୍ର ବିଶ୍ୱକୁ ପରିପ୍ଲାବିତ ଓ ଆଚ୍ଛାଦିତ କରିଦେଇ ପାରିବ । ତେବେ ଯାଇ ମାନବସମାଜରେ ସୁଖ, ଶାନ୍ତି, ସଂହତି ପ୍ରତିଷ୍ଠା ହେବ । ବିଶ୍ୱରୁ ଯୁଦ୍ଧ, ବିଦ୍ରୋହ, ବିକ୍ଷୋଭ ବିଲୁପ୍ତ ହୋଇ ସମଗ୍ର ସମାଜରେ ଐକ୍ୟ ପ୍ରତିଷ୍ଠା ହୋଇପାରିବ । ବସୁଧା ଗୋଟିଏ କୁଟୁମ୍ବରେ ପରିଣତ ହେବ । ସଂସାର ହେବ ସତ୍ୟ, ଶିବ, ସୁନ୍ଦରଙ୍କର ନିବାସସ୍ଥଳୀ । ସେତେବେଳେ $E = mc^2$ ସୂତ୍ରରେ ବ୍ୟବହୃତ ସଂକେତଗୁଡ଼ିକର ଅର୍ଥ ବଦଳିଯିବ । 'm' ହେବ ପ୍ରେମର ସଂକେତ, 'E' ହେବ ସୁଖ, ଶାନ୍ତି, ଐକ୍ୟ ଓ ନିରାପତ୍ତାର ସଂକେତ । ପୃଥିବୀ ନିମିତ୍ତ

ଉଦ୍ଦିଷ୍ଟ ପ୍ରେମର ଉତ୍ପାଦନ ପାଇଁ ଏହା ହେବ ଏକ ଗାଣିତିକ ସୂତ୍ର ।

ଏହି ପରିପ୍ରେକ୍ଷୀରେ ମହାଯୋଗୀ ଶ୍ରୀଅରବିନ୍ଦଙ୍କର ବିଶ୍ୱବାସୀଙ୍କ ପାଇଁ ସନ୍ଦେଶ ହେଲା : ''Love of man, love of woman, love of things, love of thy neighbour, love of thy country, love of animals, love of humanity are all the love of God reflected in these living images. So love and grow mighty to enjoy all, to help all and to love for ever.'' (MCW, Vol. 10, pp. 346 - 347)

''ନରକୁ ଭଲପାଇବା, ନାରୀକୁ ଭଲପାଇବା, ବସ୍ତୁଗୁଡ଼ିକୁ ଭଲପାଇବା, ନିଜର ପ୍ରତିବେଶୀକୁ ଭଲପାଇବା, ଆପଣାର ଦେଶକୁ ଭଲପାଇବା, ଇତର ପ୍ରାଣୀମାନଙ୍କୁ ଭଲପାଇବା, ମାନବସମାଜକୁ ଭଲପାଇବା, ଏସବୁଗୁଡ଼ିକ ହେଉଛି ଏହିସବୁ ଜୀବନ୍ତ ପ୍ରତିରୂପ ଉପରେ ସେହି ଭଗବତ୍ ପ୍ରେମର ପ୍ରତିଫଳନ । ତେଣୁ ସବୁଟିକୁ ଉପଭୋଗ କରିବା ଲାଗି, ସମସ୍ତଙ୍କୁ ସାହାଯ୍ୟ କରିପାରିବା ଲାଗି ତୁମେ ମଧ୍ୟ ସମସ୍ତଙ୍କୁ ସବୁବେଳେ ଭଲପାଅ ଓ ନିଜ ଶକ୍ତିର ଅଭିବୃଦ୍ଧି କର ।''

❑❑❑

ଯଦି ଆମେ ଏହି ଜୀବନକୁ ଯଥାର୍ଥରେ ବଞ୍ଚି ଜାଣିଥିବା, ତେବେ ଆମ ଲାଗି ସମଗ୍ର ଜୀବନ ହିଁ ପ୍ରେମ ରୂପେ ଅନୁଭୂତ ହୋଇ ପାରିବ ।

*(୪ ଜୁଲାଇ ୧୯୬୩)* — ଶ୍ରୀମା

---

*(ପୃଷ୍ଠା ୩୯ ର ଅବଶିଷ୍ଟାଂଶ)*

ପୁନର୍ବାର ଶ୍ରୀମା କହୁଛନ୍ତି : "There are no words that can explain the magnificence of the Grace, how the whole is combined so that all may go as quickly as possible. And individuals are miserable to the extent to which they are not conscious of it and take a false position in regard to what is happening to them."

(MCW, Vol. - 11, p. 204)

ଅର୍ଥାତ୍ : ''କରୁଣା ଯେ କିପରି ସମସ୍ତଙ୍କୁ ଏକତ୍ରିତ କରିଛି ଯାହା ଦ୍ୱାରା ସମସ୍ତେ ଏକ ସଙ୍ଗରେ ଯେତେ ଶୀଘ୍ର ପାରନ୍ତି ଆଗକୁ ଯାଇପାରିବେ, ଏହି ଅଦ୍ଭୁତ କାର୍ଯ୍ୟକୁ ବର୍ଣ୍ଣନା କରିବା ଲାଗି ଭାଷା ନାହିଁ । ଏବଂ ଏହା ଦୁର୍ଭାଗ୍ୟର କଥା ଯେ ବ୍ୟକ୍ତି ବିଶେଷ ଏ ବିଷୟରେ ସଚେତନ ନୁହନ୍ତି ଏବଂ ତାଙ୍କ ଭିତରେ କ'ଣ ଘଟୁଛି ସେ ବିଷୟରେ ଏକ ଭୁଲ୍ ଧାରଣା କରି ନିଅନ୍ତି ।''

ମା ଭଗବାନଙ୍କ କରୁଣାକୁ ପୃଥିବୀପୃଷ୍ଠରେ କ୍ରିୟାଶୀଳ କରାଇଛନ୍ତି । କିନ୍ତୁ ମଣିଷ ଏହାକୁ ବୁଝିପାରୁ ନାହିଁ ।

ମା'ଙ୍କ ଭାଷାରେ :

"It is a higher humanity which tries to draw the whole of its humanity upward, but that... that is of no use, of no use."

(MCW, Vol. - 11, p. 215)

ବୁଦ୍ଧିମାନ୍ ମଣିଷମାନେ ମଣିଷଜାତିକୁ ଟାଣି ଉପରକୁ ଉଠାଇବାକୁ ଚେଷ୍ଟା କରୁଛନ୍ତି କିନ୍ତୁ ଏହି ଚେଷ୍ଟା ବୃଥା ।

ମା ଶେଷରେ କହୁଛନ୍ତି : "Indeed, that is the most difficult thing to learn to disappear."

(MCW, Vol. - 11, p. 215)

ଅର୍ଥାତ୍, ''ନିଜକୁ ଲୁପ୍ତ କରିଦେବାକୁ ଶିଖିବା ହେଲା ବାସ୍ତବରେ ସବୁଠାରୁ କଠିନ କାମ ।''

(କ୍ରମଶଃ)

❑❑❑

# ସୁସ୍ଥତାର ପରମ ଗୋପନୀୟତା

## (୩)

## ସୂର୍ଯ୍ୟକାନ୍ତି ମହାନ୍ତି

**କଳ୍ପନା**

ମଣିଷ ମଧ୍ୟରେ ଥିବା ବାରଟି ମନଃଶକ୍ତି ମଧ୍ୟରୁ କଳ୍ପନାକୁ ଏକ ଅଲୌକିକ ଶକ୍ତି ବୋଲି ଗ୍ରହଣ କରାଯାଏ । ଏହାର ଅବସ୍ଥିତି ମସ୍ତିଷ୍କର ସମ୍ମୁଖ ଭାଗରେ, ପିଟ୍ୟୁଟାରୀ ଗ୍ରନ୍ଥି (Pituitary gland)ର ସମୀପବର୍ତ୍ତୀ ଅଞ୍ଚଳରେ, ନାକର ମୂଳରେ ଏବଂ ଚକ୍ଷୁଦ୍ୱୟର ମଧ୍ୟରେ ଥାଏ । ଏହା ମସ୍ତିଷ୍କର ଅଭ୍ୟନ୍ତରକୁ ପ୍ରସାରିତ ହୋଇଥାଏ ଏବଂ ଦୃଷ୍ଟି ସ୍ନାୟୁ (Optic nerve)ର ମୂଳରେ ଏହାର ମାନସିକ ଚିତ୍ରପଟ ଆଙ୍କିବାର କାର୍ଯ୍ୟ କରିଥାଏ ।

ଭାରତୀୟ ଦର୍ଶନଶାସ୍ତ୍ର ଅନୁଯାୟୀ କଳ୍ପନାଶକ୍ତିର ଅବସ୍ଥିତି ଆଜ୍ଞା ଚକ୍ରରେ, ଯାହାକୁ ତୃତୀୟ ନୟନ କୁହାଯାଏ । ଏହାର ଧ୍ୱନି ହେଉଛି କ୍ଷମ୍ । ଏହି ଚକ୍ରରେ ଅଛି କଳ୍ପନା, ଉତ୍ସାହ, ଇଚ୍ଛା ଓ ଅନ୍ତର୍ଦୃଷ୍ଟିର କେନ୍ଦ୍ର ସମୂହ । ଏହି ଚକ୍ରର ରଙ୍ଗ ଘନନୀଳ ହେଲେ ମଧ୍ୟ ଏହି କେନ୍ଦ୍ରରେ ବୌଦ୍ଧିକ ଭାବଧାରା ସୃଷ୍ଟି କରେ ହଳଦୀ ରଙ୍ଗ ଓ ଅତୀନ୍ଦ୍ରିୟ ଅନୁଭୂତି ସୂଚୀତ କରେ ଉଜ୍ଜ୍ୱଳ ନୀଳ ରଙ୍ଗ । ଏହିଠାରେ ଯେଉଁ କଳ୍ପନା ଶକ୍ତି ସୃଷ୍ଟି ହୁଏ, ତାହା ମନୁଷ୍ୟର ଅଭିଳାଷର ପୂର୍ଣ୍ଣତା ଆଣିଥାଏ । ତେବେ ପିଟ୍ୟୁଟାରୀ ଗ୍ରନ୍ଥିର ଅବସ୍ଥିତି ପିନିଅଲ୍ ଗ୍ରନ୍ଥି(Pineal gland)ର ଠିକ୍ ତଳେ ଥିବାରୁ ମନର କାର୍ଯ୍ୟକାରିତାରେ କଳ୍ପନା ଓ ବିଶ୍ୱାସ ପ୍ରାୟ ଏକ ସଙ୍ଗରେ କାର୍ଯ୍ୟ କରନ୍ତି । ପୁରାତନ ଯୁଗରେ ଏ ଦୁଇଟିକୁ ଯମଜ ଗ୍ରନ୍ଥି କୁହାଯାଉଥିଲା ।

ଏହି ଦୁଇ ଶକ୍ତିର ନିବିଡ଼ ସମ୍ପର୍କକୁ ନେଇ ଷୋଡ଼ଶ ଶତାବ୍ଦୀର ଚିକିତ୍ସକ ଡକ୍ଟର Paracelesus କହିଥିଲେ, "Imagination is the cause of many diseases, but faith is the cure of all." ଅର୍ଥାତ୍, କଳ୍ପନା ବହୁ ରୋଗର କାରଣ ହୋଇଥାଏ, ମାତ୍ର ବିଶ୍ୱାସ ଏସବୁକୁ ଆରୋଗ୍ୟ କରିଥାଏ । ଅନ୍ୟ ଜଣେ ଆମେରିକୀୟ ଚିକିତ୍ସକ Dr. Phineas Quinby କହିଛନ୍ତି : ଲୋକମାନେ ଯେତେବେଳେ ମଜା କରି କହନ୍ତି କଳ୍ପନାଟି ହେଉଛି ଜଣଙ୍କର ଦିବାସ୍ୱପ୍ନ ମାତ୍ର, ଏହାର ଅର୍ଥ ଯାହା କଳ୍ପନା କରାଯାଇ ଥାଏ ତାହା ଅର୍ଥହୀନ । ମାତ୍ର ଡକ୍ଟର ପାରାସେଲେସସ୍ କହନ୍ତି ଯେ ସମ୍ଭବତଃ କଳ୍ପନା ହେଉଛି ମଣିଷ ମନର ସବୁଠାରୁ ଶକ୍ତିଶାଳୀ ସାମର୍ଥ୍ୟ, ଯାହା ତା' ଜୀବନକୁ ପରିବର୍ତ୍ତିତ କରିଦିଏ । ଏଣୁ କଳ୍ପନା ଶକ୍ତିକୁ ଯେପରି ଛୋଟ ଏକ କିଛି ବୋଲି ବୁଝିବା ଠିକ୍ ନୁହେଁ । କେବଳ ଏହା ମଣିଷର ଏକ ଅଜ୍ଞତା । ବାସ୍ତବରେ ଯାହାର ଏହି ଚକ୍ର ପର୍ଯ୍ୟାପ୍ତ ପରିମାଣରେ କାର୍ଯ୍ୟ କରେ ନାହିଁ, ସେ ହିଁ ଏ ପ୍ରକାର ମନ୍ତବ୍ୟ ଦେଇଥାଏ ।

ଜର୍ମାନ୍ କବି Goethe କହିଥିଲେ ଯେ ଯାହା ତୁମେ ସ୍ୱପ୍ନ ଦେଖିଥାଅ, ତାହା ତୁମେ ନିଶ୍ଚୟ କରିପାରିବ । ଲକ୍ଷ୍ୟ ଅସମ୍ଭବ ବୋଲି ମନେ ହେଉଥିଲେ ମଧ୍ୟ ତୁମେ ପହଞ୍ଚି ପାରିବ ନିରାଶାରୁ ଆଶାକୁ, ବିଫଳତାରୁ ସଫଳତାକୁ ଏବଂ ଅସୁସ୍ଥତାରୁ ସୁସ୍ଥତାକୁ । କାରଣ ସ୍ୱପ୍ନରେ ଅଛି କୁହୁକ ଶକ୍ତି, ଯାହା ଲକ୍ଷ୍ୟ ପ୍ରାପ୍ତିର ଦୂରତ୍ୱକୁ ହ୍ରାସ କରିଦିଏ ।

ପୁନଶ୍ଚ କଳ୍ପନା ଶକ୍ତିର ପରିଚୟ ଦେବାକୁ ଯାଇ ଜଣେ ଦାର୍ଶନିକ କହିଥିଲେ ଯେ ଏହା ହେଉଛି କାରାରୁଦ୍ଧ ହୋଇଥିବା ଏକ ବିମୁଗ୍ଧକାରୀ ଶୋଭା ଯାହା ବନ୍ଧନମୁକ୍ତ ହୋଇ ନିଜକୁ ବ୍ୟକ୍ତ କରିବା ପାଇଁ ଅନୁମତିର ଅପେକ୍ଷାରେ ଥାଏ । ଆଉ ଯେତେବେଳେ କଳ୍ପନା ଶକ୍ତି ପରିପ୍ରକାଶ ହୁଏ ସେତେବେଳେ ଏହା ମନୁଷ୍ୟକୁ ଏକ ବିସ୍ମୟକର ରାଜ୍ୟକୁ ବୁଲାଇ ନିଏ । କଳ୍ପନା ରାଜ୍ୟରେ ଖାଦ୍ୟ, ପୋଷାକ, ବାସସ୍ଥାନ, ଶରୀରର ସୁସ୍ଥତା, ଶ୍ରବଣ ନିମନ୍ତେ ମଧୁର ସଙ୍ଗୀତ, ଦର୍ଶନ ନିମନ୍ତେ ପ୍ରକୃତିର ଅପରୂପ ଶୋଭା ଭଣ୍ଡାରର ପ୍ରାଚୁର୍ଯ୍ୟ କଳ୍ପନା-ବିଳାସୀ ମଣିଷ ପାଇଁ ଅପର୍ଯ୍ୟାପ୍ତ ଭାବେ ସହଜ ଲବ୍ଧ ହୋଇ ରହିଥାଏ । ସେଠାରେ ମଣିଷ ହୁଏ ଆତ୍ମହରା ।

ଏହିପରି ଭାବରେ କଳ୍ପନା ହେଉଛି ଜଣେ ବ୍ୟକ୍ତିର ସର୍ବଶ୍ରେଷ୍ଠ ସୃଜନକାରୀ ମନଃଶକ୍ତି, ଯାହା ସର୍ବଦା ତା' ମନ ମଧ୍ୟରେ ଏହି ଶକ୍ତି ମଧ୍ୟ ଦେଇ କିଛି ସୃଷ୍ଟିକାରୀ ଭାବନା ଆଣି ଦେଇଥାଏ । ଅର୍ଥାତ୍, ଜଣେ ଯାହା ଇଚ୍ଛା କରୁଥାଏ, ତାକୁ କଳ୍ପନା ଶକ୍ତି ହିଁ ନିର୍ଦ୍ଦେଶନା ଦେଇଥାଏ । ଯଦି ଜଣେ ବାରଂବାର ତା'ର କୌଣସି ଏକ କଥାକୁ ଆବାହନ କରୁଥାଏ, ତା'ହେଲେ

ଏହି ଶକ୍ତି ତା'ର ଲକ୍ଷ୍ୟ ପୂରଣ ପାଇଁ ଆଗେଇ ନିଏ । ଏଣୁ ବ୍ୟକ୍ତି ନିଜର ଉନ୍ନତି ପାଇଁ ମନ ଭିତରେ ଏକ ସୁନ୍ଦର ଚିତ୍ର ଆଙ୍କି ପାରିଲେ, ତା' ଜୀବନରେ ଏହି ଶକ୍ତି ବିସ୍ମୟକର ପରିବର୍ତ୍ତନମାନ ଘଟାଇଥାଏ । ଏହା ଅଧିକ ବିଜ୍ଞାନସମ୍ମତ ଏବଂ ପ୍ରାୟୋଗିକ ମଧ୍ୟ । ଏହି ପ୍ରକ୍ରିୟା ହେଉଛି ଲକ୍ଷ୍ୟ ହାସଲ ପାଇଁ କ୍ଷିପ୍ରତମ, ସରଳତମ ଏବଂ ସର୍ବାଧିକ ଆନନ୍ଦଦାୟକ ପଥ । ଏଣୁ ଏହାକୁ ଅତିମାନବୀୟ ଶକ୍ତି (Super human power) ମଧ୍ୟ କୁହାଯାଏ ।

ଏହାର ଏକ ଉଦାହରଣ ଏଠାରେ ପ୍ରଦତ୍ତ କରାଯାଉଛି ।

ଜଣେ ମାଆ କଳ୍ପନାର ଆରୋଗ୍ୟକାରୀ ଶକ୍ତି ବିଷୟରେ ଶିକ୍ଷା କରିଥିଲେ । ତାଙ୍କର ନଅ ବର୍ଷର ପୁଅ କ୍ରମାଗତ ଭାବରେ ରୋଗରେ ଆକ୍ରାନ୍ତ ହେଉଥିଲା । ଡାକ୍ତରୀ ଚିକିତ୍ସା ନୈରାଶ୍ୟଜନକ ଥିଲା । ମାତ୍ର ସେ ମାଆ ଜଣକ ସର୍ବଦା ନିଜ ମନ ମଧ୍ୟରେ ପୁଅର ସୁସ୍ଥତାର ଚିତ୍ର ଆଙ୍କି ଚାଲିଥିଲେ । ଏପରିକି ପିଲାକୁ ତା'ର ଉତ୍ତମ ସ୍ୱାସ୍ଥ୍ୟ ବିଷୟରେ କହୁଥିଲେ । ମାଆ ଓ ପୁଅ ଉଭୟ ଭଲ ସ୍ୱାସ୍ଥ୍ୟ ଫେରି ଆସିବାର କଥା ବାରଂବାର ଆଲୋଚନା କରୁଥିଲେ । ଏହାର ଅଳ୍ପ କିଛି ଦିନ ମଧ୍ୟରେ ପିଲାର ସ୍ୱାସ୍ଥ୍ୟର ଉନ୍ନତି ହେବାରେ ଲାଗିଲା ଏବଂ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ସ୍କୁଲରେ ଯୋଗ ଦେଲା । ପରବର୍ତ୍ତୀ ସମୟରେ ସେ ଜଣେ ଉତ୍ତମ ଖେଳାଳୀ ଭାବେ ପରିଚିତ ହେଲା । ଏବେ ସେ ଏକ ସମ୍ପୂର୍ଣ୍ଣ ସୁସ୍ଥ ଯୁବକ ଏବଂ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ।

ଏହିପରି ଭାବରେ ଜଣେ ବ୍ୟକ୍ତିର କଳ୍ପନା ଶକ୍ତି ଅନ୍ୟ ଜଣକର ଅବଚେତନ ମନକୁ ବି ସ୍ପର୍ଶ କରିପାରେ ଏବଂ ତା' ଜୀବନରେ ଭରି ଦେଇଥାଏ ଆନନ୍ଦ । ଏଣୁ ନିଜର ବା ଅନ୍ୟର ମଙ୍ଗଳ ପାଇଁ ଏହି କୌଶଳ ବ୍ୟବହାର କରାଯାଇ ପାରେ । କୁହାଯାଏ ଜଣେ ଯଦି ମନ୍ଦ କର୍ମର ବୀଜ ବପନ କରେ, ସେ ଦୁର୍ଭାଗ୍ୟର ଫସଲ ଅମଳ କରେ । ମାତ୍ର ଜଣକର ବଦାନ୍ୟତାର ମନୋଭାବ ରହିଲେ ସେ ଆଶୀର୍ବାଦ ପ୍ରାପ୍ତ ହୁଏ । ବାସ୍ତବରେ ବ୍ୟକ୍ତିର ଅନ୍ତର୍ଦେଶର କଥା ହେଉଛି ହେତୁ (cause) ଏବଂ ବହିର୍ଦେଶର କଥା ହେଉଛି ପରିଣାମ (effect) ।

ଦେଖାଯାଏ ଯେ ମନଃଶକ୍ତି ହେଉଛି ମଣିଷଙ୍କ ଭଳି । ମନଃଶକ୍ତିକୁ ଅବଲମ୍ବନ କରି ଯଦି ଜଣେ ବ୍ୟକ୍ତିକୁ ପ୍ରଶଂସା କରାଯାଏ, ଏହା ସୁନ୍ଦର ଭାବେ ତା' ଉପରେ କାର୍ଯ୍ୟ କରେ । ଅପରପକ୍ଷେ ନକାରାତ୍ମକ ଚିନ୍ତାଧାରା ବୁମେରାଂ ସଦୃଶ ବିଦ୍ରୋହ କରି ତା'ର ଜୀବନକୁ ବିପଥଗାମୀ କରାଏ । ଏଣୁ ମଣିଷ ହାତରେ ଅଛି ତା' ସଫଳ ଜୀବନର ଚାବିକାଠି । ତା'ର ବର୍ତ୍ତମାନ ଜୀବନ ଯାହା କିଛି ହେଲେ ବି କଳ୍ପନା ଶକ୍ତିର ସଫଳ ପ୍ରୟୋଗରେ ଉନ୍ନତ ସ୍ୱାସ୍ଥ୍ୟ, ସମୃଦ୍ଧି ଓ ଆନନ୍ଦ ଲାଭର ଆଶା ଅବଶ୍ୟ ଅଛି । ଏହା ହେଉଛି ଭାଗ୍ୟ ପରିବର୍ତ୍ତନର ଗୋପନ କଥା ।

ଅପରପକ୍ଷରେ ମଣିଷ ତା' ନିଜ ଶକ୍ତିର ଅପବ୍ୟବହାର କରି ଦୁର୍ଭାଗ୍ୟ ଓ ରୋଗକୁ ନିମନ୍ତ୍ରଣ କରିଥାଏ । ଏପରି ଏକ ଘଟଣା ଘଟିଥିଲା ଜଣେ ଡାକ୍ତରଙ୍କ ଜୀବନରେ; ଯିଏ ଅନ୍ୟମାନଙ୍କୁ ଆରୋଗ୍ୟ କରାଉଥିଲେ, ମାତ୍ର ସେ ନିଜେ ଅସୁସ୍ଥତାରେ ଫସି ଯାଇଥିଲେ । ଘଟଣାଟି ଥିଲା ଏହିପରି –

ଥରେ ହାର୍ଭାର୍ଡ଼ (Harvard) ମେଡିକାଲ ସ୍କୁଲର ଜଣେ ଡାକ୍ତର ତାଙ୍କ ଛାତ୍ରମାନଙ୍କୁ ପଢ଼ାଇବା ବେଳେ କହିଥିଲେ ଯେ ଯେଉଁ ରୋଗ ବିଷୟରେ ସେମାନେ ପଢୁଛନ୍ତି, କେବେ ବି ଯେମିତି ସେହି ରୋଗ ନିଜର ହୋଇଛି ବୋଲି କଳ୍ପନାରେ ବି ଆଣିବେ ନାହିଁ । ସେ ତାଙ୍କ ନିଜ ଜୀବନର ଉଦାହରଣ ଦେଇ କହିଥିଲେ ଯେ କୌଣସ ଏକ ରୋଗ ବିଷୟରେ ସେ ଆକ୍ରାନ୍ତ ବୋଲି ମନ ଭିତରେ ତାଙ୍କର ଧାରଣା ରହୁଥିଲା । ସେ ବିଷୟରେ ବାରଂବାର ତାହାକୁ ସେ ଅନୁଭବ କରୁଥିଲେ ମଧ୍ୟ । ସେସବୁର ପରୀକ୍ଷା କରିବା ପାଇଁ ସେ କେବେ ବି ସାହସ କରିପାରି ନ ଥିଲେ । କଲେ ନାହିଁ ମଧ୍ୟ । ତା'ପରେ ତାଙ୍କର କ୍ଷୁଧା କମିବା ସହିତ ଶରୀରର ଓଜନ କମିବାକୁ ଲାଗିଲା । ସେ ଅତ୍ୟନ୍ତ ଦୁର୍ବଳ ହୋଇ ଗଲେ । ଶେଷରେ ସେ ଚାଲିବାକୁ ଅକ୍ଷମ ହେଲେ । ତାଙ୍କର ଜଣେ ଡାକ୍ତର ବନ୍ଧୁଙ୍କ ଅନୁରୋଧ କ୍ରମେ ତାଙ୍କ ଶରୀରର ପରୀକ୍ଷାରୁ ଜଣାଗଲା ଯେ ତାଙ୍କର କିଛି ରୋଗ ନାହିଁ । ଏହା ପରେ ମାନସିକ ସ୍ତରରେ ସେ ସବଳ ହେଲେ । ପରେ ଧୀରେ ଧୀରେ ତାଙ୍କର ସୁନ୍ଦର ସ୍ୱାସ୍ଥ୍ୟ ସେ ଫେରି ପାଇଲେ ।

ଜଣେ ଗଣିତଜ୍ଞଙ୍କ କହିବାନୁଯାୟୀ ଧାରଣାସବୁ ଅନିର୍ଦ୍ଦିଷ୍ଟ, ଅନିଶ୍ଚିତ ଓ ଅସ୍ପଷ୍ଟ ଭାବରେ ମନ ଭିତରେ ଥାଏ । କଳ୍ପନା ଶକ୍ତି ପ୍ରୟୋଗ କରି ଏହାକୁ ନିର୍ଦ୍ଦିଷ୍ଟ ରୂପ ଦିଆଗଲେ ମଣିଷ ଲାଭ କରେ ତା'ର ଇପ୍‌ସିତ ବସ୍ତୁ ।

ଏକ ପୁରାତନ କାହାଣୀରେ ଏହା ସ୍ପଷ୍ଟ ଭାବରେ ବର୍ଣ୍ଣିତ ହୋଇଛି । ଘଟଣାଟି ଏହିପରି – ଏକଦା ଜଣେ ରାଜକୁମାର କୁଜା ଥିଲେ । ସେ ସିଧା ଭାବରେ ଛିଡ଼ା ହୋଇପାରୁ ନ ଥିଲେ ।

ଦିନେ ସେ ରାଜ୍ୟର ଜଣେ ଦକ୍ଷ ଭାସ୍କରଙ୍କୁ ଡକାଇ ନିଜର ଏକ ପ୍ରତିମୂର୍ତ୍ତି ନିର୍ମାଣ କରିବା ପାଇଁ ଅନୁରୋଧ କଲେ । ପ୍ରତିମୂର୍ତ୍ତି ଯେପରି ଠିକ୍ ରାଜକୁମାରଙ୍କ ପରି ହୋଇଥିବ, ମାତ୍ର ମେରୁଦଣ୍ଡ ସଳଖ ଥିବ । ଭାସ୍କର ସମ୍ମତି ପ୍ରଦାନ କରି କାର୍ଯ୍ୟ ଆରମ୍ଭ କଲେ । ନିର୍ମାଣ କାର୍ଯ୍ୟ ଶେଷ ହେବା ପରେ ରାଜକୁମାର ଆଦେଶ ଦେଲେ ତାଙ୍କ ଉଦ୍ୟାନର ଏକ ଗୁପ୍ତ କୋଣରେ ଏହାକୁ ରଖିବାକୁ । ପ୍ରତିଦିନ ଏହି ପ୍ରତିମାର ସଳଖ ପିଠିକୁ ସେ ମନୋଯୋଗ ସହକାରେ କିଛି ସମୟ ନିରୀକ୍ଷଣ କରୁଥିଲେ ।

ଦିନ ଗଡ଼ି ଚାଲିଲା । କିଛି ବର୍ଷ ବି ବିତିଗଲା । ତା'ପରେ ଲୋକ ମୁଖରେ ପ୍ରଚାରିତ ହେବାକୁ ଲାଗିଲା ଯେ ରାଜକୁମାରଙ୍କର ପିଠି ସଳଖ ହୋଇ ଯାଇଥିବାରୁ ବହୁତ ସୁନ୍ଦର ଦେଖା ଯାଉଛନ୍ତି । ଏକଥା ଯେତେବେଳେ ରାଜକୁମାରଙ୍କ କାନରେ ପଡ଼ିଲା, ତାଙ୍କ ଓଠରେ ହସ ଖେଳିଗଲା । ସେ ଉଦ୍ୟାନ ଯାଇ ସେହି ପ୍ରତିମାକୁ ପୁଣି ଥରେ ଦେଖିଲେ ଏବଂ ନିଜକୁ ପୁଣିଥରେ ପରଖିଲେ । ଜାଣିଲେ ନିଜ ଶରୀରର ଶାରୀରିକ ଅକ୍ଷମତା ଦୂର ହୋଇ ଯାଇଛି । ପ୍ରକୃତରେ ପ୍ରତିମୂର୍ତ୍ତିର ନିର୍ମାଣ ପୂର୍ବରୁ ହିଁ ରାଜକୁମାରଙ୍କ ମନରେ ନିଜର ସୁନ୍ଦର ଚେହେରାର ଛବି ଆଙ୍କି ହୋଇ ଯାଇଥିଲା; ଯାହା ବାହ୍ୟ ଜଗତରେ ପରିପ୍ରକାଶ ହେବାକୁ କିଛି ସମୟ ଲାଗିଥିଲା । ଏଥିରୁ ଜଣାଯାଏ ଯେ ଜଣେ ଯଦି ତା'ର ମାନସିକ ଛବିକୁ ଧରି ରଖି ପାରିବ, ତା'ହେଲେ ସେ ସେହି ଘଟଣାକୁ ବି ତା' ହାତ ମୁଠାରେ ରଖି ପାରିବ । ଏଣୁ ଜଣେ ଭଲ କଥା ଚିନ୍ତା କଲେ, ମନରେ ସୁନ୍ଦର ଛବିଟିଏ ଆଙ୍କି ଦେଲେ, ମଧୁର କଥା କହିଲେ ବା ଶୁଣିଲେ, ତା'ର ମାନସିକ ଓ ଶାରୀରିକ ସମସ୍ୟା ଅନ୍ତର୍ହିତ ହୁଏ । ସେ ଲାଭ କରେ ତା' ନିଜର ଏକ ସୁନ୍ଦର ପୃଥିବୀ ।

ଏ ବିଷୟରେ ବାଇବେଲର ସୁନ୍ଦର କାହାଣୀଟିଏ ଉପସ୍ଥାପନ କରୁଛି । ସୃଷ୍ଟିର ପ୍ରାରମ୍ଭରୁ ପ୍ରକୃତିର ଅପରିମିତ ପ୍ରାଚୁର୍ଯ୍ୟ ମଧ୍ୟରେ ଆଦାମ୍ ଓ ଇଭ୍ ବାସ କରୁଥିଲେ । ସୃଷ୍ଟିକର୍ତ୍ତା ଆଦାମ୍‌କୁ ଏହି କ୍ଷମତା ଦେଇଥିଲେ ଯେ ସେ ପଶୁପକ୍ଷୀଙ୍କର ନାମକରଣ କରିପାରିବେ । ଏଣୁ ପଶୁ-ପକ୍ଷୀମାନେ ତାଙ୍କ ନିକଟକୁ ଆସୁଥିଲେ ନିଜ ନିଜର ଗୋଟିଏ ନାମ ପାଇବା ପାଇଁ । ଆଦାମ୍ ସେମାନଙ୍କର ନାମ ଦେଉଥିଲେ । ଆଉ ସେହି ନାମର ଅର୍ଥ ଅନୁଯାୟୀ ସେଇ ଜୀବଜନ୍ତୁମାନେ ଆଦାମ୍‌ଙ୍କ ସହ ବ୍ୟବହାର କରୁଥିଲେ । ଏହିପରି ଏକ ସଂହତିପୂର୍ଣ୍ଣ ପରିବେଶ ମଧ୍ୟରେ ଆଦାମ୍ ଓ ଇଭ୍ ବାସ କରୁଥିଲେ । ମାତ୍ର ସେମାନେ ଯେତେବେଳେ କେବଳ ଭଲରେ ବଞ୍ଚି ରହିବାକୁ ଇଚ୍ଛା ନକରି ଭଲ ଓ ମନ୍ଦ ଉଭୟର ଜ୍ଞାନ ଲାଭ କରି ସେହି ପ୍ରକାରର ପରିବେଶରେ ବଞ୍ଚିବାକୁ ମନୋନୟନ କଲେ ସେତେବେଳେ ଆଦମ୍ ଓ ଇଭ୍ ଦୁହିଁଙ୍କ ଜୀବନକୁ ଅଧିକାର କଲା ଦୁଃଖ ଓ ଯନ୍ତ୍ରଣା । ସେମାନଙ୍କ ଦୁନିଆରେ ଦେଖାଗଲା ଦୁର୍ଭାଗ୍ୟ, ବିଫଳତା ଓ ଅକ୍ଷମତା । ଏଣୁ ସେମାନେ ତାଙ୍କ ସ୍ୱର୍ଗ ହରାଇଲେ ।

ଆଦାମ୍‌ଙ୍କ ଭଳି ସମସ୍ତେ ବି ଐଶ୍ୱରୀୟ ଭାବରେ ଲାଭ କରିଥା'ନ୍ତି ନିଜ ମନ ପସନ୍ଦର ଶକ୍ତି ଓ ସାମର୍ଥ୍ୟ । ଆଦାମ୍‌ଙ୍କ ପରି ନିଜ ଭଲ ବା ଖରାପ ଅଭିଜ୍ଞତାକୁ ନାମିତ କରିବା ପାଇଁ ପ୍ରତ୍ୟେକ ବ୍ୟକ୍ତି କ୍ଷମତାପ୍ରାପ୍ତ ହୋଇଥା'ନ୍ତି । ଯାହାକୁ ନିଜ ମନପସନ୍ଦର ନାମକରଣ କରିବ, ସେହି ଅନୁଯାୟୀ ନାମର ମହତ୍ତ୍ୱ ତା' ଜୀବନରେ ଘଟିବାରେ ଲାଗିବ । ଯେତେବେଳେ ସେ ଭାବିବ ସୁସ୍ଥତାରେ ବଞ୍ଚିବାକୁ ସେତେବେଳେ ସେ ଆନନ୍ଦ ଅବସ୍ଥାକୁ ଫେରିବ ଏବଂ ଯେତେବେଳେ ଇଚ୍ଛା କରିବ ଶାନ୍ତିରେ ଜୀବନ କଟାଇବାକୁ ସେତେବେଳେ ସେ ସ୍ୱର୍ଗରାଜ୍ୟର ସଂହତି ଦୋଳିରେ ଝୁଲିବ ।

ମନପସନ୍ଦର ଏହି ସ୍ୱର୍ଗୀୟ ଅବସ୍ଥା ହେଉଛି ସଫଳ ଜୀବନର ପ୍ରବେଶ ପଥ । ଆସନ୍ତୁ ଆମେ ଏହି ମନଃଶକ୍ତିର ସୁ-ବିନିଯୋଗ କରି ସୌଭାଗ୍ୟ, ସଂହତି, ଶାନ୍ତି ଓ ଆନନ୍ଦ ଲାଭ କରିବାରେ ପ୍ରୟାସୀ ହେବା ।

(କ୍ରମଶଃ) ❑

...ଏବଂ ସେହି କଳ୍ପନା ଆଗେ ଆଗେ ଯାଏ, ତୁମେ ତାକୁ ଅନୁସରଣ କର, ତା'ପରେ ଏହା ଆଗକୁ ଯିବାକୁ ଲାଗେ ଓ ତୁମେ ତାକୁ ଅନୁସରଣ କରିଥାଅ । କଳ୍ପନା ତୁମ ଲାଗି ଉପଲବ୍ଧିର ପଥ ଉନ୍ମୁକ୍ତ କରିଦିଏ ।...

(CWM Vol. 7, page : 233) — ଶ୍ରୀମା

ଗର୍ବଗଞ୍ଜନ :

# ବିସ୍ମିତ ଭୀମସେନ

## ସବ୍ୟସାଚୀ

(୧)

ପାଣ୍ଡବମାନେ ଦ୍ରୌପଦୀଙ୍କ ସହିତ ବନବାସ କରୁଥିବା ସମୟର କଥା । ସେମାନେ ପାହାଡ଼, ପର୍ବତ, ନଦୀ ପାର ହୋଇ ହିମାଳୟ ଯାଉଥା'ନ୍ତି । ଲକ୍ଷ୍ୟ ହେଉଛି ହିମାଳୟସ୍ଥ ନରନାରାୟଣ ଆଶ୍ରମରେ କିଛିଦିନ ବିଶ୍ରାମ ନେବେ । କିନ୍ତୁ ଲକ୍ଷ୍ୟସ୍ଥାନ ବହୁ ଦୂରରେ; ସେମାନେ, ବିଶେଷତଃ ଦ୍ରୌପଦୀ ବଡ଼ କ୍ଳାନ୍ତ ହୋଇ ପଡ଼ିଲେ । ଆଉ ପାଦଟିଏ ବି ଆଗେଇବାର ଉପାୟ ନାହିଁ । ସେତେବେଳେ ବୀର ଭୀମସେନ ପୁତ୍ର ଘଟୋତ୍କଚକୁ ସ୍ମରଣ କଲେ । ଘଟୋତ୍କଚ ତତ୍କ୍ଷଣାତ୍ ସେଠାରେ ଉପସ୍ଥିତ ହୋଇ ସମସ୍ତଙ୍କୁ କାନ୍ଧରେ ବସାଇ ନେଇ ନରନାରାୟଣଙ୍କ ଆଶ୍ରମରେ ଛାଡ଼ିଦେଲେ । ନର ଓ ନାରାୟଣ ଦୁଇଭାଇ ଥିଲେ ସତ୍ୟଯୁଗର ଋଷି । ଆଶ୍ରମଟି ଏବେ ମଧ୍ୟ ରହିଛି । ପୁଣ୍ୟସ୍ଥାନ ବୋଲି ଏମାନେ ଖୁସିରେ ଅଳ୍ପ କିଛିଦିନ ସେଠାରେ ବିତାଇଲେ । ଦିନେ ଦ୍ରୌପଦୀ ଯୁଧିଷ୍ଠିରଙ୍କ ସହିତ ବୁଲି ବୁଲି ହିମାଳୟର ବନରାଜିର ସୌନ୍ଦର୍ଯ୍ୟ ଉପଭୋଗ କରୁଥା'ନ୍ତି । ସେହି ସମୟରେ ନିକଟସ୍ଥ ନଦୀରେ ଗୋଟିଏ ସହସ୍ରଦଳ ପଦ୍ମ ଭାସି ଯାଉଥାଏ । ଦେଖିବାକୁ ଅତି ସୁନ୍ଦର, ପୁଷ୍ପ ମହକରେ ଚାରିଦିଗ ଚହଟୁଛି । ଦ୍ରୌପଦୀ ତାକୁ ଦେଖି ଉଲ୍ଲସିତ ହେଲେ ସିନା ପାଇବାର କୌଣସି ଉପାୟ ନ ଥିଲା । ସେ ଧାଇଁ ଯାଇ ଭୀମଙ୍କୁ ସେହି ସୌଗନ୍ଧିକ ପୁଷ୍ପକୁ ଦେଖାଇ କହିଲେ, ''ଆର୍ଯ୍ୟପୁତ୍ର, କୌଣସି ପ୍ରକାରର ଅସୁବିଧାର ସମ୍ମୁଖୀନ ନ ହୋଇ ଯଦି ତୁମେ ଏଭଳି ଫୁଲଟି ଆଣି ଦେଇ ପାରନ୍ତ ତେବେ ମୁଁ ସେଥିରେ ପୂଜା କରନ୍ତି ।''

— ''ଇଏ ଗୋଟାଏ କଥା ? ତୁମେ କହିବ ଆଉ ମୁଁ ଫୁଲଟାଏ ଆଣି ଦେଇ ପାରିବି ନାହିଁ ?'' ବୀର ଭୀମସେନଙ୍କ ପାଇଁ ଏଇ ଛୋଟ କାମଟା କିବା କଷ୍ଟ ? ''ଏବେ ହିଁ ଯାଉଛି ।'' ଏତିକି କହି ତାଙ୍କର ପ୍ରିୟ ଗଦାଟି କାନ୍ଧରେ ପକାଇ ସେ ବାହାରି ପଡ଼ିଲେ ଓ ଚାହୁଁ ଚାହୁଁ ଜଙ୍ଗଲ ମଧ୍ୟରେ ଅଦୃଶ୍ୟ ହୋଇଗଲେ । ପୁଷ୍ପଟି ଯେଉଁ ପଟରୁ ନଦୀସ୍ରୋତରେ ଭାସି ଆସିଥିଲା ସେହି ଦିଗକୁ ସେ ମୁହଁ କରି ନଦୀର ଉତ୍ସସ୍ଥଳକୁ ଲକ୍ଷ୍ୟ ରଖି ଯାଉଥା'ନ୍ତି ।

କେତେ ସମୟ ଧରି ଚାଲି ଚାଲି ଶେଷକୁ ଗନ୍ଧମାର୍ଦନ ପର୍ବତର କଦଳୀ ବନରେ ଯାଇ ସେ ପହଞ୍ଚିଲେ । ସେଠାକାର ଅପୂର୍ବ ସୁନ୍ଦର ପ୍ରାକୃତିକ ଦୃଶ୍ୟ ଦେଖୁ ଦେଖୁ ସେ ବିହ୍ୱଳ ହୋଇ ମନ ଆନନ୍ଦରେ ଚାଲୁଥା'ନ୍ତି । ହଠାତ୍ ଦେଖିଲେ ତାଙ୍କ ଆଗରେ ଲମ୍ବା ଲାଞ୍ଜଟାଏ ପଡ଼ିଛି । ଉପରକୁ ଅନାଇ ଦେଖିଲେ ଛୋଟ ପଥରଟି ଉପରେ ବୁଢ଼ା ମାଙ୍କଡ଼ଟିଏ ଢୁଳାଉଛି । କିନ୍ତୁ ତା'ର ଲାଞ୍ଜ ଏତେ ଲମ୍ବା ଯେ ତାହା ପଥରୋଧ କରି ଅନ୍ୟପଟକୁ ବିସ୍ତାରିତ ହୋଇ ରହିଛି । ଭୀମ ଦେଖିଲେ ଜୀବନ୍ତ ପ୍ରାଣୀଟିଏ, ବୁଢ଼ା ହୋଇଗଲାଣି, ଲାଞ୍ଜଟି ଲମ୍ବାଇ ବସିଛି । ଲାଞ୍ଜଟିକୁ ଡେଇଁ ଯିବାକୁ ତାଙ୍କ ବିବେକକୁ ବାଧିଲା । ସେ ମାଙ୍କଡ଼କୁ ଅନାଇ କହିଲେ, ''ହେ ବୃଦ୍ଧ ବାନର, ତୁମର ଏତେ ବଡ଼ ଲମ୍ବା ଲାଞ୍ଜଟି ମୋର ପଥରୋଧ କରୁଛି । ତୁମେ ତାକୁ ନିଜ ପାଖକୁ ଟାଣି ନେଇ ରାସ୍ତା ଛାଡ଼ । ଜଣେ ଜୀବନ୍ତ ପ୍ରାଣୀର ଅଙ୍ଗକୁ ଡେଇଁ ଯିବାକୁ ମୋ ବିବେକକୁ ବାଧୁଛି ।''

—''ବାବା, ଦେଖୁଛ ତ ମୁଁ ବୃଦ୍ଧ । ଲାଞ୍ଜଟି ଉତ୍ତୋଳନ କରି ଏପଟକୁ ନେଇ ଆସିବି ସେତକ ବଳ ବା କାହୁଁ ପାଇବି । ଯେଉଁଠି ବସିଲି ସେଇଠି, ଉଠିବାର ଶକ୍ତି ନାହିଁ । ଲାଞ୍ଜଟି ଘୋଷାରି ହୋଇ ଯେଉଁଠି ପଡ଼ିଛି, ସେମିତି ପଡ଼ି ରହିଛି । ତୁମେ ଯଦି ଏତେ ବିବେକଶୀଳ ବ୍ୟକ୍ତି, ମୋ ଲାଞ୍ଜଟିକୁ ବରଂ ଉଠାଇ ଗୋଟିଏ କଡ଼କୁ ରଖିଦେଇ ଚାଲିଯାଅ ।'' କହିଲେ ବୃଦ୍ଧ ବାନର ।

— ''ଠିକ୍ ଅଛି ।'' କହିଲେ ଭୀମସେନ । ତା'ପରେ ବୀର ଭୀମସେନ ଲାଙ୍ଗୁଳଟିକୁ ଉଠାଇବାକୁ ଚେଷ୍ଟା କଲେ । କିନ୍ତୁ କୌଣସିମତେ ଲାଞ୍ଜଟିକୁ ଉଠାଇ ପାରିଲେ ନାହିଁ । ସମସ୍ତ ବଳ ଖର୍ଚ୍ଚ କରି ବୀର ଭୀମସେନ ସେତେବେଳକୁ ଗଳଦ୍‌ଘର୍ମ ହୋଇ, ଦୀର୍ଘଶ୍ୱାସ ଛାଡ଼ି ହତାଶ ହୋଇପଡ଼ି ଭାବିଲେ, ''ଇଏ ତ ସାଧାରଣ ବାନର ନୁହେଁ, ହୁଏତ କୌଣସି ଦେବତା ବା ରାକ୍ଷସ ଛଦ୍ମବେଶ ଧରି ମୋତେ ଭୟ ଦେଖାଇବାକୁ ଏଠାକୁ

ଆସିଛି ।'' ଏହିପରି ଭାବି ସେ ବାନର ପାଖକୁ ଆସି କହିଲେ, ''ଦେଖ, ବୃଦ୍ଧ ବାନର, ମୁଁ ହେଉଛି ଦ୍ୱିତୀୟ ପାଣ୍ଡବ ବୀର ଭୀମସେନ । ମୋର ବୀରତ୍ୱ ବିଷୟରେ ନ ଜାଣେ କିଏ ? କିନ୍ତୁ ଆଶ୍ଚର୍ଯ୍ୟ, ତୁମର ସାମାନ୍ୟ ଲାଞ୍ଜଟାକୁ ମଧ୍ୟ ମୁଁ ଉଠାଇ ପାରିଲି ନାହିଁ । ଶତଧିକ୍ ମୋର ବଳପରାକ୍ରମକୁ । କିନ୍ତୁ ହେ ମହାପୁରୁଷ, ମୋତେ କୁହ ତୁମେ କିଏ ? କୌଣସି ଦେବତା ବା ଗନ୍ଧର୍ବ ଛଦ୍ମବେଶରେ ମୋର ବଳ ପରୀକ୍ଷା କରୁ ନାହାନ୍ତି ତ ?''

—''ତୁମେ ଠିକ୍ କହିଛ ଅନୁଜ । ଏତେ ବଡ଼ ଯୁଦ୍ଧରେ ଯିଏ ସବୁଠାରୁ ବଡ଼ ପରାକ୍ରମଶାଳୀ ହେବା କଥା ସେ ବୃଦ୍ଧବାନରର ସାମାନ୍ୟ ଲାଞ୍ଜଟିକୁ ଉଠାଇ ପାରୁ ନାହିଁ ?''

—''ଆପଣ ମୋତେ ଅନୁଜ ସମ୍ବୋଧନ କଲେ ?''

—''ଅନୁଜକୁ ଆଉ କ'ଣ ଅଗ୍ରଜ ବୋଲି କହିଥା'ନ୍ତି ? ଏବେ ମଧ୍ୟ ତୁମେ ମୋତେ ଚିହ୍ନିପାରୁ ନାହଁ ? ମୁଁ ଛଦ୍ମବେଶରେ ନାହିଁ । କାରଣ ମୁଁ ତ କେବଳ ଜଣେ ବାନର ମାତ୍ର ।''

—''ବାନର ? ପୁଣି ମୁଁ ଅନୁଜ ! ତେବେ ଏକମାତ୍ର ଜଣେ ଏପରି କଥା କହିପାରେ, ସେ ହେଉଛନ୍ତି ପବନପୁତ୍ର ଭକ୍ତଶ୍ରେଷ୍ଠ ବୀର ହନୁମାନ୍ । ଆପଣ କ'ଣ ସେହି ହନୁମାନ୍, ଯାହାର ଦର୍ଶନ ପାଇ ମୁଁ ନିଜକୁ ଭାଗ୍ୟବାନ୍ ମନେ କରୁଛି ?''

ହନୁମାନ୍ କେବଳ ମୃଦୁ ମୃଦୁ ହସି କହିଲେ, ''ତୁମର ଅନୁମାନ ଠିକ୍ । କିନ୍ତୁ ଇଆଡ଼େ କୁଆଡ଼େ ଯାଉଛ ? ଏଣିକି ପଥ ଦୁରୂହ ଓ ଅଗମ୍ୟ । ତା'ପରେ ନାନା ପ୍ରକାର ବିପଦ ମଧ୍ୟ ରହିଛି । କୁହ ତୁମେ କେଉଁ ଲକ୍ଷ୍ୟ ନେଇ ଏହି ଘୋର ଜଙ୍ଗଲ ମଧ୍ୟରେ ଯାଉଛ ?''

ଭୀମସେନ ହନୁମାନଙ୍କ ପାଦ ସ୍ପର୍ଶ କରି ପ୍ରଣାମ କରି କହିଲେ, ''ହେ ମହାବଳୀ, ଭକ୍ତଶ୍ରେଷ୍ଠ ଅଗ୍ରଜ, ମୋର ପ୍ରଣାମ ଗ୍ରହଣ କରନ୍ତୁ ଓ ଅନୁଜର ଦୋଷ କ୍ଷମା କରନ୍ତୁ । ମୋର ଅନେକ ଦିନର ସ୍ୱପ୍ନ ଆଜି ସଫଳ ହୋଇଛି । ଆପଣଙ୍କ ଦର୍ଶନ ଲାଭ କରି ମୁଁ ଧନ୍ୟ ହୋଇଛି । ଏବେ ଅନୁଜ ପ୍ରତି ଦୟାପରବଶ ହୋଇ ଆପଣଙ୍କର ସମୁଦ୍ରଲଂଘନ ସମୟର ରୂପ ଦେଖାନ୍ତୁ । ମୋର ଚକ୍ଷୁ ସାର୍ଥକ ହେବ ।''

ଭୀମ ସେହିପରି ଆଣ୍ଠୁମାଡ଼ି ହନୁମାନଙ୍କ ପାଦ ତଳେ ବସିଥା'ନ୍ତି । ହନୁମାନଙ୍କ ପାଦ ଉପରେ ତାଙ୍କର ଦୃଷ୍ଟି । ହାତ ଦୁଇଟି ମଧ୍ୟ ପାଦସ୍ପର୍ଶ କରିଛି । ହଠାତ୍ ସେ ନିଜ ମଧ୍ୟରେ ବିପୁଳ ପୁଲକ ଅନୁଭବ କଲେ । ତାଙ୍କର ସମଗ୍ର ସତ୍ତା ମହାନ୍ ଦିବ୍ୟ ଆନନ୍ଦରେ ଆପ୍ଲୁତ ହେଲା । ସେ ମଥାଟେକି ଉପରକୁ ଚାହିଁଲେ । ଆଉ ସେ ଦେଖିଲେ କ'ଣ ?

ବୀର ହନୁମାନଙ୍କର ମଥା ଆକାଶକୁ ଲାଗିଛି, ଅସଂଖ୍ୟ ହାତସବୁରେ ଅସଂଖ୍ୟ ଆୟୁଧ ଓ ଅସ୍ତ୍ରଶସ୍ତ୍ର । ହାତରେ ସର୍ବ-ଦମନକାରୀ ଗଦା । ଶରୀରରୁ ଦିବ୍ୟତେଜ ବିଚ୍ଛୁରିତ ହେଉଛି । ଭୀମ ତାଙ୍କ ପାଦ ଧରି ବସିଥା'ନ୍ତି । ହନୁମାନ୍ ତାଙ୍କ ମଥାରେ ଅଭୟ ଆଶୀର୍ବାଦ ଦେଲେ । ତା'ପରେ ଧୀରେ ଧୀରେ ସେହି ବିଶ୍ୱରୂପକୁ ସଂବରଣ କଲେ । ସାଧାରଣ ରୂପ ଧରି ପଚାରିଲେ ।

—''ଏବେ କୁହ ତୁମର ଲକ୍ଷ୍ୟ କ'ଣ ?''

ଭୀମସେନ ସୌଗନ୍ଧିକ ପୁଷ୍ପ ବିଷୟରେ ସବୁ କହିଲେ । ହନୁମାନ କହିଲେ, ''ମୁଁ ତୁମକୁ ଅଧିକ ବଳଶାଳୀ କରି ସେଠାକୁ ପଠାଇବି । ନଚେତ୍ ସେମାନେ ତୁମ ସହିତ ଯୁଦ୍ଧ କରିବେ ଏବଂ ତାହା ମଣିଷ ପାଇଁ ବଡ଼ ବିପଜ୍ଜନକ ।'' ତାହାହିଁ ହେଲା । ପୁନଶ୍ଚ କଥା ପ୍ରସଙ୍ଗରେ ମହାଭାରତ ଯୁଦ୍ଧ ବିଷୟରେ ହନୁମାନ୍ କହିଲେ, ''ମୁଁ ନିଜେ ପାର୍ଥର ରଥ ଉପରେ ସର୍ବଦା ବସି ରହିଥିବି । ନିଜେ ଅବଶ୍ୟ ଯୁଦ୍ଧ କରିବି ନାହିଁ । କାରଣ ମୁଁ ତ୍ରେତୟା ଯୁଗରୁ ଏଠାରେ ଅଛି, ରହିଥିବି ମଧ୍ୟ । ତୁମେ ଯାଅ । ପୁଷ୍ପ ସଂଗ୍ରହ କରି ଘରକୁ ଫେରିଯାଅ । ପ୍ରଭୁଙ୍କୁ ଦେଖିଲେ ମୋର ପ୍ରଣାମ ଜଣାଇବ । ମୁଁ ଜାଣେ ପ୍ରଭୁ ଶ୍ରୀକୃଷ୍ଣ ରୂପରେ ପୃଥିବୀରେ ଏବେ ଅବତାର ନେଇଛନ୍ତି । ସମୟ ଅନୁସାରେ ମୁଁ ଦେଖା କରିବି । ଗୋଟିଏ କଥା ମନେରଖ ଅନୁଜ, ବୀରତ୍ୱର ଗର୍ବ କଲେ ନିଜର ହାନି ହୁଏ । ତୁମେ ନିଶ୍ଚୟ ବୀର, କିନ୍ତୁ ସର୍ବଦା ଶାନ୍ତ ସମାହିତ ହୋଇ ରହିବ ।''

## (୨)

ମହାଭାରତର ଧର୍ମଯୁଦ୍ଧ କୁରୁକ୍ଷେତ୍ରରେ ଶେଷ ହେଲା । ପାଣ୍ଡବ ପକ୍ଷରୁ ଭୀମହିଁ କୌରବ ଶତଭ୍ରାତାଙ୍କୁ ବଧ କରିଥିଲେ । ତେଣୁ ତାଙ୍କ ମନରେ ବହୁତ ଗର୍ବ ହୋଇଗଲା । ପ୍ରକୃତ ସତ୍ୟଟି ଗୀତାର ଶେଷ ଶ୍ଳୋକରେ ନିହିତ । ସେଇଟି ସଂଜୟ ଧୃତରାଷ୍ଟ୍ରଙ୍କୁ କହିଛନ୍ତି । ଶ୍ଳୋକଟି ହେଲା,

''ଯତ୍ର ଯୋଗେଶ୍ୱରଃ କୃଷ୍ଣୋ ଯତ୍ର ପାର୍ଥୋ ଧନୁର୍ଧରଃ ।
ତତ୍ର ଶ୍ରୀର୍ବିଜୟୋ ଭୂତିର୍ଧ୍ରୁବା ନୀତିର୍ମତିର୍ମମ ॥''
(୧୮/୭୮)

ସେହି ସତ୍ୟକୁ ଭୀମ ଉପଲବ୍ଧି କରି ନ ଥିଲେ ବୋଲି ମନ ମଧ୍ୟରେ ନିଜର ବୀରତ୍ୱର ଗର୍ବଟିକୁ ବଡ଼ ଯତ୍ନରେ ପୋଷଣ କରି ରଖିଥା'ନ୍ତି ।

ଭଗବାନ୍ ଶ୍ରୀକୃଷ୍ଣ ସମସ୍ତଙ୍କର ଗର୍ବଗଞ୍ଜନ କରନ୍ତି; ସେ ଭାବିଲେ – ଏ ବିଷୟରେ ଥରେ ଭୀମକୁ ଶିକ୍ଷା ଦେବା ଉଚିତ, ନଚେତ୍ ଗର୍ବ ରୂପକ ହଳାହଳ ତାଙ୍କର ସମସ୍ତ ସତ୍ତାକୁ ବିଷାକ୍ତ କରି ରଖୁଛି । କାରଣ ସେ ନିଜକୁ ଭାବୁଥିଲେ ପୃଥିବୀର ସର୍ବଶ୍ରେଷ୍ଠ ବୀର ।

ଦିନେ ଶ୍ରୀକୃଷ୍ଣ କହିଲେ, ''ଭୀମଙ୍କ ପରି ଆଉ କିଏ ବୀର ଅଛି ? ସେ ହିଁ ତ ଯୁଦ୍ଧରେ କୌରବ ଶତଭ୍ରାତାଙ୍କୁ ମାରିଛନ୍ତି ।'' ଏକଥା ଶୁଣି ଭୀମ ଗର୍ବରେ ଫୁଲିଉଠିଲେ । ତାଙ୍କର ଗର୍ବ ଆହୁରି ବୃଦ୍ଧି ପାଇଲା ଶ୍ରୀକୃଷ୍ଣଙ୍କ କଥା ଶୁଣି । ଦୁହେଁ ଦୁଇବନ୍ଧୁ ଭଳି ଗଳ୍ପ କରି କରି ଚାଲିଛନ୍ତି । ବିଷୟବସ୍ତୁ କୁରୁକ୍ଷେତ୍ର ଯୁଦ୍ଧ । ଦୁହେଁ କଥା ଗପି ଗପି ପାହାଡ଼, ଝରଣା ଓ ଉପତ୍ୟକା ଦେଖି ଦେଖି ଯାଉଥା'ନ୍ତି । ଭୀମ ନିଜର ଗର୍ବ ଓ ବୀରତ୍ୱ ଉପରେ ହିଁ ବଡ଼ ଉତ୍ସାହର ସହିତ କହି ଚାଲିଛନ୍ତି । ଏମିତି ଯାଉ ଯାଉ ଅନେକ ଦୂର ସେମାନେ ଚାଲିଗଲେ । ହଠାତ୍ ନିକଟରେ ଏକ ବିରାଟ ହ୍ରଦ ସେମାନଙ୍କର ଦୃଷ୍ଟିଗୋଚର ହେଲା । ଭୀମ କହିଲେ, ''ଏଡ଼େ ବଡ଼ ସୁନ୍ଦର ହ୍ରଦଟିଏ ମୁଁ ଆଗରୁ ଦେଖି ନ ଥିଲି ତ ! ବାଃ ପ୍ରସ୍ଫୁଟିତ ପଦ୍ମକୁମୁଦରେ ଶୋଭିତ ଏହି ହ୍ରଦଟି ବଡ଼ ସୁନ୍ଦର ଓ ମନୋରମ ହୋଇଛି । ସ୍ନାନ କରିବାକୁ ମନ ଚାହୁଁଛି ।''

– ''ସତେ କି ? ତେବେ ଯାଅ ଶୀଘ୍ର ସ୍ନାନ କରି ଫେରି ଆସିବ । ମୁଁ ତା'ହେଲେ ଏଇଠାରେ ତୁମ ଅପେକ୍ଷାରେ ବସିଛି । ହଁ ଗୋଟିଏ କଥା କିନ୍ତୁ ମନେ ରଖିବ । ଏହାର ଗଭୀରତା ଟିକିଏ ମାପି ଆସିବ ଅର୍ଥାତ୍ ଏହି ହ୍ରଦର ଗଭୀରତମ ପ୍ରଦେଶରେ ଥିବା ମାଟିକୁ ତୁମେ ସ୍ପର୍ଶ କରି ଆସିବ'' – ଶ୍ରୀକୃଷ୍ଣ ଅଳ୍ପ ହସି କହିଲେ ।

– ''ଓଃ, ଇଏ କିବା କଥା ? ଯିଏ ମହାଭାରତ ଯୁଦ୍ଧରେ କୌରବମାନଙ୍କୁ ମାରିଛି, ତା' ପାଇଁ ଏହି ହ୍ରଦର ଗଭୀରତା ମାପିବା ଅତି ସହଜ କଥା ।''– ଏତିକି କହି ଭୀମ ଡିଆଁମାରି ଯାଇ ହ୍ରଦ ପାଣିରେ ପଶିଲେ । କିଛି ସମୟ ଜଳର ଉପରି ଭାଗରେ ସନ୍ତରଣ କରିବା ପରେ ଜଳର ତଳକୁ ତଳକୁ ବୁଡ଼ି ଯାଇ ପାଣି ମାପିଲେ । କିନ୍ତୁ ବହୁ ସମୟ ଧରି ସେ ଶତଚେଷ୍ଟା କରି ମଧ୍ୟ ହ୍ରଦର ତଳ ମାଟି ସ୍ପର୍ଶ କରି ପାରିଲେ ନାହିଁ । ଶେଷକୁ ପାଣି ଉପରକୁ ଉଠିଆସି ଶ୍ରୀକୃଷ୍ଣଙ୍କୁ କହିଲେ ଯେ ହ୍ରଦର ପାଣି ଏତେ ଗଭୀର ଯେ ତା'ର ତଳ ମାଟି ପର୍ଯ୍ୟନ୍ତ ସେ ଯାଇପାରିଲେ ନାହିଁ ।

ଶ୍ରୀକୃଷ୍ଣ ଅଳ୍ପ ହସି କହିଲେ, ''ବୀର ଭୀମସେନ, ଏତିକି ମାତ୍ର କାର୍ଯ୍ୟ କରିପାରିଲ ନାହିଁ ? ଏବେ ଆସ ଦେଖ, ମୁଁ ସମଗ୍ର ହ୍ରଦଟିର ପାଣି ଚହଲାଇ ଦେଉଛି ।'' ଏତିକି କହି ଶ୍ରୀକୃଷ୍ଣ ତାଙ୍କର ପାଦ ଅଙ୍ଗୁଳିରେ ହ୍ରଦର ଗୋଟିଏ ପଟ ଠେଲି ଦେଲେ ଯେ ଜଳଭରା ପାତ୍ରଟିରୁ ଜଳ ଢାଳି ହୋଇଗଲା ପରି ହ୍ରଦର ଅଧେ ପାଣି ଢାଳି ଯାଇ ଗୋଟିଏ ପଟରେ ପ୍ରବଳ ବନ୍ୟା ସୃଷ୍ଟି କଲା । ଭୀମ ଅବାକ୍ ହୋଇ ଦେଖୁଥିଲେ; ଯେଉଁ ହ୍ରଦର ଗଭୀରତା ସେ ମାପି ପାରୁ ନ ଥିଲେ ଶ୍ରୀକୃଷ୍ଣ ଏପରି କ'ଣ କଲେ !

ଶ୍ରୀକୃଷ୍ଣ ସ୍ମିତହାସ୍ୟ ସହ କହିଲେ, ''ବୀର ଭୀମସେନ, ଏହି ହ୍ରଦଟି ଏକ ପ୍ରାକୃତିକ ହ୍ରଦ ନୁହେଁ । ତ୍ରେତୟା ଯୁଗରେ ରାବଣର ଭାଇ କୁମ୍ଭକର୍ଣ୍ଣର ଖପୁରି ଏଠାରେ ପଡ଼ିଥିଲା । ପାଣି ଜମି ଜମି ହ୍ରଦ ସୃଷ୍ଟି ହୋଇଛି । ମୁଁ ଶ୍ରୀରାମ ଅବତାରରେ ଏହି ବିରାଟକାୟ ଅସୁର କୁମ୍ଭକର୍ଣ୍ଣକୁ ବଧ କରିଥିଲି । ସେଥିପାଇଁ ଏବେ ପାଦରେ ଖପୁରିଟିକୁ ଠେଲି ଦେବାରୁ ପାଣି ସବୁ ଚହଲି ଯାଇ ଢାଳି ଗଲା ଏବଂ ଏକ କୃତ୍ରିମ ବନ୍ୟା ସୃଷ୍ଟି ହୋଇ ଗଛଲତା ପଶୁପକ୍ଷୀ ଭସାଇ ନେଉଛି । ତୁମେ ତା'ର ପାଣିର ଗଭୀରତା ମାପି ପାରିଲ ନାହିଁ; ଅନୁମାନ କରିପାର ତା'ର ମୁଣ୍ଡ କେଡ଼େ ବଡ଼ ଥିବ ଯାହାର ଖପୁରିର ଗଭୀରତା ଏତେ; ପୁଣି ତା'ର ଦେହ ସେହି ତୁଳନାରେ କେତେ ବଡ଼ ହୋଇଥିବ ।'' ଏସବୁ ଶୁଣି ଭୀମଙ୍କ ମୁହଁରୁ ବାକ୍ସ୍ଫୁରଣ ହେଉ ନ ଥିଲା, ସେ କେବଳ ଅବାକ୍ ହୋଇ ଶ୍ରୀକୃଷ୍ଣଙ୍କୁ ଚାହିଁ ରହିଥିଲେ । ଶ୍ରୀକୃଷ୍ଣ ତାଙ୍କ ପିଠି ଥାପୁଡ଼ାଇ ସ୍ନେହରେ କହିଲେ, ''ଚାଲ ଏବେ ଘରକୁ ଫେରିଯିବା ।'' ❑

ଗର୍ବ : ଅଗ୍ରଗତି ପଥରେ ଏକ ବଡ଼ ଅନ୍ତରାୟ ।

– ଶ୍ରୀମା

# ଜିଜ୍ଞାସୁର ପୃଷ୍ଠା

*ପ୍ରଶ୍ନ : ପ୍ରତ୍ୟେକ ମନୁଷ୍ୟ ପରମ ସୁଖ ଏବଂ ଅମରତ୍ୱ ଚାହେଁ – ଏହା ଠିକ୍ । କିନ୍ତୁ ଚାହିଁବା ହିଁ ପ୍ରାପ୍ତିର ପ୍ରମାଣ ହେବ କିପରି ?*

**ଉତ୍ତର :** ଯେଉଁ ବସ୍ତୁ ପ୍ରାପ୍ତ ନ ହୁଏ ତାହା ମନୁଷ୍ୟ ଚାହିଁପାରେ ନାହିଁ ଏବଂ ଯେଉଁ ବସ୍ତୁର ଅସ୍ତିତ୍ୱ ନଥାଏ ବ୍ୟକ୍ତି ତାହା କଳ୍ପନା କରିପାରେ ନାହିଁ । ଉଚିତ ପ୍ରଣାଳୀରେ କର୍ମ କଲେ ଚାହିଁବା ବସ୍ତୁ ପ୍ରାପ୍ତ ହୁଏ । ଏଥିରେ ଲେଶମାତ୍ର ସନ୍ଦେହ ନାହିଁ ।

*ପ୍ରଶ୍ନ : କୌଣସି ବସ୍ତୁର ଅସ୍ତିତ୍ୱ ବା ସତ୍ୟତା ନ ଥିଲେ ସେ ବସ୍ତୁର କଳ୍ପନା ଯଦି ବ୍ୟକ୍ତି କରି ନ ପାରେ ତେବେ ଆଈମା ଗଳ୍ପ ଓ ଆକାଶ କୁସୁମର କଳ୍ପନା, ଏହା କ'ଣ ସତ୍ୟ ?*

**ଉତ୍ତର :** କୌଣସି ବିଷୟର କର୍ତ୍ତା ସତ୍ୟ ନ ଥିଲେ ସେ ସମ୍ବନ୍ଧେ କୌଣସି କଳ୍ପନା ବା ବାକ୍ୟ ରଚନା ହୋଇପାରେ ନାହିଁ । ଯେପରି ଆଈମା ଗଳ୍ପରେ, ''ଦିନରେ ବେଙ୍ଗ ଥାଏ ରାତିରେ ରାଜକୁମାର ହୋଇଯାଏ । ବେଙ୍ଗ ଖୋଳ ପୋଡି ଦେଲେ ରାଜକୁମାର ଆଉ ବେଙ୍ଗ ହୋଇପାରେ ନାହିଁ ।'' ଏହି ଯେଉଁ ରଚନା ବା କ୍ରିୟା ମିଥ୍ୟା ହୋଇ ପାରିଥାଏ, କିନ୍ତୁ କର୍ତ୍ତା ରାଜକୁମାର ଏବଂ ବେଙ୍ଗର ଅସ୍ତିତ୍ୱ ନ ଥିଲେ ଏହି ଗଳ୍ପଟି ରଚନା ହୋଇପାରେ ନାହିଁ ।

ଠିକ୍ ସେହିପରି ଆକାଶ ସତ୍ୟ, କୁସୁମ ମଧ୍ୟ ସତ୍ୟ । ଏହି ସତ୍ୟ ବସ୍ତୁର ସତ୍ୟତା ନ ଥିଲେ ଆକାଶରେ କୁସୁମ ହେବା ବାକ୍ୟ ରଚନା ହୋଇପାରେ ନାହିଁ ।

*ପ୍ରଶ୍ନ : ତୁମ କହିବା ଯୁକ୍ତିଯୁକ୍ତ, କିନ୍ତୁ କର୍ମରେ ଏହାର ସତ୍ୟତା ଥିବାର ମନେ ହୁଏ ନାହିଁ । କାରଣ ପ୍ରତ୍ୟେକ ବ୍ୟକ୍ତି ପ୍ରତି ସମୟରେ କ'ଣ ସବୁ ଯେ ଚାହେଁ ତା'ର ଅନ୍ତ ନ ଥାଏ । ଏକ ହିଁ ସମୟରେ ବହୁତ ବ୍ୟକ୍ତି ପୃଥିବୀର ସମ୍ରାଟ ଅଥବା ନିଜ ଦେଶର ମନ୍ତ୍ରୀ ଓ ପ୍ରଧାନ ମନ୍ତ୍ରୀ ହେବାକୁ ଚାହାନ୍ତି । ଯଦି ସମସ୍ତଙ୍କ ଚାହିଁବା ପୂରଣ ହୁଏ ତେବେ ସୃଷ୍ଟି ଧ୍ୱଂସ ହେବା ଅନିବାର୍ଯ୍ୟ ହୋଇ ପଡ଼େ । ଏହା ସ୍ପଷ୍ଟ ଯେ ପ୍ରତ୍ୟେକ ବ୍ୟକ୍ତି ଯାହା ଚାହେଁ ତାହା ପ୍ରାପ୍ତ ହୁଏ ନାହିଁ । ଏହା ପ୍ରତ୍ୟକ୍ଷ ଘଟଣା । ଏହାକୁ କ'ଣ ଅସ୍ୱୀକାର କରିବାର ଉପାୟ ଅଛି ?*

**ଉତ୍ତର :** ଏହାକୁ ଅସ୍ୱୀକାର କରିବାର ପ୍ରତ୍ୟକ୍ଷ ଉପାୟ ହେଲା ତୁମେ ମନୋଯୋଗ ସହ ଉତ୍ତର ନ ଶୁଣି ପ୍ରଶ୍ନ କରୁଛ ।

କୁହାହୋଇ ଥିଲା ଚାହିଁବା ବସ୍ତୁ ସତ୍ୟ, କିନ୍ତୁ ତାହା ପ୍ରାପ୍ତ ହୁଏ ଉଚିତ ପ୍ରଣାଳୀରେ କର୍ମ କରିବାରେ । ବହୁତ ବ୍ୟକ୍ତି ଏକହିଁ ସମୟରେ ମନ୍ତ୍ରୀ ହେବାକୁ ଚାହାନ୍ତି ସତ୍ୟ, କିନ୍ତୁ ଯିଏ ଯଥାର୍ଥ ପ୍ରଣାଳୀରେ କର୍ମ ବା ଉପାୟ କରେ ସେ ତାକୁ ପ୍ରାପ୍ତ ହୁଏ ।

ଅନ୍ୟ କାରଣ ହେଲା – ବ୍ୟକ୍ତି ଅହରହ ବସ୍ତୁ ଚାହୁଁ ଥାଏ । ତା' ଚାହିଁବାର ସଂଖ୍ୟା ନ ଥାଏ । ବ୍ୟକ୍ତିର ଚାହିଁବା ସବୁ ଗୋଟିଏ ସୂକ୍ଷ୍ମ ଆକାର ଧାରଣ କରନ୍ତି ଏବଂ ପରସ୍ପର ସଂଘର୍ଷ କରନ୍ତି । ଯେଉଁ ସବୁ ଦୁର୍ବଳ ଚାହିଁବା ରୂପ ଧାରଣ କରି ଥାଆନ୍ତି ତାହାସବୁ ସବଳ ଚାହିଁବା ରୂପ ଧାରଣ କରିଥିବା ସତ୍ତା ଦ୍ୱାରା ନଷ୍ଟ ହୋଇ ଯାଆନ୍ତି । ଯେଉଁ ସବଳ ଚାହିଁବାଟି ବାକି ରହେ ତାହାରି ସକାଶେ ବ୍ୟକ୍ତି ପ୍ରଯତ୍ନ କରେ । ବ୍ୟକ୍ତିର ପ୍ରଯତ୍ନ ଯେତେ ଯଥାର୍ଥ, ଯେତେ ଶକ୍ତିଶାଳୀ ହୁଏ ସେହି ଅନୁପାତରେ ବ୍ୟକ୍ତିର ଚାହିଁବା ବସ୍ତୁ ପୂର୍ଣ୍ଣ ଏବଂ ଅପୂର୍ଣ୍ଣତାରେ ପରିଣତ ହୁଏ । ଗୋଟିଏ ବସ୍ତୁକୁ ବହୁ ବ୍ୟକ୍ତି ଯଦି ଚାହାନ୍ତି, ସେମାନଙ୍କ ମଧ୍ୟରୁ ଯାହାର ଚାହିଁବା ଅଧିକ ଶକ୍ତିଶାଳୀ ହୁଏ ତାହାର ସିଦ୍ଧି ହୁଏ ।

*ପ୍ରଶ୍ନ : ଆପଣଙ୍କ କହିବା ଦ୍ୱାରା ସନ୍ଦେହ ଦୂର ହୋଇଗଲା । ସ୍ପଷ୍ଟ ହେଲା ଯେ ବ୍ୟକ୍ତିର ଯେଉଁ ଚାହିଁବାଟି ପ୍ରଧାନ ହୁଏ ସେ ତାହାରି ପ୍ରାପ୍ତି ସକାଶେ ପ୍ରଯତ୍ନ କରେ । ପ୍ରଯତ୍ନ ଯେତେ ନିର୍ଭୁଲ ହୁଏ ସେହି ଅନୁସାରେ ବସ୍ତୁ ପ୍ରାପ୍ତ ହୁଏ, ତେବେ ଆପଣଙ୍କ କହିବା ଅନୁସାରେ ପ୍ରତ୍ୟେକ ବ୍ୟକ୍ତି ଚାହାନ୍ତି ପରମ ସୁଖ, ପରମ ଶାନ୍ତି, ଅମରତ୍ୱ, ଚିର ଯୌବନ, ନୀରୋଗତ୍ୱ – ଏହା ସତ୍ୟ । କିନ୍ତୁ ଏ ପର୍ଯ୍ୟନ୍ତ ପୃଥିବୀରେ କୌଣସି ବ୍ୟକ୍ତି ଏହା ପ୍ରାପ୍ତ ହୋଇଥିବାର ଦେଖାଯାଉ ନାହିଁ । ଏହାର କାରଣ କ'ଣ ?*

**ଉତ୍ତର :** ଏହାର କାରଣ ହେଲା ପୃଥିବୀର ସମସ୍ତ ପ୍ରାଣୀ ବିଶେଷତଃ ମନୁଷ୍ୟ ଯଦ୍ୟପି ପରମ ସୁଖ ଏବଂ ଅମରତ୍ୱ ଚାହୁଁ ଅଛନ୍ତି ତଥାପି ସେମାନଙ୍କ ଚେତନାରେ ତାହା ଏ ପର୍ଯ୍ୟନ୍ତ

ଅସ୍ପଷ୍ଟ ରହିଅଛି । ସେହି ସକାଶେ ସେମାନେ ଉଚିତ ପ୍ରଣାଳୀରେ ପ୍ରଯତ୍ନ କରି ନାହାନ୍ତି କିଂବା ପ୍ରାପ୍ତ କରି ନାହାନ୍ତି ।

ପରମ ସୁଖ ଏବଂ ଅମରତ୍ୱ ସତ୍ୟ; ମନୁଷ୍ୟର ଏହାହିଁ ଲକ୍ଷ୍ୟ, ଏହି ସକାଶେ ଭଗବାନଙ୍କର ସୃଷ୍ଟି ହୋଇଅଛି । ଏହାକୁ ପ୍ରମାଣିତ ଏବଂ ସମର୍ଥନ କରୁଛି ବ୍ୟକ୍ତିର ଚାହିଁବା ଓ କ୍ରମବିକାଶ । ସୃଷ୍ଟି ଆରମ୍ଭରୁ କ୍ରମବିକାଶ ଜଡ଼, ତରୁଲତା, ଜୀବ-ଜନ୍ତୁ ଓ ପଶୁପକ୍ଷୀ ମଧ୍ୟ ଦେଇ ମନୁଷ୍ୟରେ ଉପନୀତ ହୋଇଅଛି । ବିକାଶ ଏହିଠାରେ ସ୍ଥଗିତ ନ ହୋଇ ଅତିମାନସ ବିଜ୍ଞାନ ଆନନ୍ଦରେ ଅବଶ୍ୟ ପହଞ୍ଚିବ । ଉପନିଷଦ୍ ଅନୁସାରେ ଅନ୍ନମୟ କୋଷ, ପ୍ରାଣମୟ କୋଷ ଓ ମନୋମୟ କୋଷ ପ୍ରକାଶ ହୋଇ ସାରିଛି । ବିଜ୍ଞାନ ଓ ଆନନ୍ଦମୟ କୋଷ ପ୍ରକାଶ ହେବାର ସମୟ ଆସିଛି । ବିଜ୍ଞାନ ଓ ଆନନ୍ଦମୟ କୋଷର ଧର୍ମ ହେଉଛି ପରମାନନ୍ଦ ଏବଂ ଅମରତ୍ୱ । ଅର୍ଥାତ୍ ମନୁଷ୍ୟର ମନ, ପ୍ରାଣ, ଶରୀରର ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତି । ଏହା ହୁଏ ମନର ବିକାଶ ସମାପ୍ତ ହେଲେ । ମନର ବିକାଶ ଶେଷ ଅବସ୍ଥା ପ୍ରାପ୍ତ ହେବାରୁ ମା'ଙ୍କ ଦ୍ୱାରା ରୂପାନ୍ତର କାର୍ଯ୍ୟ ଆରମ୍ଭ ହୋଇଅଛି । ଯେଉଁମାନଙ୍କ ଅନ୍ତରାତ୍ମା ଜାଗ୍ରତ୍ ହୋଇଅଛି, ସେହିମାନେ ଏ ସତ୍ୟକୁ ଗ୍ରହଣ କରି ପାରୁଛନ୍ତି ଏବଂ ସେହିମାନଙ୍କ ଚେତନାରେ ପରମ ସୁଖ ତଥା ଅମରତ୍ୱର ସ୍ୱରୂପ ସ୍ପଷ୍ଟ ହୋଇଅଛି ଓ ସେମାନେ ଯଥାର୍ଥ ପ୍ରଣାଳୀରେ ପ୍ରଯତ୍ନ ମଧ୍ୟ କରୁଅଛନ୍ତି । ଏହାର ଯଥାର୍ଥ ପ୍ରଣାଳୀ ହେଉଛି ଅତିମାନସ ଶକ୍ତି ଦ୍ୱାରା ମନୁଷ୍ୟର ମନ, ପ୍ରାଣ, ଶରୀର ଦିବ୍ୟତତ୍ତ୍ୱରେ ରୂପାନ୍ତର । ଏହା ହୋଇପାରେ ମା'ଙ୍କ ଚରଣରେ ନିଜକୁ ସମ୍ପୂର୍ଣ୍ଣ ରୂପେ ସମର୍ପଣ କରିବାରେ; ତେବେ ଯାଇ ମନୁଷ୍ୟ ମୃତ୍ୟୁ, ରୋଗ, ଜରାରୁ ପୂର୍ଣ୍ଣ ମୁକ୍ତ ହେବ ଏବଂ ନିବାସ କରିବ ବିଜ୍ଞାନ-ଆନନ୍ଦ ଚେତନାରେ । ଭଗବାନ୍ ତା'ର ସମସ୍ତ ସତ୍ତାରେ ପ୍ରକଟ ହେବେ । ସେ ମନ, ପ୍ରାଣ ଦ୍ୱାରା ପରିଚାଳିତ ନ ହୋଇ ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ହେବ । ସଂସାର ପରିଣତ ହେବ ସ୍ୱର୍ଗରେ । ଏଥିରେ ହିଁ ଜୀବନର ହେବ ପୂର୍ଣ୍ଣତା ।

*ପ୍ରଶ୍ନ : ସଚ୍ଚିଦାନନ୍ଦଙ୍କ ସ୍ୱରୂପ କିପରି ?*

**ଉତ୍ତର :** ସଚ୍ଚିଦାନନ୍ଦ ପୂର୍ଣ୍ଣ ଜ୍ଞାନ ସ୍ୱରୂପ, ପୂର୍ଣ୍ଣ ଶକ୍ତି ସ୍ୱରୂପ, ପୂର୍ଣ୍ଣ ଆନନ୍ଦ ସ୍ୱରୂପ । ସଚ୍ଚିଦାନନ୍ଦ ତତ୍ତ୍ୱ ସର୍ବାବସ୍ଥାରେ ପୂର୍ଣ୍ଣ । ଏହି ସଚ୍ଚିଦାନନ୍ଦ ତତ୍ତ୍ୱ ସର୍ବାବସ୍ଥାରେ ସାକାର, ସଗୁଣ, ବ୍ୟକ୍ତିକ ଏବଂ ନିରାକାର, ନିର୍ଗୁଣ, ନୈର୍ବ୍ୟକ୍ତିକ ତଥା ଏହି ସାକାର, ନିରାକାର ଊର୍ଦ୍ଧ୍ୱସ୍ଥ ପରାତ୍ପର ପୁରୁଷୋତ୍ତମ ତତ୍ତ୍ୱ । ଏହି ସଚ୍ଚିଦାନନ୍ଦ ତତ୍ତ୍ୱ ଅତିମାନସ ଚେତନା ଭୂମିରେ ଉପଲବ୍ଧ ହୁଅନ୍ତି ।

ଏହାଙ୍କ ମଧ୍ୟରେ ନିହିତ ଥାଏ ସମସ୍ତ କାର୍ଯ୍ୟକାରୀ ଶକ୍ତି; ଏହି ଦୃଶ୍ୟମାନ ସମସ୍ତ ସଂସାର ତାଙ୍କରି ସ୍ୱରୂପ । ତାଙ୍କ ଛଡ଼ା ଅନ୍ୟ କିଛି ନାହିଁ । ସାଧକ ଏହି ଅତିମାନସ ଚେତନା ଭୂମିରେ ସମ୍ପୂର୍ଣ୍ଣ ରୂପେ ସମସ୍ତ ସତ୍ତାରେ ସଚ୍ଚିଦାନନ୍ଦ ତତ୍ତ୍ୱ ସହିତ ଏକତ୍ୱ ପ୍ରାପ୍ତ କରିଥାଏ ତଥା ପୃଥକ୍ ରହି ଭଗବତ୍ ଶକ୍ତି ଦ୍ୱାରା ପରିଚାଳିତ ହୁଏ । ଅତିମାନସ ନିମ୍ନଭୂମିମାନଙ୍କରେ ଏହା ସମ୍ଭବ ହୁଏ ନାହିଁ ।

*ପ୍ରଶ୍ନ : କେଉଁ କେଉଁ ସ୍ତରରେ ଏକହିଁ ସଚ୍ଚିଦାନନ୍ଦ ତତ୍ତ୍ୱ କେଉଁ କେଉଁ ରୂପେ ଅନୁଭୂତ ହୁଅନ୍ତି ସଂକ୍ଷେପରେ ବୁଝାଇ ଦିଅନ୍ତୁ ?*

**ଉତ୍ତର :** ମାନସରୁ ଉଚ୍ଚତର ମାନସ ଚେତନାର ଶେଷ ସୀମା ତଥା ଅଧିମାନସ ଚେତନା ଆରମ୍ଭ ପର୍ଯ୍ୟନ୍ତ ମାୟାର ଅଧିକାର । ଏହି ସ୍ତରମାନଙ୍କରେ ଭଗବାନ୍ ସଚ୍ଚିଦାନନ୍ଦ ତତ୍ତ୍ୱ ଉପଲବ୍ଧି ହୁଅନ୍ତି ନାହିଁ । ଯାହା ଉପଲବ୍ଧି ହୁଏ ତାହା ସଚ୍ଚିଦାନନ୍ଦ ତତ୍ତ୍ୱର ମାନସିକ କଳ୍ପନା ମାତ୍ର । ଏହି ଚେତନା ଭୂମିକୁ ଶାସ୍ତ୍ର ଅପରାର୍ଦ୍ଧ ନାମ ଦେଇଅଛି ।

ଅଧିମାନସ ଚେତନାରେ ବ୍ୟକ୍ତି ନିଜ ଲକ୍ଷ୍ୟ ଅନୁସାରେ ସେହି ଏକହିଁ ସଚ୍ଚିଦାନନ୍ଦ ତତ୍ତ୍ୱକୁ ସାକାର, ସଗୁଣ, ଶ୍ରୀରାମ, ଶ୍ରୀକୃଷ୍ଣ, ବିଷ୍ଣୁ, ଶିବ, କାଳୀ ରୂପେ ଦେଖେ ଅଥବା ନିର୍ଗୁଣ, ନିରାକାର ତତ୍ତ୍ୱ ଉପଲବ୍ଧି କରେ । ଏହି ଚେତନାରେ ଏକହିଁ ସମୟରେ, ଏକହିଁ ଦୃଷ୍ଟିରେ ବ୍ୟକ୍ତି ସାକାର ଏବଂ ଉଭୟଧର୍ମୀ ପରାତ୍ପର ପୁରୁଷୋତ୍ତମ ତତ୍ତ୍ୱକୁ ଉପଲବ୍ଧି କରିପାରେ ନାହିଁ । ଏହା ହୁଏ ଅତିମାନସ ଚେତନାରେ । ଅଧିମାନସ ସହିତ ତା'ର ଊର୍ଦ୍ଧ୍ୱସ୍ଥ ଚେତନା ଭୂମି ସମୂହକୁ ଶାସ୍ତ୍ର ପରାର୍ଦ୍ଧ ନାମ ଦେଇଅଛି ।

*ପ୍ରଶ୍ନ : କେଉଁ ସାଧକମାନେ ଅଧିମାନସ ଚେତନା ସ୍ତରରେ ଇଷ୍ଟଙ୍କୁ ଉପଲବ୍ଧି କରନ୍ତି ଓ କେଉଁ ସାଧକମାନେ ସେହି ସ୍ତରରେ ନିରାକାର ତତ୍ତ୍ୱରେ ଲୀନ ହୋଇ ଯାଆନ୍ତି ?*

**ଉତ୍ତର :** ସର୍ବାବସ୍ଥାରେ, ସର୍ବ-ସମୟରେ ଏକ ରସ ଥିବା ସାକାର ଏବଂ ନିରାକାର ଏହି ଉଭୟ ଊର୍ଦ୍ଧ୍ୱସ୍ଥ ପୁରୁଷୋତ୍ତମ ତତ୍ତ୍ୱକୁ ଭକ୍ତ ସାଧକମାନେ ଅଧିମାନସ ଚେତନାରେ ଉପଲବ୍ଧି କରନ୍ତି; କେବଳ ସଗୁଣରୂପୀ ଶ୍ରୀରାମ, ଶ୍ରୀକୃଷ୍ଣ, ବିଷ୍ଣୁ, ଶିବ ଓ ଦୁର୍ଗା ରୂପେ, ଏହି ସଗୁଣ ରୂପରେ ତତ୍ତ୍ୱତଃ ସଚ୍ଚିଦାନନ୍ଦ ତତ୍ତ୍ୱ

ବିଦ୍ୟମାନ ଥିବା ସତ୍ତ୍ୱେ ଏହି ଅଧିମାନସ ଚେତନା ଭୂମିରେ ତାହା ଉପଲବ୍ଧ ହୁଏ ନାହିଁ ।

ଯେଉଁ ଜ୍ଞାନୀ ଅଦ୍ୱୈତବାଦୀ ସାଧକମାନେ ମାନସ ଚେତନା ସମୂହ ମଧ୍ୟ ଦେଇ ଏହି ଅଧିମାନସ ଚେତନା ଭୂମିରେ ଉପନୀତ ହୁଅନ୍ତି ସେମାନଙ୍କ ସାକ୍ଷୀ-ଆତ୍ମା ସଚ୍ଚିଦାନନ୍ଦଙ୍କର ନିରାକାର ତତ୍ତ୍ୱରେ ଲୀନ ହୋଇଯାଏ । ଭଗବାନଙ୍କ ସଗୁଣ ବ୍ୟକ୍ତ ରୂପକୁ ପୃଥକ୍ ମାନି ଭିନ୍ନ ଭିନ୍ନ ରୂପରେ ଭଗବାନଙ୍କୁ ଭକ୍ତି କରୁଥିବା ଦ୍ୱୈତବାଦୀ ସାଧକମାନେ ମାନସ ସ୍ତର ସମୂହ ମଧ୍ୟ ଦେଇ ଅଧିମାନସ ଚେତନା ଭୂମିରେ ଭଗବାନଙ୍କୁ ଉପଲବ୍ଧି କରନ୍ତି । ଏମାନେ କ୍ରମଶଃ ମାନସ ଚେତନା ସ୍ତର ମଧ୍ୟ ଦେଇ ଯାତ୍ରା କରିବାରୁ ସେହିସବୁ ସ୍ତର ସହିତ କିଛି ଅଂଶରେ ସେମାନଙ୍କର ସମ୍ବନ୍ଧ ରହିଥାଏ । ସେହି କାରଣରୁ ଏମାନଙ୍କର ଇଷ୍ଟ ଉପଲବ୍ଧିର କିଛି ପ୍ରଭାବ ମାନସ ସ୍ତରରେ ପଡ଼େ ଏବଂ ଏମାନେ ନିଜ ଉପଲବ୍ଧିକୁ କିଛି ଅଂଶରେ ମାନସ ଚେତନା ଦ୍ୱାରା ବ୍ୟକ୍ତ କରିପାରନ୍ତି । କିନ୍ତୁ ଅତିମାନସ ଚେତନା ପ୍ରାପ୍ତ ହୋଇ ନ ଥିବାରୁ ତା'ର ନିମ୍ନ ଚେତନା ଭୂମି ତଥା ମନ, ପ୍ରାଣ, ଶରୀର ରୂପାନ୍ତରର କଳ୍ପନା କରି ପାରନ୍ତି ନାହିଁ । ଜଗତକୁ ସତ୍ୟ ମାନି ମଧ୍ୟ ଅଦ୍ୱୈତବାଦୀ ସାଧକ ସଦୃଶ ଜଗତ୍ ତଥା ଶରୀର ତ୍ୟାଗ କରି ଭଗବତ ପ୍ରାପ୍ତି କରନ୍ତି ।

ଅଦ୍ୱୈତବାଦୀ ସାଧକମାନଙ୍କର ସାଧନାର ମାର୍ଗ ଦୁଇଟି; ଗୋଟିଏ ଭକ୍ତି ମାର୍ଗ, ଅନ୍ୟଟି ଜ୍ଞାନ ବା ବିଚାର ମାର୍ଗ ।

ବିଚାର ମାର୍ଗର ସାଧକ ସମସ୍ତ ଦୃଶ୍ୟମାନ ବସ୍ତୁକୁ ମିଥ୍ୟା, ମାୟା ଓ ଅଳୀକ ବୋଲି ଧାରଣା କରନ୍ତି । ମନରେ ଯେଉଁ ବିଚାର ଆସେ, ଯେଉଁ ଦୃଶ୍ୟମାନ ବସ୍ତୁ ଦୃଷ୍ଟି ଗୋଚର ହୁଏ ତଥା ନିଜ ମନ, ପ୍ରାଣ, ଶରୀରକୁ ବି ମିଥ୍ୟା ମାୟା ଧାରଣାରେ ପ୍ରତ୍ୟାଖ୍ୟାନ କରନ୍ତି । ସେମାନେ ଅନ୍ତରାତ୍ମାର (Psychic being) ସନ୍ଧାନ ପାଇବାକୁ ଚେଷ୍ଟା କରନ୍ତି ନାହିଁ । ଏହି ବିଚାର ଦ୍ୱାରା ସେମାନଙ୍କ ମନ, ପ୍ରାଣ, ଶରୀରରେ ଥିବା ଅହଂବୋଧ ଅର୍ଥାତ୍ ଶରୀରକୁ 'ମୁଁ' ମାନିଥିବା ଧାରଣା ଦୂର ହୋଇଯାଏ । ରହିଯାଏ କେବଳ ବ୍ୟକ୍ତି ଊର୍ଦ୍ଧ୍ୱସ୍ଥ ଆତ୍ମା । ଶ୍ରୀଅରବିନ୍ଦ ଏହାକୁ କହିଛନ୍ତି ମସ୍ତକ ଊର୍ଦ୍ଧ୍ୱସ୍ଥ ଜୀବାତ୍ମା । ଉପନିଷଦ୍‌ରେ ଏହି ତତ୍ତ୍ୱକୁ ବୃକ୍ଷର ଫଳ ଅଭୋକ୍ତା ପକ୍ଷୀ-ସାକ୍ଷୀର ଉପମା ଦିଆ ହୋଇଅଛି । ବିଚାର ଦ୍ୱାରା ଅହଂ-ବୋଧ ଦୂର ହେବାରୁ ମନ, ପ୍ରାଣ, ଶରୀର ସମ୍ବନ୍ଧ ବିଚ୍ଛେଦ ହୋଇଥାଏ । ବାକି ରହେ କେବଳ ଶରୀର ଊର୍ଦ୍ଧ୍ୱସ୍ଥ ନୈର୍ବ୍ୟକ୍ତିକ ଆତ୍ମା । ଏହା ହିଁ ସମାଧି ଅବସ୍ଥା । ଏଥିରେ ଅନୁଭୂତ ହେବ ଯେଉଁ ସତ୍ତା, ଅନୁଭବ କରିବ ମଧ୍ୟ ସେହି ଏକ ହିଁ ସତ୍ତା-ଆତ୍ମା । ଅନୁଭୂତ ଏବଂ ଅନୁଭବ କରିବା ସତ୍ତା ପୃଥକ୍ ନ ଥିବାରୁ ଅନୁଭବ ବିଷୟ ଅଜ୍ଞାତ ଏବଂ ଅପ୍ରକାଶ୍ୟ ରହିଥାଏ । ଏମାନଙ୍କର ସାକ୍ଷୀ ଆତ୍ମା ସଚ୍ଚିଦାନନ୍ଦ ତତ୍ତ୍ୱରେ ଏକ ହୁଏ ବା କେବଳ ନିରାକାର ସତ୍ତାରେ ଲୀନ ହୁଏ – ଏହା ନିଶ୍ଚିତ ରୂପେ କହିବା କଠିନ । ଯାହାବି ହେଉ, ନିରାକାର ସତ୍ତା ତତ୍ତ୍ୱତଃ ସଚ୍ଚିଦାନନ୍ଦ ତତ୍ତ୍ୱ । ଏମାନଙ୍କର ଶରୀର ଜୀବିତ ଥିବାରୁ ମନ, ପ୍ରାଣ ଥାଏ । କିନ୍ତୁ ଆନ୍ତରିକ ବା ସୂକ୍ଷ୍ମ ସମ୍ବନ୍ଧ ନ ଥାଏ । ସେ ସକାଶେ ଆତ୍ମ-ଅନୁଭୂତିର ପ୍ରଭାବ ଅସ୍ପଷ୍ଟ ଭାବେ କିଛି ସାମାନ୍ୟ ଅଂଶରେ ମନ, ପ୍ରାଣରେ ପଡ଼େ । ମନ ସ୍ପଷ୍ଟ ବୁଝି ନ ପାରି ଗୋଟିଏ ଆନନ୍ଦ ଅବସ୍ଥା ବୋଲି ବ୍ୟାଖ୍ୟା କରେ । ଅଦ୍ୱୈତବାଦୀ ଜ୍ଞାନୀମାନଙ୍କୁ ଯଥାର୍ଥରେ କ'ଣ ଅନୁଭୂତ ହୁଏ ଏହାକୁ ସ୍ପଷ୍ଟ, ଅସନ୍ଦିଗ୍ଧ ଓ ନିଶ୍ଚିତରୂପେ ଅନୁଭବ କରନ୍ତି, ଜାଣନ୍ତି ଓ ବ୍ୟାଖ୍ୟା କରି ପାରନ୍ତି କେବଳ ଅତିମାନସ ଚେତନା ପ୍ରାପ୍ତ ଯୋଗୀମାନେ । ସେମାନଙ୍କର ମନ, ପ୍ରାଣ, ଶରୀର ରୂପାନ୍ତରିତ ହୋଇଥାଏ ଅତିମାନସ ବିଜ୍ଞାନ ଚେତନାର ଗୁଣଧର୍ମରେ । ରୂପାନ୍ତରିତ ମନ ଅନୁଭବ କରିଥିବା ଅତିମାନସ ବିଜ୍ଞାନରୁ ପୃଥକ୍ ନ ଥାଏ । ସେ'ନେଇ ସେ ଅନୁଭୂତି ଅଜ୍ଞାତ ରହେ ନାହିଁ ।

ଅଦ୍ୱୈତବାଦୀ ଜ୍ଞାନୀମାନଙ୍କ ଅନୁଭୂତି ଯାହାବି ହେଉ ତାହା ବ୍ୟକ୍ତିଗତ ମୁକ୍ତି । ସେଥିରେ ସଂସାରର ଦୁଃଖ, ଦ୍ୱନ୍ଦ୍ୱ ଦୂର ହୁଏ ନାହିଁ କିଂବା ଏହି ଜଗତର ସମସ୍ୟା ସମାଧାନ ହୁଏ ନାହିଁ । ଯେଉଁଠାରୁ ଆସି ଥାଆନ୍ତି ସେହିଠାକୁ ଫେରି ଯାଆନ୍ତି ।

ଏହି ଜ୍ଞାନୀ ସାଧକମାନଙ୍କ ମଧ୍ୟରୁ (ବିଶେଷତଃ କେତେକ ତନ୍ତ୍ର ସାଧକ) ଯେଉଁମାନେ ସଚ୍ଚିଦାନନ୍ଦ ତତ୍ତ୍ୱକୁ ନିରାକାର ରୂପେ ଲକ୍ଷ୍ୟ ରଖି ଥାଆନ୍ତି ସେମାନେ ଏହାର ପ୍ରାପ୍ତିର ଉପାୟ ରୂପେ ଗ୍ରହଣ କରିଥାଆନ୍ତି ଭକ୍ତିକୁ । ଯଦି ଏମାନେ ଶେଷ ଉପଲବ୍ଧି ପର୍ଯ୍ୟନ୍ତ ଦୃଢ଼ତାର ସହିତ ଭକ୍ତି ମାର୍ଗରେ ଯାତ୍ରା କରି ଥାଆନ୍ତି, ତେବେ ଏମାନଙ୍କର ଅନ୍ୟ  ଜ୍ଞାନୀ ସାଧକଙ୍କ ସଦୃଶ ମନ, ପ୍ରାଣ, ଶରୀର ସମ୍ବନ୍ଧ ତ୍ୟାଗ କରିବା ଦ୍ୱାରା ସମାଧି ଅବସ୍ଥାରେ କେବଳ ଶରୀର ଊର୍ଦ୍ଧ୍ୱସ୍ଥ ବ୍ୟାପକ ନିର୍ବିଶେଷ ଆତ୍ମା ବାକି ରହିଯାଏ ନାହିଁ । ଏମାନେ ମାନସ ଚେତନାସ୍ତର ସମୂହ ମଧ୍ୟ ଦେଇ ଅଧିମାନସ ଚେତନାରେ ଉପନୀତ ହୁଅନ୍ତି । ଅର୍ଥାତ୍ ତାଙ୍କ ଚେତନା ଅଧିମାନସ ଚେତନା ସ୍ତରରେ ପହୁଞ୍ଚେ । ସେମାନଙ୍କ ପୂର୍ବରୁ ନିରାକାର ତତ୍ତ୍ୱ ଲକ୍ଷ୍ୟ ଥିବାରୁ ଅଧିମାନସ

ଚେତନା ଭୂମିର ଗୁଣଧର୍ମ ଅନୁସାରେ ସେମାନଙ୍କ ଚେତନା ସଚ୍ଚିଦାନନ୍ଦଙ୍କର କେବଳ ନିରାକାର ତତ୍ତ୍ୱରେ ଲୀନ ହୋଇଯାଏ । ଶେଷରେ ରହିଯାଏ କେବଳ ନିରାକାର ତତ୍ତ୍ୱ । ମନ, ପ୍ରାଣ, ଶରୀର ତଥା ଦୃଶ୍ୟମାନ ସମସ୍ତ ବସ୍ତୁ ମିଥ୍ୟା ମାୟା ବୋଲି ପ୍ରତୀତ ହୁଏ । କିନ୍ତୁ ଏମାନେ ମାନସ ସ୍ତର ସମୂହ ମଧ୍ୟ ଦେଇ ଯାତ୍ରା ବା ସାଧନା କରିଥିବାରୁ, ଅନୁଭୂତି ପ୍ରାପ୍ତ ଅଧିମାନସ ଚେତନା ସ୍ତର ସହିତ ଏହି ମାନସ ସ୍ତର ସମୂହର କିଛି ସମ୍ବନ୍ଧ ଥାଏ । ପ୍ରଥମ ଆଲୋଚିତ ଜ୍ଞାନୀ ସାଧକଙ୍କ ଅପେକ୍ଷା ଏମାନଙ୍କ ଅନୁଭୂତିର ପ୍ରଭାବ ମନ, ପ୍ରାଣ, ଶରୀରରେ କିଛି ଅଧିକ ପଡ଼ିଥାଏ ଏବଂ ଏମାନେ କିଛି ଅଂଶରେ ଏହାକୁ ମନରେ ପ୍ରକାଶ କରି ପାରନ୍ତି ।

ଭକ୍ତ ସାଧକମାନେ ସଚ୍ଚିଦାନନ୍ଦ ତତ୍ତ୍ୱକୁ ସାକାର, ସଗୁଣ ରୂପେ ଲକ୍ଷ୍ୟ ରଖି ଉପାସନା କରନ୍ତି । ସେମାନେ ପୂର୍ବ ବର୍ଣ୍ଣିତ ମାନସ ସ୍ତର ସମୂହ ମଧ୍ୟ ଦେଇ ଅଧିମାନସ ଚେତନାରେ ନିଜ ନିଜ ଲକ୍ଷ୍ୟ ଏବଂ ଉପାସନା ଅନୁସାରେ ଶ୍ରୀରାମ, ଶ୍ରୀକୃଷ୍ଣ, ବିଷ୍ଣୁ, ଶିବ, କାଳୀରୂପେ ସଚ୍ଚିଦାନନ୍ଦଙ୍କ ସଗୁଣ ସ୍ୱରୂପ ଉପଲବ୍ଧି କରନ୍ତି । ନିରାକାର ତତ୍ତ୍ୱର ସନ୍ଧାନ ପାଆନ୍ତି ନାହିଁ । କିନ୍ତୁ ଏହି ଭକ୍ତ ସାଧକମାନେ ଯଦି ସଚ୍ଚିଦାନନ୍ଦଙ୍କ ନିରାକାର ତତ୍ତ୍ୱ ଉପଲବ୍ଧି କରିବାକୁ ଚାହାନ୍ତି ତେବେ ଏହି ଅଧିମାନସ ସ୍ତରରେ ନିରାକାର ତତ୍ତ୍ୱ ବି ଉପଲବ୍ଧି କରନ୍ତି । ଭକ୍ତ ସାଧକ କବୀର, ନାମଦେବ, ଜ୍ଞାନଦେବ ତଥା ରାମକୃଷ୍ଣ ପରମହଂସ ଆଦି ବହୁତ ଭକ୍ତ ସାଧକ ମହାପୁରୁଷମାନେ ଏହି ଅଧିମାନସ ଚେତନା ସ୍ତରରେ ସଗୁଣ, ସାକାର ଓ ନିର୍ଗୁଣ ନିରାକାରଙ୍କୁ ଭିନ୍ନ ଭିନ୍ନ ଦୃଷ୍ଟିରେ, ଭିନ୍ନ ଭିନ୍ନ ସମୟରେ ଉପଲବ୍ଧି କରିଛନ୍ତି । ଏହି ସ୍ତରରେ ଏକହିଁ ଦୃଷ୍ଟିରେ, ଏକହିଁ ସମୟରେ ସାକାର ଏବଂ ନିରାକାର ଉଭୟ ସତ୍ତା ଉପଲବ୍ଧ ହୁଅନ୍ତି ନାହିଁ । ସଚ୍ଚିଦାନନ୍ଦ ତତ୍ତ୍ୱକୁ ସାକାର ରୂପେ ଦେଖିଲେ ତାଙ୍କ ନିରାକାର ତତ୍ତ୍ୱ ବାକି ରହିଯାଏ ଓ ତାଙ୍କ ନିରାକାର ତତ୍ତ୍ୱ ଉପଲବ୍ଧିରେ ସାକାର ଅଦୃଶ୍ୟ ରହେ । ସଚ୍ଚିଦାନନ୍ଦଙ୍କ ସାକାର ଏବଂ ନିରାକାର ତଥା ପୁରୁଷୋତ୍ତମ ତତ୍ତ୍ୱ ଏକ ସଙ୍ଗେ ଉପଲବ୍ଧ ହୁଅନ୍ତି କେବଳ ଅତିମାନସ ଚେତନା ଭୂମିରେ ।

(*ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ*,
ପ୍ରଥମ ଖଣ୍ଡ, ପୃଷ୍ଠା : ୩୨୦-୩୨୫)

— ରାମକୃଷ୍ଣ ଦାସ ❑

## ଶ୍ରୀମାଙ୍କର ଏକ ବାର୍ତ୍ତା

ଅଧିକାଂଶ ସାଧକ ଧ୍ୟାନ, ଏକାଗ୍ରତା ଓ ସ୍ଥୂଳ ଜୀବନରୁ ପ୍ରତ୍ୟାହାର ଓ ସ୍ଥୂଳ ଜୀବନର କର୍ମର ପରିତ୍ୟାଗକୁ ନିଜର ମାର୍ଗରୂପେ ଗ୍ରହଣ କରିଥାଆନ୍ତି । କର୍ମର ମାର୍ଗ ଅପେକ୍ଷା ଏହା ନିଶ୍ଚୟ ଅଧିକ ସହଜ । କିନ୍ତୁ ସେମାନେ ସ୍ଥୂଳ ଚେତନାକୁ ସେହିପରି ରହିବାକୁ ଛାଡ଼ିଦେଇ ଥାଆନ୍ତି, କେବେହେଲେ ଏହାର ପରିବର୍ତ୍ତନ କରିପାରନ୍ତି ନାହିଁ । କିନ୍ତୁ ଜଣେ ସାଧୁ ବା ବୈରାଗୀ ନ ହେଲେ, ଯେକି ସମସ୍ତ ସକ୍ରିୟ ଜୀବନକୁ ପଛରେ ଛାଡ଼ି ଆସିଥାଏ ଏବଂ ସବୁ ସମୟରେ ଧ୍ୟାନ ଓ ଏକାଗ୍ରତାରେ ରୁହେ, ସେ ଆଦୌ କିଛି କୃତିତ୍ୱ ଅର୍ଜନ କରିପାରେ ନାହିଁ ।

ଆମେ ଯାହା ଚାହୁଁ ତାହା ଦୈହିକ ଚେତନାର ରୂପାନ୍ତର, ବର୍ଜନ ନୁହେଁ ।

ତେଣୁ ଏ କ୍ଷେତ୍ରରେ ଶ୍ରୀଅରବିନ୍ଦ ସବୁଠୁ ସିଧାସଳଖ ଓ ସାମଗ୍ରିକ ମାର୍ଗରୂପେ ଯାହା ଉପସ୍ଥାପିତ କରିଛନ୍ତି ତାହା ହେଉଛି ଭଗବାନଙ୍କ ପାଖରେ ସମର୍ପଣ — ଏପରି ଏକ ସମର୍ପଣ ଯାହା ଅଧିକରୁ ଅଧିକ ପୂର୍ଣ୍ଣାଙ୍ଗ, ପ୍ରଗତିଧର୍ମୀ ହୋଇଥିବ ଓ ନିଜ ଭିତରେ ସ୍ଥୂଳ ଦୈହିକ ଚେତନା ଓ ଦୈହିକ କର୍ମକୁ ଅନ୍ତର୍ଭୁକ୍ତ କରୁଥିବ । ଏବଂ ଜଣେ ଯଦି ଏଥିରେ କୃତକାର୍ଯ୍ୟ ହୁଏ ତା'ହେଲେ ସ୍ଥୂଳ-ଦୈହିକ ଜୀବନ ଏକ ପ୍ରତିବନ୍ଧକ ହେବା ପରିବର୍ତ୍ତେ ଏକ ସହାୟକ ହୋଇ ଉଠିବ ।

*(୧୯ ସେପ୍ଟେମ୍ବର ୧୯୫୬)*

**ଚେତନାର ଦିଗ୍‌ବଳୟ :**

# ପୌରାଣିକ ସାହିତ୍ୟରେ ରହିଛି କି ଭବିଷ୍ୟତର ସୂଚନା ?

ପ୍ରଶ୍ନଟି ଗୁରୁତ୍ୱପୂର୍ଣ୍ଣ : ଯେଉଁ ପୁରାଣ ସାହିତ୍ୟ ଉପରେ ଖାଲି ସାଧାରଣ ସମାଜ ନୁହେଁ, ଚିନ୍ତାଶୀଳ ବ୍ୟକ୍ତିବର୍ଗ ମଧ୍ୟ ବହୁତ ଗୁରୁତ୍ୱ ଆରୋପ କରନ୍ତି, ମଣିଷର ଭବିଷ୍ୟତ୍ କ'ଣ ହେବ, ସେସମ୍ପର୍କରେ ସେଥିରୁ କିଛି ଜ୍ଞାନ ଆମେ ଆହରଣ କରିବା ସମ୍ଭବପର କି ?

ପ୍ରଶ୍ନଟିର ଯଥାର୍ଥ ଉତ୍ତର ଦେବା ସମ୍ଭବପର କି ନୁହେଁ ସେ ପ୍ରସଙ୍ଗକୁ ଆସିବା ପୂର୍ବରୁ ଆମେ ପୁରାଣ ବୋଇଲେ କ'ଣ ବୁଝାଉ, ସେସମ୍ପର୍କରେ ନିଶ୍ଚିତ ହେବା ଆବଶ୍ୟକ । ଆମ ଭାରତବର୍ଷର ପରିପ୍ରେକ୍ଷୀରେ ହିଁ ଆମେ ନିଜକୁ ସୀମିତ ରଖିବା । ଭାରତୀୟ ପୁରାଣ ସାହିତ୍ୟର ପରିସର ବ୍ୟାପକ । ଚାରିବେଦଠାରୁ ଏ ଭାବ-ସାମ୍ରାଜ୍ୟର ଆରମ୍ଭ । ବେଦ ପରେ ଆସୁଛି ଉପନିଷଦ୍, ତପ୍ରରେ ଦୁଇ ମହାକାବ୍ୟ – ରାମାୟଣ ଏବଂ ମହାଭାରତ । ମହାଭାରତର ସମସାମୟିକ ମହାପୁରାଣ ସମୂହର ରଚନାର ସୂତ୍ରପାତ ଏବଂ ତାହା ପରବର୍ତ୍ତୀ କାଳକୁ ବିସ୍ତୃତ । ତପ୍ରରେ ଆସୁଛି ସାଧାରଣ ପୁରାଣ ବା ଉପପୁରାଣ, ତହିଁ ପରେ ସ୍ଥଳ ପୁରାଣ ।

ଧରିନିଆଯାଉ ବେଦର ମୌଳିକତା ଅକ୍ଷତ ରହିଛି । ମୂଳ ଶ୍ରୁତି ଭିତରକୁ କେହି କୌଣସି ଶ୍ଳୋକ ଅନୁପ୍ରବିଷ୍ଟ କରାଇ ନାହାନ୍ତି । କିନ୍ତୁ ଏ ତତ୍ତ୍ୱ ସମ୍ପର୍କରେ ମଧ୍ୟ ଦ୍ୱିମତ ରହିଛି । ସବୁଠାରୁ ପ୍ରାଚୀନ ଏବଂ ଗୁରୁତ୍ୱପୂର୍ଣ୍ଣ ଯେଉଁ ଋଗ୍‌ବେଦ, ତାହାର ଦଶମ ମଣ୍ଡଳ ଅନ୍ତର୍ଭୁକ୍ତ ପୁରୁଷ ସୂକ୍ତ । (ଯାହାକୁ ଜାତି-ବିଭାଗର ଉତ୍ସ ବୋଲି ଧରାଯାଏ) ଭାଷା ଓ ଶୈଳୀ ଦୃଷ୍ଟିରୁ ପରବର୍ତ୍ତୀ କାଳର ସଂଯୋଗ ବୋଲି କେହି କେହି ବିଶେଷଜ୍ଞ ମତ ଦିଅନ୍ତି । ମହାଭାରତର ଶ୍ଳୋକ ସଂଖ୍ୟା ପ୍ରଥମରେ ଥିଲା ତିରିଶ ହଜାର । ସେଥିରେ ସତୁରି ହଜାର ଶ୍ଳୋକ ପରବର୍ତ୍ତୀ କାଳରେ ସଂଯୋଜିତ ହୋଇଛି ।

ମହାପୁରାଣ ଏବଂ ଉପ-ପୁରାଣମାନଙ୍କ କଥା ବା କ'ଣ କହିବା । ଯେଉଁ ସମସ୍ତ ପାଠ୍ୟ ଆମେ ଆଜି ଭିନ୍ନ ଭିନ୍ନ ପୁରାଣ ନାମରେ ପଢ଼ିବାକୁ ପାଉ, ସେସବୁ ସେମାନଙ୍କ ମୌଳିକ ରୂପଠାରୁ ବହୁତ ଭିନ୍ନ ବୋଲି ଗବେଷକମାନେ ପ୍ରମାଣ କରିଛନ୍ତି । ସ୍ଥଳ ପୁରାଣମାନଙ୍କର ଐତିହାସିକତା ସହ ମିଶି ରହିଛି ଲୋକକଥା ଜାତୀୟ କାହାଣୀ ଓ କିଂବଦନ୍ତୀ ।

କିନ୍ତୁ ଯେଉଁ ପ୍ରଶ୍ନଟି ଉପରେ ଆମେ ଆପାତତଃ ଆମ ଧ୍ୟାନ ନିବଦ୍ଧ କରିବା, ତାହା ପାଇଁ ସ୍ଥଳ ପୁରାଣ ମଧ୍ୟ ପ୍ରାସଙ୍ଗିକ । କାରଣ ସେଥିରେ ମଧ୍ୟ ପ୍ରଚ୍ଛନ୍ନ ରହିଥାଏ ଜୀବନ ଏବଂ ଜୀବନର ଆଭିମୁଖ୍ୟ ସମ୍ପର୍କରେ ମହାର୍ଘ ସୂଚନା ।

କହିବାବାହୁଲ୍ୟ, ସ୍ଥଳପୁରାଣ ହେଲା କୌଣସି ଏକ ଐତିହ୍ୟ-ସମୃଦ୍ଧ ସ୍ଥଳର ବିଶେଷତ୍ୱ ବର୍ଣ୍ଣନା କରୁଥିବା କିଂବଦନ୍ତୀ । ସେସବୁ କିଂବଦନ୍ତୀ ଅତୀବ ପ୍ରାଚୀନ; ତଥ୍ୟଭିତ୍ତିକ ଇତିହାସ ନୁହେଁ, ପୌରାଣିକ ବ୍ୟାପାର । ଉତ୍ଥାପିତ ପ୍ରଶ୍ନଟିକୁ ମନରେ ରଖି କନ୍ୟାକୁମାରୀର ସ୍ଥଳପୁରାଣ ଉପରେ ଦୃଷ୍ଟିପାତ କରାଯାଉ ।

ଏକଦା ବାଣାସୁର ନାମକ ଏକ ଦୈତ୍ୟର ଅତ୍ୟାଚାର ଯୋଗୁଁ ଅଶାନ୍ତ ଓ ଉତ୍କଣ୍ଠିତ ଜୀବନଯାପନ କରୁଥିଲେ ଦକ୍ଷିଣ ଭାରତର ଜନସାଧାରଣ । ଋଷିମାନେ ଦିବ୍ୟଜନନୀଙ୍କୁ ପ୍ରାର୍ଥନା କଲେ । ଦୈତ୍ୟ-ନିଧନର ପ୍ରତିଶ୍ରୁତି ଦେଲେ ଦେବୀ ।

ସେ ମାନବୀ ରୂପେ ଜନ୍ମ ଗ୍ରହଣ କଲେ । ଆଜି କନ୍ୟାକୁମାରୀ ନାମରେ ବିଦିତ ସ୍ଥାନଟିରେ ସେତେବେଳେ ଅବସ୍ଥିତ ଥିଲା ଏକ ରାଜପରିବାର । ଅପରୂପା କନ୍ୟା । ସେ ଯେତିକି ବଡ଼ ହେଲେ, ତାଙ୍କ ସୌନ୍ଦର୍ଯ୍ୟ, ବୁଦ୍ଧି ଏବଂ ସର୍ବୋପରି ବୀରତ୍ୱରେ ଚମକୃତ ହେଲେ ରାଜା, ଅମାତ୍ୟ ଓ ପ୍ରଜା ନିର୍ବିଶେଷରେ ସମସ୍ତେ । ସେ ହେଲେ ପ୍ରାପ୍ତବୟସ୍କା । ରାଜାରାଣୀ ତାଙ୍କ ପାଇଁ ଉପଯୁକ୍ତ ବରପାତ୍ରର ସନ୍ଧାନ କରିବାକୁ ପ୍ରବୃତ୍ତ ହୁଅନ୍ତେ ରାଜକୁମାରୀ ନିଜର ସ୍ୱରୂପ ସମ୍ପର୍କରେ ଚେତି ଉଠିଲେ । ଯଦି ବିଭା ହେବେ ତେବେ ସେ କେବଳମାତ୍ର ଶିବଙ୍କୁ ହିଁ ବିଭା ହେବେ । ସେ ଧ୍ୟାନାବସ୍ଥାରେ ଶିବଙ୍କୁ ତାଙ୍କର ସମସ୍ୟା ଜଣାନ୍ତେ, ଏକ ନିର୍ଦ୍ଦିଷ୍ଟ ତିଥିର ମଧ୍ୟରାତ୍ରରେ ଶିବ ହିମାଳୟସ୍ଥିତ କୈଳାସ ଶିଖରରୁ ଅବତରଣ କରି ଆସି ଯଥାସ୍ଥାନରେ ପହଞ୍ଚି ରାଜକୁମାରୀ-ରୂପୀ ଦେବୀଙ୍କ ପାଣିଗ୍ରହଣ କରିବେ ବୋଲି ଜଣାଇ ଦେଲେ ।

ରାଜକୁମାରୀ ମାତାପିତାଙ୍କୁ କହିଦେଲେ : ତାଙ୍କ ବରପାତ୍ର କିଏ, ସେବିଷୟରେ ସେମାନେ ମୁଣ୍ଡ ଖେଳାଇବା ଅନାବଶ୍ୟକ । ସେମାନେ ବିବାହର ଆୟୋଜନ କରନ୍ତୁ । ଯଥା ସମୟରେ ଆବିର୍ଭୂତ ହେବେ ପାତ୍ର ।

ରାଜକୁମାରୀ ଜଣକ ଯେ ଅସାଧାରଣ ସେ ବିଷୟରେ ରାଜାରାଣୀଙ୍କର ସନ୍ଦେହ ନ ଥିଲା । ତାଙ୍କ ନିର୍ଦ୍ଦେଶ ଅନୁସାରେ ଶୁଭ ପରିଣୟ ନିମନ୍ତେ ବ୍ୟବସ୍ଥା ସମ୍ପୂର୍ଣ୍ଣ ହେଲା । ସମାଗତ ନିର୍ଦ୍ଦିଷ୍ଟ ତିଥି । ରାତ୍ରି ଆସନ୍ନ । କନ୍ୟାକୁ ବେଷ୍ଟନ କରି ସଖୀମାନେ ତାଙ୍କୁ ବେଶଭୂଷାରେ ସଜ୍ଜିତା, ଅଳଙ୍କାର-ଭୂଷିତା କରୁଛନ୍ତି । ସେତିକିବେଳେ ସେଠାରେ ପ୍ରଚଣ୍ଡ ରଡ଼ି ଛାଡ଼ି ପହଞ୍ଚିଗଲା ବାଣାସୁର । ତା'ର ଘୋଷଣା ହେଲା, ତା' ଭଳି ଯୋଗ୍ୟ ବରପାତ୍ର ଥାଉ ଥାଉ ରାଜକୁମାରୀ ଆଉ କାହାକୁ ବିଭା ହେବାର ପ୍ରଶ୍ନ ଆସୁଛି କାହିଁ ?

ସୈନ୍ୟ ସାମନ୍ତ ତଟସ୍ଥ । ତାକୁ ସେମାନେ ବାଧାଦେବା ଭଳି ସାହସ ସଞ୍ଚୟ କରିପାରିବା ପୂର୍ବରୁ ସେ ତଡ଼ିତ୍ ବେଗରେ ପଶିଗଲା ରାଜନବର ଭିତରକୁ । ସଖୀ ପରିବୃତା କନ୍ୟା ଆଗରେ ଉଭା ହୋଇ ଅଟ୍ଟହାସ୍ୟ କଲା । ତା'ପରେ ସେ ପ୍ରସାରିତ କଲା ତା'ର ଭୟାବହ କର – ରାଜକୁମାରୀଙ୍କୁ ଧରି ନେଇଯିବା ନିମନ୍ତେ ।

ରାଜକୁମାରୀ ଠିଆ ହୋଇ ପଡ଼ିଲେ । ଜଣେ ଦେହରକ୍ଷୀର କଟିଦେଶରୁ ତା'ର ତରବାରିଟି ବାହାର କରିନେଇ ରାକ୍ଷସର ଶିରଚ୍ଛେଦ କଲେ ।

ମାନବୀ ରୂପେ ତାଙ୍କ ଭୂମିକା ସମାପ୍ତ । ଅଳ୍ପକ୍ଷଣ ଭିତରେ ଆସିଯିବେ ଶିବ । ସେ ତାଙ୍କ ସହ ପ୍ରତ୍ୟାବର୍ତ୍ତନ କରିବେ ତାଙ୍କ ଶାଶ୍ୱତ ଲୋକକୁ ।

ହାୟ ! ତାଙ୍କ ଅଜାଣତରେ ଇତିମଧ୍ୟରେ ଘଟି ଯାଇଥାଏ ଏକ ବିୟୋଗାନ୍ତକ ନହେଲେ ମଧ୍ୟ ବିମର୍ଷକର ଘଟଣା । କୈଳାସରୁ ଅବତରଣ କରି ଶିବ ଅନ୍ୟମନସ୍କ ଭାବେ ଅଗ୍ରସର ହେଉଥିଲେ ତାଙ୍କ ଗନ୍ତବ୍ୟ ଅଭିମୁଖେ । ଋଷିମାନେ ଭାବିଲେ, ଶିବ ଯାଇ ଦେବୀଙ୍କ ପାଣିଗ୍ରହଣ କରି ତାଙ୍କୁ ନେଇ ବାହୁଡ଼ି ଯିବେ କୈଳାସ । ବାଣାସୁରକୁ ବଧ କରିବ କିଏ ? ଅତଏବ ସେମାନେ ପ୍ରଭାତ ହେଲେ କୁକ୍କୁଟ ଯେମିତି ଡାକ ଛାଡ଼େ, ସେମିତି ଧ୍ୱନି ଦେଲେ ।

ପ୍ରଭାତ ହୋଇ ଗଲାଣି ? ମଧ୍ୟରାତ୍ରର ମୁହୂର୍ତ୍ତ ତେବେ ଗତ ? ହତାଶ ଶିବ ବସି ପଡ଼ିଲେ ଏକ ଶିଳାଖଣ୍ଡ ଉପରେ । ବିଡ଼ମ୍ବନା ହେଲା, ବସି ପଡ଼ିଲେ ହିଁ ତାଙ୍କ ବାହ୍ୟଜ୍ଞାନ ସ୍ତବ୍ଧ ହୋଇଯାଏ । ସେ ବିସ୍ମୃତ ହୁଅନ୍ତି ପରିବେଶ ଓ ପରିସ୍ଥିତି !

ରାଜନଅରରେ ଉତ୍କଣ୍ଠାର ସୀମା ନାହିଁ । କାହିଁ ବରପାତ୍ର ? ମୁହୂର୍ତ୍ତ ବିତିଗଲା । ରାତ୍ରିର ଅବସାନ ହେଲା । ଭୋଜି ପାଇଁ ପ୍ରସ୍ତୁତ ଖାଦ୍ୟ ଗୋଡ଼ିରେ ପରିଣତ ହେଲା । ରାଜକୁମାରୀ ପାଲଟି ଗଲେ ପ୍ରସ୍ତର ମୂର୍ତ୍ତି ।

କନ୍ୟାକୁମାରୀ ନାମରେ ବିଦ୍ଦିତା ଦେବୀ ଆଶାର ପ୍ରତୀକ; ପୂର୍ବକୁ ଦୃଷ୍ଟି ଦେଇ ଅଦ୍ୟାବଧି ଅପେକ୍ଷାରତ । ଦିନେ ହେବ ଶିବଙ୍କ ଅବତରଣ । ହେବ ଶିବ ଓ ଶକ୍ତିର ମିଳନ; ପୁରୁଷ ଓ ପ୍ରକୃତିର ଏକୀକରଣ । ଅଧ୍ୟାତ୍ମବାଦୀମାନଙ୍କ ଦୃଷ୍ଟିରେ ଭାରତବର୍ଷ ଏକ ଚେତନା । ସେହି ଚେତନାର ଶେଷ ପ୍ରାନ୍ତରେ ସାଧନାରତା ଦେବୀ । ଶୀର୍ଷରେ ଧ୍ୟାନମଗ୍ନ ମହାଦେବ । ଯେଉଁଦିନ ଏ ଉଭୟ ହେବେ ମିଳିତ, ସେଦିନ ହେବ ପୃଥିବୀରେ ଦିବ୍ୟଯୁଗର ସୂତ୍ରପାତ ।

ଦେବୀ ତାଙ୍କ ପ୍ରତିଶ୍ରୁତି ରଖିଲେ । ଯେମିତି ହେଲେ ମଧ୍ୟ ରଖିଥା'ନ୍ତେ । କିନ୍ତୁ ଋଷିମାନଙ୍କ ବିଶ୍ୱାସରେ ତ୍ରୁଟି ଥିଲା । ତେଣୁ ସେମାନେ ଧୈର୍ଯ୍ୟ ହରାଇଲେ । ଦେବୀଙ୍କ ଧୈର୍ଯ୍ୟ କିନ୍ତୁ ଅସୀମ । ସନ୍ତାନମାନଙ୍କ ଦୁର୍ବଳତା ବାବଦରେ ସେ ସତେ ଅବା ପ୍ରାୟଶ୍ଚିତ୍ତ କରୁଛନ୍ତି ।

ଯେମିତି ଦିନେ ଧୈର୍ଯ୍ୟଚ୍ୟୁତା ହୋଇ ମହାରାଣୀ ଗୁଣ୍ଡିଚା ଏମିତି କର୍ମଟିଏ କଲେ, ଯାହା ଫଳରେ ବିଶ୍ୱକର୍ମା ଦେଇ ପାରିଲେ ନାହିଁ ଜଗନ୍ନାଥଙ୍କୁ ପରିପୂର୍ଣ୍ଣ ରୂପଦାନ । ମଣିଷଙ୍କ ଭଳି ସେ ଅପୂର୍ଣ୍ଣ । ମଣିଷ ପରିପୂର୍ଣ୍ଣ ବିଶ୍ୱାସ ଯୋଗେ ମହୀୟାନ୍ ହେବାକୁ ଯେପରି ତାଙ୍କର ଅପେକ୍ଷା !

ଲୋକକଥା-ଧର୍ମୀ ହେଲେ ମଧ୍ୟ ଏସବୁ କିଂବଦନ୍ତୀର ପଟଭୂମିରେ ରହିଛି ମହତ୍ ବିଶ୍ୱାସ ।

ସେ ବିଶ୍ୱାସ ସ୍ୱଭାବତଃ ଏକ ପରିପୂର୍ଣ୍ଣ ଭବିଷ୍ୟତ୍ ଦିଗକୁ ପ୍ରସାରିତ ।

ସେହି ପରିପୂର୍ଣ୍ଣତାର ପ୍ରତିଶ୍ରୁତି ବହନ କରେ ପୌରାଣିକ ଦଶାବତାର କିଂବଦନ୍ତୀ । ଭୂପୃଷ୍ଠରେ ଚେତନାର ଗତିଶୀଳ ଲୀଳା, ମତ୍ସ୍ୟାବତାର । ଜଳ ସ୍ଥଳ ଭିତରେ ସଂଯୋଗ ଶକ୍ତିର ଅବତରଣ, କୂର୍ମାବତାର । ସ୍ଥଳରେ ବିପୁଳ ଶକ୍ତିର ସଞ୍ଚାର, ବରାହାବତାର । ଆଦିମାନବ, ବାମନାବତାର । ପରିପୂର୍ଣ୍ଣ ମାନବ, ପରଶୁରାମ । ଶକ୍ତି ସହ ବିବେକ ଓ ନୈତିକତାର ସମନ୍ୱୟ, ରାମାବତାର । ପ୍ରଜ୍ଞାର ମହତ୍ତମ ଅବତରଣ, ଶ୍ରୀକୃଷ୍ଣାବତାର । ଏହି କ୍ରମାଗତ ବିକାଶ ବା କ୍ରମବିକାଶରୁ

ଅବ୍ୟାହତି ନେଇ ନିର୍ବାଣ ଅଭିଳାଷୀମାନଙ୍କୁ ଦିଗ୍‌ଦର୍ଶନ ଦେବା ନିମନ୍ତେ ଅବତାର ବୁଦ୍ଧ ।

କିଂବଦନ୍ତୀର ସମାପ୍ତି କଲ୍‌କୀ ଅବତାରରେ । ସେ ଦଶମ ଅବତାର କରିବେ ମ୍ଲେଚ୍ଛ ସଂହାର; ଫଳରେ ସମ୍ଭବ ହେବ ବିଶୁଦ୍ଧ ମାନବତାର ପ୍ରତିଷ୍ଠା ।

ଏଠାରେ ମ୍ଲେଚ୍ଛ ସଂହାରର ଅର୍ଥ ମ୍ଲେଚ୍ଛତ୍ୱର ଅବସାନ ଅଥବା ରୂପାନ୍ତର, ଯେହେତୁ ମ୍ଲେଚ୍ଛ ସଂହାର ହେଲେ କେତେଜଣ ତ୍ରାହି ପାଇବେ ତାହା ସନ୍ଦେହର ବ୍ୟାପାର । ସଭିଙ୍କ ଚେତନାରେ ସଚେତନ ବା ଅର୍ଦ୍ଧଚେତନ ବା ଅବଚେତନ ଭାବରେ ନିହିତ ରହିଛି ମ୍ଲେଚ୍ଛତ୍ୱ ।

ଏହା ଏକ ବିସ୍ମୟକର କିଂବଦନ୍ତୀ; ପୃଥିବୀରେ ଏହା ହିଁ ଏକମାତ୍ର ଭବିଷ୍ୟତଧର୍ମୀ କିଂବଦନ୍ତୀ ।

ପୁରାଣ ଭବିଷ୍ୟତ୍ ବାଣୀ କରେ ନାହିଁ । ସେ ଯଦି ତାହା କରିବ, ସୃଷ୍ଟିର ଲୀଳା-ମାଧୁର୍ଯ୍ୟର ଅବସାନ ହେବ । ନାଟକର ପରିଣତି ଜାଣିଲେ ଆମର ନାଟକ-ଦର୍ଶନର ଶିହରଣ ହେବ ମାନ୍ଦା । କିନ୍ତୁ ଉଲ୍ଲିଖିତ ତଥା ଆହୁରି ବହୁ ଦୃଷ୍ଟାନ୍ତ ଏହି ଇଙ୍ଗିତ ଦିଏ; ମାନବତାର ରହିଛି ଏକ ପରିପୂର୍ଣ୍ଣ ବା ଦିବ୍ୟ ଭବିଷ୍ୟତ୍ ।

**— ମନୋଜ ଦାସ**

❑❑❑


*My heart is at peace, my mind is free from impatience, and in all things I rely on Thy will with the smiling confidence of a child.*

*(MCW, Vol. 15, p. 211)* - The Mother

**Collected Works of The Mother – 17 Vols.**
**Rs. 3500 only** *(Till stocks last)*

**The Great Adventure – (New Revised Edition) : Rs. 350 only**

**The Mother by Sri Aurobindo *with the Mother's comments***
**(***Sri Aurobindo's handwriting***) – Rs. 50.00**

**Ideal Child, Ideal Parent, Ideal Teacher – (3 in 1) – Rs. 40.00**

**VAK** - ***The Spiritual Book Shop***, Pondicherry - 605 001

E-mail : vakbooks@gmail.com, Contact Person : S. Patnaik (0413 2334542)

tarika

AYURVEDIC HERBAL REMEDIES

**Pimple / Acne Remover**
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

**Night oil for face**
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and*
*texture within 3 to 4 weeks.*

**Hair Vitaliser oil**
Controls hair loss and improves hair growth
*Regular use prevents hair thinning*
*and receding hair line*

**Gum oil**
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

**agni Pain relief oil**
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,*
*Germany, Italy, Australia etc.*

Contact
✆ **63800 00534 / 94422 49355**
Online Store : www.ayurlabsindia.com

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 0413-2224935, 2339477
Email: office@ayurlabsindia.com, ayurlabs@gmail.com
Website: www.ayurlabsindia.com

**Vol. LI, No. 9** **R.N.I. No. 18163/70.**
Navaprakash (Monthly), September, 2020 Registered No. PY/51/2018-20
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2018-20

**ବିଶେଷ ସୂଚନା :**

ଶ୍ରୀଅରବିନ୍ଦଙ୍କ

# ସାବିତ୍ରୀ

**ଏକ ଆଖ୍ୟାନ ଏବଂ ପ୍ରତୀକ**

(ଓଡ଼ିଆ ପଦ୍ୟାନୁବାଦ)

**ଶ୍ରୀ ନିମାଇଁ ଚରଣ ମହାପାତ୍ର**ଙ୍କ ଦ୍ୱାରା ଅନୂଦିତ ଶ୍ରୀଅରବିନ୍ଦଙ୍କ ମହାକାବ୍ୟ ସାବିତ୍ରୀର ଓଡ଼ିଆ ପଦ୍ୟାନୁବାଦର ଦ୍ୱିତୀୟ ସଂକଳନ ପ୍ରକାଶ ପାଇଲା । ବହୁ ପ୍ରତୀକ୍ଷିତ ଏହି ପୁସ୍ତକଟି ଶ୍ରୀମାଶ୍ରୀଅରବିନ୍ଦଙ୍କ ଯୋଗ ଓ ଦର୍ଶନରେ ଅନୁପ୍ରାଣିତ ଭକ୍ତମାନଙ୍କ ପାଖରେ ବିଶେଷ ଆଦୃତ ହେବ ବୋଲି ଆଶା ।




୫୮୧ ପୃଷ୍ଠା ସମ୍ବଳିତ ପୁସ୍ତକଟିର ମୂଲ୍ୟ : **ଟ. ୨୬୫/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Madhusudan Mishra

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**